୬୮ତମ ବର୍ଷ | ୨୪ ଏପ୍ରିଲ, ୨୦୨୫ | ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

୬୮ତମ ବର୍ଷ ୨୪ ଏପ୍ରିଲ, ୨୦୨୫ ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୨୫]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଆବାହନ (**INVOCATION**) | ... | ଶ୍ରୀମା | ... | ୫ |
| ସେମାନଙ୍କ ଅବତାରତ୍ୱ ସମ୍ପର୍କରେ | ... | ଶ୍ରୀଅରବିନ୍ଦ | ... | ୬ |
| ଦିବ୍ୟ ଶରୀର | ... | ଶ୍ରୀଅରବିନ୍ଦ | ... | ୯ |
| ଦିବ୍ୟ ଶରୀରରେ ଦିବ୍ୟ ଜୀବନ | ... | ଶ୍ରୀମା | ... | ୧୦ |
| ବିଶ୍ୱାସର ଦୃଢ଼ତା ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟା | ... | ଶ୍ରୀମା | ... | ୧୩ |
| ଧମ୍ମପଦ (୧୦) (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) | ... | ... | ... | ୧୫ |
| ଅହଂ ଓ କାମନା ଦ୍ୱାରା କଳୁଷିତ ବିଶ୍ୱାସ (ମା'ଙ୍କ ସହ ପ୍ରଶ୍ନୋତ୍ତର) | ... | ଶ୍ରୀମା | ... | ୨୦ |
| ଦିବ୍ୟ-ଜଗତ୍ ପରିଚାଳନାରେ ଧ୍ୱଂସର ଦିଗ | ... | ଶ୍ରୀଅରବିନ୍ଦ | ... | ୨୧ |
| ଯୋଗ ଓ ଦିବ୍ୟ ଯୋଜନାରେ ତାହାର ଭୂମିକା | ... | ଶ୍ରୀଅରବିନ୍ଦ | ... | ୨୨ |
| କଥୋପକଥନ | ... | ନୀରଦବରଣ | ... | ୨୩ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୬ |
| ହିନ୍ଦୁର ବ୍ରତ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୯ |
| ବେଦରହସ୍ୟ - (ତୃତୀୟ ଭାଗ), ଅଗ୍ନିସୂକ୍ତମାଳା ତୃତୀୟ ସୂକ୍ତ, ଅଗ୍ନିଙ୍କ ପ୍ରତି | ... | ଶ୍ରୀଅରବିନ୍ଦ | ... | ୩୨ |
| ''ନୃଶଂସତା ଇତିହାସର ଏକ ଧାରାବାହିକ ଉପାଦାନ'' : ସମାପ୍ତି କେବେ ? | ... | ଶ୍ରୀ ମନୋଜ ଦାସ | ... | ୩୬ |
| ସ୍ତବ୍ଧତାର ବାଣୀ (କବିତା) | ... | ଶ୍ରୀଅରବିନ୍ଦ | ... | ୪୦ |
| ଶ୍ରୀଅରବିନ୍ଦ ଓ ଆଧୁନିକ ଯୁଗ-ସମସ୍ୟା | ... | ଶ୍ରୀ ପ୍ରପତ୍ତି | ... | ୪୧ |
| ବେଦ ଓ ମାନବ ନିୟତି | ... | ସତ୍‌ପ୍ରେମ | ... | ୪୬ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଜ୍ଞାନେଶ୍ୱରୀ | ... | ... | ... | ୪୮ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ପ୍ରାକୃତିକ ଶକ୍ତି ଓ ଅଦୃଶ୍ୟ କ୍ଷୁଦ୍ର ସତ୍ତାମାନେ | ... | ... | ... | ୫୩ |

**ଶେଷ ପୃଷ୍ଠା :**

| | | | | |
|---|---|---|---|---|
| ସମଗ୍ର ଚେତନାର ସମର୍ପଣ | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୬ |
| ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର | ... | ... | ... | ୬୧ |


❖

# ଆବାହନ
# (INVOCATION)

O our Mother, O Soul of India, Mother who hast never forsaken thy children even in the days of darkest depression, even when they turned away from thy voice, served other masters and denied thee, now when they have arisen and the light is on thy face in this dawn of thy liberation, in this great hour we salute thee. Guide us so that the horizon of freedom opening before us may be also a horizon of true greatness and of thy true life in the community of the nations. Guide us so that we may be always on the side of great ideals and show to men thy true visage, as a leader in the ways of the spirit and a friend and helper of all the peoples.

(CWM., Vol. 13, p. 352) – The Mother

ହେ ଆମ ଜନନି, ଭାରତବର୍ଷର ଆତ୍ମା, ହେ ଜନନି ଯେ କି ତମିସ୍ରତମ ନୈରାଶ୍ୟର ଦିନଗୁଡ଼ିକରେ ମଧ୍ୟ ଆପଣାର ସନ୍ତାନବର୍ଗଙ୍କୁ କଦାପି ଛାଡ଼ି ଚାଲି ଯାଇ ନାହଁ, ଏପରିକି ଯେତେବେଳେ ସେମାନେ ତୁମ ବାଣୀଠାରୁ ବିମୁଖ ହୋଇଛନ୍ତି, ଅନ୍ୟ ପ୍ରଭୁଙ୍କୁ ସେବା କରିଛନ୍ତି ଏବଂ ତୁମକୁ ଅସ୍ୱୀକାର କରିଛନ୍ତି, ସେତେବେଳେ ମଧ୍ୟ ପରିତ୍ୟାଗ କରି ନାହଁ; ବର୍ତ୍ତମାନ ଯେତେବେଳେ ସେମାନେ ଜାଗ୍ରତ୍ ହୋଇଛନ୍ତି ଏବଂ ତୁମ ବନ୍ଧନମୋଚନର ଏହି ଉଷା କ୍ଷଣରେ ଯେତେବେଳେ ତୁମର ମୁଖ ଉଦ୍‌ଭାସିତ, ଏହି ମହାନ୍ ମୁହୂର୍ତ୍ତରେ ଆମେ ତୁମକୁ ପ୍ରଣାମ କରୁଛୁ । ଆମ୍ଭମାନଙ୍କ ସମ୍ମୁଖରେ ଉନ୍ମୋଚିତ ହେଉଥିବା ସ୍ୱାଧୀନତାର ଦିଗ୍‌ବଳୟଟି ଯେପରି ଯଥାର୍ଥ ମହାନତାର ଏକ ଦିଗ୍‌ବଳୟ ହୁଏ ଏବଂ ବିଶ୍ୱ ସମାଜରେ ତୁମର ଯଥାର୍ଥ ଜୀବନର ଦିଗ୍‌ବଳୟ ହୁଏ, ଆମକୁ ସେହି ଦିଗରେ ପରିଚାଳିତ କର । ଆମେମାନେ ଯେପରି ନିରନ୍ତର ମହାନ୍ ଆଦର୍ଶଗୁଡ଼ିକର ସପକ୍ଷରେ ରହୁ ଏବଂ ଅଧ୍ୟାତ୍ମ ମାର୍ଗଚୟର ଯାତ୍ରାରେ ସମଗ୍ର ମାନବ ସମାଜର ନେତା, ବନ୍ଧୁ ଏବଂ ସାହାଯ୍ୟକାରୀ ଭାବରେ ତୁମର ଯଥାର୍ଥ ସ୍ୱରୂପଟିକୁ ଜଗତ୍ ସମ୍ମୁଖରେ ପ୍ରକାଶିତ କରି ଦେଇପାରୁ,— ଆମ୍ଭମାନଙ୍କୁ ସେହି ଦିଗରେ ପରିଚାଳିତ କର ।

— ଶ୍ରୀମା

# ସେମାନଙ୍କ ଅବତାରତ୍ୱ ସମ୍ପର୍କରେ

Shankara and Vivekananda were certainly Vibhutis; they cannot be reckoned as more, though as Vibhutis they were very great.

*

He [Ramakrishna] never wrote an autobiography – what he said was in conversation with his disciples and others. He was certainly quite as much an Avatar as Christ or Chaitanya.

*

Mahomed would himself have rejected the idea of being an Avatar, so we have to regard him only as the prophet, the instrument, the Vibhuti. Christ realised himself as the Son who is one with the Father – he must therefore be an aṁśavatāra, a partial incarnation.

(Letters on Yoga - Part - I, pp. 486 - 501) – Sri Aurobindo

ଶଙ୍କର ଏବଂ ବିବେକାନନ୍ଦ ନିଶ୍ଚିତ ରୂପେ ବିଭୂତି ଥିଲେ; ସେମାନଙ୍କୁ ତା'ଠାରୁ ଅଧିକ କିଛି ରୂପେ ବିଚାର କରାଯାଇ ନ ପାରେ, ଯଦିଓ ବିଭୂତି ହେଲେ ବି ସେମାନେ ଥିଲେ ଅତିଶୟ ମହାନ୍ ।

*

ସେ (ରାମକୃଷ୍ଣ) କେବେ ବି ଏକ ଆତ୍ମଜୀବନୀ ଲେଖି ନ ଥିଲେ – ଯାହା ସେ କହିଥିଲେ ତାହା ତାଙ୍କ ଶିଷ୍ୟ ତଥା ଅନ୍ୟମାନଙ୍କ ସହ କଥୋପକଥନ ଛଳରେ । ସେ ନିଶ୍ଚିତ ରୂପେ ଖ୍ରୀଷ୍ଟ ଅଥବା ଚୈତନ୍ୟ ଯେଉଁ ଭାବେ ଅବତାର ଥିଲେ ସେ ଠିକ୍ ସେଇ ଭଳିହିଁ ଜଣେ ଅବତାର ଥିଲେ ।

*

ମହମ୍ମଦ ନିଜେ ବି ଅସ୍ୱୀକାର କରିଥା'ନ୍ତେ ଯେ ସେ ଜଣେ ଅବତାର ଥିଲେ, ତେଣୁ ଆମେ ତାଙ୍କୁ କେବଳ ଜଣେ ଭବିଷ୍ୟ ବକ୍ତା, ଯନ୍ତ୍ର, ବିଭୂତିର ସ୍ଥାନ ଦେଇପାରିବା । ଯିଶୁଖ୍ରୀଷ୍ଟ ନିଜକୁ ଭଗବାନଙ୍କ ସନ୍ତାନ ରୂପେ ଉପଲବ୍ଧି କରିଥିଲେ ଯିଏକି ନିଜ ପରମ ପିତାଙ୍କ ସହ ଏକ । ତେଣୁ ସେ ହେଉଛନ୍ତି ଜଣେ ଅଂଶାବତାର ବା ଏକ ଆଂଶିକ ଅବତାର ।

– ଶ୍ରୀଅରବିନ୍ଦ

# ଦିବ୍ୟ ଶରୀର

## ଶ୍ରୀଅରବିନ୍ଦ

ଆମେ ଯେଉଁ ଲକ୍ଷ୍ୟ ଗ୍ରହଣ କରିଛୁ ତାହାର ସୂତ୍ର ହେଲା ଦିବ୍ୟ ଶରୀରରେ ଦିବ୍ୟ ଜୀବନ । କିନ୍ତୁ ଏହି ଦିବ୍ୟ ଶରୀରର ସ୍ୱରୂପ କ'ଣ ? ଏହାର ସ୍ୱଭାବ, ଗଠନ, ଏହାର କ୍ରିୟାର ବିଧିବିଧାନ କ'ଣ ହେବ, ଏହାର କେଉଁ ପୂର୍ଣ୍ଣତା ଫଳରେ ବର୍ତ୍ତମାନ ଆମେ ଆବଦ୍ଧ ଥିବା ସୀମିତ ଓ ଅପୂର୍ଣ୍ଣ ଶରୀରଠାରୁ ଏହାକୁ ପୃଥକ୍ ବୋଲି ବିଚାର କରାଯିବ ? ଏହାର ଜୀବନ ପୃଥିବୀପୃଷ୍ଠରେ ଓ ଭୌତିକ ଭୂମି ଉପରେ ଅବସ୍ଥାନ କରୁଥିଲେ ମଧ୍ୟ କେଉଁ ଅବସ୍ଥା ବା କେଉଁ କ୍ରିୟା ଯୋଗୁଁ ଏହାକୁ ଦିବ୍ୟ ଜୀବନ ବୋଲି କୁହାଯିବ ?

ଯଦି ଏହା ଏକ ବିବର୍ତ୍ତନର ପରିଣତି ହୁଏ – ଆମେ ଏହାକୁ ସେହି ଭାବରେହିଁ ଗ୍ରହଣ କରିଛୁ, ଅର୍ଥାତ୍ ଆମର ମାନବିକ ଅଜ୍ଞତା ଓ ଅପୂର୍ଣ୍ଣତା ଭିତରୁ ଆତ୍ମା ଓ ପ୍ରକୃତିର ମହତ୍ତର ସତ୍ୟ ଦିଗରେ ଏକ ବିବର୍ତ୍ତନ ବୋଲି ଗ୍ରହଣ କରିଛୁ – ତା'ହେଲେ କେଉଁ ପଦ୍ଧତି ଓ ସ୍ତରସବୁର ଭିତରଦେଇ ପ୍ରକାଶ ଓ ଅଭିବ୍ୟକ୍ତି ଦିଗରେ ଏହାର ଅଭିବୃଦ୍ଧି ହେବ ବା ଦ୍ରୁତ ଭାବରେ ଏହା ପ୍ରକାଶର ସ୍ତରରେ ପହଞ୍ଚିଯିବ ? ପୃଥିବୀ ଉପରେ ବିବର୍ତ୍ତନର ଗତି ଅତ୍ୟନ୍ତ ବିଳମ୍ବ ଓ ମନ୍ଥର ହୋଇଛି – ବର୍ତ୍ତମାନ ଯଦି ଏକ ରୂପାନ୍ତର, ଏକ କ୍ରମବିକାଶଶୀଳ ଅଥବା ଦ୍ରୁତ ପରିବର୍ତ୍ତନ ଆଣିବାକୁ ହୁଏ, ତେବେ କେଉଁ ପଦ୍ଧତିର ପ୍ରୟୋଗ ଓ ହସ୍ତକ୍ଷେପ ଆବଶ୍ୟକ ହେବ ?

ଏହା ଅବଶ୍ୟ ଠିକ୍ ଯେ କେବଳ ଏକ ବିବର୍ତ୍ତନର ପରିଣାମ ଫଳରେହିଁ ଆମେ ରୂପାନ୍ତରର ଏହି ସମ୍ଭାବନା ସ୍ତରରେ ପହଞ୍ଚିଛୁ । ଯେପରି ପ୍ରକୃତିର ବିବର୍ତ୍ତନ ଜଡ଼ର ସ୍ତର ପାର ହୋଇ ଜୀବନକୁ ପ୍ରକାଶ କରିଛି, ପୁଣି ଜୀବନର ସ୍ତର ପାର ହୋଇ ମନକୁ ପ୍ରକାଶ କରିଛି, ସେହିପରି ସେ ମଧ୍ୟ ମନର ସ୍ତରକୁ ଅତିକ୍ରମ କରିଯିବ ଏବଂ ଆମ ଅସ୍ତିତ୍ୱର ଏପରି ଏକ ଚେତନା ଓ ଶକ୍ତିକୁ ପ୍ରକାଶ କରିବ ଯାହା ଆମର ବର୍ତ୍ତମାନ ମାନସିକ ଅସ୍ତିତ୍ୱର ସୀମା ଓ ଅପୂର୍ଣ୍ଣତାରୁ ସମ୍ପୂର୍ଣ୍ଣ ମୁକ୍ତ, ଆତ୍ମାର ଶକ୍ତି ଓ ପୂର୍ଣ୍ଣତାକୁ ପ୍ରକାଶ କରିବା ପାଇଁ ସମର୍ଥ – ଏକ ଅତିମାନସ ସତ୍ୟ ଚେତନା । ଏ କ୍ଷେତ୍ରରେ ବିବର୍ତ୍ତନର ନିୟମ ବା ପଦ୍ଧତି ଏକ ବିଳମ୍ବିତ ମନ୍ଥର ଗତିରେ ଚାଲିବାର କୌଣସି କାରଣ ନାହିଁ, ଏହା କେବଳ ଉଣାଅଧିକେ ସେପରି ଚାଲିପାରେ ଯେପର୍ଯ୍ୟନ୍ତ ମାନସିକ ଅଜ୍ଞତା ଲାଗି ରହି ଆମର ଆରୋହଣକୁ ବାଧା ଦେଉଥିବ, କିନ୍ତୁ ଥରେ ଆମେ ସତ୍ୟ-ଚେତନା ଭିତରକୁ ଉଠିଗଲେ ଏହାର ଆଧ୍ୟାତ୍ମିକ ସତ୍ୟସମ୍ପନ୍ନ ଶକ୍ତି ସବୁକିଛିକୁ ନିର୍ଦ୍ଧାରିତ କରିବ । ସେହି ସତ୍ୟ ଭିତରେ ଆମେ ମୁକ୍ତିଲାଭ କରିବୁ ଏବଂ ତାହାହିଁ ଆମ ମନ, ପ୍ରାଣ ଓ ଶରୀରକୁ ରୂପାନ୍ତରିତ କରିବ ।

ଆଲୋକ, ଆନନ୍ଦ, ସୌନ୍ଦର୍ଯ୍ୟ ଏବଂ ସମସ୍ତ ସତ୍ତାର ଏକ ସ୍ୱତଃସ୍ଫୂର୍ତ୍ତ ଅଭ୍ରାନ୍ତ କ୍ରିୟା ଓ ଆଚରଣ ହେଉଛି ଅତିମାନସ ସତ୍ୟ-ଚେତନାର ଏକ ସହଜାତ ଗୁଣ ଏବଂ ଏଗୁଡ଼ିକ ସେମାନଙ୍କର ସ୍ୱଭାବସୁଲଭ ଗୁଣ ଓ ଧର୍ମ ଅନୁଯାୟୀ ମନ, ପ୍ରାଣ ଓ ଶରୀରକୁ ରୂପାନ୍ତରିତ କରିବେ 'ଏହି ପୃଥିବୀ ଉପରେ ସତ୍ୟ ଚେତନମୟ' ଆତ୍ମାର ଅଭିବ୍ୟକ୍ତି ରୂପେ । ପୃଥିବୀର ଅଜ୍ଞାନ-ଅନ୍ଧକାର ଏହି ଅତିମାନସ ସତ୍ୟ-ଚେତନାକୁ ପ୍ରତିହତ କରିପାରିବ ନାହିଁ କାରଣ ଏହା ନିଜର ବିଜୟ ପାଇଁ ପୃଥିବୀ ଉପରକୁ ଯଥେଷ୍ଟ ପରିମାଣରେ ସର୍ବଶକ୍ତିମାନ୍ ସାମର୍ଥ୍ୟ ଓ ସର୍ବଜ୍ଞାନମୟ ଜ୍ୟୋତିଃ ଉତାରି ଆଣିପାରେ । ଏହାର ଜ୍ୟୋତିଃ ଓ ଶକ୍ତିର ପୂର୍ଣ୍ଣତା ଆଡ଼କୁ ସମସ୍ତେ ନିଜକୁ ଉନ୍ମୀଳିତ କରି ନ ପାରନ୍ତି, କିନ୍ତୁ ଯାହାକିଛି ଏହା ପ୍ରତି ନିଜକୁ ଯେତିକି ପରିମାଣରେ ଉନ୍ମୁକ୍ତ କରିବ ତାହା ସେତିକି ପରିମାଣରେ ରୂପାନ୍ତରିତ ହେବା ସୁନିଶ୍ଚିତ । ରୂପାନ୍ତରର ତାହାହିଁ ହେବ ନିୟମ । ... ...

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୩୦ - ୩୧)

# ଦିବ୍ୟ ଶରୀରରେ ଦିବ୍ୟ ଜୀବନ

## ଶ୍ରୀମା

ଆଜି ସଂଧ୍ୟାରେ ମୁଁ ତୁମକୁ ଏହି କ୍ରମ-ପ୍ରଗତିଶୀଳ ରୂପାନ୍ତର ବିଷୟରେ କହିବାକୁ ଯାଉଛି । ... ମୋତେ ଅନେକ ସମୟରେ ଏହି ପ୍ରଶ୍ନଟି ପଚରା ଯାଇଥାଏ ଯେ ''ଶରୀର ସଂପର୍କରେ ଆମର ସମସ୍ତ ଆଚରଣ ଏହି ଜ୍ଞାନ ଉପରେ ପ୍ରତିଷ୍ଠିତ ହେବା ଉଚିତ ଯେ ଏହି ଶରୀର ହେଉଛି ବିଶ୍ୱର ପରମ ସତ୍ୟର ଓ ଆମ ସତ୍ତାର ସତ୍ୟର ଏକ ପରିଣତି ଓ ଯନ୍ତ୍ର ମାତ୍ର — ଏହି ତତ୍ତ୍ୱର ଆଦର୍ଶକୁ ଗ୍ରହଣ କରି ନେବା ପରେ ଏବଂ ଏହି ଶିକ୍ଷା ଦେବା ପରେ ଏବଂ ଏହି ସତ୍ୟର ଉପଲବ୍ଧିକୁ ସାଧନାର ଲକ୍ଷ୍ୟ ରୂପେ ନିର୍ଦ୍ଦେଶ କରିବା ପରେ ଆମେ କାହିଁକି ଆମର ଏହି ଆଶ୍ରମ ସଂଗଠନରେ ଡାକ୍ତର, ଡାକ୍ତରଖାନା ଓ ଅନ୍ୟ ସବୁଠି ଗୃହୀତ ହୋଇଥିବା ଆଧୁନିକ ଶରୀରଚର୍ଚ୍ଚାର ପଦ୍ଧତି ଉପରେ ପ୍ରତିଷ୍ଠିତ ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମକୁ ସ୍ଥାନ ଦେଇଛୁ ?'' ଏବଂ ତୁମେ ଯେତେବେଳେ ବଣଭୋଜି ଆଦି ପାଇଁ ବାହାର, ମୁଁ କାହିଁକି ତୁମକୁ ଯେଉଁଠୁ ସେଉଠୁ ପାଣି ପିଇବା ପାଇଁ ବାରଣ କରେ ଏବଂ ସଙ୍ଗରେ ଶୋଧନ ଜଳ ନେବା ପାଇଁ କହିଥାଏ ? ତୁମେ ଖାଉଥିବା ଫଳ ରୋଗ-ବୀଜାଣୁ ମୁକ୍ତ କରି ନେବା ଇତ୍ୟାଦି କଥା କାହିଁକି କୁହେ ?

ଏସବୁଗୁଡ଼ିକ ପରସ୍ପର ବିରୋଧୀ ବୋଲି ମନେ ହୁଅନ୍ତି, କିନ୍ତୁ ଆଜି ସଂଧ୍ୟାରେ ତୁମକୁ ଏ ବିଷୟରେ କିଛି ବୁଝାଇ ବ୍ୟାଖ୍ୟା କରିବାକୁ ଚାହେଁ, ଆଶା କରୁଛି ଯାହା ଫଳରେ ତୁମ ଭିତରୁ ଏହାର ସେହି ପରସ୍ପର ବିରୋଧୀ ଭାବଟି ଦୂର ହୋଇଯିବ । ପ୍ରକୃତରେ ମୁଁ ତୁମକୁ ଆଗରୁ ଅନେକ ଥର କହିଛି ଯେ, ଆପାତ ଦୃଷ୍ଟିରେ ଯେତେବେଳେ ଦୁଇଟି ଧାରଣା ବା ତତ୍ତ୍ୱ ପରସ୍ପରର ବିରୋଧୀ ବୋଲି ମନେ ହୁଅନ୍ତି, ସେତେବେଳେ ତୁମ ଚିନ୍ତାରେ ଆଉ ଟିକେ ଉଚ୍ଚତର ସ୍ଥାନକୁ ଉଠିଯାଇ ଦେଖିବାକୁ ହେବ ଯେ କେଉଁଠି ଉଭୟେ ପରସ୍ପରକୁ ଭେଟୁଛନ୍ତି ଓ ଏକ ସାମଗ୍ରିକ ସମନ୍ୱୟରେ ପରସ୍ପର ସହ ମିଳିତ ହେଉଛନ୍ତି ।

ଏ କ୍ଷେତ୍ରରେ ଏହା ଖୁବ୍ ସହଜ ହୋଇ ଉଠିବ ଯଦି ଆମେ ଗୋଟିଏ କଥା ମନେ ରଖୁ ଯେ ଆମର ଶରୀର ସଂପର୍କରେ, ତାହାର ରକ୍ଷଣାବେକ୍ଷଣ ପାଇଁ, ତାହାକୁ କାର୍ଯ୍ୟକ୍ଷମ ରଖିବା ପାଇଁ, ତାହାର ଉନ୍ନତି ସାଧନ ପାଇଁ, ତାହାକୁ ସୁସ୍ଥ ସବଳ ରଖିବା ପାଇଁ ଆମେ ଯେଉଁସବୁ ଉପାୟ ଅବଲମ୍ବନ କରୁ, ତାହା ପୂରାପୂରି ନିର୍ଭର କରେ ଆମେ ଚେତନାର ଯେଉଁ ଅବସ୍ଥାରେ ରହିଥାଉ ତା' ଉପରେ । କାରଣ ଆମର ଶରୀରଟି ହେଉଛି ଆମ ଚେତନାରହିଁ ଏକ ଯନ୍ତ୍ର ଏବଂ ସେହି ଚେତନା ସିଧାସଳଖ ଆମ ଦେହ ଉପରେ କ୍ରିୟା କରିପାରେ ଓ ଦେହଠାରୁ ଚାହୁଁଥିବା ସବୁକିଛିକୁ ତା'ଠାରୁ ଆଦାୟ କରି ନେଇପାରେ ।

ତେଣୁ, ତୁମେ ଯଦି ଏକ ସାଧାରଣ ଦୈହିକ ଚେତନା ଭିତରେ ବାସ କରୁଥାଅ, ଯଦି ସେହି ସାଧାରଣ ଦୈହିକ ଚେତନାର ଦୃଷ୍ଟି ନେଇ ସବୁକିଛିକୁ ଦେଖୁଥାଅ, ଏବଂ ସେଗୁଡ଼ିକ ସଂପର୍କରେ ସେହି ସାଧାରଣ ଦୈହିକ ଚେତନା ନେଇ ହିଁ ଚିନ୍ତା କରୁଥାଅ, ତା'ହେଲେ ତୁମ ଶରୀର ଉପରେ କ୍ରିୟା କରିବା ପାଇଁ ତୁମକୁ ସେହି ସାଧାରଣ ଦୈହିକ ଉପାୟଗୁଡ଼ିକୁ ହିଁ ବ୍ୟବହାର କରିବାକୁ ହେବ । ଏହି ସାଧାରଣ ଦୈହିକ ଉପାୟଗୁଡ଼ିକୁ ନେଇ ଗଠିତ ଶରୀରଚର୍ଚ୍ଚାର ସମଗ୍ର ବିଜ୍ଞାନ ହେଉଛି ମାନବ ଅସ୍ତିତ୍ୱର ହଜାର ହଜାର ବର୍ଷ ଧରି ସଞ୍ଚିତ ହୋଇଥିବା ଅଭିଜ୍ଞତାରୁ ମିଳିଥିବା ଫଳ । ଏହି ବିଜ୍ଞାନ ଅତ୍ୟନ୍ତ ଜଟିଳ, ଏହାର ଅସଂଖ୍ୟ ପଦ୍ଧତି ରହିଛି, ଏହା ସହଜରେ ବୋଧଗମ୍ୟ ନୁହେଁ, ବେଶ୍ କଷ୍ଟସାଧ୍ୟ, ଅନିଶ୍ଚିତ; ଅନେକ ସମୟରେ ପରସ୍ପର ବିରୋଧୀ, ଅସଂଲଗ୍ନ ଓ ସବୁ ସମୟରେ ବଦଳି ଚାଲିଥାଏ ଓ ପ୍ରାୟ ସଂପୂର୍ଣ୍ଣ ଆପେକ୍ଷିକ ବୋଲି କୁହାଯାଇ ପାରେ ! ତଥାପି ଏଥିରୁ ଖୁବ୍ ସୁନିର୍ଦ୍ଦିଷ୍ଟ ଫଳ ମିଳିଥାଏ; ଯେଉଁ ଦିନଠାରୁ ଶରୀର ଚର୍ଚ୍ଚାକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଛି, ସେ ସଂପର୍କରେ ବହୁ ଗବେଷଣା, ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣରୁ ନାନା ଅନୁଭୂତି ଲାଭ ହୋଇଛି ଓ ସେଗୁଡ଼ିକୁ ସଂଗ୍ରହ କରାଯାଇଛି । ତା' ଫଳରେହିଁ ଆମେ ସମର୍ଥ ହୋଇଛୁ ଆମର ଖାଦ୍ୟ, କ୍ରିୟାକଳାପ, ବ୍ୟାୟାମ ଆଦି ଜୀବନର ବାହ୍ୟ ସଙ୍ଗଠନଗୁଡ଼ିକୁ ନିୟମିତ କରିବା ପାଇଁ ଏବଂ ଏକ ଉପଯୁକ୍ତ ଭିତ୍ତି ଗଠିତ ହୋଇଛି ଯାହା ଫଳରେ ଯେଉଁମାନେ ଏହାକୁ ଅଧ୍ୟୟନ କରିବା ପାଇଁ ଓ ଏହାର ଶୃଙ୍ଖଳାଗୁଡ଼ିକୁ କଡ଼ାକଡ଼ି ଭାବରେ ମାନି ଚଳିବା ପାଇଁ ଚେଷ୍ଟା କରିବେ, ସେମାନେ

ନିଜର ଶରୀରକୁ ସୁସ୍ଥ ରଖିବା ଦିଗରେ ଓ ତାହାର ଦୋଷ ଦୁର୍ବଳତାଗୁଡ଼ିକୁ ଦୂର କରି ତାହାର ସାଧାରଣ ଅବସ୍ଥାରେ ଉନ୍ନତି ଆଣିବା ଦିଗରେ ଏକ ସୁଯୋଗ ପାଇବେ ଏବଂ ଏପରିସବୁ ଫଳ ଲାଭ କରି ପାରିବେ ଯାହା କେତେକ କ୍ଷେତ୍ରରେ ବେଶ୍ ଅସାଧାରଣ ।

ଅଧିକନ୍ତୁ, ମୁଁ ଏହା ଯୋଗ କରିପାରେ ଯେ ବୁଦ୍ଧିପ୍ରସୂତ ଏହି ମାନବୀୟ ବିଜ୍ଞାନ, ତାହା ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛି, ସତ୍ୟର ଆବିଷ୍କାର ପାଇଁ ନିଜର ଆନ୍ତରିକ ଉଦ୍ୟମ ଫଳରେ, ବିସ୍ମୟକର ଭାବରେ ଆତ୍ମାର ମୂଳ ସତ୍ୟର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଚାଲିଛି । ଏପରି ଏକ ଭବଷ୍ୟତ୍ ଦେଖି ପାରିବା ଅସମ୍ଭବ ନୁହେଁ ଯେଉଁଠି ମୂଳ ସତ୍ୟର ଏକ ଅତି ଗଭୀର ଓ ଅତି ଘନିଷ୍ଠ ବୋଧ ଭିତରେ ଉଭୟେ ପରସ୍ପର ସହ ମିଳିତ ଓ ଯୁକ୍ତ ହୋଇଯିବେ ।

ତେଣୁ, ଯେଉଁମାନେ ଦୈହିକ ସ୍ତରରେ, ଦୈହିକ ଚେତନାରେ ବାସ କରନ୍ତି, ସେମାନଙ୍କୁ ଶରୀରଚର୍ଚ୍ଚାର କ୍ଷେତ୍ରରେ ଦୈହିକ ଉପାୟ ଓ ପଦ୍ଧତିଗୁଡ଼ିକର ସାହାଯ୍ୟ ନେବାକୁହିଁ ପଡ଼ିବ । ଏବଂ ଯେହେତୁ ପୃଥିବୀରେ, ଏପରିକି ଆଶ୍ରମରେ ମଧ୍ୟ ବହୁ ଅଧିକ ସଂଖ୍ୟକ ଲୋକ ଏପରି ଏକ ଚେତନାରେ ବାସ କରନ୍ତି ଯାହା ପୂରାପୂରି ଦୈହିକ ନହେଲେ ମଧ୍ୟ ଯହିଁରେ ଦୈହିକ ଚେତନା ପ୍ରାଧାନ୍ୟ ବିସ୍ତାର କରି ରହିଥାଏ, ସେପରି କ୍ଷେତ୍ରରେ ସେମାନଙ୍କ ପାଇଁ ଏହା ସ୍ୱାଭାବିକ ଯେ ଶରୀରର ଯତ୍ନ ପାଇଁ ସେମାନଙ୍କୁ ସ୍ଥୂଳ ବିଜ୍ଞାନର ପ୍ରଦର୍ଶିତ ସମସ୍ତ ନୀତି ଓ ପଦ୍ଧତିକୁ ଅନୁସରଣ କରିବାକୁ ହେବ ଏବଂ ମାନି ଚଳିବାକୁ ହେବ ।

ବର୍ତ୍ତମାନ ଶ୍ରୀଅରବିନ୍ଦଙ୍କ ଶିକ୍ଷା ଅନୁସାରେ ଏହା ଚରମ ସିଦ୍ଧି ନୁହେଁ ବା ଏହା ମଧ୍ୟ ସେହି ଲକ୍ଷ୍ୟ ନୁହେଁ ଯହିଁରେ ଆମେ ଉନ୍ନୀତ ହେବାକୁ ଚାହୁଁ । ଏହା ଅପେକ୍ଷା ଆଉ ଏକ ଅଧିକ ଉଚ୍ଚତର ଅବସ୍ଥା ଅଛି, ଯେଉଁଥିରେ ଚେତନା ତଥାପି ମୁଖ୍ୟତଃ ମାନସିକ ବା ଆଂଶିକ ଭାବରେ ନିଜର କ୍ରିୟାରେ ମାନସିକ ରହିଥିଲେ ମଧ୍ୟ ତାହା ଆଧାତ୍ମିକ ଜୀବନ ପାଇଁ ଏକ ଅଭୀପ୍ସା ନେଇ ଊର୍ଦ୍ଧ୍ୱତର ଲୋକ ସବୁ ଦିଗରେ ଉନ୍ମୁଖ ହୋଇ ରହିଥାଏ ଓ ଅତିମାନସ ପ୍ରଭାବ ଦିଗରେ ଉନ୍ମୋଚିତ ହୋଇ ରହିଥାଏ ।

ଯେତେବେଳେ ଏହି ଉନ୍ମୋଚନଟି ଘଟେ, ସେତେବେଳେ ଆମେ ସେହି ଅବସ୍ଥାକୁ ପାର ହୋଇଯାଉ, ଯେଉଁଥିରେ ଜୀବନ ପୂରାପୂରି ଦୈହିକ ହୋଇ ହିଁ ରହିଥାଏ — ମୁଁ ଏଠାରେ ଯେଉଁ 'ଦୈହିକ' କଥାଟି କହୁଛି ତହିଁରେ ସମଗ୍ର ମାନସିକ ଓ ବୁଦ୍ଧିପ୍ରଧାନ ଜୀବନକୁ, ସମଗ୍ର ମାନବୀୟ କୃତିତ୍ୱକୁ, ଏପରିକି ସବୁଠୁ ଅସାମାନ୍ୟ ଓ ଉଲ୍ଲେଖଯୋଗ୍ୟ କୃତିତ୍ୱଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରୁଛି । ମୁଁ ଏପରି ଏକ 'ଦୈହିକ' କଥା କହୁଛି ଯାହାକି ମାନବୀୟ ସାମର୍ଥ୍ୟର ଚୂଡ଼ାନ୍ତ ଶିଖର, ପାର୍ଥିବ ଓ ଜଡ଼ ଜୀବନର ଏପରି ଏକ ଅବସ୍ଥା ଯେଉଁଠି ମଣିଷ ମାନସିକ ଓ ବୌଦ୍ଧିକ ଦୃଷ୍ଟିକୋଣରୁ ଊର୍ଦ୍ଧ୍ୱତର ମୂଲ୍ୟବୋଧ ଓ ଗୁଣାବଳୀକୁ ପ୍ରକାଶ ଓ ଅଭିବ୍ୟକ୍ତ କରିପାରେ । କିନ୍ତୁ ଏହି ଅବସ୍ଥାକୁ ମଧ୍ୟ ଆମେ ଅତିକ୍ରମ କରି ଯାଇପାରୁ, ବର୍ତ୍ତମାନ ପୃଥିବୀରେ କ୍ରିୟା କରୁଥିବା ଅତିମାନସ ଶକ୍ତି ପ୍ରତି ନିଜକୁ ଉନ୍ମୋଚିତ କରି ଦେଇ ପାରୁ ଏବଂ ଏପରି ଏକ ମଧ୍ୟବର୍ତ୍ତୀ ସ୍ତରରେ ପ୍ରବେଶ କରିପାରୁ ଯେଉଁଠି ଦୁଇଟି ଯାକ ପ୍ରଭାବ ପରସ୍ପରକୁ ଭେଟନ୍ତି ଓ ପରସ୍ପର ସହ ଅଙ୍ଗାଙ୍ଗିଭାବେ ମିଳିତ ହୋଇ ଯାଆନ୍ତି । ସେଠାରେ ଚେତନା ତା'ର ନିଜର କ୍ରିୟାରେ ତଥାପି ମାନସିକ ଓ ବୁଦ୍ଧିପ୍ରଧାନ ହୋଇ ରହିଥାଏ, କିନ୍ତୁ ତାହା ଅତିମାନସ ସାମର୍ଥ୍ୟ ଓ ଶକ୍ତି ଦ୍ୱାରା ଯଥେଷ୍ଟ ଭାବରେ ଅନୁପ୍ରବିଷ୍ଟ ହୋଇଥିବା ଫଳରେ ତାହା ଊର୍ଦ୍ଧ୍ୱତର ସତ୍ୟର ଏକ ଯନ୍ତ୍ର ହୋଇ ଉଠିପାରେ ।

ଏହି ପୃଥିବୀରେ ବର୍ତ୍ତମାନ ମଧ୍ୟ ସେହିମାନେ ଏହି ଅବସ୍ଥାକୁ ଉପଲବ୍ଧି କରିପାରନ୍ତି ଯେଉଁମାନେ ଅଭିବ୍ୟକ୍ତ ହେଉଥିବା ଅତିମାନସ ଶକ୍ତିକୁ ଗ୍ରହଣ କରିବା ପାଇଁ ନିଜକୁ ପ୍ରସ୍ତୁତ କରିଛନ୍ତି । ଏବଂ ସେହି ଅବସ୍ଥାରେ, ଚେତନାର ସେହି ଅବସ୍ଥାରେ, ଦେହ ପୂର୍ବେ ଯେଉଁ ଅବସ୍ଥାରେ ଥିଲା ତାହା ଅପେକ୍ଷା ଅନେକ ଅଧିକ ଉନ୍ନତତର ଅବସ୍ଥାରେ ରହି ତା'ର ସମସ୍ତ ଉପକାର ଲାଭ କରିପାରେ । ଦେହକୁ ତା'ର ସତ୍ତାର ମୂଳ ସତ୍ୟ ସହ ସିଧାସଳଖ ସମ୍ପର୍କିତ ଓ ଯୁକ୍ତ କରାଯାଇ ପାରେ, ଯେପରିକି ପ୍ରତି ମୁହୂର୍ତ୍ତରେ ଏହା ସ୍ୱତଃସ୍ଫୂର୍ତ୍ତ ଭାବରେ, ଏକ ସହଜାତ ପ୍ରବୃତ୍ତି ବା ସମ୍ବୋଧିଗତ ଆନ୍ତର ପ୍ରେରଣା ନେଇ ଜାଣି ପାରିବ ତା'ର କ'ଣ କରିବା ଉଚିତ ଓ ତାହା ସମ୍ପନ୍ନ କରିବା ପାଇଁ ସେ ସମର୍ଥ ।

ମୁଁ ପୁଣି ଥରେ କହୁଛି ଯେ ଏହି ଅବସ୍ଥାକୁ ବର୍ତ୍ତମାନ ମଧ୍ୟ ସେହିମାନେ ଉପଲବ୍ଧି କରିପାରନ୍ତି ଯେଉଁମାନେ ଅତିମାନସ ଶକ୍ତିକୁ ଗ୍ରହଣ କରିବା ପାଇଁ, ତାହାକୁ ଆତ୍ମୀଭୂତ କରିବା ପାଇଁ ଓ ତାହାର ନିର୍ଦ୍ଦେଶକୁ ମାନିଚଳିବା ପାଇଁ ନିଜକୁ ପ୍ରସ୍ତୁତ କରିବାର ପ୍ରଚେଷ୍ଟାରେ ଦୃଢ଼ ରହିଛନ୍ତି ।

ଅବଶ୍ୟ ଏହା ଅପେକ୍ଷା ଆହୁରି ଊର୍ଦ୍ଧ୍ୱତର ଏକ ଅବସ୍ଥା ରହିଛି ଯାହାକୁ ଲକ୍ଷ୍ୟ ରୂପେ ଗ୍ରହଣ କରିବା ପାଇଁ ଶ୍ରୀଅରବିନ୍ଦ

ଆମକୁ କହି ଯାଇଛନ୍ତି; ତା' ହେଉଛି ଏକ ଦିବ୍ୟ ଶରୀରରେ ଦିବ୍ୟ ଜୀବନ । କିନ୍ତୁ ସେ ଆମକୁ କହିଛନ୍ତି ଯେ ଏଥିପାଇଁ ସମୟ ଲାଗିବ; ଏହା ଏପରି ଏକ ପୂର୍ଣ୍ଣାଙ୍ଗ ରୂପାନ୍ତର ଯାହା ଗୋଟିଏ ମୁହୂର୍ତ୍ତରେ ସମ୍ପନ୍ନ ହୋଇପାରେନା, ଏଥିପାଇଁ ବେଶ୍ ଦୀର୍ଘ ସମୟର ପ୍ରୟୋଜନ ରହିଛି । କିନ୍ତୁ ଯେତେବେଳେ ଏହି ରୂପାନ୍ତର ସାଧିତ ଓ ସମ୍ପନ୍ନ ହେବ, ଯେତେବେଳେ ସମଗ୍ର ଚେତନା ଏକ ଅତିମାନସ ଚେତନାରେ ପରିଣତ ହେବ, ସେତେବେଳେ କର୍ମଗୁଡ଼ିକ ଆଉ ପ୍ରତି ମୁହୂର୍ତ୍ତରେ ମନର ବାଛବିଚାର ଦ୍ୱାରା ନିର୍ଦ୍ଧାରିତ ହେବ ନାହିଁ ବା ତାହାକୁ ଶରୀରର ସାମର୍ଥ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ସମଗ୍ର ଶରୀରହିଁ ହୋଇ ଉଠିବ ସ୍ୱତଃସ୍ଫୂର୍ତ୍ତ ଭାବରେ ଓ ସର୍ବାଙ୍ଗୀଣ ଭାବରେ ଆନ୍ତର ସତ୍ୟର ଏକ ପୂର୍ଣ୍ଣ ଓ ଅଭ୍ରାନ୍ତ ପ୍ରକାଶ ।

ଆମ ଆଗରେ ଆମେ ଏହି ଲକ୍ଷ୍ୟ ଓ ଆଦର୍ଶକୁ ହିଁ ରଖିଛୁ, ଯାହାର ଉପଲବ୍ଧି ଓ ସିଦ୍ଧି ପାଇଁ ଆମେ ଉଦ୍ୟମ କରି ଚାଲିଛୁ, କିନ୍ତୁ ଆମେ ଏ ସଂପର୍କରେ କୌଣସି ଆତ୍ମ-ପ୍ରବଞ୍ଚନାକୁ ପ୍ରଶ୍ରୟ ଦେବୁ ନାହିଁ ଓ ଭାବିବୁ ନାହିଁ ଯେ ଏହା ଏକ ଦ୍ରୁତ ରୂପାନ୍ତର ହେବ ଓ କୌଣସି ପ୍ରଚେଷ୍ଟା ବା ଆୟାସ ବିନା ଅଲୌକିକ, ତତ୍‌କ୍ଷଣାତ୍ ଓ ଆଶ୍ଚର୍ଯ୍ୟ ଭାବରେ ସଂପନ୍ନ ହୋଇଯିବ ।

ଅବଶ୍ୟ, ବର୍ତ୍ତମାନ ଏହା ଆଉ କେବଳ ଏକ ସମ୍ଭାବନା ମାତ୍ର ନୁହେଁ, ଏପରିକି ଏହା କେବଳ ସୁଦୂର ଭବିଷ୍ୟତରେ ଘଟିବାକୁ ଯାଉଥିବା ଏକ ପ୍ରତିଶ୍ରୁତି ମାତ୍ର ନୁହେଁ : ଏହା ଏପରି କିଛି ଯାହାର କ୍ରିୟା ଆରମ୍ଭ ହୋଇ ଯାଇଛି । ଏବଂ ବର୍ତ୍ତମାନ ଆମେ କେବଳ ଯେ ଏହାର ପୂର୍ବାଭାସ ଦେଖି ସାରିଛୁ ଖାଲି ସେତିକି ନୁହେଁ, ଆମେ ସେହି ଗତିସ୍ପନ୍ଦ ମଧ୍ୟ ଅନୁଭବ କରି ପାରିବୁ ଯେତେବେଳେ କି ଶରୀର ମଧ୍ୟ ଆମ ସତ୍ତାର ସବୁଠୁ ଆଧ୍ୟାତ୍ମିକ ଅଂଶର ସେହି ଅନୁଭୂତିଗୁଡ଼ିକୁ ପୁନରାବୃତ୍ତି କରିପାରିବ – ଆମର ଅନ୍ତରାତ୍ମା ଯାହା କରିବା ପାଇଁ ସମର୍ଥ ହୋଇ ସାରିଛି । ସେତେବେଳେ ଦେହର ଚେତନା ନେଇ ସ୍ୱୟଂ ଶରୀରହିଁ ପରମ ସତ୍ୟ ଆଗରେ ଛିଡ଼ା ହୋଇ ପାରିବ ଏବଂ ସର୍ବାଙ୍ଗୀଣ ଭାବରେ ନିଜକୁ ତାଙ୍କ ପ୍ରତି ଉନ୍ମୁଖ ରଖି, ନିଜର ସମସ୍ତ ଦେହକୋଷଗୁଡ଼ିକୁ ଏକ ସାମଗ୍ରିକ ଆତ୍ମଦାନରେ ସମର୍ପିତ କରି ଦେଇ, ସମସ୍ତ ଆନ୍ତରିକତାର ସହ କହି ପାରିବ, ''ମୁଁ ଯେପରି ତୁମେ ହୋଇଯାଇ ପାରେ, ଅନନ୍ୟ ଭାବରେ ପୂର୍ଣ୍ଣ ଭାବରେ କେବଳ ତୁମେହିଁ – ଅନନ୍ତ ଭାବରେ, ଶାଶ୍ୱତ ଭାବରେ ... ... ଅତି ସହଜ ଭାବରେ ।''

(M.C.W., Vol. 9, pp.109 - 12)

Everything must be transformed by the knowledge of the Truth.
(CWM, Vol. 14, p. 190) – The Mother

*With best compliments from* :

SRI JAGANNATH RICE MILL

**MAITAPUR, BALASORE (ODISHA)**

# ବିଶ୍ୱାସର ଦୃଢ଼ତା ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟା

**ଶ୍ରୀମା**

ନିଃସନ୍ଦେହ ଭାବରେ ବିଶ୍ୱାସ ହେଉଛି ଭଗବତ୍ କୃପା – ଆମକୁ ଦେଇଥିବା ଏକ ଅବଦାନ । ଯେପରିକି ଏକ ଚିରନ୍ତନ ସତ୍ୟ ପ୍ରତି ହଠାତ୍ ଆମର ଦରଜା ଖୋଲିଗଲା, ଯାହା ଭିତର ଦେଇ ଆମେ ତାହାକୁ ଦେଖି ପାରିବୁ ଓ ତାକୁ ପ୍ରାୟ ଛୁଇଁ ପାରିବୁ ।

ମନୁଷ୍ୟର ଉତ୍ତରଣ କ୍ଷେତ୍ରରେ, ଅନ୍ୟସବୁ ଜିନିଷ ପରି ବ୍ୟକ୍ତିଗତ ପ୍ରଚେଷ୍ଟାର ପ୍ରୟୋଜନ ଅଛି – ବିଶେଷ କରି ପ୍ରାରମ୍ଭିକ ଅବସ୍ଥାରେ । ଏହା ସମ୍ଭବ ହୁଏ କେତେକ ଅସାଧାରଣ ପରିସ୍ଥିତିରେ, ଏପରି କୌଣସି କାରଣରୁ ଯାହାକି ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ, ବିଶ୍ୱାସ ଆସିପାରେ ପ୍ରାୟ ଆକସ୍ମିକ ଭାବରେ, ପୂରା ଅପ୍ରତ୍ୟାଶିତ ଭାବରେ, ସେଥିପାଇଁ କେବେ କୌଣସି ଅଭୀପ୍ସା ନ କରି; କିନ୍ତୁ ଅଧିକାଂଶ କ୍ଷେତ୍ରରେ ପ୍ରାୟଶଃ ଏହା ଆସିଥାଏ ଏକ ଆକାଂକ୍ଷାର, ଏକ ପ୍ରୟୋଜନର, ଏକ ଆସ୍ପୃହାର ଉତ୍ତର ସ୍ୱରୂପ । ଆମ ସତ୍ତା ଭିତରେ ଏପରି କିଛି ରହିଥାଏ ଯାହାର ଏଥିପାଇଁ ଅନ୍ୱେଷଣ ରହିଛି, ଆକୁତି ରହିଛି; ଯଦିଓ ଖୁବ୍ ସଚେତନ ବା ସୁସଂବଦ୍ଧ ଭାବରେ ନୁହେଁ । କିନ୍ତୁ ଯାହା ବି ହେଉ, ଯେତେବେଳେ ବିଶ୍ୱାସ ଲାଭ ହୋଇଛି, ଯେତେବେଳେ ହଠାତ୍ ଏହି ଆନ୍ତର ଦୀପ୍ତି ଓ ଉଦ୍‌ଭାସର ଅନୁଭୂତି ମିଳିଛି, ସେତେବେଳେ ତାହାକୁ ସକ୍ରିୟ ଚେତନାରେ ସୁରକ୍ଷିତ ଭାବେ ନିରନ୍ତର ଧରି ରଖିବା ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟା ଏକାନ୍ତ ଅପରିହାର୍ଯ୍ୟ । ନିଜର ବିଶ୍ୱାସକୁ ଆମକୁ ଜାବୁଡ଼ି ଧରି ରଖିବାକୁ ହେବ, ସେଥିପାଇଁ ସଂକଳ୍ପ କରିବାକୁ ହେବ, ତାହା ଖୋଜିବାକୁ ହେବ, ତାହାକୁ ଲାଳନ କରିବାକୁ ହେବ, ସୁରକ୍ଷିତ କରିବାକୁ ହେବ ।

ମନୁଷ୍ୟ ମନରେ ସନ୍ଦେହ, ଯୁକ୍ତିତର୍କ, ଅବିଶ୍ୱାସର ଏକ ପ୍ରକାର ରୁଗ୍ଣ, ନିନ୍ଦନୀୟ ଅଭ୍ୟାସ ରହିଛି । ଏହିଠାରେହିଁ ମନୁଷ୍ୟର ବ୍ୟକ୍ତିଗତ ପ୍ରଚେଷ୍ଟା ଆବଶ୍ୟକ; ଯାହାଫଳରେ ଏଗୁଡ଼ିକର ପ୍ରବେଶ ପାଇଁ ବାଟ ଛାଡ଼ି ଦିଆଯିବ ନାହିଁ, ଏଗୁଡ଼ିକର କଥା ଶୁଣିବା ପାଇଁ ଅସ୍ୱୀକାର କରାଯିବ ଏବଂ ସବୁଠୁ ବଡ଼ ଜିନିଷ ହେଉଛି ଏଗୁଡ଼ିକର କଥା ନ ମାନିବା । ମାନସିକ ଭାବରେ ଏହି ସଂଶୟ ଓ ଅବିଶ୍ୱାସକୁ ନେଇ ଖେଳ ଖେଳିବାଠାରୁ ଆଉ ଅଧିକ ବିପଜ୍ଜନକ କିଛି ନାହିଁ । ଏଗୁଡ଼ିକ କେବଳ ଶତ୍ରୁ ନୁହନ୍ତି, ଏଗୁଡ଼ିକ ହେଉଛନ୍ତି ଭୟଙ୍କର ଖାତ ଏବଂ ଥରେ ଏହି ଖାତରେ ପଡ଼ିଗଲେ, ତହିଁରୁ ନିଜକୁ କାଢ଼ି ବାହାର କରି ଆଣିବା ଅତ୍ୟନ୍ତ କଷ୍ଟସାଧ୍ୟ ।

କେତେକ ଲୋକ ଭାବନ୍ତି ଯେ ନାନା ଧାରଣା ଓ ବିଚାରକୁ ନେଇ ଖେଳ ଖେଳିବା, ସେଗୁଡ଼ିକୁ ନେଇ ନାନା ତର୍କ, ଆଲୋଚନା କରିବା, ନିଜର ବିଶ୍ୱାସକୁ ବିରୋଧ କରିବା ହେଉଛି ମାନସିକ ଉତ୍କର୍ଷର ଏକ ପରିଚୟ । ସେମାନେ ଭାବନ୍ତି ଯେ ଏହିସବୁର ଫଳରେ ସେମାନେ ଖୁବ୍ ମର୍ଯ୍ୟାଦାପୂର୍ଣ୍ଣ ଏକ ମନୋଭାବର ଅଧିକାରୀ; ଏବଂ ଏହି ଭାବରେ ସେମାନେ ସମସ୍ତ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଅଜ୍ଞାନତାର ଉପରକୁ ଉଠିଯାଇଛନ୍ତି; କିନ୍ତୁ ତୁମେ ଯଦି ସନ୍ଦେହ ଓ ଅବିଶ୍ୱାସର ପରାମର୍ଶ ଶୁଣ ତା'ହେଲେ ତୁମେ ସବୁଠୁ ସ୍ଥୂଳ ଅଜ୍ଞାନତାର ଖାତରେ ପଡ଼ି ଯାଇଛ ବୋଲି ଓ ଠିକ୍ ବାଟରୁ ତୁମର ପଥଚ୍ୟୁତି ଘଟିଛି ବୋଲି ବୁଝିବାକୁ ହେବ । ତୁମେ ବିଭ୍ରାନ୍ତି, ପ୍ରମାଦ ଓ ପରସ୍ପର ବିରୋଧୀ ମତବାଦର ଏକ ଗୋଲକଧନ୍ଦାରେ ପଡ଼ିଯାଇଛ ... ଏବଂ ତା' ଭିତରୁ ଯେ ବାହାରି ଆସିବା ପାଇଁ ସକ୍ଷମ ହେବ, ଏ ସଂପର୍କରେ ତୁମେ ସର୍ବଦା ନିଶ୍ଚିତ ହୋଇ ପାରିବ ନାହିଁ । ଆନ୍ତର ସତ୍ୟରୁ ତୁମେ ଏତେ ଦୂରକୁ ଚାଲିଯାଇ ଥାଅ ଯେ ତାହା ଆଉ ତୁମ ଦୃଷ୍ଟିଗୋଚର ହୁଏ ନାହିଁ ଏବଂ ସମୟ ସମୟରେ ତୁମର ଆତ୍ମା ସହିତ ତୁମର ସଂଯୋଗର ସମସ୍ତ ସମ୍ଭାବନାକୁ ହରାଇ ବସ ।

ନିଜର ବିଶ୍ୱାସକୁ ସୁରକ୍ଷିତ କରି ବଜାୟ ରଖିବା ପାଇଁ ଓ ନିଜ ଭିତରେ ତାହାର ବୃଦ୍ଧିଲାଭ ପାଇଁ ନିଶ୍ଚିତରୂପେ ବ୍ୟକ୍ତିଗତ ପ୍ରଚେଷ୍ଟା ଆବଶ୍ୟକ । ପରେ – ଅନେକ ପରେ – ପଛକୁ ଅନାଇ ଆମେ ଦେଖି ପାରିବୁ ଯେ ଯାହା କିଛି ଘଟିଛି, ଏପରିକି ଯାହା ଆମକୁ ସବୁଠୁ ମନ୍ଦ ବୋଲି ମନେ ହୋଇଥିଲା, ତାହା ଥିଲା ଯାତ୍ରାପଥରେ ଆମକୁ ଆଗେଇ ନେବା ପାଇଁ ଏକ ଭଗବତ୍ କୃପା । ଏବଂ ସେତେବେଳେ ଆମେ ସଚେତ ହୋଇ ଉଠୁ ଯେ ଆମର ବ୍ୟକ୍ତିଗତ ପ୍ରଚେଷ୍ଟା ମଧ୍ୟ ଏକ ଭଗବତ୍ କୃପା । କିନ୍ତୁ ସେହି ଅବସ୍ଥାରେ ପହଞ୍ଚିବା ପୂର୍ବରୁ ଆମକୁ ଅନେକ

ଅଗ୍ରଗତି କରିବାକୁ ହେବ, ଅନେକ ସଂଗ୍ରାମ କରିବାକୁ ହେବ, ଏପରିକି କେତେକ ସମୟରେ ଆମକୁ ଅନେକ ଦୁଃଖ-ଯାତନା ମଧ୍ୟ ଭୋଗ କରିବାକୁ ହେବ ।

ନିଷ୍କ୍ରିୟ ଜଡ଼ତା ଭିତରେ ବସି ରହି ଯଦି ତୁମେ କୁହ, ''ଯଦି ମୋର ବିଶ୍ୱାସ ପାଇବାର ଥାଏ, ତେବେ ତାହା ମୁଁ ପାଇବି, ଭଗବାନହିଁ ଆସି ତାହା ମୋତେ ଦେଇଦେବେ'', ତେବେ ତାହା ହେବ ପୂରାପୂରି ଏକ ଆଳସ୍ୟର ମନୋଭାବ, ଅଚେତନତାର ଓ ପ୍ରାୟ ଏକ ଅସଦିଚ୍ଛାର ମନୋଭାବ ।

ଅନ୍ତରର ଶିଖାକୁ ପ୍ରଜ୍ୱଳିତ କରି ରଖିବାକୁ ହେଲେ ତାହାକୁ ଇନ୍ଧନ ଯୋଗାଇବା ଦରକାର, ସେହି ଅଗ୍ନି ଉପରେ ଦୃଷ୍ଟି ରଖିବାକୁ ହେବ; ଯେଉଁସବୁ ଭୁଲ୍-ଭ୍ରାନ୍ତିକୁ ଦୂର କରିଦେବାକୁ ଚାହଁ, ଯାହାକିଛି ତୁମର ଅଗ୍ରଗତିକୁ ବ୍ୟାହତ ଓ ମନ୍ଥର କରେ, ଯାହାକିଛି ତୁମର ପଥକୁ ଅନ୍ଧକାରାଚ୍ଛନ୍ନ କରେ, ସେ ସମସ୍ତକୁ ଇନ୍ଧନରୂପେ ଏହି ଅଗ୍ନି ଭିତରକୁ ନିକ୍ଷେପ କରିବାକୁ ହେବ । ଯଦି ତୁମେ ସେହି ଅଗ୍ନିକୁ ଇନ୍ଧନ ନ ଯୋଗାଅ, ତା'ହେଲେ ନିଜ ଅଚେତନତା ଓ ଜଡ଼ତାର ପାଉଁଶ ତଳେ ଏହା କ୍ରମଶଃ ସ୍ତିମିତ ହୋଇ ଆସିବ, ଏବଂ ସେତେବେଳେ ଲକ୍ଷ୍ୟରେ ପହଞ୍ଚିବା ପୂର୍ବରୁ କେବଳ ଅନେକ ବର୍ଷ ନୁହେଁ, ଜୀବନ ପରେ ଜୀବନ, ଶତାବ୍ଦୀ ପରେ ଶତାବ୍ଦୀ ମଧ୍ୟ ବିତି ଯାଇପାରେ ।

ଅଶେଷ ମୂଲ୍ୟବାନ୍ କିଛି ଜନ୍ମ ନେଲେ ଯେପରି ତାହା ଉପରେ ଆମେ ସଜାଗ ଦୃଷ୍ଟି ରଖୁ ଓ ତାହାର କ୍ଷତିକାରକ ସବୁକିଛି ହାତରୁ ତାହାକୁ ଯତ୍ନର ସହ ରକ୍ଷା କରିଚାଲୁ, ସେହିପରି ଆମର ବିଶ୍ୱାସ ଉପରେ ମଧ୍ୟ ଆମକୁ ସଜାଗ ଦୃଷ୍ଟି ରଖିବାକୁ ହେବ ।

ଆରମ୍ଭ ଅବସ୍ଥାର ଅଜ୍ଞାନ ଓ ଅନ୍ଧକାରର ଗହନରେ ବିଶ୍ୱାସ ହେଉଛି ଭଗବତ୍ ଶକ୍ତିର ସବୁଠୁ ପ୍ରତ୍ୟକ୍ଷ ଅଭିବ୍ୟକ୍ତି ଓ ପ୍ରକାଶ ଯାହା ଆସିଥାଏ ସଂଗ୍ରାମ କରିବା ପାଇଁ ଓ ଜୟ କରିବା ପାଇଁ ।

(M. C. W. Vol. 9, pp. 351-52)

ସାଧକ ମଧ୍ୟରେ ଯେଉଁ ଆଧ୍ୟାତ୍ମିକ ବିଶ୍ୱାସ ରହିବା ଆଶା କରାଯାଏ, ତାହା ଏକ ଅଜ୍ଞାନପ୍ରସୂତ ବିଶ୍ୱାସ ନୁହେଁ; ତାହା ହେଉଛି ଏକ ତେଜୋଦୀପ୍ତ ବିଶ୍ୱାସ, ସେପରି ବିଶ୍ୱାସ ଆଲୋକର ଓ ଜ୍ଞାନର, ଅନ୍ଧକାରର ନୁହେଁ । ସନ୍ଦେହବାଦୀ ବୁଦ୍ଧିଜୀବୀମାନେ ଏହାକୁ କହନ୍ତି ଅନ୍ଧବିଶ୍ୱାସ; କାରଣ ଏହା ବାହ୍ୟରୂପ ବା ତାହାର ଘଟଣା ଦ୍ୱାରା ପ୍ରଭାବିତ ହୁଏ ନାହିଁ ।

ବିଶ୍ୱାସ କୌଣସି ଅଭିଜ୍ଞତା ଉପରେ ନିର୍ଭର କରେ ନାହିଁ । ଯେତେବେଳେ କେହି ଯୋଗସାଧନା କରିବାକୁ ଆରମ୍ଭ କରେ, ସେତେବେଳେ ସେ ତା'ର ଅଭିଜ୍ଞତା ଉପରେ ପ୍ରତିଷ୍ଠିତ ଜ୍ଞାନକୁ ନୁହେଁ, ବରଂ ବିଶ୍ୱାସ-ପ୍ରସୂତ ଜ୍ଞାନକୁ ଆଧାର କରି ତା' ଉପରେ ଦୃଢ଼ ରହି ସାଧନା ଆରମ୍ଭ କରେ । କେବଳ ଯୋଗଜୀବନ ବା ଆଧ୍ୟାତ୍ମିକ ଜୀବନରେ ନୁହେଁ, ସାଧାରଣ ଜୀବନରେ ମଧ୍ୟ ଏହିପରି ଘଟିଥାଏ । ଯେତେସବୁ ପ୍ରତିଭାବାନ୍, କର୍ମଶୀଳ ବ୍ୟକ୍ତିମାନଙ୍କ କଥା ଦେଖ: ଆବିଷ୍କାରକ, ଉଦ୍ଭାବକ ଓ ଜ୍ଞାନସ୍ରଷ୍ଟା ସମସ୍ତେ ବିଶ୍ୱାସ ଦ୍ୱାରାହିଁ ଅଗ୍ରଗତି କରିଛନ୍ତି । ସେମାନଙ୍କ ଜୀବନରେ ଯେତେ ଝଡ଼ଝଞ୍ଜା, ହତାଶା, ଦୁଃଖ, କଷ୍ଟ ଓ ବିରୋଧଭାବ ଆସିଲେ ମଧ୍ୟ ସେମାନେ ହୃଦୟ ମଧ୍ୟରେ ପ୍ରାପ୍ତ ହୋଇଥିବା ଉଚ୍ଚତର ଜ୍ଞାନକୁ ପ୍ରତିଷ୍ଠା ନ କରିବା ପର୍ଯ୍ୟନ୍ତ ବା କାର୍ଯ୍ୟଟି ନହେବା ପର୍ଯ୍ୟନ୍ତ ସେଥିରେ ଏକାଗ୍ର ଭାବରେ ବିଶ୍ୱାସର ସହିତ ଲାଗି ରହିଥା'ନ୍ତି । କାରଣ ସେମାନଙ୍କ ମଧ୍ୟରେ ଏପରି କିଛି ଥାଏ ଯାହା ତାଙ୍କୁ କହିଦିଏ ଯେ ତାହାହିଁ ସତ୍ୟ ଏବଂ ତାକୁ ଶେଷ ପର୍ଯ୍ୟନ୍ତ ଅନୁସରଣ କରି ପ୍ରତିଷ୍ଠିତ କରିବାକୁ ହେବହିଁ ହେବ । ...

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା, ୧୨୩ - ୧୨୪) — ଶ୍ରୀଅରବିନ୍ଦ

# ଧମ୍ମପଦ

## (୧୦)

## (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ । ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି । ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି ।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର) । ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି । ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଜ୍‌ଝିମ ନିକାୟ, ସଂଯୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ । କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ । ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ । ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଳୋକ ଅଛି । ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ । ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି । ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍‌ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଲାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢୁଥିଲେ । ମୂଳ ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା) । ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଳୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଳୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ । ଏହି ବ୍ୟାଖ୍ୟା ସମ୍ବଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ ''Commentaries surle Dhammapada'' ନାମରେ ପ୍ରକାଶିତ ହୋଇଛି । ...

ଶ୍ରୀମା'ଙ୍କର ସରଳ, ସୁସ୍ପଷ୍ଟ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧ୍ୟାନର ବିଷୟ । ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ । ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ । ... ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ । ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ ।  – ସଂପାଦନା]

ଷଷ୍ଠ ଅଧ୍ୟାୟ

### ପଣ୍ଡିତବଗ୍‌ଗୋ (ପଣ୍ଡିତବର୍ଗ)

(୧)

ନିଧୀନଂ 'ବ ପବତ୍ତାରଂ ୟଂ ପସ୍‌ସେ ବଜ୍ଜ-ଦସ୍‌ସିନଂ ।
ନିଗ୍‌ଗୟ୍‌ହବାଦିଂ ମେଧାବିଂ ତାଦିସଂ ପଣ୍ଡିତଂ ଭଜେ ।
ତାଦିସଂ ଭଜମାନସ୍‌ସ ସେୟ୍ୟୋ ହୋତି ନ ପାପିୟୋ ॥

(If you meet someone who shows you a thing to be cast out, even like one who tells you of a secret treasure, seek such a wise sage though he censures you. In such a seeking only good will come to you and not evil.)

ଯଦି ଏପରି ବ୍ୟକ୍ତିର ସାକ୍ଷାତ୍ ପାଅ ଯେ ଗୁପ୍ତଧନର ପ୍ରଦର୍ଶକ ପରି ତୁମର ତ୍ରୁଟି ପ୍ରଦର୍ଶନ କରନ୍ତି, ସେହି

ମେଧାବୀ ପଣ୍ଡିତଙ୍କର ଭଜନ କର ଯଦିଓ ସେ ତିରସ୍କାରପୂର୍ବକ ଉପଦେଶ ଦିଅନ୍ତି । ଏପରି ଭଜନା ଦ୍ୱାରା ତୁମର କେବଳ ମଙ୍ଗଳ ହେବ, ଅମଙ୍ଗଳ ହେବ ନାହିଁ ।

(୨)

ଓବଦେୟ୍ୟାନୁସାସେୟ୍ୟ ଅସବ୍‌ଭା ଚ ନିବାରୟେ ।
ସତଂ ହି ସୋ ପିୟୋ ହୋତି ଅସତଂ ହୋତି ଅପ୍‌ପିୟୋ ॥

(He will rebuke, he will command, he will prevent wrong doing. Such a person is loved by the good, he is disliked by the wicked.)

ସେ ତିରସ୍କାର କରିବେ, ଉପଦେଶ ଦେବେ, ନିନ୍ଦନୀୟ ଆଚରଣ ନିବାରଣ କରିବେ । ଏପରି ବ୍ୟକ୍ତି ସାଧୁ ଲୋକମାନଙ୍କର ପ୍ରିୟ ହୁଅନ୍ତି, ଓ ଅସାଧୁ ଲୋକମାନଙ୍କର ଅପ୍ରିୟ ହୁଅନ୍ତି ।

(୩)

ନ ଭଜେ ପାପକେ ମିତ୍ତେ ନ ଭଜେ ପୁରିସାଧମେ ।
ଭଜେଥ ମିତ୍ତେ କଲ୍ୟାଣେ ଭଜେଥ ପୁରିସୁତ୍ତମେ ॥

(Seek not a friend who is full of evil, seek not a friend who is among the vilest of men, seek your friend who is to your good, who is among the best of men.)

ମିତ୍ର ରୂପେ ପାପକାରୀର ସଂସର୍ଗ କର ନାହିଁ, ପୁରୁଷାଧମର ସଂସର୍ଗ କର ନାହିଁ; ତୁମର ଶୁଭାକାଙ୍‌କ୍ଷୀ ଏବଂ ପୁରୁଷଶ୍ରେଷ୍ଠ ଲୋକକୁ ବନ୍ଧୁ କରିବା ଉଚିତ ।

(୪)

ଧମ୍ମପୀତୀ ସୁଖଂ ସେତି ବିପ୍‌ପସନ୍ନେନ ଚେତସା ।
ଅରିୟପ୍‌ପବେଦିତେ ଧମ୍ମେ ସଦା ରମତି ପଣ୍ଡିତୋ ॥

(One who drinks deep of the Divine Law lives happy in the serenity of his soul. The wise always finds delight in the Divine Law as declared by those who have the Realisation.)

ଭାଗବତ ଧର୍ମ ଯେ ପାନ କରନ୍ତି, ସେ ସୁଖରେ ଆତ୍ମାର ପ୍ରସନ୍ନତାରେ ବାସ କରନ୍ତି । ସିଦ୍ଧପୁରୁଷମାନଙ୍କ ଦ୍ୱାରା ପ୍ରଚାରିତ ଭାଗବତ ଧର୍ମରେ ପଣ୍ଡିତ ବ୍ୟକ୍ତି ଆନନ୍ଦ ଲାଭ କରନ୍ତି ।

(୫)

ଉଦକଂ ହି ନୟନ୍ତି ନେତ୍ତିକା ଉସୁକାରା ନମୟନ୍ତି ତେଜନଂ ।
ଦାରୁଂ ନମୟନ୍ତି ତଚ୍ଛକା ଅତ୍ତାନଂ ଦମୟନ୍ତି ପଣ୍ଡିତା ॥

(The diggers bend the water to their will, the arrow-makers bend the arrow to their will, the carpenters bend the wood to their will, even so the wise bends his self to his will.)

ପୟଃପ୍ରଣାଳୀ ନିର୍ମାତା ଯଥେଚ୍ଛା ଜଳକୁ ପ୍ରବାହିତ କରନ୍ତି, ଶରନିର୍ମାଣକାରୀ ଶରର ଋଜୁତା ଇଚ୍ଛାନୁରୂପ ସମ୍ପାଦନ କରନ୍ତି, ସୂତ୍ରଧର କାଷ୍ଠକୁ ଇଚ୍ଛାନୁରୂପ ଆନତ କରନ୍ତି, ସେହିପରି ପଣ୍ଡିତ ବ୍ୟକ୍ତି ନିଜକୁ ନିଜର ସଂକଳ୍ପ ଅନୁଯାୟୀ ସଂଯତ କରନ୍ତି ।

(୬)

ସେଲୋ ୟଥା ଏକ ଘନୋ ବାତେନ ନ ସମୀରତି ।
ଏବଂ ନିନ୍ଦାପସଂସାସୁ ନ ସମିଞ୍ଜନ୍ତି ପଣ୍ଡିତା ॥

(As a solid rock is not shaken by the blast, even so the wise is not shaken by praise and blame.)

ଘନଶୈଳ ଯେପରି ବାତ୍ୟା ଦ୍ୱାରା ବିଚଳିତ ହୁଏ ନାହିଁ, ସେହିପରି ପଣ୍ଡିତଗଣ ନିନ୍ଦା ଓ ପ୍ରଶଂସା ଦ୍ୱାରା ବିଚଳିତ ହୁଅନ୍ତି ନାହିଁ ।

(୭)

ୟଥାପି ରହଦୋ ଗମ୍ଭୀରୋ ବିପ୍ପସନ୍ନୋ ଅନାବିଲୋ ।
ଏବଂ ଧମ୍ମାନି ସୁତ୍ୱାନ ବିପ୍ପସୀଦନ୍ତି ପଣ୍ଡିତା ॥

(As a deep lake is serene and clear, even so the wise listens to the Divine Law and attains serenity.)

ଗଭୀର, ଶାନ୍ତ, ନିର୍ମଳ ହ୍ରଦ ପରି ପଣ୍ଡିତଗଣ ଭାଗବତ ଧର୍ମ ଶ୍ରବଣପୂର୍ବକ ପ୍ରସନ୍ନ ହୁଅନ୍ତି ।

(୮)

ସବ୍‌ବତ୍‌ଥ ବେ ସପ୍‌ପୁରିସା ଚଜନ୍ତି
ନ କାମକାମା ଲପୟନ୍ତି ସନ୍ତୋ ।
ସୁଖେନ ଫୁଟ୍‌ଠା ଅଥବା ଦୁଖେନ
ନ ଉଚ୍ଚାବଚଂ ପଣ୍ଡିତା ଦସ୍‌ସୟନ୍ତି ॥

(The wise may go anywhere, but being wise they do not prattle of desires and longings. Whether touched by happiness or sorrow, the wise do not show any ups and downs.)

ପଣ୍ଡିତମାନେ ସର୍ବତ୍ର ଗମନ କରନ୍ତି, କିନ୍ତୁ ପଣ୍ଡିତ ହେବାରୁ ସେମାନେ କାମନାବାସନାଦିର ଜଳ୍ପନା କରନ୍ତି ନାହିଁ । ସୁଖ ଅଥବା ଦୁଃଖ ସ୍ପୃଷ୍ଟ ହୋଇ ସେମାନେ ଉଲ୍ଲସିତ ବା ଭଗ୍ନୋଦ୍ୟମ ହୁଅନ୍ତି ନାହିଁ ।

(୯)

ନ ଅତ୍ତହେତୁ ନ ପରସ୍‌ସ ହେତୁ
ନ ପୁତ୍ତମିଚ୍ଛେ ନ ଧନଂ ନ ରଟ୍‌ଠଂ ।
ନ ଇଚ୍ଛେୟ୍ୟ ଅଧମ୍ମେନ ସମିଦ୍ଧିମତ୍ତନୋ
ସ ସୀଲବା ପଞ୍ଞବା ଧମ୍ମିକୋ ସିୟା ॥

(Not for one’s own sake nor for the sake of others, shall one desire for a son or wealth or a kingdom. One must not either through the evil path desire for one’s prosperity. Then one becomes virtuous and wise and righteous.)

ଯେ ନିଜ ସକାଶେ ବା ପର ସକାଶେ ପୁତ୍ର, ଧନ ବା ରାଜ୍ୟ କାମନା କରେ ନାହିଁ, ଯେ ଅଧର୍ମ ମାର୍ଗରେ ନିଜର ସମୃଦ୍ଧି କାମନା କରେ ନାହିଁ; ତେବେ ସେ ଶୀଳବାନ୍, ପ୍ରଜ୍ଞାବାନ୍ ଓ ଧାର୍ମିକ ହୁଏ ।

(୧୦)

ଅପ୍‌ପକା ତେ ମନୁସ୍‌ସେସୁ ୟେ ଜନା ପାରଗାମିନୋ ।
ଅଥାୟଂ ଇତରା ପଜା ତୀରମେବାନୁଧାବତି ॥

(Few are they among men who reach the other shore, ordinary creatures run up and down along the shore only.)

ମନୁଷ୍ୟମାନଙ୍କ ମଧ୍ୟରେ ଯେଉଁମାନେ ଅପର ତୀରରେ ପହଞ୍ଚନ୍ତି ସେମାନଙ୍କର ସଂଖ୍ୟା ଅଳ୍ପ, ସାଧାରଣ ଲୋକେ କେବଳ ଏହି ତୀରରେ ଧାବମାନ ।

[ଅର୍ଥାତ୍, ଚରମ ଲକ୍ଷ୍ୟରେ ଉପନୀତ ହେବାର ଧୈର୍ଯ୍ୟ ଅଳ୍ପସଂଖ୍ୟକ ମନୁଷ୍ୟଙ୍କର ଅଛି । ସାଧାରଣ ମନୁଷ୍ୟମାନେ ସିଦ୍ଧିଲାଭରେ ଉଦ୍ୟମହୀନ । — ଅନୁବାଦକ]

(୧୧)

ୟେ ଚ ଖୋ ସମ୍ମଦକ୍‌ଖାତେ ଧମ୍ମେ ଧମ୍ମାନୁବତ୍ତିନୋ ।
ତେ ଜନା ପାରମେସ୍‌ସନ୍ତି ମଚ୍ଚୁଧେୟ୍ୟଂ ସୁଦୁତ୍ତରଂ ॥

(And they who follow the Divine Law as ordained, reach the other shore beyond the impassable domain of Death.)

କିନ୍ତୁ ଯେଉଁମାନେ ସୁପ୍ରଚାରିତ ଧର୍ମର ଅନୁବର୍ତ୍ତୀ ହୁଅନ୍ତି, ସେମାନେ ଦୁସ୍ତର ମୃତ୍ୟୁରାଜ୍ୟ ଅତିକ୍ରମ କରି ଅପର ତୀରରେ ପହଞ୍ଚନ୍ତି ।

(୧୨)

କଣ୍ହଂ ଧମ୍ମଂ ବିପ୍ପହାୟ ସୁକ୍କଂ ଭାବେଥ ପଣ୍ଡିତୋ ।
ଓକା ଅନୋକଂ ଆଗମ୍ମ ବିବେକେ ଯତ୍ଥ ଦୂରମଂ ॥

(Leaving the way of darkness, the wise man must cleave to the way of light. Leaving home, homeless he must come into the solitude where there are no pleasures.)

ତମସାଚ୍ଛନ୍ନ ପଥ ପରିତ୍ୟାଗ କରି, ପଣ୍ଡିତ ଆଲୋକର ପଥ ସହିତ ମିଳିତ ହେବେ । ଗୃହରୁ ନିଷ୍କ୍ରାନ୍ତ ଏବଂ ଗୃହହୀନ ହୋଇ ସେ ନିର୍ଜନ ଭୋଗହୀନ ସ୍ଥାନରେ ବାସ କରିବେ ।

(୧୩)

ତତ୍ରାଭିରତିମିଚ୍ଛେୟ୍ୟ ହିତ୍ୱା କାମେ ଅକିଞ୍ଚନୋ ।
ପରିୟୋଦପେୟ୍ୟ ଅତ୍ତାନଂ ଚିତ୍ତକ୍ଲେସେହି ପଣ୍ଡିତୋ ॥

(There he must seek happiness, abandoning desires, possessing nothing, the wise man must cleanse himself of all the impurities of the mind.)

ଭୋଗ ପରିହାର କରି, ଅକିଞ୍ଚନ ହୋଇ, ସେଠାରେ ଆନନ୍ଦ ପଣ୍ଡିତର ସ୍ପୃହଣୀୟ ହେବ; ସେ ସକଳ ମାନସିକ ଅଶୁଦ୍ଧିରୁ ନିଜକୁ ପରିଶୁଦ୍ଧ କରିବେ ।

(୧୪)

ୟେସଂ ସମ୍ବୋଧି-ଅଙ୍ଗେସୁ ସମ୍ମା ଚିତ୍ତଂ ସୁଭାବିତଂ ।
ଆଦାନ-ପଟିନିସ୍‌ସଗ୍‌ଗେ ଅନୁପାଦାୟ ୟେ ରତା ।
ଖୀଣାସବା ଜୁତୀମନ୍ତୋ ତେ ଲୋକେ ପରିନିବ୍‌ବୁତା ॥

(Those whose mind is well grounded on all the degrees of Enlightenment, freed from all attachment, who delight in detachment, shorn of appetites, resplendent, in this world itself, attain the Supreme Nirvana.)

ଯାହାଙ୍କର ମନ ସଂବୋଧି ଅଙ୍ଗସମୂହରେ ସୁପ୍ରତିଷ୍ଠିତ, ଯେଉଁମାନେ ସକଳ ଆସକ୍ତିରହିତ ହେବା ଯୋଗୁଁ କାମନାର ବିସର୍ଜନରେ ଆନନ୍ଦିତ ହୁଅନ୍ତି, ସେହି କ୍ଷୀଣାନୁରାଗ ଓ ତେଜସ୍ୱୀ ଲୋକମାନେ ଇହଲୋକରେ ନିର୍ବାଣ ଲାଭ କରନ୍ତି, ଅର୍ଥାତ୍ ପରମ ଆନନ୍ଦ ଲାଭ କରନ୍ତି ।

**ଶ୍ରୀମା'ଙ୍କ ଭାଷ୍ୟ :**

ଏଠାରେ ଗୋଟିଏ ବାକ୍ୟ ଅଛି ଯାହା ବିଶେଷ ସଙ୍ଗତ । ଏହି ପ୍ରଥମ ବାକ୍ୟଟିରେ ଉଲ୍ଲିଖିତ ହୋଇଅଛି ଯେ ଗୁପ୍ତଧନ ଦେଖାଇ ଦେବା ଭଳି ଯେ ଆମ୍ଭମାନଙ୍କର ତ୍ରୁଟି ଦେଖାଇ ଦିଅନ୍ତି, ସେହି ପଣ୍ଡିତ ବ୍ୟକ୍ତିଙ୍କର ସଙ୍ଗ ଅନ୍ୱେଷଣ କରିବା ଉଚିତ ।

ମାନବ-ପ୍ରଗତିର ସହାୟକ ସକଳ ଧର୍ମଗ୍ରନ୍ଥରେ କୁହାଯାଇଛି ଯେ ଯେଉଁମାନେ ତୁମର ତ୍ରୁଟିବିଚ୍ୟୁତି ଦେଖାଇ ଦିଅନ୍ତି ସେମାନଙ୍କ ପ୍ରତି କୃତଜ୍ଞ ହେବ ତଥା ସେମାନଙ୍କ ସଙ୍ଗଲାଭ ଆକାଙ୍‌କ୍ଷା କରିବ । କିନ୍ତୁ ଏଠାରେ ସେହି ବିଷୟଟି ଯେଉଁ ଭାବରେ ଉଲ୍ଲିଖିତ ହୋଇଅଛି ତାହା ବିଶେଷ ଉପଯୁକ୍ତ, ଅର୍ଥାତ୍ ବହୁମୂଲ୍ୟ ଦ୍ରବ୍ୟ ଦେଖାଇଦେବା ଭଳି ଯଦି ତୁମକୁ ତୁମର ତ୍ରୁଟି ଦେଖାଇ ଦିଆଯାଏ, ଅର୍ଥାତ୍ ପ୍ରତ୍ୟେକ ଥର ତୁମେ ଯେତେବେଳେ ତୁମର କୌଣସି ତ୍ରୁଟି, ଅକ୍ଷମତା, ଅଜ୍ଞାନତା, ଦୁର୍ବଳତା, କପଟତା, କ୍ରମୋନ୍ନତିର ବାଧାଜନକ ଯାବତୀୟ ବିଷୟ ଆବିଷ୍କାର କର, ସେତେବେଳେ ଏହା ହେଲା ଯେପରି ତୁମର ଏକ ଅପୂର୍ବ ସଂପଦର ଆବିଷ୍କାର ।

‘‘ଓଃ, ପୁଣି ମୋର ଗୋଟିଏ ତ୍ରୁଟି ଦେଖୁଛି’’– ଏପରି ନିଜକୁ ନ କହି ଏବଂ ତହିଁରେ ଦୁଃଖପ୍ରକାଶ ନ କରି, ତତ୍ ପରିବର୍ତ୍ତେ ଯେପରି ଗୋଟିଏ ଅପୂର୍ବ ବସ୍ତୁ ଲାଭ କରିବା ପରି ତୁମେ ଆନନ୍ଦିତ ହେବ । କାରଣ ତୁମର ପ୍ରଗତିରେ ବାଧାଦାନ କରୁଥିବା ବିଷୟମାନଙ୍କ ମଧ୍ୟରୁ ତୁମେ ଗୋଟିଏ ବିଷୟ ଧରିପାରିଛ ଏବଂ ଧରା ପଡ଼ିଥିବା ବସ୍ତୁଟିକୁ ଟାଣି ଫୋପାଡ଼ି ଦେବା ଉଚିତ । ଯେଉଁମାନେ ଯୌଗିକ ଶିକ୍ଷା ଅନୁସରଣ କରନ୍ତି, ସେମାନଙ୍କ ବିଚାରରେ ଯେଉଁ ମୁହୂର୍ତ୍ତରେ ନିଜର ଗୋଟିଏ ଅବିହିତ ବିଷୟ ଜଣାଯିବ, ସେତିକିବେଳେ ତାହାକୁ ଦୂର କରିବା, ବର୍ଜନ କରିବା, ବିନାଶ କରିବାର କ୍ଷମତା ତୁମର ଥିବା ପ୍ରୟୋଜନ ।

ଗୋଟିଏ ତ୍ରୁଟିର ଆବିଷ୍କାର ଅର୍ଥ ଗୋଟିଏ କୃତିତ୍ୱ ଅର୍ଜନ । ଏହା ଏକପ୍ରକାର ଆଲୋକ-ପ୍ରବାହ ଯାହା ଅନ୍ଧକାରାଚ୍ଛନ୍ନ ସ୍ଥାନରେ ପ୍ରବେଶ କରେ ଠିକ୍ ଯେଉଁ ସମୟରେ ସେଠାରୁ ସାମାନ୍ୟ ଅନ୍ଧକାର ଅପସାରିତ ହୋଇଥାଏ ।

ଯୌଗିକ ଶିକ୍ଷା ଅନୁସରଣ କରିବା ସମୟରେ ତୁମେ କୌଣସି ପ୍ରକାର ଦୁର୍ବଳତା, ଅଦୃଢ଼ତା ବା ଅନିଚ୍ଛା ଭାବ ମନରେ ପୋଷଣ କରିବ ନାହିଁ; କାରଣ ଏଥିଯୋଗୁଁ ଚେତନା ପଛରେ କର୍ମକ୍ଷମତା ନ ଥାଏ । ଗୋଟିଏ ବିଷୟକୁ ଅବିହିତ ଜାଣି ସୁଦ୍ଧା ବାରଂବାର ତାହାର ଆଚରଣ କରିବା ଦୁର୍ବଳତାର ଚିହ୍ନ ଏବଂ ଏହା କୌଣସି ମହତ୍ ସାଧନାରେ ସ୍ୱୀକୃତ ହୁଏ ନାହିଁ । ଏପରି କାର୍ଯ୍ୟ କରିବା ଅର୍ଥ ସଂକଳ୍ପର ଅଭାବ ଯାହା ସିଧା କପଟତା ଆଡ଼କୁ ଗତି କରେ । ତୁମେ ଯଦି ଜାଣ ଯେ ବିଷୟଟି ଅନୁଚିତ, ତାହାହେଲେ ସେହି ମୁହୂର୍ତ୍ତରେ ତାହା ଉପରେ ଆଧିପତ୍ୟ ବିସ୍ତାରପୂର୍ବକ ତାହା ନିବାରିତ କର । କାରଣ ଜ୍ଞାନ ଓ କର୍ମକ୍ଷମତା ମୁଖ୍ୟତଃ ଅଭିନ୍ନ; ଅର୍ଥାତ୍ ତୁମ ସତ୍ତାର କୌଣସି ଅଂଶରେ କ୍ରମୋନ୍ନତି ନିମନ୍ତେ କେନ୍ଦ୍ରୀୟ ସଂକଳ୍ପର ବିରୋଧକାରୀ କୌଣସି କୁପ୍ରବୃତ୍ତିର ଲେଶମାତ୍ର ଅବକାଶ ଦେବ ନାହିଁ । କାରଣ କୌଣସି ଅସଦ୍‌ବୃତ୍ତିର ବିନାଶ ଉଦ୍ଦେଶ୍ୟରେ ତାହାର ସମ୍ମୁଖୀନ ହେବାବେଳେ ସେପରି କୁପ୍ରବୃତ୍ତି ତୁମକୁ ଦୁର୍ବଳ, ନିରୁତ୍ସାହ ଓ ଅସମର୍ଥ କରେ ।

ଅଜ୍ଞାନତାଜନିତ ଅପରାଧ, ଅପରାଧ ନୁହେଁ । ତାହା ବର୍ତ୍ତମାନ ଜଗତ୍ ଯେପରି ଅଛି, ତାହାର ପ୍ରଚଳିତ ଅମଙ୍ଗଳର ଅଂଶଗତ । କିନ୍ତୁ ଜ୍ଞାନତଃ ଅପରାଧ କରିବା ବିପଜ୍ଜନକ । ଏହାର ଅର୍ଥ ଏହି ଯେ ଫଳ ମଧ୍ୟରେ ଥିବା କୀଟସଦୃଶ ତୁମର କୌଣସିଠାରେ କୁପ୍ରବୃତ୍ତିର ଗୋଟିଏ ଉପାଦାନ ଲୁକ୍‌କାୟିତ ରହିଅଛି ଯାହାକୁ ଯେକୌଣସି କଷ୍ଟସ୍ୱୀକାରପୂର୍ବକ ବହିଷ୍କୃତ ଓ ବିନଷ୍ଟ କରିବାକୁ ହେବ । କାରଣ ଏପରି ଦୁର୍ବଳତା ଯାବତୀୟ ବାଧାବିଘ୍ନ ସୃଷ୍ଟି କରେ ଏବଂ ପରବର୍ତ୍ତୀ କାଳରେ କେତେକ ସମୟରେ ତା’ର ପ୍ରତିକାର କରାଯାଇପାରେ ନାହିଁ ।

ସୁତରାଂ ସର୍ବପ୍ରଥମ ବିଷୟ ହେଲା ଯେ ଯେତେବେଳେ ତୁମେ କୌଣସି ବ୍ୟକ୍ତି ବା କୌଣସି ଘଟଣା ଯୋଗୁଁ ତୁମର ତ୍ରୁଟି ବିଷୟରେ – ଯାହା ତୁମେ ପୂର୍ବରୁ ଜାଣି ନ ଥିଲ – ପ୍ରତ୍ୟକ୍ଷ ଭାବରେ ସଚେତନ ହୁଅ, ସେତେବେଳେ ତୁମେ ସମ୍ପୂର୍ଣ୍ଣ ଭାବରେ ସୁଖୀ ହେବ । ଏଥିପାଇଁ ବିଳାପ କରିବା ପରିବର୍ତ୍ତେ ତୁମେ ଆନନ୍ଦିତ ହେବ ଏବଂ ଏହି ଆନନ୍ଦ ମଧ୍ୟରେ ଅବିହିତ ବିଷୟଟିକୁ ଦୂର କରିବା ନିମିତ୍ତ ଉପଯୁକ୍ତ ଶକ୍ତି ଲାଭ କରିବାକୁ ହେବ ।

(କ୍ରମଶଃ)

(“Mother’s Commentary on the Dhammapada”
ଶ୍ରୀମା’ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ,
ପୃଷ୍ଠା : ୬୨ - ୬୯)

ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ

ବେଦନା ହେଉଛି ଆମ ଜନନୀଙ୍କ ସ୍ପର୍ଶ – ଅଧିକରୁ ଅଧିକ ଉଲ୍ଲାସ ସହନ ଭିତରେ କେମିତି ଆମର ବିକାଶ ହେଉଥିବ, ସେହି ଦିଗରେ ଶିକ୍ଷା । ତାଙ୍କ ଶିକ୍ଷାଦାନର ତିନିଟି ପର୍ଯ୍ୟାୟ ରହିଛି । ପ୍ରଥମେ ସହ୍ୟ ଶକ୍ତି, ତା’ପରେ ଅନ୍ତରାତ୍ମାର ସମତା, ଶେଷରେ ଐକାନ୍ତିକ ଆନନ୍ଦ ।

(Thoughts and Aphorisms) – ଶ୍ରୀଅରବିନ୍ଦ

# ଅହଂ ଓ କାମନା ଦ୍ୱାରା କଳୁଷିତ ବିଶ୍ୱାସ

## (ମା'ଙ୍କ ସହ ପ୍ରଶ୍ନୋତ୍ତର)

''ମନ ଓ ପ୍ରାଣର ଅହମାତ୍ମକ ଶ୍ରଦ୍ଧା, ଯେଉଁ ଶ୍ରଦ୍ଧାକୁ ଉଚ୍ଚାଭିଳାଷ, ଗର୍ବ, ଆତ୍ମାଭିମାନ, ମନର ଦମ୍ଭ, ସ୍ୱେଚ୍ଛାଚାରିତା, ବ୍ୟକ୍ତିଗତ ଦାବି, ନିମ୍ନ ପ୍ରକୃତିର ସକଳ ତୁଚ୍ଛ ତୃପ୍ତିର କାମନା କଳୁଷିତ କରି ରଖିଛି, ସେ ଶ୍ରଦ୍ଧାର ଅନୁନ୍ନତ ଧୂମାଚ୍ଛନ୍ନ ଶିଖା ସ୍ୱର୍ଲୋକ ଦିଗରେ ଊର୍ଦ୍ଧ୍ୱକୁ ପ୍ରଜ୍ୱଳିତ ହୋଇଉଠେ ନାହିଁ ।''

('ମା' ପୁସ୍ତକ, ପୃଷ୍ଠା - ୧୨) — ଶ୍ରୀଅରବିନ୍ଦ

*ପ୍ରଶ୍ନ : ମନୋମୟ ସତ୍ତାରେ 'ଏକ ଅହମାତ୍ମକ ଶ୍ରଦ୍ଧା ବା ବିଶ୍ୱାସ' କିପରି ସମ୍ଭବ ?*

ଶ୍ରୀମା : ଶ୍ରୀଅରବିନ୍ଦ ଏହାର ଅତି ସୁନ୍ଦର ବର୍ଣ୍ଣନା ଦେଇଛନ୍ତି, ''ଉଚ୍ଚାଭିଳାଷ ଆଦି ଦ୍ୱାରା କଳୁଷିତ'' ଆଦି କଥା ପ୍ରୟୋଗ କରି । ମୋର ମନେ ହୁଏ ଏହି କଥାକୁ ଭିନ୍ନ ଭାବରେ ରଖିଲେ ତାହା ଅଧିକତର ସତ୍ୟ ହେବ । ଏପରି କୌଣସି ଶ୍ରଦ୍ଧା ଅଛି କି ଯେଉଁଥିରେ ଏହିସବୁ ଅପମିଶ୍ରଣ ଟିକେ ହେଲେ ନାହିଁ । କାରଣ ବାରଂବାର ପୁନରାବୃତ୍ତି କରି ଏହା କୁହାଯାଇଥାଏ ଯେ ଯଦି ଶ୍ରଦ୍ଧା ବା ବିଶ୍ୱାସ ପୂରାପୂରି ଶୁଦ୍ଧ ହୋଇଥାଏ, ତାହାହେଲେ ତାହା ଯେକୌଣସି କଥା କରିଦେବା ପାଇଁ ସମର୍ଥ, କୌଣସି କିଛି ତାହାକୁ ପ୍ରତିରୋଧ କରିପାରିବ ନାହିଁ । ଏହାର ଅର୍ଥ ହେଉଛି ଯଦି ଜଣକର ଏପରି ସଂପୂର୍ଣ୍ଣ ଶୁଦ୍ଧ ଓ ଅଖଣ୍ଡ ବିଶ୍ୱାସ ରହିଥାଏ ଯାହାକୁ କୌଣସି କାଳିମା ସ୍ପର୍ଶ କରି ନାହିଁ, ଯଦି ଏକ ଯଥାର୍ଥ ବିଶ୍ୱାସ, ବରଂ କହିବା ଯଦି ପ୍ରକୃତରେ ସେହି ଯଥାର୍ଥ ବିଶ୍ୱାସ ଥାଏ, ତା'ହେଲେ ତା' ପକ୍ଷେ କୌଣସି କିଛି ମଧ୍ୟ ଅସମ୍ଭବ ନୁହେଁ । ସେ କ୍ଷେତ୍ରରେ ଗୋଟିଏ ଦିନରେ ମଧ୍ୟ ତୁମେ ରୂପାନ୍ତରିତ ହୋଇଯାଇପାର, ଗୋଟିଏ ମୁହୂର୍ତ୍ତରେ ମଧ୍ୟ ଅତିମାନସର ଅବତରଣ କରାଇ ଦେଇପାର, ଯେକୌଣସି ଜିନିଷ ସଂପନ୍ନ କରିପାର, ତୁମ ପାଇଁ କିଛି ବି ଅସାଧ୍ୟ ନୁହେଁ, ତୁମର ଯଦି ସେଭଳି ବିଶ୍ୱାସ ଥାଏ ତୁମେ ସବୁକିଛି କରିଦେଇ ପାରିବ । କିନ୍ତୁ ଏହି ବିଶ୍ୱାସ ପୂରା ବିଶୁଦ୍ଧ ହେବାକୁ ହେବ, ତାହା ସହିତ ନିଜର କୌଣସି ବ୍ୟକ୍ତିଗତ ପ୍ରତିକ୍ରିୟା ବା ବ୍ୟକ୍ତିଗତ ଇଚ୍ଛାକୁ ମିଶାଇ ଦେଲେ ଚଳିବ ନାହିଁ ।

ଏକ ଅମଳିନ ଶୁଦ୍ଧ ବିଶ୍ୱାସ ହେଉଛି ସର୍ବଶକ୍ତିମାନ୍ ଓ ସଂପୂର୍ଣ୍ଣ ଅପ୍ରତିହତ । କିନ୍ତୁ ଏହିପରି ଅପ୍ରତିହତ ଓ ସର୍ବଶକ୍ତିମାନ୍ ବିଶ୍ୱାସ କ୍ୱଚିତ୍ ଦେଖିବାକୁ ମିଳେ; ଏହାହିଁ ଦେଖାଇଦିଏ ଯେ ସେହି ବିଶ୍ୱାସ ଯଥାର୍ଥରେ ଶୁଦ୍ଧ ନୁହେଁ । ପ୍ରଶ୍ନଟି ଏହିପରି ଭାବରେ ରଖାଯିବା ଉଚିତ : ଆମ ପ୍ରତ୍ୟେକଙ୍କର ଏକ ବିଶ୍ୱାସ ରହିଛି, କିଛିନା କିଛି ବିଷୟରେ ଏକ ବିଶ୍ୱାସ ରହିଛି, ଉଦାହରଣ ସ୍ୱରୂପ ଆମ ଭିତରେ ଭଗବତ୍ ଉପସ୍ଥିତି ସଂପର୍କରେ ଏକ ବିଶ୍ୱାସ ରହିଛି । ଆମ ବିଶ୍ୱାସ ଯଦି ଅମଳିନ ଓ ଶୁଦ୍ଧ ହୋଇ ଥାଆନ୍ତା ତା'ହେଲେ ଆମେ ନିଜ ଭିତରେ ଥିବା ଏହି ଭଗବତ୍ ଦିବ୍ୟ-ଉପସ୍ଥିତି ସଂପର୍କରେ ସଙ୍ଗେ ସଙ୍ଗେ ସଚେତ ହୋଇଉଠନ୍ତୁ । ଏହି ଉଦାହରଣଟି ବୁଝିବା ଖୁବ୍ ସହଜ । ତୁମର ବିଶ୍ୱାସ ରହିଛି ଅଥଚ ତୁମର ଅନୁଭୂତିଟି ନାହିଁ । କାହିଁକି ? କାରଣ ସେହି ବିଶ୍ୱାସ ସେହିପରି ଶୁଦ୍ଧ ନୁହେଁ । ଯଦି ସେହି ବିଶ୍ୱାସ ଯଥେଷ୍ଟ ଶୁଦ୍ଧ ହୋଇ ଥାଆନ୍ତା ତେବେ ତତ୍କ୍ଷଣାତ୍ ଅନୁଭୂତି ଲାଭର କାମଟି ସଂପନ୍ନ ହୋଇ ଯାଆନ୍ତା । ଏହା ଖୁବ୍ ସତ୍ୟ । ତେଣୁ ଯେତେବେଳେ ତୁମେ ସଚେତ ହୁଅ ଯେ ସଙ୍ଗେ ସଙ୍ଗେ ତୁମର ଦିବ୍ୟ ଉପଲବ୍ଧିଟି ଆସି ନାହିଁ, ତାହାର କାରଣ ଖୋଜି ନିଜକୁ ପଚାରିପାର, ''କାହିଁକି ମୋର ସେହି ଉପଲବ୍ଧିଟି ଆସି ନାହିଁ, ମୋ ବିଶ୍ୱାସରେ କେଉଁଠି ତ୍ରୁଟି ରହିଛି ? ସେହି ଧରଣର ଆନ୍ତରିକତା ନେଇ ତୁମେ ଯଦି ନିଜ ଭିତରକୁ ଦେଖି ଚାଲ ତେବେ ତୁମେ ଦେଖିବ ଯେ ତହିଁରେ ଅନେକ ଛୋଟ ଛୋଟ ଜିନିଷସବୁ ରହିଛି, ବହୁ ସଂଖ୍ୟାରେ ଏପରି ଛୋଟ ଛୋଟ ଜିନିଷ ରହିଛି — ଯେଉଁଗୁଡ଼ିକ କି ଏତେ ବଡ଼ ନୁହେଁ କିନ୍ତୁ ସେହି ଛୋଟ ଛୋଟ ଜିନିଷଗୁଡ଼ିକ ତୁମକୁ ଉପଲବ୍ଧିଠାରୁ ଦୂରକୁ ଠେଲିଦିଏ । ଅନେକ ସମୟରେ ଦେଖୁ ଏକପ୍ରକାର ଛୋଟ ଆତ୍ମାଭିମାନଟିଏ ଆସିଲା, ତା'ପରେ ଆସିଲା ଏକ କାମନା, ଖୁବ୍ ଉଗ୍ର କୌଣସି କାମନା ନୁହେଁ, ଏହା ନିଜକୁ ଖୁବ୍ ବେଶୀ ଦେଖାଏ ନାହିଁ । କିନ୍ତୁ ତୁମ ନିଜ ସଂପର୍କରେ ଏହା ଯେଉଁ ଗୁରୁତ୍ୱର ଭାବ ଆଣିଦିଏ, ଯେଉଁ କ୍ଷମତା ଆଣିଦିଏ ଏବଂ ତହିଁରୁ ତୁମକୁ ଯେଉଁ ସନ୍ତୋଷ ମିଳେ ...

('ମା' ବହି ପ୍ରସଙ୍ଗରେ, ପୃଷ୍ଠା, ୪୦-୪୧)

# ଦିବ୍ୟ-ଜଗତ୍ ପରିଚାଳନାରେ ଧ୍ୱଂସର ଦିଗ

## ଶ୍ରୀଅରବିନ୍ଦ

... କିନ୍ତୁ ତାଙ୍କର ଦିବ୍ୟ ଜଗତ୍ ପରିଚାଳନାରେ ଏକ କଠୋର ଦିଗ ମଧ୍ୟ ରହିଛି, ଯାହାକି ପ୍ରଥମରୁହିଁ ଆମ ସମ୍ମୁଖରେ ଉପସ୍ଥିତ ହୁଏ, ତାହା ହେଉଛି ଧ୍ୱଂସର ଦିଗ । ଏହାକୁ ଦେଖିବାକୁ ଅସ୍ୱୀକାର କରିବାର ଅର୍ଥ ହେଉଛି ଭଗବତ୍ ପ୍ରେମ, ଶାନ୍ତି ଓ ନିତ୍ୟତାର ପୂର୍ଣ୍ଣ ସତ୍ୟକୁ ଦେଖିବାରୁ ବଞ୍ଚିତ ହେବା ଏବଂ ଏପରିକି ତାହା ଉପରେ ଏକ ଆଂଶିକତା ଓ ଭ୍ରମର ଭାବ ଆରୋପ କରିବା । କାରଣ ଏହାକୁ ଯେଉଁ ଏକାନ୍ତ ସୁଖପ୍ରଦ ରୂପରେ ଉପସ୍ଥାପିତ କରାଯାଏ ତାହା ସହିତ ଆମେ ଯେଉଁ ଜଗତରେ ବାସ କରୁଛୁ ତା'ର ପ୍ରକୃତିର କୌଣସି ମେଳ ନାହିଁ ।

ଆମର ଏହି ଜଗତ୍ ହେଉଛି ସଂଗ୍ରାମ ଓ କଷ୍ଟକର ପ୍ରୟାସର ଏକ ଜଗତ୍, ଏହା ଭୟଙ୍କର, ବିପଜ୍ଜନକ ଧ୍ୱଂସକାରୀ ଓ ଗ୍ରାସକାରୀ ଏକ ଜଗତ୍; ଏଠାରେ ଜୀବନର ଅସ୍ତିତ୍ୱ ସଂଶୟସଂକୁଳ, ଏବଂ ମନୁଷ୍ୟର ଦେହ ଓ ଆତ୍ମା ଏଠାରେ ଭୟାନକ ବିପଦ ମଧ୍ୟରେ ଗତି କରୁଥାଏ । ଏହା ଏପରି ଏକ ଜଗତ୍ ଯେଉଁଠି କି ଆମର ପ୍ରତିଟି ପଦକ୍ଷେପ, ଆମର ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ, କୌଣସି ନା କୌଣସି ବସ୍ତୁକୁ ଦଳିତ ଓ ଚୂର୍ଣ୍ଣ-ବିଚୂର୍ଣ୍ଣ କରେ, ଏବଂ ଯେଉଁଠି ଜୀବନର ପ୍ରତିଟି ନିଃଶ୍ୱାସ ମରଣର ନିଃଶ୍ୱାସ ମଧ୍ୟ । ଯାହାକିଛି ଆମକୁ ଅଶୁଭ ବା ଭୀଷଣ ବୋଲି ପ୍ରତୀତ ହୁଏ, ସେସବୁର ଦାୟିତ୍ୱ କୌଣସି ଏକ ପ୍ରାୟ ସର୍ବଶକ୍ତିମାନ୍ ସଇତାନର କାନ୍ଧ ଉପରେ ଲଦି ଦେଲେ ଚଳିବ ନାହିଁ ବା ଏହାକୁ ପ୍ରକୃତିର କ୍ରିୟା ବୋଲି କହି ଉପେକ୍ଷା କଲେ ଚଳିବ ନାହିଁ । ଏପରି କରିବା ଅର୍ଥ ହେଉଛି ଭଗବତ୍ ପ୍ରକୃତି ଓ ଜାଗତିକ ପ୍ରକୃତି ମଧ୍ୟରେ ଏକ ଅନତିକ୍ରମଣୀୟ ବ୍ୟବଧାନ ସୃଷ୍ଟି କରିବା ଯେପରିକି ପ୍ରକୃତି ଭଗବାନଙ୍କଠାରୁ ସ୍ୱତନ୍ତ୍ର କିଛି । ଏ ସମସ୍ତ ଦାୟିତ୍ୱ ମନୁଷ୍ୟ ଓ ତା'ର ପାପ ଉପରେ ପକାଇ ଦେଲେ ଚଳିବ ନାହିଁ, ସତେ ଯେପରି ଏ ଜଗତର ନିର୍ମାଣ ସମ୍ବନ୍ଧରେ ମନୁଷ୍ୟର ମତାମତର ଖୁବ୍ ପ୍ରାଧାନ୍ୟ ଥିଲା ବା ସତେ ଯେପରି ସେ ଭଗବାନଙ୍କ ଇଚ୍ଛା ବିରୋଧରେ କିଛି ସୃଷ୍ଟି କରି ଦେଇପାରିବ । ଏଗୁଡ଼ିକ ହେଉଛି ନିଜକୁ ସାନ୍ତ୍ୱନା ଦେବା ପାଇଁ ଏକ ପ୍ରକାର ପ୍ରମାଦପୂର୍ଣ୍ଣ ବିଚାର, କିନ୍ତୁ ଭାରତର ଆଧ୍ୟାତ୍ମିକ ଚିନ୍ତାଧାରା କେବେହେଲେ ଏପରି ବିଚାରର ଆଶ୍ରୟ ନେଇ ନାହିଁ ।

ଆମକୁ ସାହସର ସହିତ ସିଧାସଳଖ ସତ୍ୟକୁ ଚାହିଁ ଦେଖିବାକୁ ହେବ ଏବଂ ଦେଖିବାକୁ ହେବ ଯେ ଆଉ କେହି ନୁହେଁ, ସ୍ୱୟଂ ଭଗବାନହିଁ ନିଜ ସତ୍ତା ମଧ୍ୟରେ ଏହି ଜଗତକୁ ନିର୍ମାଣ କରିଛନ୍ତି ଏବଂ ସେ ଏହାକୁ ଏହି ଭାବରେହିଁ ନିର୍ମାଣ କରିଛନ୍ତି । ଆମକୁ ଦେଖିବାକୁ ହେବ ଯେ ସ୍ୱୟଂ ପ୍ରକୃତିହିଁ ନିଜର ସନ୍ତାନମାନଙ୍କୁ ଗ୍ରାସ କରୁଛି, କାଳ ଜୀବସମୂହକୁ ଭକ୍ଷଣ କରୁଛି; ଏବଂ ସର୍ବବ୍ୟାପୀ ଅଲଂଘ୍ୟ ମୃତ୍ୟୁ ଓ ମନୁଷ୍ୟ ତଥା ପ୍ରକୃତି ଭିତରେ ଥିବା ରୁଦ୍ର ଶକ୍ତିର ଉଗ୍ର ପ୍ରଚଣ୍ଡତା – ଏସବୁହିଁ ସ୍ୱୟଂ ପରମ ଭଗବାନଙ୍କର ଅନ୍ୟତମ ବିଶ୍ୱରୂପ । ଆମକୁ ଦେଖିବାକୁ ହେବ ଯେଉଁ ଭଗବାନ୍ ଉଦାର ଓ ମୁକ୍ତହସ୍ତ ଅମିତ ସ୍ରଷ୍ଟା, ସର୍ବ-ସହାୟକ, ଶକ୍ତିମାନ୍ ଓ କରୁଣାମୟ ରକ୍ଷାକର୍ତ୍ତା, ସେହି ଭଗବାନହିଁ ପୁଣି ଭକ୍ଷଣକାରୀ ସଂହାରକ ଓ ଧ୍ୱଂସକର୍ତ୍ତା । ସୁଖ, ମାଧୁର୍ଯ୍ୟ ଓ ଆନନ୍ଦ ଯେପରି ତାଙ୍କରି ସ୍ପର୍ଶ, ସେହିପରି ଯେଉଁ ଦୁଃଖ, ଅଶୁଭ ଓ ସନ୍ତାପର ପୀଡ଼ନରେ ଆମେ ଦୁର୍ବିଷହ ଯନ୍ତ୍ରଣା ଭୋଗ କରୁ ତାହା ମଧ୍ୟ ତାଙ୍କରି ସ୍ପର୍ଶ । ଯେତେବେଳେ ଆମେ ପୂର୍ଣ୍ଣ ମିଳନର ଦୃଷ୍ଟି ନେଇ ଦେଖୁ ଏବଂ ଆମ ସତ୍ତାର ଗଭୀରରେ ଏହି ସତ୍ୟକୁ ଉପଲବ୍ଧି କରୁ କେବଳ ସେତେବେଳେହିଁ ଆମେ ଏହିସବୁ ଛଦ୍ମବେଶର ପଶ୍ଚାତରେ ସର୍ବ-ଆନନ୍ଦମୟ ଭଗବାନଙ୍କର ଶାନ୍ତ ଓ ସୁନ୍ଦର ମୁଖକୁ ପୂର୍ଣ୍ଣଭାବେ ଆବିଷ୍କାର କରିପାରୁ ଏବଂ ଆମର ଅପୂର୍ଣ୍ଣତାକୁ ପରୀକ୍ଷା କରୁଥିବା ଏହି ସବୁ ସ୍ପର୍ଶ ଭିତରେ ଆମେ ସଖାର ସ୍ପର୍ଶ ଓ ମନୁଷ୍ୟ ଆତ୍ମାର ନିର୍ମାତାର ସ୍ପର୍ଶ ଅନୁଭବ କରିପାରୁ । ଜଗତରେ ଯାହାସବୁ ଦ୍ୱନ୍ଦ୍ୱ-ବିରୋଧ ତାହା ଭଗବାନଙ୍କରହିଁ ଦ୍ୱନ୍ଦ୍ୱ-ବିରୋଧ ଏବଂ ସେସବୁକୁ ସ୍ୱୀକାର କରିନେବା ଦ୍ୱାରା ଏବଂ ସେସବୁର ଭିତର ଦେଇ ଅଗ୍ରସର ହେବା ଦ୍ୱାରାହିଁ ଆମେ ତାଙ୍କର ପରମ ସାମଞ୍ଜସ୍ୟ ଓ ସୁସାମ୍ୟର ମହତ୍ତର ସୁରସଂଗତି ଭିତରେ ତାଙ୍କର ବିଶ୍ୱାତୀତ ଓ ବିଶ୍ୱଗତ ଆନନ୍ଦର ଶିଖର ଓ ପୁଲକ ସ୍ପନ୍ଦିତ ଅନନ୍ତ ପ୍ରସାର ମଧ୍ୟରେ ଉପନୀତ ହୋଇପାରୁ ।

(ଗୀତା-ନିବନ୍ଧମାଳା, ପୃ. ୪୭୧ - ୭୩)

# ଯୋଗ ଓ ଦିବ୍ୟ ଯୋଜନାରେ ତାହାର ଭୂମିକା

## ଶ୍ରୀଅରବିନ୍ଦ

ଯୋଗ ହେଉଛି ଜୀବନର ବାଧାବିପତ୍ତିର ଗ୍ରନ୍ଥିମୋଚନ । ଶୁଦ୍ଧି, ମୁକ୍ତି, ସିଦ୍ଧି ଓ ଭୁକ୍ତି ହେଉଛି ଯୋଗର ଚାରିଟି ଗଠନକାରୀ ଉପାଦାନ । ମନ, ହୃଦୟ, ଜୀବନ ଓ ଶରୀରକୁ ଭଗବାନଙ୍କ କାମରେହିଁ ନିୟୋଜିତ କରିବାକୁ ହେବ । ପୃଥିବୀପୃଷ୍ଠରେ, ମଣିଷ ଭିତରେ ଆତ୍ମାର ତଥା ତାହାର ଆଲୋକ, ତାହାର ଶକ୍ତି, ତାହାର ଆନନ୍ଦ ଓ ତାହାର ଏକତ୍ୱର ଉନ୍ମୀଳନ ହେଉଛି ଦିବ୍ୟ ଯୋଜନାର ଏକ ସାର, ମୌଳିକ ଅଂଶ ଏବଂ ତାହାହିଁ ହେଉଛି ଜାଗତିକ ଓ ମାନବ ସୃଷ୍ଟିର ସୁସ୍ପଷ୍ଟ ଅନ୍ତର୍ନିହିତ ଉଦ୍ଦେଶ୍ୟ । ଜାଗତିକ ପ୍ରକୃତିର ପିଣ୍ଡମୂଳରୁ ଉତ୍ପନ୍ନ ହୋଇ ମନୁଷ୍ୟବର୍ଗ ଭିତରେ ଜୀବନ ପରିଣତ ହୁଏ ଈଶ୍ୱରତ୍ୱର ପୁଷ୍ଟ ଓ ପ୍ରାଣରସରେ । ସେହି ଈଶ୍ୱରତ୍ୱ ଭିତରକୁ ବିକଶିତ ହେବା, ଈଶ୍ୱରଙ୍କ ଭିତରେ ବାସ କରିବା ଏବଂ ବିଶ୍ୱଭାବ ଓ ଦିବ୍ୟଭାବସଂପନ୍ନ ବ୍ୟକ୍ତିରୂପର ମାଧ୍ୟମରେ ସକଳ କର୍ମସମ୍ପନ୍ନ କରିବା ହେଉଛି ଦିବ୍ୟ ଜୀବନ ଯାପନ କରିବାର ଚୂଡ଼ାନ୍ତ ସାର୍ଥକତା ।

ଏହି ଭାବରେହିଁ ଆମେ ଆମ ଆପାତ ବନ୍ଧନରୁ ଆମର ଯଥାର୍ଥ ମୁକ୍ତି ଭିତରକୁ ଉତ୍ଥିତ ହୋଇପାରୁ, ଯାହା ଏକ ଦ୍ୱୈତ ବିଭାବର ସମନ୍ୱୟ, ଆତ୍ମପ୍ରତିଷ୍ଠ ସ୍ୱାଧୀନତା ଏବଂ ପୂର୍ଣ୍ଣାଙ୍ଗ ଆତ୍ମକର୍ତ୍ତୃତ୍ୱ ଓ ପ୍ରଭୁତ୍ୱ, ସ୍ୱରାଜ୍ୟ ଓ ସାମ୍ରାଜ୍ୟ । ଅନନ୍ତ ଆଧ୍ୟାତ୍ମିକ ଚେତନାରେ ଅମରତ୍ୱ ହେଉଛି ଏକ ଦିବ୍ୟ ପ୍ରତିଷ୍ଠା । ଅମରତ୍ୱ ଓ ମୁକ୍ତିର ଅବସ୍ଥା ସତ୍ତାର ବିଶ୍ୱମୟତା ଭିତରକୁ ବ୍ୟକ୍ତିର ଏକ ଅନ୍ତର୍ଦ୍ଧାନ ନୁହେଁ କିଂବା କୌଣସି ଅନିର୍ଦ୍ଦେଶ୍ୟ ଅସ୍ତିତ୍ୱ ଭିତରକୁ ତାହାର ସମ୍ପୂର୍ଣ୍ଣ ବିଲୋପ ନୁହେଁ । ଏହା ଅହଂ ଭିତରେ ନିଜ ପାଇଁ ଜୀବନ ଧାରଣ ନୁହେଁ, ଏହା ହେଉଛି ଆମ ଭିତରେ ଥିବା ଭଗବାନଙ୍କ ପାଇଁ, ମନୁଷ୍ୟ ଭିତରେ ଥିବା ଭଗବାନଙ୍କ ପାଇଁ ଏବଂ ସେହି ପରମ ଏକ, ବିଶ୍ୱମୟ ଆତ୍ମାର ପୂର୍ଣ୍ଣାଙ୍ଗ ସଂଗତି ଭିତରେ ରହିଥିବା ଭଗବାନଙ୍କ ପାଇଁ ଜୀବନ ଧାରଣ କରିବା । ଏହା ହେଉଛି ନିଜ ଭିତରେ ସଚ୍ଚିଦାନନ୍ଦଙ୍କୁ ଧାରଣ କରିବା ଓ ବିଶ୍ୱ ଭିତରେ ତାହାଙ୍କୁ ପ୍ରକାଶ କରିବା । ଆମର ମରତ୍ୱର ଯାଥାର୍ଥ୍ୟ ପ୍ରତିପାଦିତ ହୁଏ କେବଳ ଆମ ଅମରତ୍ୱର ଆଲୋକରେ । କେବଳ ଊର୍ଦ୍ଧ୍ୱର ସ୍ୱର୍ଗଲୋକଗୁଡ଼ିକ ପ୍ରତି ନିଜକୁ ଉନ୍ମୋଚିତ କରିଦେବା ଦ୍ୱାରାହିଁ ପୃଥିବୀ ନିଜକୁ ପୂର୍ଣ୍ଣରୂପେ ଜାଣିପାରିବ । ବ୍ୟକ୍ତି ନିଜକୁ ଯଥାର୍ଥ ରୂପେ ଜାଣିପାରିବ ଏବଂ ଦିବ୍ୟ ଭାବରେ ନିଜକୁ ସଂସାରରେ ଉପଯୋଗ କରି ପାରିବ – କେବଳ ଯେତେବେଳେ ସେ ଆଲୋକର ଦର୍ଶନ ପାଇଥାଏ ଏବଂ ଭଗବାନଙ୍କ ଶକ୍ତି ଭିତରେ ଜୀବନ ଧାରଣ କରି ରହିଥାଏ ।

(ଶୁଦ୍ଧାନନ୍ଦ ଭାରତୀଙ୍କ ଲିଖିତ ତାମିଲ ପୁସ୍ତକ 'ଶ୍ରୀଅରବିନ୍ଦ ପ୍ରକାଶମ୍'
ପାଇଁ ୧୯୩୨ ଅକ୍ଟୋବର ପହିଲାରେ ପ୍ରଦତ୍ତ ବାର୍ତ୍ତା ।)

(Sri Aurobindo's action, Vol. 34, No. 9. Page. 3)

# କଥୋପକଥନ

## ନୀରଦବରଣ

ଯେଉଁମାନେ 'ଶ୍ରୀଅରବିନ୍ଦଙ୍କ ସହ କଥୋପକଥନ' ବା 'ସାନ୍ଧ୍ୟ ବୈଠକ' ପାଠ କରିଛନ୍ତି, ସେମାନେ ଅବଶ୍ୟ ଅନୁଭବ କରିଥିବେ ଯେ ଶ୍ରୀଅରବିନ୍ଦ ମହର୍ଷିଙ୍କ ପରି ବ୍ରହ୍ମର ଆନନ୍ଦମୟ ନୀରବତାରେ ଲୀନ ଏକ ସଂସାରବିରାଗୀ ନଥିଲେ କିଂବା ଆଳାପ ପ୍ରସଙ୍ଗରେ ଶ୍ରୀରାମକୃଷ୍ଣଙ୍କ ଭଳି କେବଳ ଆଧ୍ୟାତ୍ମିକ ବିଷୟ ଉପରେ କଥାବାର୍ତ୍ତା କରୁ ନଥିଲେ, ବସ୍ତୁତଃ ଆମର ଆଳାପ-ଆଲୋଚନା ବହୁ ବିଭିନ୍ନ ବିଷୟରେ ଏବଂ ବିଶ୍ୱବ୍ୟାପକ ଥିଲା । ତାଙ୍କର ବିଭିନ୍ନ ବିଷୟରେ ବିଶାଳ ଜ୍ଞାନ ଦେଖି ଆମ୍ଭେମାନେ ବିସ୍ମିତ ହେଉଥିଲୁ । ବାହ୍ୟ ସଂସାର ସହିତ ଶ୍ରୀଅରବିନ୍ଦଙ୍କ ଆୟାସପୂର୍ଣ୍ଣ ସଂପର୍କର ସୀମିତ ସମୟକୁ ଚାହିଁ ଏହି କଥାକୁ ବିଚାର କଲେ, ଏହି ପ୍ରଶ୍ନ କରିବାକୁ ଉତ୍ସୁକତା ଜାଗେ ଯେ ତାଙ୍କର ଜାଗତିକ ଜ୍ଞାନ କେତେଦୂର ବ୍ୟାବହାରିକ ଜଗତର ଅଭିଜ୍ଞତାର ଫଳସ୍ୱରୂପ ଏବଂ କେତେଦୂର ଏହା ତାଙ୍କ ଯୋଗର ପରିଣାମସ୍ୱରୂପ । ମୋତେ ଏକ ପତ୍ରରେ ସେ ଉଲ୍ଲେଖ କରିଥିଲେ, ''ମୋ ଚକ୍ଷୁରେ ଏଲୋପାଥି ଧୂଳି ପକାଇବାକୁ ଚେଷ୍ଟା କର ନାହିଁ, ସଂସାର ବିଷୟରେ ମୁଁ ଅନେକ କଥା ଜାଣେ ଏବଂ ଯୋଗସାଧନା ପରେ ବହୁ ଅଧିକ ଜାଣିବାକୁ ପାଇଲି ।'' ସୁତରାଂ ସେ ଯୋଗଦୃଷ୍ଟି ବଳରେ ଶାଶ୍ୱତଙ୍କ ମଧ୍ୟରେ ଯେଉଁ ଚିନ୍ତା ପ୍ରବାହିତ ହୁଏ, ତାହା ଧରି ପାରିଥିବେ ଏବଂ ତାହାରି ଫଳରେ ସେ ଉଭୟ ସାଂସାରିକ ଓ ଆଧ୍ୟାତ୍ମିକ ବିଷୟରେ ଅନନ୍ତ ଜ୍ଞାନଭଣ୍ଡାରର ଅଧିକାରୀ ହେଲେ । ତାଙ୍କର ଏକ ଚତୁର୍ଦ୍ଦଶପଦୀ କବିତାରେ ସେ କହିଛନ୍ତି, ''ସେହି ଜାଗ୍ରତ୍ ଦୃଷ୍ଟି ସମ୍ମୁଖରେ ବିଶ୍ୱ ପରେ ବିଶ୍ୱ ଖୋଲି ଯାଉଛି ।'' ଯାହା ତାଙ୍କ ମଧ୍ୟରେ ଘଟିଛି, ସେସମସ୍ତ ତାଙ୍କ ଯୋଗର ପରିଣାମ ବୋଲି ସେ ବରାବର ଉଲ୍ଲେଖ କରିଛନ୍ତି । ଥରେ ସେ କଥା ପ୍ରସଙ୍ଗରେ ଯାହା କହିଲେ, ତାହା ଶୁଣି ଆମ୍ଭେମାନେ ସ୍ତମ୍ଭୀଭୂତ ହୋଇଗଲୁ – ଯାହା ସେ ଲେଖିଛନ୍ତି, ତାହାର ଦଶଗୁଣ ଲେଖିଥିଲେ ବି ତାଙ୍କର ଜ୍ଞାନଭଣ୍ଡାର ଅସରନ୍ତି ହୋଇ ରହିଥାଆନ୍ତା । ଏ କଥା ଶୁଣି ଯେତେବେଳେ ଆମ୍ଭେମାନେ ଦୁଃଖର ସହିତ ପ୍ରତିବାଦ କରି କୁହାକୁହି ହେଲୁ ଯେ ଏତେଗୁଡ଼ାଏ ବିଶାଳ ଜ୍ଞାନ ଆମେ ପାଇପାରିଲୁ ନାହିଁ, ସେ ଉତ୍ତରରେ କହିଲେ, ''ମୁଁ ଯାହା ଲେଖିଛି, ପ୍ରଥମେ ତାହା ଅଭ୍ୟାସ କର ।''

ଅନ୍ୟ ଏକ ସମୟରେ ଜନୈକ ସାଧକ ତାଙ୍କୁ ପ୍ରଶ୍ନ କଲେ, କିପରି ସେ ସାତୋଟି ଭିନ୍ନ ଭିନ୍ନ ବିଷୟରେ ଏକ ସମୟରେ 'ଆର୍ଯ୍ୟ' ପତ୍ରିକାରେ ଲେଖୁଥିଲେ । ସେ ଉତ୍ତର ଦେଲେ ଯେ 'ଆର୍ଯ୍ୟ'ର ସାତଟା ସଂଖ୍ୟା ସେ ପ୍ରତି ମାସରେ ଲେଖି ପାରିବେ ଏବଂ ଏହିପରି ଭାବରେ ସତୁରି ବର୍ଷ କାଳ ସେ ଲେଖି ପାରିବେ ଏବଂ ତଥାପି ମଧ୍ୟ ଊର୍ଦ୍ଧ୍ୱରୁ ଆସୁଥିବା ଜ୍ଞାନ ସରିପାରିବ ନାହିଁ । ଶ୍ରୀମା ମଧ୍ୟ କହୁଥିଲେ ଯେ ଶ୍ରୀଅରବିନ୍ଦ ଏକ ସଂପୂର୍ଣ୍ଣ ନୀରବ ମନରୁ ଆର୍ଯ୍ୟ ପତ୍ରିକାରେ ଲେଖୁଥିଲେ । ସବୁକିଛି ସିଧାସଳଖ ଭାବରେ ଆସୁଥିଲା ଏବଂ ସେ ଟାଇପ୍‌ରାଇଟର ପାଖରେ ବସି ଟାଇପ୍ କରୁଥିଲେ । ତାହା ନହେଲେ ପ୍ରତି ମାସରେ ୭୫ ପୃଷ୍ଠା ଲେଖିବା ସମ୍ଭବପର ହୋଇ ପାରି ନଥା'ନ୍ତା । ଯଥାର୍ଥରେ କହିଲେ ମାସର ଶେଷ ସପ୍ତାହରେ ସେ ଟାଇପ୍ ମେସିନ୍ ପାଖକୁ ଆସୁଥିଲେ ଏବଂ ଟାଇପ୍ କରୁଥିଲେ । ଅମୃତ (ମ୍ୟାନେଜର)ଙ୍କୁ କୁହା ହୋଇଥିଲା ଯେ 'ଆର୍ଯ୍ୟ' ପ୍ରେସକୁ ପଠାଯିବାର ଏକ ସପ୍ତାହ ପୂର୍ବରୁ ତାଙ୍କୁ ମନେ ପକାଇ ଦେବାକୁ ହେବ । ଅମୃତ ଯେବେ ଏହା ସୂଚାଇ ଦିଅନ୍ତି, ଶ୍ରୀଅରବିନ୍ଦ ହରକ୍ୟୁଲସ୍ ପରିଶ୍ରମ ଆରମ୍ଭ କରିଦିଅନ୍ତି ଏବଂ ଅକ୍ଳେଶରେ ସମାପ୍ତ କରନ୍ତି । ତାଙ୍କ କବିତାର ସେହି ଅଂଶଟି – ''ଅସୁର ମଦିରା ତୁଲ୍ୟ ଅନନ୍ତଙ୍କୁ କରିଛି ମୁଁ ପାନ ।'' – ଉକ୍ତିଟି ତାଙ୍କର ଏହି ଆଶ୍ଚର୍ଯ୍ୟଜନକ ଘଟଣାର ପରିଚାୟକ ।

ସୁତରାଂ ଏହି ପରମ ଜ୍ଞାନ ଓ ଯୌଗିକ ଉଦ୍‌ଭାଷଣର ଝରଣାରୁ ଆମକୁ ଦିନରାତି ପାନ କରିବାର ଅପୂର୍ବ ସୁଯୋଗ ବର୍ଷ ପରେ ବର୍ଷ ମିଳିଥିଲା । ଯଦି ଆମ୍ଭେମାନେ ଏହାଠାରୁ ଅଧିକ ପାଇପାରି ନାହୁଁ, ତାହାର କାରଣ ନୁହେଁ ଯେ ସେ ଏହାର ରାସ୍ତା ବନ୍ଦ କରି ଦେଇଥିଲେ, ବରଂ ଆମର କ୍ଷୁଦ୍ର କ୍ଷୁଦ୍ର ପାତ୍ରରେ ଅଧିକ କିଛି ରହିବା ସମ୍ଭବ ନ ଥିଲା । ଏଥିରୁ ସ୍ପଷ୍ଟ ବୁଝାଯିବ ଯେ ତାଙ୍କର ଦିବ୍ୟ ମାନବିକ ରୂପର ନୀରବ ସାନ୍ନିଧ୍ୟ ବ୍ୟତୀତ ତାଙ୍କ ସଙ୍ଗେ 'କଥୋପକଥନ'ହିଁ ଆମର ବହୁ ଆକାଙ୍‌କ୍ଷିତ ଗଭୀର ସଂପର୍କର ଅନ୍ୟତମ ଦିଗ ।

ତଥାପି ଏହିସବୁ ବିଷୟ ଅତି ଅପ୍ରତ୍ୟାଶିତ ଭାବରେ ଆସିଥିଲା, କାରଣ ଆମ୍ଭେମାନେ କେବଳ 'ଦର୍ଶନ' ବେଳେ ଶ୍ରୀଅରବିନ୍ଦଙ୍କୁ ଦେଖି ଭାବିଥିଲୁ ଯେ ସେ ତାଙ୍କ 'ଦିବ୍ୟ ଜୀବନ'

ଗ୍ରନ୍ଥ ତୁଲ୍ୟ ସୁଉଚ୍ଚ ଓ ଗମ୍ଭୀର, 'ଯୋଗସମନ୍ୱୟ' ଗ୍ରନ୍ଥ ତୁଲ୍ୟ ଅତି ଦୂରସ୍ଥ, ହୁଏତ ତାଙ୍କ ପାଖରେ ପଶିବା ଅସମ୍ଭବ । କେବଳ ଦେବଗଣ ତାଙ୍କ ପାଖକୁ ଯାଇ ପାରୁଥିବେ । ତାଙ୍କର 'ଗୀତା-ନିବନ୍ଧମାଳା' ତୁଲ୍ୟ ସେ ଆମ ପରି ମର୍ତ୍ତ୍ୟବାସୀଙ୍କ ସଙ୍ଗେ ଘନିଷ୍ଠ ନୁହନ୍ତି ବା ତାଙ୍କ ପାଖରେ ପହଞ୍ଚି ପାରିବା ସମ୍ଭବ ନୁହେଁ । ଆମ୍ଭମାନଙ୍କ ମଧ୍ୟରୁ କେତେକେ ତାଙ୍କ ମାନବିକ ଦିଗକୁ ତାଙ୍କ ଲିଖିତ ଅମୂଲ୍ୟ ପତ୍ରାବଳି ମାଧ୍ୟମରେ ଜାଣିବାକୁ ସୁଯୋଗ ପାଇଥିଲେ । ଏହି ପତ୍ରାବଳିକୁ ଆଶ୍ରୟ କରି ମୁଁ ତାଙ୍କୁ ଲେଖିଥିଲି, ''ଦର୍ଶନ ବେଳେ ଆପଣ ଗମ୍ଭୀର ଓ କଠୋର ଦିଶନ୍ତି ବୋଲି ମୁଁ କହିଥିଲି, ଆପଣ ମୋତେ ଗାଳି ଦେଇଥିଲେ । କିନ୍ତୁ ଦେଖନ୍ତୁ, ଆମ୍ଭେମାନେ ଯେତେବେଳେ ମା'ଙ୍କ ପାଖକୁ ଯାଉ ସେ କେତେ ଆଦରରେ ଆମ ପ୍ରତି ସ୍ମିତହାସ୍ୟ ପ୍ରଦାନ କରନ୍ତି; ଆଉ ଆପଣ ସେହି ମହାନ୍, ଯେ ପାଖରେ ଥାଇ ମଧ୍ୟ ବହୁଦୂରସ୍ଥ ପରି ବୋଧ ହୁଅନ୍ତି । ଏପରିକି ଅଲିମ୍ପିକ ଉଚ୍ଚତାରେ ଥିବା ଭଳି ବୋଧ ହୁଅନ୍ତି । ଯେ ଏତେ ଉଚ୍ଚରେ, ସେ ଗମ୍ଭୀର କି ହାସ୍ୟମୁଖର ତାହା ଜାଣିବା କଷ୍ଟକର । ଦେବତାମାନଙ୍କ ସମ୍ବନ୍ଧରେ ଆମର ଯେଉଁ ଧାରଣା, ତାହା ବୋଧହୁଏ ଏପରି ମୂର୍ତ୍ତି ଦର୍ଶନ କରି ହୋଇଥିବ ।'' ଶ୍ରୀଅରବିନ୍ଦ ଉତ୍ତର ଦେଲେ – ''ଗମ୍ଭୀରତା ନୁହେଁ କିଂବା ହାସ୍ୟମୁଖରତା ନୁହେଁ, ବରଂ ଏକ ବିଶାଳ, ସହଜ, ପ୍ରଶାନ୍ତ, ସୌହାର୍ଦ୍ଦ୍ୟପୂର୍ଣ୍ଣ ଅବସ୍ଥା । ଦେବଗଣ କ'ଣ କେବେ ବନ୍ଧୁଭାବାପନ୍ନ ହୁଅନ୍ତି ନାହିଁ କି ?'' ଏବଂ ତାଙ୍କର ବନ୍ଧୁଭାବାପନ୍ନ ଅବସ୍ଥାଟି ପରେ ଆମର କଥାବାର୍ତ୍ତାରେ ସମ୍ମୁଖକୁ ଆସିଥିଲା । ଆମେ ପରେ ଜାଣିଲୁ ଯେ ଶ୍ରୀଅରବିନ୍ଦ ତାଙ୍କର ଯୁବକ ଶିଷ୍ୟମାନଙ୍କୁ ନେଇ ଆଶ୍ରମ ପ୍ରତିଷ୍ଠାର ବହୁପୂର୍ବରୁ 'ସାନ୍ଧ୍ୟ ବୈଠକ' କରୁଥିଲେ । କିନ୍ତୁ ଆମ୍ଭମାନଙ୍କର ଆଳାପ-ଆଲୋଚନା ତାହାଠାରୁ ଅଧିକ ଥିଲା – ଏହା ଅଧିକ ପରିମାଣରେ ସ୍ୱତଃସ୍ଫୂର୍ତ୍ତ, ସହଜ, ସାବଲୀଳ, ବନ୍ଧୁତ୍ୱପୂର୍ଣ୍ଣ ଓ ବହୁ ବିଭିନ୍ନ ବିଷୟକ ଥିଲା, କାରଣ ଏହା ଏକ ଅନନ୍ୟ ପରିସ୍ଥିତିରେ ସଂଘଟିତ ହୋଇଥିଲା । ଆମ ସମୟରେ ବା ତା' ପୂର୍ବରୁ ଶ୍ରୀଅରବିନ୍ଦଙ୍କ ବାକ୍ୟରେ କିଛି କହିବା ଆବଶ୍ୟକ ନଥିଲା । ଏହା ମୋର ବିଶ୍ୱାସ ଯେ ସେ ଆମମାନଙ୍କ ସହିତ ଦୟାପରବଶ ହୋଇ କଥାବାର୍ତ୍ତା କରୁଥିଲେ । ଆମ୍ଭେମାନେ ତାଙ୍କର ଯେଉଁ ସେବା କରୁଥିଲୁ, ତାହାର ପ୍ରତିଦାନରେ ସେ ହୁଏତ ଆମକୁ କଥାବାର୍ତ୍ତା ଦ୍ୱାରା ଆପ୍ୟାୟିତ କରିବାକୁ ସ୍ୱୀକୃତ ହୋଇଥିଲେ । ମୁଁ ଏଠାରେ ଏତିକି କହିପାରେ ଯେ କେହି ଭଗବାନଙ୍କର ସାମାନ୍ୟତମ ସେବା କରିଥିଲେ ବି ସେ ତାହାକୁ ପ୍ରଚୁର ପୁରସ୍କାର ଦିଅନ୍ତି ।

ପ୍ରଥମ କେତେଦିନର କେତେକ ଅସୁବିଧା ଓ ଡାକ୍ତରଙ୍କ କଠିନ ନିୟମର ଅଧୀନ ହେଲା ପରେ ସେ ତାଙ୍କର ନୂତନ ଜୀବନ ସହିତ ନିଜକୁ ଖାପ ଖୁଆଇ ନେଲେ ଏବଂ ତା'ପରେ ଆମର କଥାବାର୍ତ୍ତା ଆରମ୍ଭ ହେଲା । ପ୍ରଥମେ କଥାବାର୍ତ୍ତା ଆରମ୍ଭ ହେଲା ଡାକ୍ତରୀ ପ୍ରଶ୍ନ ରୂପେ । ଠିକ୍ ସକାଳେ ଡାକ୍ତର ମଣିଲାଲ (ସେ ଆଶ୍ରମ ପରିସରର ବାହାରେ ରହୁଥିଲେ) ଶ୍ରୀଅରବିନ୍ଦଙ୍କ କକ୍ଷକୁ ଆସନ୍ତି ଓ ଶାୟିତ ଶ୍ରୀଅରବିନ୍ଦଙ୍କର ଖଟ ସମ୍ମୁଖରେ ହାତଯୋଡ଼ି ଛିଡ଼ାହୋଇ ରହନ୍ତି । ସେ ପ୍ରଣାମ କରି ସାରିଲା ପରେ ସହାସ୍ୟ ବଦନରେ ଶ୍ରୀଅରବିନ୍ଦଙ୍କୁ ପଚାରନ୍ତି – ''ଆପଣ କିପରି ଅଛନ୍ତି ? ଆପଣଙ୍କର ସୁଖନିଦ୍ରା ହୋଇଥିଲା ତ ?'' – ଏସବୁର ଶ୍ରୀଅରବିନ୍ଦ ଖୁବ୍ ସଂକ୍ଷିପ୍ତ ଉତ୍ତର ଦିଅନ୍ତି । ଏହିପରି କ୍ଷୁଦ୍ର ଉପକ୍ରମଣିକା ସରିବା ପରେ ଆଳାପର ଜଳପ୍ରବାହ ଆରମ୍ଭ ହୁଏ ।

ପ୍ରାୟ ସନ୍ଧ୍ୟା ସାତଟା ବେଳେ ଆମ୍ଭମାନଙ୍କ କାର୍ଯ୍ୟ ଶେଷ ହେବା ପରେ ଶ୍ରୀଅରବିନ୍ଦ ବିଛଣା ଉପରେ ଶୟନ କରିଥାଆନ୍ତି । ଗୋଟିଏ କ୍ଷୁଦ୍ର ବୈଦ୍ୟୁତିକ ଆଲୋକ ମିଞ୍ଜିମିଞ୍ଜି ଜଳୁଥାଏ । ମୁଁ ବାହାରକୁ ଯାଇଥାଏ । ଯେତେବେଳେ ଉପରକୁ ଆସିଲି, ଦେଖିଲି ଆମ ଗୋଷ୍ଠୀଟି ଶ୍ରୀଅରବିନ୍ଦଙ୍କ ଶଯ୍ୟାର ବାମ ପାଖରେ ବସିଛନ୍ତି ଏବଂ ଫୁସ୍‌ଫାସ୍ କଥାବାର୍ତ୍ତା ହେଉଛନ୍ତି । ଶ୍ରୀଅରବିନ୍ଦ ନିଜେ କଥାବାର୍ତ୍ତା କରୁଥିଲେ । ମୁଁ ଏହି ଗୋଷ୍ଠୀ ସଙ୍ଗେ ତତ୍‌କ୍ଷଣାତ୍ ଯୋଗ ଦେଲି, କିନ୍ତୁ ବେଶୀ ପାଖକୁ ଯାଇ ପାରିଲି ନାହିଁ । ସମସ୍ତେ ଅତି ଧୀରସ୍ଥିର ଭାବେ ଶୁଣୁଥିଲେ । ଯଦିଓ ସେମାନେ ମୋ ପହଞ୍ଚିବା ଅନୁମାନ କରିଥିଲେ, ତଥାପି ସେମାନଙ୍କ ପାଖରେ ବସିବାକୁ ଆଉ ଜାଗା ନଥିଲା । ତାଙ୍କର ଦୀର୍ଘସମୟ ଧରି କଥାବାର୍ତ୍ତା କରିବା ଏହାହିଁ ପ୍ରଥମ ଥର । ଯେହେତୁ ଆମ୍ଭେମାନେ ତାଙ୍କ ଅନୁଚ୍ଚ ସ୍ୱର ଉଚ୍ଚାରଣ ପ୍ରତି ଅଭ୍ୟସ୍ତ ନଥିଲୁ, ଆମେ କଷ୍ଟ କରି କାନ ଡେରି ତାଙ୍କର ଶବ୍ଦକୁ ଧରି ପାରୁଥିଲୁ । ତଥାପି ମୁଁ ଅନେକ ଶବ୍ଦ ହରାଇ ବସୁଥିଲି । ଅନେକେ ତାଙ୍କର କଣ୍ଠଶବ୍ଦ କିପରି ପଚାରିଛନ୍ତି । ଏପରି ସୂକ୍ଷ୍ମ ବସ୍ତୁକୁ କୌଣସି ପ୍ରକାରେ ପ୍ରକାଶ କରିବାକୁ ଉପାୟ ନ ଥିବାରୁ ମୋର ଭୟ ହେଉଛି ମୁଁ ଏହାକୁ ଠିକ୍ ଠିକ୍ ବର୍ଣ୍ଣନା କରିପାରିବି ନାହିଁ କିଂବା ଯଥାର୍ଥରେ କେଉଁ ଶବ୍ଦ ତୁଲ୍ୟ ତାହା ବି କହି ପାରିବି ନାହିଁ । ଅତି ନିକଟତମ ବର୍ଣ୍ଣନା ହେଉଛି ତାଙ୍କ କଣ୍ଠଶବ୍ଦ ପୁରୁଷୋଚିତ କିନ୍ତୁ ନରମ, କେହି କେହି ଏହାକୁ ସଂଗୀତମୟ

କହନ୍ତି — ଅନୁଚ୍ଚ ଧୀର, ପରିମିତ ଏବଂ ସେଥିରେ ଏକ ସ୍ୱଷ୍ଟ ଇଂରାଜୀ ଢାଞ୍ଚାର ଉଚ୍ଚାରଣ ଥିଲା । ତାଙ୍କର ନିକଟ ସମ୍ପର୍କରୁ ମୋର ଏହି ଧାରଣା ହୋଇଛି ।

ଶ୍ରୀମା' ତାଙ୍କ 'ଧ୍ୟାନ ଓ ପ୍ରାର୍ଥନା' ପୁସ୍ତକରେ ପ୍ରଭୁଙ୍କର କଣ୍ଠବାଣୀ ବୋଲି ଯାହା ବର୍ଣ୍ଣନା କରିଛନ୍ତି, ତାହା ଶ୍ରୀଅରବିନ୍ଦଙ୍କ ପ୍ରତି ପ୍ରଯୁଜ୍ୟ ହୋଇପାରେ । ୧୯୧୩ ମସିହା ଜୁନ୍ ୨୭ ତାରିଖ ପ୍ରାର୍ଥନାରେ ମା' ଲେଖିଛନ୍ତି, ''ହେ ପ୍ରଭୁ, ତୁମର କଣ୍ଠସ୍ୱର ତା'ର ଧୈର୍ଯ୍ୟ ଓ ଅନୁକମ୍ପାରେ ଏତେ ନମ୍ର, ନିରପେକ୍ଷ ଓ ଉନ୍ନତ ଯେ ତାହା ଶ୍ରୁତିରେ କୌଣସି ପ୍ରଭୁତ୍ୱ ବା ସଂକଳ୍ପଶକ୍ତିର ପ୍ରଭାବ ସୃଷ୍ଟି କରେ ନାହିଁ । ଏହା ଶୁଦ୍ଧ ଶୀତଳ ମୃଦୁ ସମୀରଣ ପରି । ଏକ ବେସୁରା ଗୀତ ବିତାନରେ ଏହା ଭରିଦିଏ ସ୍ୱଚ୍ଛ କଳକଳ ଶବ୍ଦର 'ମୂର୍ଚ୍ଛନା ମାଧୁରୀ' । ଯେ ସେହି ସଂଗୀତ ଶ୍ରବଣ କରିବାର ଓ ସେହି ସମୀରଣ ସେବନ କରିବାର ଜ୍ଞାନ ଲାଭ କରିଛି, ତା' ପାଇଁ ଏଥିରେ ଏତେ ଶ୍ରୀସମ୍ପଦ, ସୁରଭିତ ଶୁଦ୍ଧ ପ୍ରଶାନ୍ତି ଓ ସମୁନ୍ନତ ମହିମା ଥାଏ ଯେ ସକଳ ପ୍ରକାର ଅବାସ୍ତବତାର ଅତିରଞ୍ଜନ ଅଦୃଶ୍ୟ ହୋଇଯାଏ, ଅଥବା ତାହା ଦୃଷ୍ଟି ସମ୍ମୁଖରେ ପ୍ରତିଭାତ ବିସ୍ମୟକର ସତ୍ୟର ସାନନ୍ଦ ସ୍ୱୀକୃତିରେ ରୂପାନ୍ତରିତ ହୋଇଯାଏ ।''

ଅତି ଦୁଃଖର କଥା ଆମେ ତାଙ୍କ କଣ୍ଠଶବ୍ଦର ରେକର୍ଡ଼ିଂ ରଖି ନାହୁଁ । ଏଥିପାଇଁ ଲୋକେ ଆମକୁ ଏକାନ୍ତ ତାମସିକ ଉଦାସୀନ ବୋଲି ଗାଳି ଦେଉଛନ୍ତି । କିନ୍ତୁ ସେତେବେଳେ କୌଣସି ପ୍ରକାର ରେଡ଼ିଓ, ବିଦ୍ୟୁତ୍ ପଙ୍ଖା ନଥିଲା । ଏପରିକି ମା'ଙ୍କର ଗୋଟିଏ ଫଟୋ ନେବା ପାଇଁ ମଧ୍ୟ ବାରଣ ଥିଲା । ମୁଁ ଏକଥା ବି ଶୁଣିଛି ଯେ, ଥରେ ମା ଆମର ଆଶ୍ରମ ଭଲିବଲ ଖେଳାଳିଙ୍କ ସହିତ ବାହାର ଭଲିବଲ ଦଳର ଏକ ମ୍ୟାଚ୍ ଦେଖିବାକୁ ଯାଇଥିଲେ । ସେଠାରେ କେହି ଜଣେ ମା'ଙ୍କର ଫଟୋ ଉଠାଇ ତାକୁ ସ୍ଥାନୀୟ ଫଟୋଗ୍ରାଫର ପାଖକୁ ଛପାଇବା ଉଦ୍ଦେଶ୍ୟରେ ନେଇଥିଲେ । ସେହି ଫଟୋଗ୍ରାଫର ସହିତ ଆମର ଜଣାଶୁଣା ଥିଲା । ମା' ଏକଥା ଜାଣିପାରି ସଙ୍ଗେ ସଙ୍ଗେ ତାହା ବନ୍ଦ କରିଦେଲେ ।

ଆଉ କିଏ ବା ଭାବିଥିଲା ଶ୍ରୀଅରବିନ୍ଦ ଏତେ ଶୀଘ୍ର ଦେହତ୍ୟାଗ କରିବେ !

(କ୍ରମଶଃ)

('ଶ୍ରୀଅରବିନ୍ଦଙ୍କ ସହ ବାରବର୍ଷ'ରୁ ସଂଗୃହୀତ : ପୃଷ୍ଠା : ୧୯୨-୧୯୬)

The Avatar: the supreme Divine manifested in an earthly form — generally a human form—for a definite purpose.

(CWM, Vol. 15, p. 18) – The Mother

*With best compliments from* :

**AUM SWASTIK FOODS**

**MAITAPUR, BALASORE, ODISHA**

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :**

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ନିୟନ୍ତ୍ରିତ ସ୍ୱାଧୀନତା

ବର୍ତ୍ତମାନର ଠିକ୍ ଏହି ମୁହୂର୍ତ୍ତ, ଯେତେବେଳେ ଆମ ରାଜନୈତିକ ଚିନ୍ତାଧାରା ଓ ଆଦର୍ଶଗୁଡ଼ିକ ଏଭଳି ଏକ ପରିବର୍ତ୍ତନ ଭିତର ଦେଇ ଗତି କରୁଛି ଆଉ ଯାହା ତୁଳନାରେ ଆଗରୁ କୌଣସି ସମୟରେ ଭାରତର ଦେଶୀୟ ରାଜକୁମାରମାନଙ୍କର ସମ୍ପୂର୍ଣ୍ଣ ନିଃସହାୟତା ଓ ଶୋଚନୀୟ ନୈତିକ ଅଧୋଗତି ଅଧିକ ଜଳଜଳ କରି ପରିସ୍ଫୁଟ ହୋଇ ନଥିଲା । 'ଡେଲି ନିଉଜ୍' ଲେଖିଛି : ''ଏକଥା ଜାଣି ମନ ତୃପ୍ତିରେ ଭରିଯାଉଛି ଯେ ଭାରତ ସରକାରଙ୍କ ଠିକ୍ ପରେ ପରେ କିଛି ଦେଶୀୟ ରାଜ୍ୟ ମୋଟ ଉପରେ ରାଜନୈତିକ ବିକ୍ଷୋଭ ନହେଲେ ବି ରାଜଦ୍ରୋହର ଦମନ ନୀତିକୁ ଅନୁସରଣ କରି ଚାଲିଛନ୍ତି । ଶ୍ରୀନଗରରୁ ଖବର ଆସି ପହଞ୍ଚିଛି ଯେ କାଶ୍ମୀରର ମହାମାନ୍ୟ ମହାରାଜା ତଥାକଥିତ ଜାତୀୟତାବାଦୀ ଆଲୋଡ଼ନର ଅଭାବନୀୟ ବିପଦ ବିରୋଧରେ ତାଙ୍କ ପ୍ରଜାମାନଙ୍କୁ ସତର୍କ କରି ଏକ ଘୋଷଣାନାମା ଜାରୀ କରିବାକୁ ଯାଉଛନ୍ତି । ଆମର ତିଳାର୍ଦ୍ଧେ ହେଲେ ସନ୍ଦେହ କରିବାର ନାହିଁ ଯେ ପଞ୍ଜାବରେ ଥିବା ତାଙ୍କର ଶାସକ ଭାଇମାନେ ଏପରି ଏକ ମହାନ୍ ଦୃଷ୍ଟାନ୍ତର ଅନୁରୂପ କୌଣସି କାର୍ଯ୍ୟ କରି ବସିବେ ।'' ଆମ ଭିତରୁ କିଛି ବ୍ୟକ୍ତି 'ଡେଲି ନିଉଜ୍'ର ଏହି ହର୍ଷଧ୍ୱନିରେ ହତାଶ ହୋଇ ପଡ଼ିଛନ୍ତି । ଭାରତୀୟ ଦଣ୍ଡବିଧି ଆଇନର ୧୨୪(କ) ଧାରାରେ ଯାହା ଉଲ୍ଲେଖ ରହିଛି : ''ସେ ଯେ କେହି ହୁଅନ୍ତୁ – କଥାରେ ଅବା ଲିଖିତ ଆକାରରେ କିଂବା ସଙ୍କେତ ଛଳରେ ଯଦି ଏପରି କିଛି ଶବ୍ଦ ବ୍ୟବହାର କରନ୍ତି ଅଥବା ସେମାନଙ୍କ ପ୍ରତିନିଧିତ୍ୱ ମଧରେ ଯଦି ସେମିତି କିଛି କଥା ଦେଖିବାକୁ ମିଳେ କିଂବା ସେମାନେ ସେମିତି କିଛି ଘୃଣା, ଅବଜ୍ଞାଭାବ ପ୍ରକାଶ କରନ୍ତି କିଂବା ସେଥିପାଇଁ କୌଣସି ଉଦ୍ୟମ କରନ୍ତି କିଂବା ଉତ୍ତେଜନାପୂର୍ଣ୍ଣ କଥା କହନ୍ତି ବା ଉତ୍ତେଜନା ସୃଷ୍ଟି ହେଲା ପରି ସେଭଳି କିଛି ଉଦ୍ୟମ କରନ୍ତି ଯାହାଫଳରେ କି ମହାରାଜାଙ୍କ ପ୍ରତି କିଂବା ବ୍ରିଟିଶ ଶାସିତ ଭାରତର ଆଇନ ବଳରେ ପ୍ରତିଷ୍ଠିତ ସରକାରଙ୍କ ପ୍ରତି ଲୋକଙ୍କ ମନରେ ଅଶ୍ରଦ୍ଧା ଭାବ ଉଦ୍ରେକ ହେବ ତା'ହେଲେ ସେମାନଙ୍କୁ ଆଜୀବନ ଦେଶାନ୍ତର ଦଣ୍ଡ ଭୋଗିବାକୁ ପଡ଼ିବ ।'' ଫଳରେ କାଶ୍ମୀରରେ ରାଜଦ୍ରୋହକୁ ବ୍ରିଟିଶ ଶାସିତ ଭାରତରେ ରାଜଦ୍ରୋହ ବୋଲି ଗଣ୍ୟ କରାଯିବନି; ଆଉ କାଶ୍ମୀର ଦରବାରର ଉଦ୍ୟମ ବଳରେ ରାଜଦ୍ରୋହକୁ ଦମନ କରିବା ଅର୍ଥ କାଶ୍ମୀର ଦରବାର ପ୍ରତି ଘୃଣା ଓ ଅବଜ୍ଞାଭାବ ଉଦ୍ରେକ କରିବା କିଂବା ଅଶ୍ରଦ୍ଧାକୁ ତେଜିବା ବା ତେଜିବା ପାଇଁ କାଶ୍ମୀର ପ୍ରଜାମାନଙ୍କର ପ୍ରୟାସକୁ ଦମନ କରିବା ବୋଲି ଯେ କେହି ସ୍ୱାଭାବିକତଃ ବୁଝୁଥିଲା । କିନ୍ତୁ ଘୋଷଣାପତ୍ରଟି ଆମ ସଂଶୟକୁ ଦୂର କରିଥିଲା । ଆମକୁ ଏକଥା ବିଶ୍ୱାସ କରିବା ପାଇଁ କୁହାଯାଉଛି ଯେ କାଶ୍ମୀର ମହାରାଜା ନିଜକୁ ନ୍ୟୁନ କରି ରଖିବା ପାଇଁ ଆଶ୍ଚର୍ଯ୍ୟଜନକ କାରସାଦି ପ୍ରୟୋଗ କରି ବ୍ରିଟିଶ ଶାସିତ ଭାରତରେ ଆଇନ ବଳରେ ପ୍ରତିଷ୍ଠିତ ସରକାରକୁ ସୁରକ୍ଷା ଦେବା ନିମନ୍ତେ ବ୍ୟଗ୍ର ହୋଇ ଉଠୁଥିଲେ । କାଶ୍ମୀର ନିଜର ଯେଉଁ କ୍ଷମତା ମହାରାଜାଙ୍କ ପୂର୍ବଜମାନଙ୍କୁ ବିକ୍ରୀ କରି ଦେଇଥିଲା ଓ ପୁନରାୟ ଆଉ ଦିନେ ମହାରାଜାଙ୍କ କଥା ପ୍ରତି କର୍ଣ୍ଣପାତ ନକରି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା, ତା'ର ନିରାପତ୍ତା ପାଇଁ ସେଇ ମହାରାଜାଙ୍କ ସୁକୁମାର ମନୋବାଞ୍ଛା ସତରେ ଚମତ୍କାର ! କିନ୍ତୁ ପ୍ରସଙ୍ଗଟିର ଏଇଠି ପରିସମାପ୍ତି ଘଟି ନଥିଲା । ଘୋଷଣାପତ୍ର ଜାରୀ ହେବା ସଙ୍ଗେ ସଙ୍ଗେ କାଶ୍ମୀରରେ ଗୋଟିଏ ଦରବାର ଅନୁଷ୍ଠିତ ହୋଇଥିଲା । ସାର୍ ଫ୍ରାନ୍ସିସ୍ ୟଙ୍ଗହଜ୍‌ବ୍ୟାଣ୍ଡ ଗୋଟିଏ ଭାଷଣ ଦେଇଥିଲେ ଓ ବ୍ରିଟିଶ ସରକାରଙ୍କ ତରଫରୁ ମହାରାଜାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଆମକୁ କୁହାଯାଇଛି ଯେ ମହାରାଜା କୁଆଡ଼େ ବିଶେଷ ଭାବରେ ଅଭିଭୂତ ହୋଇ ପଡ଼ିଥିଲେ ଯେ ତାଙ୍କ ଭାବକୁ ପ୍ରକାଶ କରିବା ପାଇଁ କଣ୍ଠରେ ଭାଷାର ସ୍ଫୁରଣ ହେଲା ନାହିଁ, ଯାହାକି କ୍ୱଚିତ୍ ବିସ୍ମୟଜନକ ମନେ ହେବ ପରିସ୍ଥିତିକୁ ଲକ୍ଷ୍ୟ କଲେ । ସେ କେବଳ ଏତିକି କହିବାକୁ ସକ୍ଷମ ହୋଇଥିଲେ ଯେ ବ୍ରିଟିଶ ସରକାରଙ୍କ ପ୍ରତି ଆନୁଗତ୍ୟ ସ୍ୱୀକାର କରିବା ହେଉଛି ତାଙ୍କ ବଂଶର ଐତିହ୍ୟ । 'ହିନ୍ଦୁ ପାଟ୍ରିଅଟ୍' ତା' ଉକ୍ତି ଛଳରେ କହିଛି, ''ଠିକ୍ ଏହିଭଳି ହେବା ବିଧେୟ ।''

ଭାରତରେ ''ସବୁଠୁ ପୁରୁଣା ଦେଶୀୟ ଖବର କାଗଜ''ର ଯୁକ୍ତିଟିକୁ ଆମେ ବୁଝି ପାରୁ ନାହୁଁ । ଏହା କାହିଁକି ଏମିତି ହେବା ଉଚିତ ? କାଶ୍ମୀରର ରାଜବଂଶ କାଶ୍ମୀର ପ୍ରତିଷ୍ଠା ପାଇଁ କ'ଣ ମହାର୍ଘ୍ୟ ମୂଲ୍ୟ ଦେଇ ନଥିଲେ ? ବିଟ୍ରିଶ ସରକାରଙ୍କ ସହିତ

ଏକ ଅପମାନଜନକ ବୁଝାମଣା ପ୍ରତି ନିଷ୍ଠାବାନ୍ ଉଭୟପକ୍ଷ ନିହାତି ଲଜ୍ଜାବୋଧ କରିବା ଉଚିତ ହେବ । ସାର୍ ଥୋମାସ୍ ହୋଲଡ଼ିଚ୍ (Sir Thomas Holdich)ଙ୍କ ଭାଷାରେ ''ଗୁଲାବ ସିଂ ତାଙ୍କ ଶିଖ୍ ଅଧିନାୟକମାନଙ୍କୁ ପରିତ୍ୟାଗ କରି ଚାଲି ଆସିଥିଲେ ଆଉ ଲାହୋର ରାଜକୋଷରୁ ଲୁଣ୍ଠିତ ଅର୍ଥକୁ କାଶ୍ମୀର ବିନିମୟରେ ପ୍ରଦାନ କରିଥିଲେ ।'' ତେଣୁ ଏହା କେବଳ ''ଦେବା ଓ ନେବା'' ଥିଲା ।

କିନ୍ତୁ ଏହି ଦୁଃଖଦ ଓ ଅଦ୍ଭୁତ ଘଟଣାଗୁଡ଼ିକ ଅଧିକ ବୋଧଗମ୍ୟ ହେଉଛି – ଆଉ କମ୍ ଦୁଃଖଦ ମଧ – ଯେତେବେଳେ ଆମମାନଙ୍କର ହୃଦ୍‌ବୋଧ ହେବ ଯେ ଯଦିବା କଣ୍ଠସ୍ୱର ହେଉଛି ଜାକୋବ୍ (Jacob)ର, ହାତ ଦୁଇଟି ହେଉଛି ଇସାଉ (Esau)ର । ଏ ଘଟଣାଟି ବେଶ୍ ସ୍ପଷ୍ଟ ଯେତେବେଳେ ଆମେ ଦେଖିବାକୁ ପାଉଛୁ ଯେ ଶାସନତନ୍ତ୍ରର ସ୍ୱାର୍ଥର ସୁରକ୍ଷା ସାଧନ ପାଇଁ ଦେଶୀୟ ମୁଖ୍ୟମାନଙ୍କ ପକ୍ଷରେ ଏ ପ୍ରକାର ଉତ୍ସାହର ଏକ ଅନନ୍ୟ ଦୃଷ୍ଟାନ୍ତ କେବଳ କାଶ୍ମୀର ଉପସ୍ଥାପିତ କରୁନି । ଯଦି ରାଜଦ୍ରୋହକୁ ଦମନ କରିବା ଲାଗି କାଶ୍ମୀରକୁ ଉପଯୋଗୀ କରି ଦିଆଯାଇପାରେ, କୁଚ୍-ବିହାର (Cooch-behar)ର ମହାରାଜା ଅନ୍ତତଃ ବୟକଟ୍ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ସାହାଯ୍ୟ କରିପାରନ୍ତି । ଜେନ୍‌କିନ୍‌ସ୍ (Jenkins) ବିଦ୍ୟାଳୟର ଛାତ୍ରମାନଙ୍କୁ ପୁରସ୍କାର ବିତରଣ ଉପଲକ୍ଷେ କୁଚ୍‌ବିହାରର ମହାରାଜା କହିଲେ, ''ବିଦ୍ୟାଳୟର ଛାତ୍ରମାନେ ରାଜନୀତି କ୍ଷେତ୍ରରେ ଅପଦାର୍ଥଗୁଡ଼ିଏ'' ଆଉ ରାଜନୀତିର ଘୂର୍ଣ୍ଣିପାକ ଭିତରକୁ ହଠାତ୍ ଲମ୍ଫ ପ୍ରଦାନ କରିବାର ବିପଦ କିଂବା କୌଣସି ରାଜନୈତିକ ଆନ୍ଦୋଳନରେ ଯୋଗଦାନ ବିରୋଧରେ ସେମାନଙ୍କୁ ସତର୍କ କରି ଦେଇଥିଲେ । ଛାତ୍ରମାନେ ପଢ଼ାପଢ଼ି ଓ ଖେଳାଖେଳି କରିବା ଉଚିତ ଆଉ ସେମାନଙ୍କ ନିୟନ୍ତ୍ରଣ ବହିର୍ଭୂତ କୌଣସି ପ୍ରସଙ୍ଗକୁ ନେଇ ଏବଂ ବୟସ ଓ ଅନଭିଜ୍ଞତା ଦୃଷ୍ଟିରୁ ଯେଉଁ ବିଷୟ ସଂକ୍ରାନ୍ତରେ ଯୁକ୍ତିଯୁକ୍ତ ବିଜ୍ଞ ଏବଂ ଅଭ୍ରାନ୍ତ ମତାମତ ଦେବାର ସାମର୍ଥ୍ୟ ନାହିଁ, ସେସବୁ ବିଷୟରେ ମଥା ଖେଳେଇବା ସେମାନଙ୍କ ପକ୍ଷରେ ଆଦୌ ସମୀଚୀନ ନୁହେଁ । ସ୍ୱଦେଶବାଦ ପ୍ରତି ମହାରାଜା ତାଙ୍କର ପୂର୍ଣ୍ଣ ସହାନୁଭୂତି ଜ୍ଞାପନ କରିଛନ୍ତି, କିନ୍ତୁ ସେ ''ସମ୍ପୂର୍ଣ୍ଣଭାବେ, ସାମଗ୍ରିକ ଭାବେ ଏବଂ ପ୍ରକୃତ ପକ୍ଷେ ବର୍ଜନ ଆନ୍ଦୋଳନର ବିରୋଧୀ'' । ତାଙ୍କ ରାଜ୍ୟ ମଧରେ ଯଦି ବୟକଟ୍ ଆନ୍ଦୋଳନ ଆଡ଼କୁ କେହି ଅଗ୍ରସର ହେବାର ଦେଖିବାକୁ ମିଳୁଥିଲା ତା'ହେଲେ ମହାରାଜା ବେଶ୍ ସ୍ପଷ୍ଟ ଭାବରେ, ଜୋର୍ ଦେଇ ପ୍ରାଞ୍ଜଳ ଭାଷାରେ ତାକୁ ବୁଝେଇ ଦେଉଥିଲେ ଯେ ଏହାକୁ ଦମନ କରିବା ପାଇଁ ସେ ନିହାତି କଡ଼ା ପଦକ୍ଷେପ ଗ୍ରହଣ କରିବେ । ଏହା ଏକ ବିଡ଼ମ୍ବନା ଯେ ମହାରାଜାଙ୍କ ପକ୍ଷରେ ଏତେ ସ୍ପଷ୍ଟ ଭାବରେ ଜୋର୍ ଦେଇ ଏବଂ ପ୍ରାଞ୍ଜଳ ଭାଷାରେ କହିବାଟା ଆବଶ୍ୟକ ପଡ଼ିଲା ଏବଂ ଆମେ ସେଥିପାଇଁ କେବଳ ତାଙ୍କୁ ଆମ ଅନ୍ତରର ସମବେଦନା ଜ୍ଞାପନ କରିପାରିବା ।

କିନ୍ତୁ ଏଇ ଭାରତୀୟ ରାଜକୁମାରମାନେ ଯାହା ସବୁ କହୁଛନ୍ତି କିଂବା କରୁଛନ୍ତି ସେଥିପାଇଁ ଆମେ ସେମାନଙ୍କୁ ଦାୟୀ କରିପାରିବୁ ନାହିଁ । ସେମାନଙ୍କର ତଥାକଥିତ ସ୍ୱାଧୀନତା ଆଉ କିଛି ନୁହେଁ କେବଳ ନାମକୁ ମାତ୍ର । ଯଦିବା ଲର୍ଡ଼ କର୍ଜନ୍ ସେମାନଙ୍କୁ ତାଙ୍କର ''ଭାରତୀୟ ପ୍ରଶାସନର ଗୁରୁଦାୟିତ୍ୱ ସମ୍ପାଦନାରେ ସହଯୋଗୀ ଓ ଅଂଶୀଦାର'' ବୋଲି ଅଭିହିତ କରୁଥିଲେ, ଅସଲ ସତ୍ୟଟି ଲର୍ଡ଼ ଡୁଫେରିନ୍ (Lord Dufferin)ଙ୍କ ଦ୍ୱାରା ପ୍ରଘଟ ହୋଇଛି ଯିଏକି ରାଜକୁମାରମାନେ ଉପଭୋଗ କରୁଥିବା ସ୍ୱାଧୀନତାକୁ ''ନିୟନ୍ତ୍ରିତ ସ୍ୱାଧୀନତା'' ବୋଲି ଚିତ୍ରଣ କରିଥିଲେ, କାହା ଦ୍ୱାରା ସେ ସ୍ୱାଧୀନତା ନିୟନ୍ତ୍ରିତ ହେଉଛି ଆଉ ଏକଥା କହିବା କେତେଦୂର ବାହୁଲ୍ୟ । ବ୍ରିଟିଶ ରାଜ ପ୍ରତିନିଧି ରୂପୀ ପ୍ରେତାତ୍ମାର ଦୌରାତ୍ମ୍ୟ ଚାଲିଛି । ତା' ହସ୍ତକ୍ଷେପର ପରିଣତି ସର୍ବଦା ମୁଖ୍ୟମାନଙ୍କ ପାଇଁ ଭୟାବହ – ବରୋଦାର ଗାଇକୋୱାଡ୍ ୧୯୦୧ ମସିହାରେ 'ଉନବିଂଶ ଶତାବ୍ଦୀ'ରେ ଦେଇଥିବା ବକ୍ତବ୍ୟର ଏହା ହେଉଛି ସାରାଂଶ : ''ଦେଶୀୟ ସରକାରର ଅନିଶ୍ଚୟତା ଆଉ ବିଶ୍ୱାସର ଅଭାବକୁ ପ୍ରୋତ୍ସାହିତ କରାଯାଉଛି । ରାଜ୍ୟର ସ୍ୱତନ୍ତ୍ର ସତ୍ତା ପାଇଁ ଲୋଡ଼ା ହେଉଥିବା ରାଜାର ଅପରିହାର୍ଯ୍ୟ ପ୍ରଭାବ ତଦ୍ୱାରା କ୍ଷୁଣ୍ଣ ହେଉଛି । ଫଳରେ ଶାସକମାନେ ତାଙ୍କ ଶାସନର ଧାରାରେ ନିରୁତ୍ସାହିତ ତଥା ଅବହେଳିତ ହେଉଛନ୍ତି ।'' ତା'ପରେ ଅବଶ୍ୟ ରାଜ୍ୟମାନଙ୍କୁ ସେମାନଙ୍କର ପ୍ରୟୋଜନ ଅତିରିକ୍ତ ବଳକା ସମ୍ପତ୍ତିରୁ ଅବ୍ୟାହତି ଦେବା ପାଇଁ ଆଉ ଇଂଲଣ୍ଡ ମହାରାଜାଙ୍କ ପ୍ରତିନିଧି ସମ୍ମୁଖରେ ସେମାନଙ୍କ ମୁଖ୍ୟ ଯେ ଏକ ଖର୍ବାକୃତି ମଣିଷଠାରୁ କୌଣସି ପ୍ରକାର ଉନ୍ନତ ନୁହେଁ ଏ କଥାର ପ୍ରମାଣ ଜନସାଧାରଣଙ୍କୁ ଦେବା ପାଇଁ ସରକାରୀ ସ୍ତରରେ ବାର୍ଷିକ ପରିଦର୍ଶନମାନ ଚାଲୁ ରହିଛି ।

ଜାତୀୟତାବାଦର ଯେଉଁ ଉଦ୍ଦୀପନା ଭାରତର ପୁନର୍ନିର୍ମାଣ କରୁଛି ସେଥିପ୍ରତି ଏଇ ଅଧିନାୟକମାନେ ଗ୍ରହଣ କରିଥିବା ଆଭିମୁଖ୍ୟକୁ ଲକ୍ଷ୍ୟ କଲେ କେବଳ ଦେଖିବାକୁ ମିଳୁଛି କେତେ ମାତ୍ରାରେ ଶାସନତନ୍ତ୍ର ବଦ୍ଧପରିକର ହୋଇଛି ପ୍ରତ୍ୟକ୍ଷ

ବା ପରୋକ୍ଷରେ ଏଇ ଉଦ୍ଦୀପନା ଟିକକ ନଷ୍ଟ କରି ଦେବା ପାଇଁ । ନିଜ ନିଜର ଅଞ୍ଚଳ ଅପେକ୍ଷା ରାଜ୍ୟଗୁଡ଼ିକରେ ସେମାନଙ୍କର ବଡ଼ ଧରଣର ଫାଇଦାମାନ ରହିଛି । କାରଣ ବ୍ରିଟିଶ ଶାସିତ ଭାରତବର୍ଷରେ ସରକାରୀ କାର୍ଯ୍ୟାନୁଷ୍ଠାନମାନ ଯେପରି ଚାଲିଛି ତା' ଅପେକ୍ଷା ସେମାନେ ସେଗୁଡ଼ିକୁ ଅଧିକ ପୂର୍ଣ୍ଣାଙ୍ଗ ଓ କଠୋର ରୂପ ଦେଇପାରିବେ ଆଉ ସେମାନେ ମଧ୍ୟ ସେଇ ସମୟରେ ଗୋଟିଏ ସ୍ୱଦେଶୀ ଶାସନ ତୁଳନାରେ ବ୍ରିଟିଶ ଶାସନତନ୍ତ୍ରର ଉଦାରବାଦ ଯେ ଶ୍ରେୟସ୍କର ତା'ର ପ୍ରମାଣ ସ୍ୱରୂପ ଏହି କଠୋର କାର୍ଯ୍ୟାନୁଷ୍ଠାନ ଆଡ଼କୁ ହାତ ଠାରି ଦେଖେଇବେ ଆଙ୍ଗ୍ଲୋ-ଭାରତୀୟ ପ୍ରେସ ମାଧ୍ୟମରେ । ବାସ୍ତବିକ ଏହାହିଁ ହେଉଛି ଗୋଟିଏ ଢେଲାରେ ଦୁଇଟି ଚଢ଼େଇର ଶିକାର ।

## ଜଣେ ଅଟଳ ''ଦେଶପ୍ରେମୀ''

ଏମିତିକି 'ହୋମର୍' ମଥା ହଲେଇ ସମର୍ଥନର ସୂଚନା ଦେଇଛି ଆଉ 'ହିନ୍ଦୁ ପାଟ୍ରିଅଟ୍' ମୁହଁରୁ ବେଳେବେଳେ ଅଲକ୍ଷିତରେ ଏହା ବାହାରି ଆସୁଛି । ରାଜଦ୍ରୋହକୁ ଦମନ କରିବା ପାଇଁ କାଶ୍ମୀର ଦରବାରର ପ୍ରୟାସକୁ ଉଲ୍ଲେଖ କରିବାକୁ ଯାଇ ୨୨ ମେ'ରେ ପାଟ୍ରିଅଟ୍ ଲେଖିଛି :

''କାଶ୍ମୀରର ମହାରାଜା ବିଶ୍ୱାସର ଯେଉଁ ନିଦର୍ଶନ ଦେଲେ ତାହା ଉଲ୍ଲେଖନୀୟ । ୟୁରୋପୀୟ ବସତିଗୁଡ଼ିକ ବିରୋଧରେ ରାଜ୍ୟର ପୁରୁଣା ଆଇନକୁ ଅକାମୀ କରିସାରିଲା ପରେ ଏବଂ ସେମାନଙ୍କ ପ୍ରତି ବିଶେଷ ସୁବିଧାମାନ କରିଦେଇଥିବାରୁ ଅନୁରୂପ ଭାଇଚାରା ଅନୁଷ୍ଠାନଗୁଡ଼ିକ ଠାରୁ ଅନେକ କୃତଜ୍ଞତା ଆଦାୟ କରି ମହାନୁଭବ ରାଜା ସମସ୍ତ ପ୍ରକାର ''ଅବାଞ୍ଛନୀୟ''ମାନଙ୍କର ମୂଳୋତ୍ପାଟନ କରି ଲାଗିଛନ୍ତି ଏକ ଯଥାର୍ଥ ନିରଙ୍କୁଶ ଶାସନର ମନୋଭାବ ନେଇ । କିନ୍ତୁ ତାଙ୍କର ମୁଖିଆ ଭାଇମାନେ ଏଇ ମହତ୍ ଉଦାହରଣକୁ ଅନୁସରଣ କରିବା ପାଇଁ ପ୍ରସ୍ତୁତ ଥିଲା ପରି ମନେ ହେଉ ନାହିଁ, ଏବଂ କେବଳ 'କୃତବିଦ୍ୟ' ମହୀଶୂରର ମହାରାଜାଙ୍କୁ ଛାଡ଼ି ଦେଲେ ଏ ପ୍ରକାର କାର୍ଯ୍ୟ ସେମାନେ କରିବା ପାଇଁ ଭ୍ରୂକ୍ଷେପ କରି ନପାରନ୍ତି । ଯାହାହେଉ କାଶ୍ମୀର ମହାରାଜା ଯଥାର୍ଥ ଆନ୍ତରିକତା ପ୍ରଦର୍ଶନ କରିଛନ୍ତି । ବିପ୍ଲବଧର୍ମୀ ସର୍ବସାଧାରଣ ସଭାକୁ ଏପରିକି ଘରୋଇ ସଭା ସମିତିକୁ ସେ ନିଷେଧ କରିଛନ୍ତି ଏବଂ ଏ ପ୍ରକାର କ୍ରୀଡ଼ା ନୈପୁଣ୍ୟର ପ୍ରଦର୍ଶନ ପାଇଁ ସେ ଶାସନତନ୍ତ୍ରର ଗେହ୍ଲା ପୁଅ ହୋଇ ସାରିଛନ୍ତି ।''

କିନ୍ତୁ ଯୁଗର ଚେତନାରେ ଦୀକ୍ଷିତ ହେବା ପାଇଁ ଏଇ ଉଦ୍ୟମ କୌଣସି ଆଡୁ ବୋଧହୁଏ ଏକ ଜୋର୍ ଝଟ୍କା ଅନୁଭବ କରିଥିଲା ଆଉ 'ପାଟ୍ରିଅଟ୍' ନିଜ ''ତ୍ରୁଟିକୁ'' ସୁଧାରିବା ପାଇଁ ଏଇ ପ୍ରଥମ ସୁଯୋଗଟି ଅକ୍ତିଆର କରିନେଲା । ୩୦ ତାରିଖରେ ଏହା ଆଉ ଥରେ ଏଇ ପ୍ରସଙ୍ଗକୁ ଉଲ୍ଲେଖ କରି ମନ୍ତବ୍ୟ ଦେଲା :

''କାଶ୍ମୀର ମହାରାଜାଙ୍କର ଆନୁଗତ୍ୟ ଓ ରାଜଦ୍ରୋହ ବିରୋଧୀ ତାଙ୍କ ପଦକ୍ଷେପଗୁଡ଼ିକ ବଡ଼ଲାଟଙ୍କ ମନରେ ଏକ ଶ୍ରଦ୍ଧା ଆଉ ସାଦର ପ୍ରଶଂସାର ଭାବକୁ ଉଦ୍ରେକ କରିଛି । ବଡ଼ଲାଟଙ୍କ ଠାରୁ ପ୍ରାପ୍ତ ଧନ୍ୟବାଦର ସନ୍ଦେଶ ଘୋଷଣା କରିବା ପାଇଁ ଶ୍ରୀନଗରଠାରେ ଏକ ବିଶାଳ ଦରବାର ଅନୁଷ୍ଠିତ ହୋଇଥିଲା । ଖୁବ୍ ନିକଟରେ ତିବ୍ବତ ମିଶନରେ କାର୍ଯ୍ୟ ସମ୍ପନ୍ନ କରି ଫେରିଥିବା ସାର୍ ଫ୍ରାନ୍ସିସ୍ ୟଙ୍ଗହଜ୍‌ବ୍ୟାଣ୍ଡ୍ ରାଜଦ୍ରୋହକୁ ଦମନ କରିବା ପାଇଁ ମହାରାଜାଙ୍କର ଉଦ୍ୟମକୁ ଅନେକବାର ଉଲ୍ଲେଖ କରି ନୀତିଶିକ୍ଷା ସମ୍ବଳିତ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବକ୍ତୃତାଟିଏ ପ୍ରଦାନ କରିଥିଲେ, ତା' ସାଙ୍ଗକୁ ଉପଦେଶ ଓ କଲ୍ୟାଣକାରୀ ଉକ୍ତିଗୁଡ଼ିକ ତାଙ୍କ କଣ୍ଠରେ ଉଚ୍ଛୁଳି ଉଠିଥିଲା ଯାହା ନିର୍ଦ୍ୱନ୍ଦ୍ୱରେ ସିଧାସଳଖ ଯାଇ ମହାନୁଭବ ରାଜାଙ୍କ ଅନ୍ତରର ଗଭୀରକୁ ଭେଦ କରିଥିଲା ଆଉ ସେଠାରେ ସନ୍ଧାନ ପାଇଥିଲା ଏକ ଆରାମଦାୟକ ବିଶ୍ରାନ୍ତିସ୍ଥଳର । ମହାରାଜା ଏପରି ବିଶେଷ ଭାବେ ଗଦଗଦ ହୋଇ ପଡ଼ିଲେ ଯେ ନିଜର ଭାବକୁ ବ୍ୟକ୍ତ କରିବା ତାଙ୍କ ପକ୍ଷରେ ପ୍ରାୟ ସମ୍ଭବ ହେଲାନି । ସେ କେବଳ ଏତିକି ମାତ୍ର କହିବା ପାଇଁ ସମର୍ଥ ହୋଇଥିଲେ ଯେ ତାଙ୍କ ବଂଶର ପରମ୍ପରା ହେଉଛି ବ୍ରିଟିଶ ସରକାରଙ୍କ ପ୍ରତି ଆନୁଗତ୍ୟ । ଏହା ଯେମିତି ହେବା କଥା ଠିକ୍ ସେଇଆହିଁ ହୋଇଛି ।''

ବାସ୍ତବିକ ଏହା ଯେମିତି ହେବା କଥା ଠିକ୍ ସେଇଆହିଁ ହୋଇଛି । ଆଉ ଭିକ୍ଟୋରିଆ ମେମୋରିଆଲ୍ ହଲ୍ ପାଇଁ ପ୍ରସ୍ତାବିତ ସ୍ଥାନ ସମ୍ପର୍କରେ 'ହିନ୍ଦୁ ପାଟ୍ରିଅଟ୍'ର ଆକସ୍ମିକ ମତ ପରିବର୍ତ୍ତନ ଓ ବେସରକାରୀ ଟିପ୍ପଣୀ ପାଇଁ ଉଦ୍ଦିଷ୍ଟ ଏହି ମହାନ୍ ମୁଖପତ୍ରର ଉଲ୍ଲେଖଯୋଗ୍ୟ ବହୁବିଧ ପାଣ୍ଡିତ୍ୟ ତଥା ଅନାୟାସରେ ପ୍ରଭାବିତ ହୋଇଯିବାର ଅନନ୍ୟ ଦୃଷ୍ଟାନ୍ତଗୁଡ଼ିକ ଏହି ପରିପ୍ରେକ୍ଷୀରେ ଆମର ମନେ ପଡ଼ିଯାଉଛି ।

['ବନ୍ଦେ ମାତରମ୍', ଜୁନ୍ ୪, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✤

# ହିନ୍ଦୁର ବ୍ରତ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଜୀବନ-ଯୁଦ୍ଧରେ ବଞ୍ଚି ବର୍ତ୍ତି ରହିବାକୁ ହେଲେ, ଜୟୀ ହେବାକୁ ହେଲେ ହିନ୍ଦୁଧର୍ମକୁ, ହିନ୍ଦୁସମାଜକୁ ଲାଭ କରିବାକୁ ହେବ ଏକ ସୁସଂଗଠିତ ସମର୍ଥ-ଆକାର । ବର୍ତ୍ତମାନ ଦେଖିବାକୁ ଗଲେ ହିନ୍ଦୁସମାଜ କହିଲେ ବୁଝାଉଛି ବିଶୃଙ୍ଖଳ ଜନତା ମାତ୍ର । ଏଇ ଜନତାକୁ ସୈନ୍ୟଦଳଙ୍କ ଭଳି ଗୋଟିଏ ସଂହତ ଗୋଷ୍ଠୀରେ ପରିଣତ କରିବାକୁ ହେବ । ଧର୍ମ ଦିଗରୁ ଅଥବା ଲୌକିକ କର୍ମର ଦିଗରୁ ଦେଖିବାକୁ ବସିଲେ ଯେଉଁସବୁ ଜାତି ବଞ୍ଚି ରହିଛନ୍ତି, ନିଜ ନିଜର ରାଜ୍ୟ ବିସ୍ତାର କରି ଚାଲିଛନ୍ତି, ସେମାନଙ୍କର ସାଫଲ୍ୟର ରହସ୍ୟ — ଏଇ ବିଷୟକୁ ନେଇ । ଖ୍ରୀଷ୍ଟୀୟ ଧର୍ମସଂଘ, ତାହା ଯେକୌଣସି ସମ୍ପ୍ରଦାୟର ହୋଇ ଥାଉନା କାହିଁକି — ଏଇ ବିଶେଷତ୍ୱ ସେଥିରେ ରହିଛି; ଶିକ୍ଷା ଓ ଦୀକ୍ଷାରେ, କ୍ରିୟାକର୍ମରେ, ସେମାନଙ୍କର ରହିଥାଏ ଏକ ସୁସ୍ପଷ୍ଟ ଓ ସଂହତ ରୂପ ଓ ସାମର୍ଥ୍ୟ । ତତ୍ତ୍ୱ ଦିଗରୁ ସେମାନେ ବେଶୀ ଉଚ୍ଚକୁ ଉଠିଯିବାକୁ ଚାହିଁ ନାହାନ୍ତି — ମନ ପକ୍ଷରେ ସହଜଗ୍ରାହ୍ୟ, ଦେହ-ପ୍ରାଣ ପକ୍ଷରେ ଯାହା ଆୟତ୍ତ କରିବା ଦୁଃସାଧ ନୁହେଁ — ଏଇପରି କେତେଗୁଡ଼ିଏ ବିଶିଷ୍ଟ ନୀତି ବା ବାଧାନିଷେଧ ତାହା ବାନ୍ଧି ଦେଇଛି । ଧର୍ମ ସାଧନାର ଏଇ ରୀତି ସେମାନଙ୍କର କର୍ମ ସାଧନାର ହିଁ ଅନୁରୂପ — ଇଉରୋପ ମହାଦେଶର ଗୋଟିଏ ଗୋଟିଏ ଦେଶ ନେସନ ରୂପେ ସ୍ୱଷ୍ଟ ସୁସୀମ (ସମ୍ୟକ୍ ସୀମାକୁ ନେଇ) ସମର୍ଥ ରୂପ ଗ୍ରହଣ କରି ଗଢ଼ିଉଠିଛି । କାରଣ ସେମାନେ ଗଢ଼ିବାକୁ ଚାହିଁଛନ୍ତି ତଳ ଆଡୁ — ଯେଉଁ ସତ୍ୟଟି ସ୍ଫୁଟ ଓ ସ୍ଥୂଳ — ତାହାକୁହିଁ ଆଶ୍ରୟ କରି ।

ପାଶ୍ଚାତ୍ୟ ପ୍ରତିଭାର ବିଶେଷତ୍ୱ ଏଇ ଯେ ସତ୍ୟକୁ, ତତ୍ତ୍ୱକୁ ଓ ଶକ୍ତିକୁ — ତାହା ବ୍ୟଷ୍ଟିଗତ ହେଉ ଅବା ଗୋଷ୍ଠୀଗତ ହେଉ, ଲୌକିକ ହେଉ ଅବା ପାରମାର୍ଥିକ ହେଉ, ତହିଁରେ ସେ ଏକ ଜାଗ୍ରତ୍ ଇନ୍ଦ୍ରିୟବଦ୍ଧ ରୂପ ବା ଆକାର ଦେବାକୁ ବସେ ପ୍ରାୟ ସର୍ବକ୍ଷେତ୍ରରେ । ବ୍ୟକ୍ତି ଦେହ, ପ୍ରାଣ ଓ ମନର ଛାଞ୍ଚରେ ସେଇ ସତ୍ୟ ବା ତତ୍ତ୍ୱ ଅଥବା ଶକ୍ତିକୁ ନ ଢାଳିଲେ ତାହାର ଚେତନାରେ ସେଗୁଡ଼ିକ ଯେମିତି ଧୂଆଁଳିଆ ଅବା ସନ୍ଦେହର ବସ୍ତୁ ହୋଇ ରହିଯାଏ । ବିଚାର-ବିତର୍କ ସିଦ୍ଧାନ୍ତ ହିସାବରେ ସେ ପ୍ରମାଣ କରୁଛି, ଆଣି ଦେଉଛି ସେଗୁଡ଼ିକର ମାନସ-ରୂପ; ଆଇନ-କାନୁନ, ପ୍ରୋଗ୍ରାମ୍, ପ୍ଲାନ୍ ଆଦି ଦେଇ ପ୍ରାଣ ସେଗୁଡ଼ିକୁ ସଜୀବ କରି ଧରିବାର ଉପାୟ ଦେଉଛି ଆଗ୍ରହ, ଉତ୍ସାହ, ଜୋର୍-ଜବରଦସ୍ତିର ପନ୍ଥା ହିସାବରେ; ଦୈହିକ ଚେତନା ମଧ୍ୟ ସେଗୁଡ଼ିକର ରୂପ ଓ ଆକାର ପାଇଁ ଦେଉଛି ଆଚାର, ଅନୁଷ୍ଠାନ, କ୍ରିୟାକଳାପ; ଯାହା ଦ୍ୱାରା ସେସବୁ ତତ୍ତ୍ୱ, ସତ୍ୟ ଓ ଶକ୍ତିର ସ୍ଥିତି ବଜାୟ ରହିବ । ୟୁରୋପର ସଭ୍ୟତା ତତ୍ତ୍ୱକୁ ତତ୍ତ୍ୱ ହିସାବରେ ଆଜି ଯାଏଁ ଚେତନାରେ ବୁଝିବାକୁ ଚାହିଁ ନାହିଁ, ବୁଝିପାରି ନାହିଁ, ଯେତେବେଳ ଯାଏଁ ଉକ୍ତ ତତ୍ତ୍ୱ ଓ ସତ୍ୟକୁ ତାହା ବାହ୍ୟ ଏକ କର୍ମମୁଖୀ, ବ୍ୟବହାର-ପନ୍ଥୀ ଏବଂ ମୂର୍ତ୍ତିରୂପ ଦେଇ ନ ଧରିଛି ।

ଏହା ତ ଗଲା ପାଶ୍ଚାତ୍ୟ ଦେଶ ଓ ଧର୍ମର କଥା । ଭାରତ ବା ହିନ୍ଦୁ ପ୍ରକୃତି ଗଠିତ ହୋଇଛି ଅନ୍ୟ ଏକ ଧାତୁରେ — ତାହାର ଗତି ଯେପରି ବିପରୀତମୁଖୀ । ଦେହରେ, ପ୍ରାଣରେ ସତ୍ୟକୁ ଗ୍ରହଣ କରିବା ତଥା ଧାରଣ କରିବା ପାଇଁ ସେ ମଧ୍ୟ ଛାଞ୍ଚ ଗଢ଼ିଛି ସେଠାରେ, ମାତ୍ର ତତ୍ ସହିତ ସେ କହି ଆସିଛି ଏ ସମସ୍ତ କେବଳ ଅବଲମ୍ବନ, ଆଶ୍ରୟ ମାତ୍ର । ତାହାର ଚେତନା ନିୟତ ଅବଲମ୍ବନ ପାଇଁ 'ବିଶେଷ'କୁ ଅତିକ୍ରମ କରି 'ସାଧାରଣ'ର ଦିଗରେ ଗତି କରୁଛି; ରୂପ, ଆକାର, ବିଗ୍ରହକୁ ଡେଇଁ ତତ୍ତ୍ୱର ଅଭିମୁଖରେ । ନିୟମ-କାନୁନ ବାନ୍ଧି ଦେଇଛି ଯଥେଷ୍ଟ, ମାତ୍ର ସଙ୍ଗେ ସଙ୍ଗେ ବିକଳ୍ପର ବି ବ୍ୟବସ୍ଥା ରଖିଛି ଏବଂ କହି ରଖିଛି ସମସ୍ତ କ୍ରିୟାକଳାପ ସ୍ଥାନ, କାଳ, ପାତ୍ର ଅନୁସାରେ ନିର୍ଣ୍ଣୀତ ଓ ପରିବର୍ତ୍ତନୀୟ ଏବଂ ଏହା ସତ୍ତ୍ୱେ ବି ଏଭଳି ସ୍ଥାନ, କାଳ, ପାତ୍ର ରହିଛି ଯେଉଁଠାରେ ନିୟମୋ ନାସ୍ତି । ସାଧାରଣ ମନୁଷ୍ୟମାନଙ୍କ ପାଇଁ ନିୟମ ହେଉଛି ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ — ଏଇଗୁଡ଼ିକୁ ପର୍ଯ୍ୟାୟକ୍ରମରେ ଗୋଟାଏ ପରେ ଗୋଟାଏ ଆଶ୍ରମରେ ଅବସ୍ଥାନ କରି ତାକୁ ପାର ହୋଇଯିବା; କିନ୍ତୁ ଯିଏ ସକ୍ଷମ, ଅର୍ଥାତ୍ ଯିଏ ସମର୍ଥବାନ୍, ଯାହାର ଅଧିକାର ଅଛି, ସେ ଏ ନିୟମରେ ବଦ୍ଧ ନୁହନ୍ତି । ତାଙ୍କ ନିମନ୍ତେ କୁହାଯାଇଛି : 'ଯଦହରେବ ବିରଜେତ୍, ତଦହରେବ ପ୍ରବ୍ରଜେତ୍' — ଅର୍ଥାତ୍ ଯେଉଁ ମୁହୂର୍ତ୍ତରେ ବୈରାଗ୍ୟ ଆସିବ, ସେଇ ମୁହୂର୍ତ୍ତରେ ତୁମେ ଗୃହତ୍ୟାଗ କରିପାର । ଆଉ ଗୋଟିଏ ଉଦାହାରଣ : ସତୀ କୁହାଯାଏ କାହାକୁ ? ଯିଏ ଏକ-ଭର୍ତ୍ତୃକା, ଅନନ୍ୟପରାୟଣା — ଯଥା ସୀତା, ସାବିତ୍ରୀ । ଏ କଥା ସତ୍ୟ, କିନ୍ତୁ ଏହା ସହିତ ସେଇ ପର୍ଯ୍ୟାୟରେ ଅହଲ୍ୟା, ଦ୍ରୌପଦୀ,

କୁନ୍ତୀ, ତାରା, ମନ୍ଦୋଦରୀ ମଧ୍ୟ ପ୍ରାତଃସ୍ମରଣୀୟା; ଏପରି ହେବାର କାରଣ ନିଶ୍ଚୟ କେଉଁଠାରେ ରହିଛି । ବିଧି-ନିଷେଧର ଆପେକ୍ଷିକତା ହିନ୍ଦୁତ୍ୱର ତଥା ହିନ୍ଦୁମାନଙ୍କର ଏକ ମର୍ମଗତ ବୈଶିଷ୍ଟ୍ୟ । ମୂଳ ଆଦିସତ୍ୟକୁ ଅନ୍ୟାନ୍ୟ ଧର୍ମ ଦେଇଛି ଏକ ଅଦ୍ୱିତୀୟ ରୂପ । ଯଥା : ଜିହୋବା, ଖ୍ରୀଷ୍ଟ, ଖୋଦା; କିନ୍ତୁ ହିନ୍ଦୁ ତା'ର ଇଷ୍ଟକୁ ଶହେ ନାମ, ସହସ୍ର ନାମ ଦେଇ ନପାରିଲେ, ପୁନରାୟ ସେଇ ସଂଖ୍ୟକ ରୂପ ନଦେଇ ପାରିଲେ ତା'ର ମନ ସନ୍ତୋଷ ଲଭେ ନାହିଁ । ଶେଷରେ ଏକଥା ବି କହିଛି ଇଷ୍ଟଙ୍କର ନାମରେ ବା ରୂପରେ କିଛି ଯାଏ ଆସେ ନାହିଁ, ଯଥେଚ୍ଛା ନାମ-ରୂପ ଦେଇପାର ଯେପରି କୁହାଯାଇଛି 'ଏକମ୍ ସଦ୍ ବିପ୍ରା ବହୁଧା ବଦନ୍ତି' ।

ମୂର୍ତ୍ତିପୂଜକ ବା ମୂର୍ତ୍ତିବାଦୀ (Idolatrous) ବୋଲି ହିନ୍ଦୁମାନଙ୍କୁ କୁହାଯାଏ; ଅଥଚ ଗୋଟିଏ ଦିଗରୁ ଦେଖିଲେ ମୂର୍ତ୍ତିପୂଜାରୀ ହିସାବରେ ଅନ୍ୟ ସମସ୍ତଙ୍କ ଅପେକ୍ଷା ସେମାନେ କମ୍ । ମୂର୍ତ୍ତି ଅର୍ଥ କେବଳ ଜଡ଼ ପୁତ୍ତଳିକା ନୁହେଁ – ମନର ଗଢ଼ା ଭାବକୁ, ଜଡ଼ମୂର୍ତ୍ତିଠାରୁ ବି ଅଧିକ ଶକ୍ତ ଧାରଣାକୁ ନିରାଟ ସ୍ଥାଣୁ କରି ନିର୍ମାଣ କରାଯାଇଥାଏ । ହିନ୍ଦୁ ମୂର୍ତ୍ତି ଗଢ଼େ ବିସର୍ଜନ ଦେବା ପାଇଁ ! ଏହା କ'ଣ ପ୍ରମାଣ ଦେଉ ନାହିଁ ଯେ ହିନ୍ଦୁ ବାସ୍ତବିକ ମୂର୍ତ୍ତିତନ୍ତ୍ରୀ ନୁହେଁ, ବରଂ ସେ ଦୃଷ୍ଟିରୁ କହିବାକୁ ହେବ ସେ ମୂର୍ତ୍ତିଦ୍ରୋହୀ (iconoclast) । ଅଣ-ହିନ୍ଦୁମାନେହିଁ ଆଶ୍ଚର୍ଯ୍ୟ ହୋଇ କହିଥା'ନ୍ତି ଯେ ଯେଉଁ ବସ୍ତୁକୁ ପୂଜା କରାଯାଉଛି ଏତେ ଆଡ଼ମ୍ବରରେ, ତାକୁ ପୁଣି କିପରି ହିନ୍ଦୁ ଜଳରେ ବୁଡ଼ାଇ ଦିଏ ? ଏଇ ମନ୍ତବ୍ୟରୁ ହିଁ ବୁଝାପଡ଼େ ଅଣ-ହିନ୍ଦୁମାନଙ୍କ ଚେତନାରେହିଁ ରହିଛି ମୂର୍ତ୍ତି ଉପରେ ବେଶୀ ଭକ୍ତି । କାହିଁକି ନା ହିନ୍ଦୁ ଜାଣେ ତା'ର ମନରେ, ପ୍ରାଣରେ ଯେଉଁ ମୂର୍ତ୍ତି – ତା' ମାଟି ପଥରର ହେଉ ଅବା ଚିନ୍ତାର, ଧାରଣାର ହେଉ – ପ୍ରତୀକ ମାତ୍ର, କେବଳ ଆଶ୍ରୟ ଇଙ୍ଗିତ । ଅସଲ ସତ୍ୟ ବା ସାରବସ୍ତୁ ରହିଛି ଏସବୁର ପଶ୍ଚାତରେ, ଅନ୍ତରାଳରେ; ଉକ୍ତ ପ୍ରଚ୍ଛନ୍ନ ଜିନିଷଟି ଦିଗରେ ଚାଲିବା ପାଇଁ, ସେଇ ବିନ୍ଦୁରେ ପହଞ୍ଚିବା ଲାଗି ଏଗୁଡ଼ିକ ହେଉଛି ଏକ ଏକ ସୋପାନ, ଶିଡ଼ିର ପାଦପୀଠ । ଏଗୁଡ଼ିକର ନିଜସ୍ୱ ମୂଲ୍ୟ କିଛି ନାହିଁ । ହିନ୍ଦୁ ମୂର୍ତ୍ତିକୁ ପୂଜା କରେ ନାହିଁ ବରଂ ଆରାଧନା କରେ ମୂର୍ତ୍ତିରେ ଅଧିଷ୍ଠିତ ଦେବ-ଚୈତନ୍ୟକୁ, ଦେବତାତ୍ମାକୁ; ସେଥିପାଇଁ ପୂଜା ପୂର୍ବରୁ ବିଧାନସ୍ୱରୂପ ପ୍ରାଣ-ପ୍ରତିଷ୍ଠାର ଅନୁଷ୍ଠାନ ଲାଗି ଆୟୋଜନ ।

ଅନ୍ୟ କଥାରେ କହିବା : ହିନ୍ଦୁର ଚେତନାରେ ରହିଛି ଏକ ଉତ୍‌କେନ୍ଦ୍ରାୟନୀ ଗତି – ଏବଂ ଏହାର ଅନୁପ୍ରେରଣାହିଁ ତା' ଦ୍ୱାରା କୁହାଇଛି – ''ନେତି, ନେତି'' ଏବଂ ''ତତଃ କିମ୍, ତତଃ କିମ୍'', ତାକୁ ପ୍ରତିପଦରେ ଉଠାଇ ନିଆ ହେଉଛି ଊର୍ଦ୍ଧ୍ୱସ୍ଥ ଆଉ ଏକ ପ୍ରକାର ଜଗତର ଦିଗରେ, ଏକ ଲୋକାନ୍ତର ଅଭିମୁଖରେ । ଐହିକର ଦେହ-ପ୍ରାଣ-ମନ ମଧ୍ୟରେ ନିଜକୁ ହିନ୍ଦୁ ସୁସୀମ, ସଂହତ, ସମୃଦ୍ଧ କରି ଗଢ଼ି ତୋଳିବାର ଚେଷ୍ଟାରେ ଥିଲେ ମଧ୍ୟ ତାହାର ଅନ୍ତରାତ୍ମା ସର୍ବଦା ଏ ସମସ୍ତକୁ ଡେଇଁ, ଏହାର ପରପାରରେ ଏକ ଅବାଧ ନିର୍ମୁକ୍ତିର ପ୍ରସାରତାରେ ଉପନୀତ ହେବାକୁ ଚେଷ୍ଟିତ । ଦେହ, ପ୍ରାଣ, ମନର ଛାଞ୍ଚକୁ ହିନ୍ଦୁ ଏକାନ୍ତ ସର୍ବସ୍ୱ କରି କେବେ ବି ମାନି ନେଇ ନାହିଁ – ଇଉରୋପ ବରଂ ଏଇ ଦିଗଟି ଉପରେ ଜୋର୍ ଦେଇଛି ଅଧିକ, ଉକ୍ତ କାରଣରୁ ସେ ହୋଇଛି ନୀତିବାଦୀ । ଏବଂ ଏଇଥି ପାଇଁହିଁ ସେ ଭାରତ ବିରୋଧରେ ଅଭିଯୋଗ କରେ ଯେ ଭାରତ ଅତିରିକ୍ତ ତତ୍ତ୍ୱବାଦୀ (metaphysical) ଅଥଚ ଯଥେଷ୍ଟ ମାତ୍ରାରେ ନୈତିକ ନୁହେଁ ।

ଇସଲାମର ସେନାବାହିନୀ ଭଳି ହିନ୍ଦୁଧର୍ମର କିଛି ବାହନ ନଥିଲା, ପୁନଶ୍ଚ ଖ୍ରୀଷ୍ଟୀୟ ଚର୍ଚ୍ଚର ରାଜଚକ୍ରବର୍ତ୍ତିତ୍ୱ ବା ପ୍ରତାପ ମଧ୍ୟ ତା'ର ନଥିଲା । କେବଳ ବୌଦ୍ଧ ଯୁଗରେହିଁ ଧର୍ମ ସର୍ବ-ପ୍ରଥମେ ଭାରତରେ ପାଇଲା ମାନସ, ଅର୍ଥାତ୍ ନୀତିମୂଳକ ପ୍ରାଧାନ୍ୟ; ଏବଂ ସେଇ କାରଣରୁ ୟୁରୋପୀୟମାନେ ଏବଂ ୟୁରୋପୀୟ ଧାରାରେ ଶିକ୍ଷିତ ଭାରତୀୟଗଣ ପୁଣି ବିଶେଷ କରି ଆଧୁନିକମାନେହିଁ ହିନ୍ଦୁଧର୍ମ ଅପେକ୍ଷା ବୌଦ୍ଧଧର୍ମ ଆଡ଼କୁ ବେଶୀ ଢଳିଛନ୍ତି, ସମ୍ଭବତଃ ଏକ ପ୍ରକାର ସଂଘାତ ହେତୁ ବେଶୀ ଐହିକ ଶକ୍ତି ଓ ସାମର୍ଥ୍ୟ ଲାଭ କରିଛନ୍ତି । ମାତ୍ର ସେ ବୌଦ୍ଧ-ଚେତନା ଓ ସାମର୍ଥ୍ୟରେ ମଧ୍ୟ ପୂରା ଜିନିଷଟାହିଁ ଥିଲା ବ୍ରାହ୍ମଣ୍ୟର ଧୀର ଆତ୍ମୋଜ୍ଜ୍ୱଳ ପ୍ରସାରତା । କହିବାକୁ ଗଲେ ତହିଁରେ କ୍ଷାତ୍ର ବିଜିଗୀଷା ନଥିଲା ।

ଆଜିକାର କ୍ଷାତ୍ର ଶକ୍ତିର ଯୁଗରେ ହିନ୍ଦୁ ବିଶେଷ ଭାବରେ ଅନୁଭବ କରୁଛି ଏଇ କ୍ଷାତ୍ର ଶକ୍ତିର ଅଭାବ । ସଂଗଠନ ବ୍ରତର ଅର୍ଥ କ'ଣ ତାହାହିଁ ନୁହେଁ ? ଏଇଠାରେ ପ୍ରଶ୍ନ ଉଠୁଛି ଯେ ହିନ୍ଦୁଧର୍ମ ପକ୍ଷରେ church militant ହେବା କ'ଣ ବାଞ୍ଛନୀୟ ଅବା ସମ୍ଭବ ? ଉତ୍ତରରେ କୁହାଯାଇପାରେ ପୂର୍ଣ୍ଣମାତ୍ରାରେ ରଣରଙ୍ଗିନୀ ନହେଲେ ମଧ୍ୟ, ହିନ୍ଦୁ ପ୍ରକୃତି ମଧ୍ୟରେ ପ୍ରୟୋଜନ 'ଉତ୍ଥାପନା' ବା 'ଊର୍ଦ୍ଧ୍ୱାୟନୀ ଶକ୍ତି'; ଖାଲି ସେତିକି ନୁହେଁ ଏଇଠାରେ, ଜୀବନ କ୍ଷେତ୍ରରେ, ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ହେବାକୁ ହେଲେ ହିନ୍ଦୁ ପକ୍ଷରେ ଅନୁକୂଳ ହେଉଛି ଗୁରୁତ୍ୱ ବା ଓଜଃଗୁଣର ଅଧିକାରୀ ହେବା ।

ଏଇ ଉଦ୍ଦେଶ୍ୟରେ ହିନ୍ଦୁର ଦେହ-ପ୍ରାଣ-ମନକୁ,

ଯେଉଁଗୁଡ଼ିକ ଐହିକ ପ୍ରତିଷ୍ଠାର ଯନ୍ତ୍ର, ସେଇଗୁଡ଼ିକୁ ଦେବାକୁ ହେବ ନୂତନ ଗୋଟିଏ ଗତି ଓ ଗଠନ — ସେ ଗଠନରେ ରହିବ ସ୍ୱଚ୍ଛତର ମାନସ ଛାଞ୍ଚ, ସତେଜ ପ୍ରାଣ, ସୁଠାମ ଓ ସଂହତ ଦୈହିକ ଆୟତନ — ସର୍ବତ୍ର ଏକ କ୍ରିୟା-ଉନ୍ମୁଖ ସୁଶୃଙ୍ଖଳ, ସମର୍ଥ ଉଦ୍ୟମ ।

ଯୁଗଧର୍ମର ଚାପରେ ଏଇ ପ୍ରକାର କିଛି ହୁଏତ ପ୍ରୟୋଜନ, 'ହୁଏତ' ନ କହି ବରଂ 'ନିଶ୍ଚୟ' କହିବା ଦରକାର । ତେବେ ଯୁଗଧର୍ମର ଯେଉଁ ଦାବି ଥାଉନା କାହିଁକି, ଗୋଟିଏ କଥା ଭୁଲିଲେ ଚଳିବ ନାହିଁ, ଯେଉଁଥିପାଇଁ ହିନ୍ଦୁଧର୍ମର ଅନ୍ୟ ନାମ 'ସନାତନ ଧର୍ମ' । ଶରୀରକୁ ରକ୍ଷା କରିବାକୁ ଯାଇ, ଶାରୀରିକ ପ୍ରତିଷ୍ଠା ଲାଭ କରିବାକୁ ଯାଇ ହିନ୍ଦୁ ଯେପରି ତା'ର ଆତ୍ମାକୁ ନ ହରାଏ; ତା'ର ଆତ୍ମ-ପୁରୁଷକୁ, ଅର୍ଥାତ୍ ତାହାର ଗଭୀରତମ, ଊର୍ଦ୍ଧ୍ୱତମ, ବିଶାଳତମ ଅଧ୍ୟାତ୍ମ-ଉପଲବ୍ଧିସବୁକୁ ଯେପରି ହରାଇ ନ ବସେ । ଅନ୍ୟାନ୍ୟ ଧର୍ମର ଦେଖାଦେଖି ହିନ୍ଦୁ ବି ଆଜି ଲୋଭ କରୁଛି ଠିକ୍ ସେଇଭଳି ଏକ ପରାକ୍ରମୀ ପରଧର୍ମଗ୍ରାସୀ ଗୋଷ୍ଠୀ (Proselytising religion) ର ସଦସ୍ୟ ହୋଇଯିବାକୁ । କିନ୍ତୁ ସେ ପ୍ରକାର ଲୋଭକୁ ପ୍ରଶ୍ରୟ ନ ଦେଇ, ପର ଧନରେ ଲୋଭ ନ କରି 'ମା ଗୃଧଃ କସ୍ୟସ୍ୱିଦ୍‌ଧନମ୍' — ତା' ପାଇଁ ଉଚିତ ହେଉଛି ଆପଣାର ପଥରେ, ସ୍ୱଧର୍ମରେ ଚାଲି ଆପଣାର ଧନରେହିଁ ଧନୀ ହୋଇ ଉଠିବା । ନିଜଠାରେ ହିନ୍ଦୁତ୍ୱର ପ୍ରସାର ଦ୍ୱାରା ନିଜକୁ ବଡ଼ କରିବା — ଏହାହିଁ ପ୍ରକୃଷ୍ଟ ପନ୍ଥା । ଅନ୍ତତଃପକ୍ଷେ ଯନ୍ତ୍ରପାତି ରୂପେ ଯାହାହିଁ ଆହରଣ କରା ଯାଉନା କାହିଁକି, ସ୍ମରଣ ରଖିବାକୁ ହେବ ଯେ ସେ ସମସ୍ତ ଖାଲି ଗୌଣ ଉପକରଣ, ଅସଲ ମୁଖ୍ୟ ଜିନିଷଟି ରହିଛି ଅନ୍ୟତ୍ର; ତାହାହିଁ ସହାୟ — ନିଜ ଭିତରେ ହିନ୍ଦୁତ୍ୱକୁ ପ୍ରସାରିତ କରିବା ।

ହିନ୍ଦୁଧର୍ମ ଯେଉଁସବୁ ଅଧ୍ୟାତ୍ମ ସତ୍ୟକୁ ନେଇ ଦଣ୍ଡାୟମାନ, ହିନ୍ଦୁର ଚେତନାରେ, ମନରେ, ପ୍ରାଣରେ, ଜୀବନରେ ସେଗୁଡ଼ିକୁ ଜାଗ୍ରତ୍ ରଖିବାକୁ ହେବ । ହିନ୍ଦୁର ଯଦି ସାଧକମଣ୍ଡଳୀ ଥାଆନ୍ତି, ଯେଉଁମାନଙ୍କର ଲକ୍ଷ୍ୟ ଓ ପ୍ରୟତ୍ନ ଥିଲା ପରମ ଅଧ୍ୟାତ୍ମ ସତ୍ତାକୁ ସ୍ଫୁଟ, ଜାଗ୍ରତ୍ ତଥା ଶରୀରୀ କରି ଧରିବା, ତେବେ ସେଇମାନଙ୍କ ପ୍ରଭାବରେ ହିନ୍ଦୁର ସମାଜ ବି ଲାଭ କରିବ ଯଥାଯୋଗ୍ୟ ସୁଦୃଢ଼, ଶକ୍ତିମାନ୍ ଆୟତନ । ବାହାର ଆୟୋଜନ ଶୃଙ୍ଖଳାର ଯେତେ ବି ଆବଶ୍ୟକତା ଥାଉନା କାହିଁକି, ଅନ୍ତରର ଦିବ୍ୟଚେତନା ଯେପରି ସେଗୁଡ଼ିକୁ ଧାରଣ ଓ ଅନୁପ୍ରାଣିତ କରେ । ହିନ୍ଦୁଜାତିର ଆପାମର ସମସ୍ତଙ୍କୁ ହିଁ ଯେ ଏଥି ନିମନ୍ତେ ଯୋଗୀ, ଋଷି ହୋଇ ଉଠିବାକୁ ପଡ଼ିବ — ସେକଥା ନୁହେଁ । ଯେଉଁମାନେ ବ୍ୟବସ୍ଥାଦାତା, ଯେଉଁମାନେ ସମାଜର ମୁଣ୍ଡ ଅବା ଯେଉଁମାନେ ସମାଜର ହୃଦୟ, ଯେଉଁମାନେ ଅନୁପ୍ରେରଣାର ଉତ୍ସ ସେମାନଙ୍କୁ ହେବାକୁ ପଡ଼ିବ ଯୋଗୀ ଅବା ଋଷି, ଅର୍ଥାତ୍ ସେମାନଙ୍କୁ ହେବାକୁ ପଡ଼ିବ ଅଧ୍ୟାତ୍ମ ସତ୍ୟର ସ୍ରଷ୍ଟା ଓ ଦ୍ରଷ୍ଟା । ହିନ୍ଦୁଧର୍ମ ଓ ହିନ୍ଦୁସମାଜ ଏଇପରି ଭାବରେ ଲାଭ କରିପାରିବ ନବଜନ୍ମ, ନବଜୀବନ — ଅନ୍ୟ ପଥ ଧରିଲେ ସେଇଟି ହୁଏତ କେଜାଣି ସମ୍ଭବ ହୋଇ ପାରିବ — ପୁରାତନକୁ କୌଣସି ପ୍ରକାରେ ଧରିବାନ୍ଧି ରଖିବାର, କୌଣସି ପ୍ରକାରେ ବଞ୍ଚାଇ ରଖିବାର ବ୍ୟର୍ଥ ପ୍ରୟାସ ।

ହିନ୍ଦୁଧର୍ମକୁ ଯଦି ସନାତନ ଧର୍ମରୂପେ ଠିଆ କରାଇବାକୁ ହେବ, ତେବେ ସନାତନ ସତ୍ୟର ଜାଗ୍ରତ୍ ଉପଲବ୍ଧିର ବ୍ୟକ୍ତ ରୂପାୟଣର ମାଧ୍ୟମରେହିଁ ତାହା ହୋଇପାରିବ, ଅନ୍ୟଥା ସମ୍ଭବ କରିବା ଅସାଧ୍ୟ । ପୁରାତନ ସତ୍ୟ ଜୀବନ୍ତ ହୋଇଉଠେ, ସନାତନ ହୋଇଉଠେ — ସାଧକର ଚେତନାରେ ଓ ସାଧକର ଆତ୍ମ-ଅନୁଶୀଳନର ପ୍ରଭାବରେ । ହିନ୍ଦୁର ସମଷ୍ଟିଗତ ଚେତନାର ଭିତରେ କୌଣସି ଏକ ଗଭୀରତାର ମଧ୍ୟରେ ପ୍ରଜ୍ୱଳିତ କରିବାକୁ ହେବ ସତ୍ୟ-ଉପଲବ୍ଧିର ଚିନ୍ମୟ ଅଗ୍ନି । ଏଇ ଅଗ୍ନିର ଊର୍ଦ୍ଧ୍ୱାୟନହିଁ ବୁଝାଇବ ହିନ୍ଦୁରାଜ୍ୟର ବ୍ୟାବହାରିକ ପ୍ରତିଷ୍ଠା ଓ ପ୍ରସାର । ଅତୀତରେ ହିନ୍ଦୁମାନଙ୍କର ପ୍ରଭାବ ହିନ୍ଦୁସ୍ଥାନର ବାହାରେ ଦିଗ୍-ବିଦିଗେ, ଦୂରରୁ ଦୂରକୁ ପ୍ରସାରିତ ହୋଇଥିଲା । ଆଜି ମଧ୍ୟ ଉକ୍ତ ପୁରାତନ ପନ୍ଥାହିଁ ବିତତ ହୋଇଚାଲିଛି ।

ହିନ୍ଦୁତ୍ୱର ଉତ୍ସ କ୍ଷାତ୍ର ପରାକ୍ରମ ନୁହେଁ ଅଥବା ବୈଶ୍ୟର କୌଶଳ ନୁହେଁ; ତାହାର ଉତ୍ସ ବ୍ରାହ୍ମଣ୍ୟ ଚେତନା । ସେଥିପାଇଁ ହିନ୍ଦୁଧର୍ମର ଆଉ ଏକ ନାମ ବ୍ରାହ୍ମଣ୍ୟ ଧର୍ମ । ଅର୍ଥାତ୍ ସେ ଉତ୍ସ, ସେ ପ୍ରତିଷ୍ଠା ହେଉଛି ବ୍ରାହ୍ମୀସ୍ଥିତି, ଅଧ୍ୟାତ୍ମ-ସତ୍ତା । ଅଧ୍ୟାତ୍ମ-ସତ୍ତାର ବିଗ୍ରହ ଯଥାର୍ଥ ବ୍ରାହ୍ମଣହିଁ ପ୍ରୟୋଜନ ବୋଧ କଲେ ସୃଷ୍ଟି କରିନେବ ବା ଗଢ଼ିନେବ ତାହାର ଯନ୍ତ୍ର — ଯଥାଯୋଗ୍ୟ କ୍ଷାତ୍ରଶକ୍ତି ବା ବୈଶ୍ୟଶକ୍ତି । ଯେଉଁ କ୍ଷାତ୍ରଶକ୍ତି ବା ବୈଶ୍ୟଶକ୍ତି ସ୍ୱୟଂସିଦ୍ଧ ବା ଆତ୍ମପରାୟଣ ତାହା ଆସୁରିକ — କୌଣସି ଦିବ୍ୟସୃଷ୍ଟି ତାହା ଦ୍ୱାରା ସମ୍ଭବ ନୁହେଁ । ବରଂ ଦିବ୍ୟସୃଷ୍ଟିକୁ ତାହା ବ୍ୟାହତ କରି ଚାଲେ । ସେଇ କାରଣରୁ ବ୍ରାହ୍ମୀସ୍ଥିତି ଉପରେ ପ୍ରତିଷ୍ଠିତ କ୍ଷାତ୍ର ବା ବୈଶ୍ୟ ଶକ୍ତି ଦ୍ୱାରା ଭବିଷ୍ୟକାଳର ଦିବ୍ୟସୃଷ୍ଟି ଗଢ଼ି ତୋଳିବାକୁ ହେବ ।

('ରଚନା-ବିଚିତ୍ରା'ରୁ ସଂଗୃହୀତ)

ଅନୁବାଦ : କୃଷ୍ଣାଦେବୀ ✤

# ତୃତୀୟ ସୂକ୍ତ, ଅଗ୍ନିଙ୍କ ପ୍ରତି

**ଶ୍ରୀଅରବିନ୍ଦ**

## ଭାଗବତୀ ଶକ୍ତି, ପରମ କଲ୍ୟାଣକୁ ଯିଏ ଜୟ କରନ୍ତି

ଋଗ୍‌ବେଦ, ମଣ୍ଡଳ-୫, ସୂକ୍ତ-୩, ଋଷି-ବସୁଶ୍ରୁତ ଆତ୍ରେୟ

[ସେ (ଅଗ୍ନି) 'ଭାଗବତୀ ସଂକଳ୍ପଶକ୍ତି' ସ୍ୱରୂପ ଦେବତା, ଅନ୍ୟ ସକଳ ଦେବଗଣ ହେଉଛନ୍ତି ତାଙ୍କର ବିଭିନ୍ନ ରୂପ, ଏବଂ ସେ ଆମ ମଧ୍ୟରେ ବିକଶିତ ହେବା ସଙ୍ଗେ ସଙ୍ଗେ ପରମ 'ସତ୍ୟ'ର ଏହି ଶକ୍ତି ସକଳଙ୍କୁ ଅଭିବ୍ୟକ୍ତ କରନ୍ତି । ଚିନ୍ମୟ ସତ୍ତାଙ୍କର ପରମସ୍ତରକୁ ଏହିଭାବେ ଜଣେ ପ୍ରାପ୍ତ ହୋଇଥାଏ ଏବଂ ତାହାରି ଦ୍ୱାରା ଆମ ବହୁ ସମାବେଶୀ ତଥା ବିବିଧତାରେ ଭରା ଅସ୍ତିତ୍ୱ 'ଜ୍ୟୋତି ଓ ଆନନ୍ଦ'ରେ ନିର୍ବାହିତ ହୋଇଥାଏ । ଏଠାରେ ଋଷି ପ୍ରାର୍ଥନା କରୁଛନ୍ତି ଯେ ଦୁରିତ ବା ବୃଜିନ ପୁଣି ଥରେ ତାଙ୍କ ମଧ୍ୟରେ ଯେପରି ପ୍ରକାଶ ନପାଉ, ଯାହା ଫଳରେ ବସ୍ତୁଜାତର 'ପିତା', ଯିଏକି ଆମ ମଧ୍ୟରେ ନିହିତ ଗୂଢ଼ାତ୍ମା, ସିଏ ଆମର କର୍ମ ଓ ଆମ କ୍ରମବିକାଶ ରୂପକ ସନ୍ତାନ ରୂପେ ଆବିର୍ଭୂତ ହେବେ, ତାହା (ଗୂଢ଼ାତ୍ମା) — ବୃହତ୍‌ଋତଚିତ୍ ପ୍ରତି ଉନ୍ମୀଳିତ ହୋଇପାରିବ । ମିଥ୍ୟା ଓ ଆସୁରୀ ଅପଶକ୍ତିଗଣଙ୍କୁ, ଯେଉଁମାନେ ଆମକୁ ସ୍ଖଳିତ ହେବାକୁ ତଥା ଆମଠାରେ ଥିବା ଦିବ୍ୟ ରୟି (ସମ୍ପଦ)କୁ ଚୋରାଇ ନେବାକୁ ଚାହାନ୍ତି, ସେମାନଙ୍କୁ ଏହି 'ଦିବ୍ୟ ଅଗ୍ନି' ବିଧ୍ୱଂସ କରିଦେବେ ।]

ତ୍ୱମଗ୍ନେ ବରୁଣୋ ଜାୟସେ ଯତ୍ ତ୍ୱଂ ମିତ୍ରୋ ଭବସି ଯତ୍ ସମିଦ୍ଧଃ ।
ତ୍ୱେ ବିଶ୍ୱେ ସହସସ୍ପୁତ୍ର ଦେବାସ୍ତ୍ୱମିନ୍ଦ୍ରୋ ଦାଶୁଷେ ମର୍ତ୍ତ୍ୟାୟ ॥୧॥

ହେ ସଂକଳ୍ପସ୍ୱରୂପ ଅଗ୍ନିଦେବ [ଅଗ୍ନେ], ଯେତେବେଳେ ତୁମେ ଜନ୍ମଗ୍ରହଣ କର [ଯତ୍ ତ୍ୱଂ ଜାୟସେ] ତୁମେ ବିଶାଳତାର ଦେବ ବରୁଣ [ବରୁଣଃ];[୧] ଯେତେବେଳେ ତୁମେ ପୂର୍ଣ୍ଣରୂପେ ପ୍ରଜ୍ୱଳିତ [ଯତ୍ ତ୍ୱଂ ସମିଦ୍ଧଃ] ତୁମେ 'ପ୍ରେମ'ର ଅଧିଦେବ ମିତ୍ର [ମିତ୍ରଃ ଭବସି][୨] । ହେ ଦିବ୍ୟଶକ୍ତିର ପୁତ୍ର [ସହସଃ ପୁତ୍ର], ତୁମ ମଧ୍ୟରେ ସର୍ବଦେବ ବିଦ୍ୟମାନ [ତ୍ୱେ ବିଶ୍ୱେ ଦେବାଃ]; ଆହୁତିଦାତା ମର୍ତ୍ତ୍ୟଜୀବଙ୍କ ପାଇଁ [ଦାଶୁଷେ ମର୍ତ୍ତ୍ୟାୟ] ତୁମେ ହେଉଛ ଦିବ୍ୟମନଃଶକ୍ତି ଇନ୍ଦ୍ର [ଇନ୍ଦ୍ରଃ][୩] ।

ତ୍ୱମର୍ଯମା ଭବସି ଯତ୍ କନୀନାଂ ନାମ ସ୍ୱଧାବନ୍ ଗୁହ୍ୟଂ ବିଭର୍ଷି ।
ଅଞ୍ଜନ୍ତି ମିତ୍ରଂ ସୁଧିତଂ ନ ଗୋଭିର୍ଯଦ୍ ଦମ୍ପତି ସମନସା କୃଣୋଷି ॥୨॥

ସ୍ୱ-ବିଧାନକୁ ବହନ କରୁଥିବା ପ୍ରକୃତିର ଧର୍ତ୍ତା (ହେ ଅଗ୍ନିଦେବ) [ସ୍ୱଧାବନ୍] : ତୁମେ ଯେତେବେଳେ କୁମାରୀମାନଙ୍କ[୫] ଗୁହ୍ୟ ନାମକୁ ବହନ କର [ଯତ୍ ତ୍ୱଂ କନୀନାଂ ଗୁହ୍ୟଂ ନାମ ବିଭର୍ଷି] ସେତେବେଳେ ତୁମେ ହୋଇଯାଅ ଅଭୀପ୍ସୁ-ଶକ୍ତି[୪]

[୧] ବରୁଣ, ଯିଏ ଅନନ୍ତ 'ସତ୍ୟ'ର ବ୍ୟୋମମଣ୍ଡଳୀୟ ଶୁଦ୍ଧତା ତଥା ମହାସାଗରୀୟ ବ୍ୟାପକତାର ପ୍ରତିନିଧିତ୍ୱ କରନ୍ତି ।

[୨] ମିତ୍ର, 'ସତ୍ୟ'ର ସର୍ବାଲିଙ୍ଗନକାରୀ ସଂଗତି, ସର୍ବସତ୍ତାଙ୍କର ଦିବ୍ୟ ସୁହୃତ୍, ସେହି କାରଣରୁ ସେ 'ପ୍ରେମ'ର ଅଧିଦେବ ।

[୩] ଇନ୍ଦ୍ର, ଆମ ସତ୍ତାର ଶାସକ, ଭାଗବତ ମନର ଜ୍ୟୋତିର୍ମୟ ଜଗତର ଯେ ପ୍ରଭୁ ।

[୪] ଅର୍ଯମନ୍, ଯିଏ 'ସତ୍ୟ'ର ଆସ୍ପୃହାଶୀଳ ଶକ୍ତି ତଥା କର୍ମ ।

[୫] କନୀନାମ୍, କନୀ ଶବ୍ଦର ଅର୍ଥ ସମ୍ଭବତଃ ଅପରିପକ୍ୱ ରଶ୍ମିମାଳା, ଅର୍ଥାତ୍ ଆତ୍ମାର ଉଚ୍ଚତର ଶକ୍ତି ସହିତ ମିଳନ ନିମନ୍ତେ ଆମ ଆସ୍ପୃହାଗୁଡ଼ିକୁ ପ୍ରସ୍ତୁତ କରିବାକୁ ଅଛି; ଦେବ ଅର୍ଯମା ସେମାନଙ୍କ ଗୂଢ଼ ତାତ୍ପର୍ଯ୍ୟକୁ, 'ନାମ'କୁ ବା 'ସଂଜ୍ଞା'କୁ ବହନ କରିଥା'ନ୍ତି, ଏହା ସେତିକିବେଳେ ଅଭିବ୍ୟକ୍ତ ହୋଇଥାଏ ଯେତେବେଳେ ଆସ୍ପୃହାମାନ ଜ୍ଞାନାଲୋକକୁ ପ୍ରାପ୍ତ ହୁଅନ୍ତି ଏବଂ ମିତ୍ରଦେବ ଆତ୍ମା ଓ ପ୍ରକୃତି ମଧ୍ୟରେ ସଂଗତି ସ୍ଥାପନ କରନ୍ତି ।

[ଅର୍ଯ୍ୟମା ଭବସି] । ତାଙ୍କର (ପ୍ରକୃତିର) କିରଣମାଳା ମଧ୍ୟରେ [ଗୋଭିଃ] ସେମାନେ (କୁମାରୀମାନେ) ତୁମକୁ ଉଜ୍ଜ୍ୱଳତର କଲେ [ଅଞ୍ଜନ୍ତି] ଠିକ୍ ଯେପରି [ଯଦ୍] ତୁମେ ଈଶ୍ୱର ଓ ଈଶ୍ୱରୀଙ୍କୁ [ଦମ୍ପତି][୬] ନିଜ ଭବନରେ ସହମତି କରାଇଥିବାବେଳେ [ସମନସା କୃଣୋଷି] 'ପ୍ରେମ'[୭] ସୁପ୍ରତିଷ୍ଠିତ ହୋଇଥାଏ [ମିତ୍ରଂ ସୁଧିତଂ ନ] ।

ତବ ଶ୍ରିୟେ ମରୁତୋ ମର୍ଜୟନ୍ତ ରୁଦ୍ର ଯତ୍ ତେ ଜନିମ ଚାରୁ ଚିତ୍ରମ୍ ।
ପଦଂ ଯଦ୍ ବିଷ୍ଣୋରୁପମଂ ନିଧାୟି ତେନ ପାସି ଗୁହ୍ୟଂ ନାମ ଗୋନାମ୍ ॥୩॥

ହେ ଉଗ୍ର ଦେବ [ରୁଦ୍ର], ଧୀଶକ୍ତି ଗଣ [ମରୁତଃ] ତୁମ ଶ୍ରୀସମୃଦ୍ଧିର ବୃଦ୍ଧି ନିମନ୍ତେ [ତବ ଶ୍ରିୟେ] ସେମାନଙ୍କ ବଳ ପ୍ରୟୋଗରେ ଉଜ୍ଜ୍ୱଳତାର ଯେଉଁ ପ୍ରକଟନ କରାନ୍ତି [ମର୍ଜୟନ୍ତ] ତାହାହିଁ ତୁମର ବର୍ଣ୍ଣାଢ୍ୟ ଓ ସୌନ୍ଦର୍ଯ୍ୟମୟ ଜନ୍ମ[୮] [ତେ ଚାରୁ ଚିତ୍ରଂ ଜନିମ] । ଯେତେବେଳେ ବିଷ୍ଣୁଙ୍କ ଊର୍ଦ୍ଧ୍ୱତମ ଚରଣ[୯] [ଯଦ୍ ବିଷ୍ଣୋଃ ଉପମଂ ପଦମ୍] ଆମ ମଧ୍ୟରେ ପ୍ରତିଷ୍ଠିତ ହୋଇଯାଏ [ନିଧାୟି] ସେତେବେଳେ ତୁମେ ତାହା ଦ୍ୱାରା [ତେନ] ରଶ୍ମିରୂପକ ଗୋମାନଙ୍କର ଗୁପ୍ତ ନାମକୁ ରକ୍ଷା କରିଥାଅ [ଗୋନାଂ ଗୁହ୍ୟଂ ନାମ ପାସି][୧୦] ।

ତବ ଶ୍ରିୟା ସୁଦୃଶୋ ଦେବ ଦେବାଃ ପୁରୂ ଦଧାନା ଅମୃତଂ ସପନ୍ତ ।
ହୋତାରମଗ୍ନିଂ ମନୁଷୋ ନି ଷେଦୁର୍ଦଶସ୍ୟନ୍ତ ଉଶିଜଃ ଶଂସମାୟୋଃ ॥୪॥

ହେ ଦେବ [ଦେବ] ! ଉଚିତ ଦୃଷ୍ଟିମାନ୍ ତୁମ ମହିମା ଦ୍ୱାରା [ସୁଦୃଶଃ ତବ ଶ୍ରିୟା] ବିବିଧତାରେ ଭରା ଜୀବନକୁ ବହନ କରୁଥିବା ଦେବଗଣ [ପୁରୁ ଦଧାନାଃ ଦେବାଃ] ଅମୃତର ଆସ୍ୱାଦନ କରନ୍ତି [ଅମୃତଂ ସପନ୍ତ] ଏବଂ ଆହୁତିଦାତା 'ଶକ୍ତି' (ଅଗ୍ନି) ମଧ୍ୟରେ [ହୋତାରମ୍ ଅଗ୍ନିମ୍] ମନୁଷ୍ୟମାନେ ଉପବେଶନ କରିଥା'ନ୍ତି [ମନୁଷଃ ନି ଷେଦୁଃ], କାମନାଶୀଳ ସେମାନେ (ମନୁଷ୍ୟମାନେ) [ଉଶିଜଃ] ସତ୍ତାର ବା ଅସ୍ତିତ୍ୱର [ଆୟୋଃ] ଆତ୍ମାଭିବ୍ୟକ୍ତିକୁ [ଶଂସମ୍] ଦେବତାମାନଙ୍କୁ ବିତରଣ କରି ଦେଇଥା'ନ୍ତି [ଦଶସ୍ୟନ୍ତ] ।

ନ ତ୍ୱଦ୍ଧୋତା ପୂର୍ବୋ ଅଗ୍ନେ ଯଜୀୟାନ୍ ନ କାବ୍ୟୈଃ ପରୋ ଅସ୍ତି ସ୍ୱଧାବଃ ।
ବିଶଶ୍ଚ ଯସ୍ୟା ଅତିଥିର୍ଭବାସି ସ ଯଜ୍ଞେନ ବନବଦ୍ ଦେବ ମର୍ତାନ୍ ॥୫॥

ହେ ଅଗ୍ନି [ଅଗ୍ନେ], ତୁମ ପୂର୍ବରୁ ଯଜ୍ଞର ହୋତା ରୂପେ କେହି ନଥିଲେ [ତ୍ୱତ୍ ପୂର୍ବଃ ନ ହୋତା] କିଂବା ଯଜ୍ଞ ନିମନ୍ତେ ତୁମଠୁ ଅଧିକ ଶକ୍ତିଶାଳୀ କେହି ନଥିଲେ [(ନ) ଯଜୀୟାନ୍]; ଆତ୍ମଜ୍ଞାନର ବିଷୟଗୁଡ଼ିକରେ ତୁମଠୁ ପରମ ଜ୍ଞାନୀ କେହି ବି ନାହିଁ [କାବ୍ୟୈଃ ନ ପରଃ ଅସ୍ତି], ତୁମେ ହେଉଛ 'ପ୍ରକୃତି'ଗତ ଆତ୍ମ-ବିଧାନର ଦେବତା [ସ୍ୱଧାବଃ] । ହେ ଦେବ [ଦେବ] ! ତୁମେ ଯେଉଁ ପ୍ରାଣୀର ଅତିଥି ହୋଇଯାଅ [ଯସ୍ୟାଃ ଚ ବିଶଃ ଅତିଥିଃ ଭବାସି] ସେ ମର୍ତ୍ତ୍ୟତ୍ୱର କବଳରେ ସ୍ଥିତ ସମସ୍ତଙ୍କ ଉପରେ [ସଃ ମର୍ତାନ୍] ଯଜ୍ଞ ଦ୍ୱାରା [ଯଜ୍ଞେନ] ପ୍ରଭୁତ୍ୱ ଲାଭ କରିଥାଏ [ବନବଦ୍] ।

ବୟମଗ୍ନେ ବନୁୟାମ ତ୍ୱୋତା ବସୂୟବୋ ହବିଷା ବୁଧ୍ୟମାନାଃ ।
ବୟଂ ସମର୍ୟେ ବିଦଥେଷ୍ୱହ୍ନାଂ ବୟଂ ରାୟା ସହସସ୍ପୁତ୍ର ମର୍ତାନ୍ ॥୬॥

---

(୬) ପ୍ରେମ – ମିତ୍ରଦେବତା ।

(୭) ଦମ୍ପତି – 'ଆତ୍ମା' ଓ 'ପ୍ରକୃତି' । 'ଭବନ'ର ଅର୍ଥ ମାନବ ଶରୀର ।

(୮) 'ଜ୍ୟୋତିଃ'ର ପରମ ଲୋକ । ଅନ୍ୟ ଏକ ସ୍ଥାନରେ କୁହାଯାଇଛି ଯେ ଅଗ୍ନି ନିଜ ସତ୍ତାରେ ଜ୍ୟୋତିର୍ଲୋକଗୁଡ଼ିକ ମଧ୍ୟରେ ଉଚ୍ଚତମ ହୁଅନ୍ତୁ ।

(୯) ବିଷ୍ଣୁଙ୍କର ତିନି ଚରଣ ବା ଗତିକ୍ରମ ରହିଛି – ପୃଥ୍ୱୀ, ସ୍ୱର୍ଗ ଓ ପରମ ଲୋକ; 'ଆଲୋକ', 'ସତ୍ୟ' ଓ 'ସୂର୍ଯ୍ୟ' ହେଉଛନ୍ତି ସେମାନଙ୍କର ଆଧାର ।

(୧୦) ଗୋନାଂ ଗୁହ୍ୟଂ ନାମ – ପରମ 'ଜ୍ୟୋତିଃ'ର ପରା-ଚେତନାରେ ଜ୍ଞାନାଲୋକର ସନ୍ଧାନ ମିଳିଥାଏ ।

ହେ ଅଗ୍ନି [ଅଗ୍ନେ] ! ତୁମ ଦ୍ୱାରା ପରିପୋଷିତ [ତ୍ୱା ଊତାଃ], ତୁମ ଦ୍ୱାରା ପ୍ରବୋଧିତ ହୋଇଥିବା [ବୁଧମାନାଃ], ଆଧାରଭୂତ ସଦ୍‌ବସ୍ତୁର ସନ୍ଧାନୀ ଆମ୍ଭେମାନେ [ବସୂୟବଃ ବୟମ୍] ହବିଃ ସମର୍ପଣ ଦ୍ୱାରା [ହବିଷା] ଆମେ ଯେପରି ଜୟ ପ୍ରାପ୍ତ ହେଉ [ବନୁୟାମ],– ହେ ଶକ୍ତି ତନୟ [ସହସଃ ପୁତ୍ର] ! ମହାସମରରେ ଉପଗତ ଆମେ [ସମର୍ଯ୍ୟେ ବୟମ୍], ଆମ ଦିବସମାନଙ୍କରେ ଜ୍ଞାନର ଆଗମନୀରେ ଉପସ୍ଥିତ ଆମେ [ଅହ୍ନାଂ[୧୧] ବିଦଥେଷୁ ବୟମ୍], ଆନନ୍ଦୈଶ୍ୱର୍ଯ୍ୟ ବଳରେ [ରାୟା] ଯାହାସବୁ ମରଣଶୀଳ ସେମାନଙ୍କୁ ଆମେ ଯେପରି ପରାଭୂତ କରୁ [ମର୍ତାନ୍ ବନୁୟାମ] ।

ୟୋ ନ ଆଗୋ ଅଭ୍ୟେନୋ ଭରାତ୍ୟଧୀଦଘମଘଶଂସେ ଦଧାତ ।
ଜହୀ ଚିକିତ୍ୱୋ ଅଭିଶସ୍ତିମେତାମଗ୍ନେ ୟୋ ନୋ ମର୍ଚୟତି ଦ୍ୱୟେନ ॥୭॥

ଯେଉଁ ଅଶୁଭ-ପ୍ରକଟକ [ୟଃ(ଅଘଶଂସଃ)] ଆମ ମଧ୍ୟକୁ [ନଃ] ପାପ ଓ ଉଲ୍ଲଘଂନ ଆଣିବାକୁ ଇଚ୍ଛା କରୁଛି [ଏନଃ ଆଗଃ ଅଭି ଭରାତି] ତା'ର ସେହି ପାପକୁ [ଅଘମ୍] ଅଶୁଭ-ପ୍ରକଟକର ମସ୍ତକରେ [ଅଘଶଂସସେ ଇତ୍] ତୁମେ ଅଜାଡ଼ି ଦିଅ [ଅଧି ଦଧାତ]; ହେ ସଚେତନ ଜ୍ଞାତା [ଚିକିତ୍ୱ ଅଗ୍ନେ] ! ଯିଏ ଦ୍ୱୈତତା ଦ୍ୱାରା ଆମ୍ଭମାନଙ୍କୁ ଉତ୍‌ପୀଡ଼ିତ କରୁଛି [ୟଃ ଦ୍ୱୟେନ ନଃ ଅର୍ଚୟତି] ତା'ର ଏହି ବିରୁଦ୍ଧ ଆତ୍ମାଭିବ୍ୟକ୍ତିକୁ [ଏତାମ୍ ଅଭିଶସ୍ତିମ୍] ବଧ କର [ଜହି] ।

ତ୍ୱାମସ୍ୟା ବ୍ୟୁଷି ଦେବ ପୂର୍ବେ ଦୂତଂ କୃଣ୍ୱାନା ଅୟଜନ୍ତ ହବ୍ୟୈଃ ।
ସଂସ୍ଥେ ୟଦଗ୍ନ ଈୟସେ ରୟୀଣାଂ ଦେବୋ ମର୍ତୈର୍ବସୁଭିରିଧମାନଃ ॥୮॥

ହେ ଦେବ [ଦେବ] ! ଆମ ଏହି 'ରାତ୍ରି'ର [ଅସ୍ୟାଃ] ଉଷାର ପ୍ରକାଶ ହେଉଥିବାବେଳେ [ବ୍ୟୁଷି] 'ପୂର୍ବଜ'ମାନେ [ପୂର୍ବେ][୧୨] ତୁମକୁ ସେମାନଙ୍କ ଦୂତ କରିଥିଲେ [ତ୍ୱାଂ ଦୂତଂ କୃଣ୍ୱାନାଃ] ଏବଂ ତୁମ ଦ୍ୱାରା ହବିଃ ଅର୍ପଣପୂର୍ବକ ସେମାନେ ଯଜ୍ଞାନୁଷ୍ଠାନ କରିଥିଲେ [ହବ୍ୟୈଃ ଅୟଜନ୍ତ] କାରଣ [ୟଦ୍] ତୁମେ ହେଉଛ ସେହି ଦେବ [ଦେବଃ] ଯିଏ ମୂଳତତ୍ତ୍ୱବାସୀ ମୃତ୍ୟୁନିୟତ ପ୍ରାଣୀମାନଙ୍କ ଦ୍ୱାରା ପ୍ରଜ୍ୱଳିତ ହୋଇଛ [ବସୁଭିଃ ମର୍ତୈଃ ଇଧ୍ୟମାନଃ], ହେ ଅଗ୍ନିଦେବ [ଅଗ୍ନେ] ! ସକଳ ଆନନ୍ଦୈଶ୍ୱର୍ଯ୍ୟର ମିଳନସ୍ଥଳ ପ୍ରତି [ରୟୀଣାଂ ସଂସ୍ଥେ][୧୩] ତୁମେ ଗତି କରୁଛ [ଈୟସେ] ।

ଅବ ସ୍ପୃଧି ପିତରଂ ୟୋଧି ବିଦ୍ୱାନ୍ ପୁତ୍ରୋ ୟସ୍ତେ ସହସଃ ସୂନ ଊହେ ।
କଦାଁ ଚିକିତ୍ୱୋ ଅଭି ଚକ୍ଷସେ ନୋଽଗ୍ନେ କଦା ଋତଚିଦ୍ ୟାତୟାସେ ॥୯॥

ତୁମେ ପିତାଙ୍କୁ ଉଦ୍ଧାର କର [ପିତରମ୍ ଅବ ସ୍ପୃଧି] ଏବଂ ହେ ଶକ୍ତିତନୟ [ସହସଃ ସୂନୋ] ! ତୁମର ପୁତ୍ର ରୂପେ ଯିଏ ଆମ ମଧ୍ୟରେ ବହନ କରା ହେଉଛନ୍ତି [ୟଃ ତେ ପୁତ୍ରଃ ଊହେ] ସ୍ୱୟଂ ଜ୍ଞାନଯୁକ୍ତ ତୁମେ [ବିଦ୍ୱାନ୍] ତାଙ୍କଠାରୁ ଅଶୁଭକୁ ଦୂର କର [ୟୋଧି] । ହେ ସଚେତନ ଜ୍ଞାତା [ଚିକିତ୍ୱଃ] ! କେବେ ଆମ ନିମନ୍ତେ ସେହି ଦୃଷ୍ଟିକୁ ତୁମେ ପ୍ରାପ୍ତ ହେବ [କଦା ନଃ ଅଭି ଚକ୍ଷସେ] ? ହେ ସତ୍ୟଚିତ୍ ଦିବ୍ୟସଂକଳ୍ପ ଦେବ [ଋତଚିତ୍ ଅଗ୍ନେ] ! କେବେ ତୁମେ ଯାତ୍ରା ନିମନ୍ତେ ଆମକୁ ପ୍ରେରିତ କରିବ [କଦା ୟାତୟାସେ] ?

ଭୂରି ନାମ ବନ୍ଦମାନୋ ଦଧାତି ପିତା ବସୋ ୟଦି ତଜ୍ଜୋଷୟାସେ ।
କୁବିଦ୍ ଦେବସ୍ୟ ସହସା ଚକାନଃ ସୁମ୍ନମଗ୍ନିର୍ବନତେ ବାବୃଧାନଃ ॥୧୦॥

[୧୧] ଆତ୍ମା ପରିଦର୍ଶନ କରୁଥିବା ଜ୍ୟୋତିର ପ୍ରକାଶ କାଳଗୁଡ଼ିକ ।

[୧୨] ଗୂଢ଼ ଜ୍ଞାନକୁ ଆବିଷ୍କାର କରିଥିବା ପୂର୍ବଜ ଋଷିଗଣ ।

[୧୩] 'ସତ୍ୟ' ଓ 'ଆନନ୍ଦ'ର ପରମ ଜଗତ୍ (ସଂସ୍ଥା) ।

ହେ ସାର ଉପାଦାନବାସୀ ଦେବ [ବସୋ] ! ଯେତେବେଳେ ତୁମେ ପିତାଙ୍କୁ ତାହା ସ୍ୱୀକାର କରିବାକୁ ତଥା ସେଥିରେ ଲାଖି ରହିବାକୁ ତୁମେ ପ୍ରେରିତ କର [ପିତା ତତ୍ ଜୋଷୟାସେ] ପ୍ରକୃତରେ ସେତେବେଳେ ଯାଇ ସେ ସେହି ବୃହତ୍ ନାମକୁ [ଭୂରି ନାମ][୧୪] ବନ୍ଦନା କରିବା ସହ ଧାରଣ କରିଥା'ନ୍ତି [ବନ୍ଦମାନଃ ଦଧାତି] । ଆମ ଆନ୍ତର ସଂକଳ୍ପ [କୁବିଦ୍ ଅଗ୍ନିଃ] ଆନନ୍ଦ କାମନା କରୁଛନ୍ତି [ସୁମ୍ନଂ ଚକାନ], ଦେବ[୧୫]ଙ୍କ ଶକ୍ତି ଦ୍ୱାରା ବୃଦ୍ଧିଲାଭ କରୁଛନ୍ତି [ଦେବସ୍ୟ ସହସା ବାବୃଧାନଃ] ଏବଂ ତାହାକୁ ପୂରାପୂରି ଅଧିକାର କରିନେଉଛନ୍ତି [ବନତେ] ।

ତ୍ୱମଙ୍ଗ ଜାରିତାରଂ ଯବିଷ୍ଠ ବିଶ୍ୱାନ୍ୟଗ୍ନେ ଦୁରିତାତି ପର୍ଷି ।
ସ୍ତେନା ଅଦୃଶ୍ରନ୍ ରିପବୋ ଜନାସୋଽଜ୍ଞାତକେତା ବୃଜିନା ଅଭୂବନ୍ ॥୧୧॥

ହେ ସଂକଳ୍ପଦେବ [ଅଙ୍ଗ ଅଗ୍ନେ], ହେ ଯୁବ ତମ ତେଜସ୍ୱୀ [ଯବିଷ୍ଠ] ! ତୁମ ଉପାସକଙ୍କୁ [ଜରିତାରମ୍] ତୁମେ ତାଙ୍କର ଶୋକ ଓ ଦୁର୍ଯୋଗ ପ୍ରତି ଯାବତୀୟ ସ୍ଖଳନର ଉର୍ଦ୍ଧ୍ୱକୁ ନେଇଯାଇଥାଅ [ତ୍ୱଂ ବିଶ୍ୱାନି ଦୁରିତା ଅତି ପର୍ଷି]; କାରଣ, ହାନିକାରକ [ରିପବଃ] ତଥା ହୃଦୟରେ ଚୋର [ସ୍ତେନାଃ] ସେହି ପ୍ରାଣୀମାନଙ୍କୁ ତୁମେ ଦୃଷ୍ଟିଗୋଚର କରିଛ [ଜନାସଃ ଅଦୃଶ୍ରନ୍] – ସେମାନଙ୍କ ବୁଦ୍ଧି ବିଚାର ଜ୍ଞାନଶୂନ୍ୟ [ଅଜ୍ଞାତକେତାଃ], ସେହି ହେତୁ ସେମାନେ କୁଟିଳତା ମଧ୍ୟରେ ପଡ଼ି ରହିଛନ୍ତି [ବୃଜିନା ଅଭୂବନ୍] ।

ଇମେ ଯାମାସସ୍ତ୍ୱଦ୍ରିଗଭୂବନ୍ ବସବେ ବା ତଦିଦାଗୋ ଅବାଚି ।
ନାହାୟମଗ୍ନିରଭିଶସ୍ତୟେ ନୋ ନ ରୀଷତେ ବାବୃଧାନଃ ପରା ଦାତ୍ ॥୧୨॥

ଏଇ ତୁମେ ଦେଖ, ଆମ ଯାତ୍ରାର ଏହି ଯେଉଁ ସମସ୍ତ ଗତିବିଧି [ଇମେ ଯାମାସଃ] ସେମାନେ ନିଜ ମୁଖକୁ ତୁମ ପ୍ରତି ଘୂରେଇ ଦେଇଛନ୍ତି [ତ୍ୱାଦ୍ରିକ୍ ଅଭୂବନ୍], ସେହି ହେତୁ ଆମ ମଧ୍ୟରେ ପାପ ତତ୍ତ୍ୱ ରହିଛି [ତତ୍ ଇତ୍ ଆଗଃ], ଆମ ସତ୍ତାରେ ଅବସ୍ଥିତ ସେହି ଦିବ୍ୟ ଅଧିବାସୀଙ୍କୁ ଘୋଷିତ କରାଯାଇଛି [ବସବେ ବା ଅବାଚି] । ଏହି ଦିବ୍ୟ ସଂକଳ୍ପ [ଅୟମ୍ ଅଗ୍ନିଃ] ନିଜର ଅଭିବୃଦ୍ଧି ସାଧନ କରୁଥିବା ବେଳେ [ବାବୃଧାନଃ] ଆମର ଆତ୍ମାଭିବ୍ୟକ୍ତିରେ ବାଧକଙ୍କୁ ପ୍ରତିହତ କରିବାରେ ପ୍ରବଞ୍ଚନା କରିବେ ନାହିଁ [ନଃ ଅଭିଶସ୍ତୟେ ରୀଷତେ ନ]; ଆମକୁ ଆମ ଶତ୍ରୁର ହାତରେ ସେ ଛାଡ଼ି ଦେବେ ନାହିଁ [ନଃନ ପରା ଦାତ୍] !

(କ୍ରମଶଃ)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, pp. 401-404]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର

---

[୧୪] ସତ୍ୟଲୋକକୁ 'ବିଶାଳତା' ବା 'ବୃହତ୍' ଅଥବା 'ବୃହତ୍ ସତ୍ୟ' ବୋଲାଯାଏ ।

[୧୫] 'ଦେବ' – ପରମଦେବତା, ଦେବଗଣ ତାଙ୍କରି ବିଭିନ୍ନ ନାମ ଓ ଶକ୍ତିକୁ ବହନ କରୁଛନ୍ତି ।

ଭଗବାନ୍ ଚାହାନ୍ତି ନାହିଁ ଏକ ଆଂଶିକ ତଥା କ୍ଷଣସ୍ଥାୟୀ ବିଜୟ । ତାଙ୍କର ବିଜୟ ହେବାକୁ ହେବ ସମ୍ପୂର୍ଣ୍ଣ ଓ ଚିରସ୍ଥାୟୀ – ସେଥିପାଇଁ ଆମକୁ ସହିବାକୁ ଓ ଯଥାର୍ଥ ସମୟ ନଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ଯାହାହେଉ, ଦିବ୍ୟ ବିଶ୍ୱାସ ଓ ନିର୍ଭରତା ବଳରେ ଏପରିକି ସହନଶୀଳତା ମଧ୍ୟ ସହଜ ହୋଇଉଠେ ।

– ଶ୍ରୀମା

# ''ନୃଶଂସତା ଇତିହାସର ଏକ ଧାରାବାହିକ ଉପାଦାନ'' : ସମାପ୍ତି କେବେ ?

## ଶ୍ରୀ ମନୋଜ ଦାସ

[ଦୈନିକ 'ପ୍ରମେୟ'ର ପ୍ରତିନିଧି ଶ୍ରୀ ଅମ୍ବିକା ପ୍ରସାଦ ଦାସଙ୍କ ସହ ପ୍ରଶ୍ନୋତ୍ତର]

***ପ୍ରଶ୍ନ - ୧ :*** *ସଂପ୍ରତି ପୁଲ୍‌ଓ୍ୱାମା ଆତଙ୍କବାଦୀ ଆତ୍ମଘାତୀ ଆକ୍ରମଣ ଓ ୪୦ ଜଣ ସୁରକ୍ଷାକର୍ମୀଙ୍କ ନିଧନ ସାରା ଦେଶକୁ ସ୍ତବ୍ଧ କରିଦେଇଛି । ବାତାବରଣରେ ଦୁଃଖ, କ୍ରୋଧ ଓ ପ୍ରତିଶୋଧ ଭାବନାର ଏକ ମିଶ୍ରିତ ପ୍ରତିକ୍ରିୟା ... ସଂସଦ ଭବନ ଉପରେ ଆକ୍ରମଣ ହେଉ ବା ୨୬/୧୧ ମୁମ୍ବାଇ ଘଟଣା ଅଥବା ଉରି ଆକ୍ରମଣ ... ସନ୍ତ୍ରାସବାଦର ଲମ୍ବା ତାଲିକା । ସହିଦ ହେଉଛନ୍ତି ସୁରକ୍ଷାକର୍ମୀ, ସାଧାରଣ ନାଗରିକଙ୍କ ପ୍ରାଣହାନି ହେଉଛି, ରାଷ୍ଟ୍ରର ସମ୍ପତ୍ତି ନଷ୍ଟ ହେଉଛି । କେମିତି ମଣିଷ ଜଣେ ଆଉ କେତେଜଣଙ୍କୁ ମାରିପାରେ ? ପୁଣି ଧର୍ମ ନାଁରେ, ସଂପ୍ରଦାୟ ନାଁରେ ? ଏହାର ଆରମ୍ଭର ଇତିହାସ ହୁଏତ ମିଳିବ, ହେଲେ ଶେଷ କେବେ, କେମିତି ସମ୍ଭବ ? ଏଭଳି କିଛି ପ୍ରଶ୍ନ ଏବେ ପ୍ରାୟ ପ୍ରତ୍ୟେକ ସମ୍ବେଦନଶୀଳ ଭାରତୀୟ ମନରେ ରହିଛି । ଏ ନେଇ କିଛି କୁହନ୍ତୁ ।*

**ଉତ୍ତର :** ଆଶା କରେ ମୋତେ ମଧ୍ୟ ଆପଣଙ୍କ ସମ୍ବେଦନଶୀଳ ଗୋଷ୍ଠୀର ଜଣେ ବୋଲି ଆପଣ ଗ୍ରହଣ କରିବେ । ନୃଶଂସତା ଇତିହାସର ଏକ ଧାରାବାହିକ ଉପାଦାନ । ଏକଦା ସଭ୍ୟ ଭବ୍ୟ ନାଗରିକବୃନ୍ଦ ଆରାମଦାୟକ ଆସନରେ ବସି ସେମାନଙ୍କ କୋଲୋସିଆମ୍‌ର ଗ୍ୟାଲେରୀରୁ ତଳେ ଅସହାୟ ବନ୍ଦୀମାନଙ୍କୁ ଅଭୁକ୍ତ ସିଂହମାନେ ବିଦାରି ପକାଇ ଭକ୍ଷଣ କରିବାର ଦୃଶ୍ୟ ଉପଭୋଗ କରୁଥିଲେ । ଏହି ଜାତୀୟ ଦୃଷ୍ଟାନ୍ତ ଅସଂଖ୍ୟ । ଆଜି ସମ୍ବାଦ-ସରବରାହରେ କ୍ଷିପ୍ରତା ଯୋଗୁଁ ତୁରନ୍ତ ଏସବୁ ଘଟଣା ଆମ ଗୋଚରକୁ ଆସି ପାରୁଛି । ଆଜି ଏଭଳି ନୃଶଂସତାର ପ୍ରତିକାରର ପ୍ରୟାସ ମଧ୍ୟ ହେଉଛି । ମଣିଷର ପ୍ରକୃତିରେ ବୈପ୍ଳବିକ ପରିବର୍ତ୍ତନ ସମ୍ଭବ ନ ହେବାଯାଏ ଏଭଳି ମୂଢ଼ ହିଂସ୍ରତାର ଅବସାନ ହେବ ନାହିଁ । ତେବେ ରାଷ୍ଟ୍ର ଓ ବ୍ୟକ୍ତିଗତ ସ୍ତରରେ ମଣିଷର ଶିକ୍ଷାଗତ ଓ ସଂସ୍କୃତିଭିତ୍ତିକ ବିକାଶ ଏହାକୁ ବହୁମାତ୍ରାରେ ପ୍ରଶମିତ କରିପାରେ ମାତ୍ର । ମୋ ବିଶ୍ୱାସ ଉପରେ ନିର୍ଭର କରି ମୁଁ ଏତକ କହିପାରେ, ଦିନେ ମଣିଷ ଏ ପର୍ଯ୍ୟାୟରୁ ଉତ୍ତୀର୍ଣ୍ଣ ହେବ । କିନ୍ତୁ କେବେ, ସେ ଭବିଷ୍ୟତବାଣୀ କଲାଭଳି ଶକ୍ତି ମୋର ନାହିଁ; ଆଉ କାହାରି ଥାଇପାରେ ବୋଲି ମଧ୍ୟ ମୁଁ ଭାବୁ ନାହିଁ । ଦୈବୀ ସଂକଳ୍ପ ପ୍ରଭାବରେ ବିବର୍ତ୍ତନୀ ଶକ୍ତି ହଠାତ୍ ତୀବ୍ର ଗତିରେ ପରିବର୍ତ୍ତନ ସାଧନ କରିପାରେ, ନହେଲେ କେତେ ଶହ ବର୍ଷ ଲାଗି ଯାଇପାରେ ।

***ପ୍ରଶ୍ନ - ୨ :*** *ପ୍ରଶ୍ନ ଆରମ୍ଭରୁ କହିରଖେ, ମୁଁ ନିରାଶାବାଦୀ ନୁହେଁ । କିନ୍ତୁ ବର୍ତ୍ତମାନର ସାମାଜିକ ସ୍ଥିତି ଅନେକ ସମୟରେ ମତେ ନିରାଶ କରେ । ମନୁଷ୍ୟ ଚେତନାର କ୍ରମବିକାଶ ସମ୍ପର୍କରେ ପଢ଼େ, ଆଶାବାଦୀ ହୁଏ । କିନ୍ତୁ ବାସ୍ତବ ସ୍ଥିତି ଭିନ୍ନ ଲାଗେ । ଦୁର୍ଯ୍ୟୋଧନ କଥିତ 'ଜାନାମି ଧର୍ମଂ ନ ଚ ମେ ପ୍ରବୃତ୍ତି; ଜାନମ୍ୟଧର୍ମଂ ନ ଚ ମେ ନିବୃତ୍ତି, ତ୍ୱୟା ହୃଷୀକେଶ ହୃଦିସ୍ଥିତେନ; ଯଥା ନିଯୁକ୍ତୋସ୍ମି ତଥା କରୋମି'ର ଦ୍ୱାହି ଦେଇ ସମସ୍ତେ ଖସି ଯିବାକୁ ବ୍ୟଗ୍ର । ଖବରକାଗଜରେ କାମ କରୁଥିବାରୁ ଅନେକ ସମୟରେ ବହୁ ଅପ୍ରୀତିକର ସମ୍ବାଦ ସମ୍ପାଦନା କରିବାକୁ ହୁଏ । ଦାମ୍ପତ୍ୟ ସମ୍ପର୍କରେ ଆବିଳତା, ଭାଇ ଭାଇର ଶତ୍ରୁ, ଅନୈତିକ ସମ୍ପର୍କ ଇତ୍ୟାଦି ଇତ୍ୟାଦି । ଗୋଟିଏ ଉଦାହରଣ ଦେବି । ଏକ ସାତବର୍ଷର ଶିଶୁର ହତ୍ୟା ଘଟଣାରେ ଅଭିଯୁକ୍ତ ତା'ର ଗାର୍ଜନ ବୋଲାଉଥିବା ଜଣେ ଯୁବକ । ସେ ପୁଣି ସ୍ୱୀକାରୋକ୍ତି ଦେଲା, 'ମୁଁ ତାକୁ ପଥରରେ ଛେଚୁଥାଏ, ସେ ମୋତେ କୁଣ୍ଢାଇ ଧରି ମୋତେ ମାରନା ମାରନା ବୋଲି ଅଳି କରୁଥାଏ । କିନ୍ତୁ ମୁଁ ତାକୁ ମାରିଦେଲି ।' ଖବର ଭାବେ ସେ ସନ୍ଧ୍ୟାରେ ଏହା ଲେଖିଦେଲି ସତ, କିନ୍ତୁ କ୍ରମାଗତ କେତେ ରାତି ମୋତେ ସେହି କାଳ୍ପନିକ ଦୃଶ୍ୟ ବିବ୍ରତ କରିଛି । ହୁଏତ ଅନେକଙ୍କୁ*

*କରିଥିବ । ଏସବୁ ଭିତରେ ମଣିଷ ଚେତନାର କ୍ରମବିକାଶକୁ 'ମୁଁ'ଟିଏ କିଭଳି ଦେଖିବ ?*

**ଉତ୍ତର :** ଆପଣଙ୍କ ବର୍ଣ୍ଣିତ ଘଟଣା ମୋତେ ମଧ ବିଷାଦରେ ନିମଜ୍ଜିତ କଲା । ସେ ଯୁବକଟି ଉପରେ ଏକ ପିଶାଚ ଶକ୍ତି ସବାର ହୋଇଥିଲା, ଏଥିରେ ସନ୍ଦେହ ନାହିଁ । ଆନ୍ତର ଚେତନା ବିକଶିତ ହୋଇ ନଥିବା କୌଣସି କୌଣସି ମଣିଷକୁ ସେ ସ୍ତରର ବିକୃତ ସତ୍ତାମାନେ ବଶୀଭୂତ କରିନିଅନ୍ତି — ମଣିଷଟି ଶିକ୍ଷିତ, ଧୂର୍ତ୍ତ ଓ ମୋଟାମୋଟି ବୁଦ୍ଧିମାନ୍ ହୋଇଥିବା ସତ୍ତ୍ୱେ । ବେଶୀ ଦିନ ତଳର କଥା ନୁହେଁ; ଜର୍ମାନୀ ଭଳି ଏକ ସମଗ୍ର 'ସଭ୍ୟ' ଦେଶକୁହିଁ ପିଶାଚ ଶକ୍ତି ଆୟତ୍ତ କରି ନେଇଥିଲା । ପ୍ରକାଶ୍ୟ ଦିବାଲୋକରେ ହଜାର ହଜାର ସଂଖ୍ୟାରେ ଅଧ୍ୟାପକ, ବୈଜ୍ଞାନିକ ଇତ୍ୟାଦି ସମେତ ଦେଶ ପ୍ରତି ବିପୁଳ ଅବଦାନ ଦେଇଥିବା ଲକ୍ଷ ଲକ୍ଷ ନରନାରୀ, ସେମାନଙ୍କ ସନ୍ତାନ-ସନ୍ତତିମାନଙ୍କୁ ଟ୍ରକ୍‌ରେ ବୋଝେଇ କରି ନେଇଯାଇ ସିଧାସଳଖ ଗ୍ୟାସ୍ ଚେମ୍ବର ଭିତରେ ନିକ୍ଷେପ କରାଯାଉଥିଲା — ଯେହେତୁ ସେମାନେ ଇହୁଦୀ ! ଦେଶବାସୀମାନେ ସେ ବର୍ବରତା ଦେଖୁଥିଲେ, ଚୁପ୍ ରହୁଥିଲେ । ହିଟ୍‌ଲର ଏବଂ ତା'ର ଯେଉଁ ସହଯୋଗୀବୃନ୍ଦ ଏଭଳି ଯୋଜନା କରୁଥିଲେ, ସେମାନଙ୍କୁ ଆମେ ସ୍ୱାଭାବିକ ବୋଲି କହିପାରିବା କି ? ଯୁଦ୍ଧରେ ହଜାର ହଜାର ମଣିଷଙ୍କ ନିଧନ ଗୋଟାଏ କଥା, କିନ୍ତୁ ଶାନ୍ତିପୂର୍ଣ୍ଣ ସ୍ୱାଭାବିକ ନରନାରୀଙ୍କୁ ଏମିତି ଯୋଜନାବଦ୍ଧ ଭାବେ ନିର୍ମମ ରୀତିରେ ସିଝାଇ ହତ୍ୟା କରିବା ସକାଶେ ପ୍ରେରଣା ଆସିପାରେ କେଉଁ ଲୋକରୁ ? ରାକ୍ଷସଠାରୁ, ଅଧମ ପିଶାଚଲୋକରୁ ନିଶ୍ଚୟ ।

ଏସବୁକୁ ଆମେ ଏକ ବିମର୍ଷକର ବାସ୍ତବତା ବ୍ୟତିରେକେ ଆଉ କେଉଁ ଭାବରେ ବା ଦେଖିପାରିବା ? ଆଶା କରିବା ଯେ ଯେମିତି ସେ ବିକୃତ ଶକ୍ତି ଦିନେ ଭୂଲୁଣ୍ଠିତ ହେଲା, ସେମିତି ଚେତନା ଜଗତରୁ ଦିନେ ସେ ସ୍ତରର ଶକ୍ତିର ସାମଗ୍ରିକ ଅବସାନ ସମ୍ଭବ ହେବ । ଆଉ, ଆପଣଙ୍କୁ ଓ ମୋତେ ବିଚଳିତ କରିଥିବା ସେ ପିଲାଟି ବ୍ୟାପାରରେ ଆମେ କିଞ୍ଚିତ୍ ଆଶ୍ୱାସନା ପାଇବା ଏହି କଥାରୁ ଯେ ଅଳ୍ପ କେତୋଟି ମୁହୂର୍ତ୍ତର ହତଭମ୍ବତା ଓ ଯନ୍ତ୍ରଣା ପରେ ସେ ଅଚେତନ ହୋଇ ଯନ୍ତ୍ରଣାରୁ ଅବ୍ୟାହତି ପାଇଥିବ ଏବଂ ମୃତ୍ୟୁ ସଙ୍ଗେ ସଙ୍ଗେ ନେଇଥିବ ପରମ ଶାନ୍ତିରେ ବିଶ୍ରାମ; ଏକ ବିପୁଳ ମୋହମୁକ୍ତିର ଅଭିଜ୍ଞତା ଦ୍ୱାରା ସମୃଦ୍ଧ ତା'ର ଚେତନା ଯଥାସମୟରେ ଜନ୍ମନେବ ଅଧିକ ପ୍ରଗତି ସକାଶେ ଉପଯୁକ୍ତ ପରିବେଶରେ; କିନ୍ତୁ ଯୁବକ ହତ୍ୟାକାରୀକୁ ଆୟତ୍ତ କରିଥିବା ଅପଶକ୍ତି ଯୁବକଟିକୁ ଛାଡ଼ି ଦେଇ ଦୂରରୁ ମଜା ଦେଖୁଥିବ ଏବଂ ଯୁବକଟିର କ୍ଳେଶ ହେବ ଦୀର୍ଘସ୍ଥାୟୀ — ହୁଏତ ଅବ୍ୟାହତ ରହିବ ଜନ୍ମାନ୍ତର ବ୍ୟାପୀ । 'ଉତ୍କଟ କର୍ମ'ର ଫଳ ଭୋଗରୁ ନିସ୍ତାର ନାହିଁ ।

***ପ୍ରଶ୍ନ - ୩ :*** *ଜଣଙ୍କର ଆଧ୍ୟାତ୍ମିକ ପ୍ରଗତିରେ ପରିବେଶର ଭୂମିକା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ । ଆଶ୍ରମ ଭିତରେ ରହୁଥିବା ବ୍ୟକ୍ତିଟିର ଜୀବନଯାତ୍ରା ସ୍ୱାଭାବିକ ଭାବେ ଶୃଙ୍ଖଳିତ ହେବ । କିନ୍ତୁ ସାଧାରଣ ସଂସାରୀ ଲୋକଟିର ଅବସ୍ଥା କ'ଣ ? ହୁଏତ ସେ ରୁଟିନ୍ ଭଳି ସକାଳୁ ସ୍ନାନଶୌଚ ସାରି ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରି କାର୍ଯ୍ୟ କ୍ଷେତ୍ରକୁ ବାହାରି ଯାଏ । କିନ୍ତୁ ଆଜିକାଲି କେଉଁ କାର୍ଯ୍ୟକ୍ଷେତ୍ର ମିଛ, ଲାଞ୍ଚ, ଗୋଡ଼ଟଣା, ଚୁଗୁଲି ଆଦିରୁ ମୁକ୍ତ ? ଏହିଭଳି ପରିବେଶରୁ ସେ ନିଜକୁ କେତେ ଦୂରେଇ ରଖିପାରିବ ? ରଖିବା ସମ୍ଭବ କି ? ଏଥିପାଇଁ ଯେଉଁ ସାଧନା ଦରକାର, ଆମ ଭଳି ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ କି ?*

**ଉତ୍ତର :** ଅବଶ୍ୟ ସମ୍ଭବ । ନିର୍ଭର କରେ ଆମ ଚେତନାର ଗୁଣଗତ ସ୍ତର ଏବଂ ଜୀବନର ଆଭିମୁଖ୍ୟ ଉପରେ । ମଣିଷଟିଏ ଦୁର୍ନୀତିବହୁଳ ସାମାଜିକ ପରିସ୍ଥିତି ସହ ସାଲିସ କରି ସାମୟିକ ଭାବେ ସ୍ଥୂଳ ସନ୍ତୋଷ ଆହରଣ କରିପାରେ; କିନ୍ତୁ ତା' ଭିତରେ ଯଦି ବିବେକର ସାମାନ୍ୟ ବିକାଶ ହୋଇଥିବ ତେବେ ସେ ସନ୍ତୋଷ କଦାପି ସ୍ଥାୟୀ ହେବ ନାହିଁ । ପକ୍ଷାନ୍ତରରେ, ଯଦି ସେ ସାମୟିକ ପ୍ରଲୋଭନ ଉପରେ ବିଜୟ ହାସଲ କରି ନିଜ ବିବେକ ପ୍ରତି ସତ୍ ରହିପାରେ, ତେବେ ସାମୟିକ ଭାବରେ ନାନାଦି ଅସୁବିଧା ଏବଂ ଏପରିକି ଲାଞ୍ଛନା ଭୋଗ କଲେ ମଧ ତା' ଆନ୍ତର ଚେତନାରେ ସେ ଯେଉଁ ସନ୍ତୋଷ ଅନୁଭବ କରିବ ତାହା ତୁଳନାରେ ଗ୍ଲାନିଯୁକ୍ତ ସ୍ଥୂଳ ସନ୍ତୋଷ ଏକ ଆବର୍ଜନା ଭଳି । ନିଜ ଆତ୍ମ-ବିଶ୍ୱାସରେ ସେ ହେବ ଗରୀୟାନ୍ ।

***ପ୍ରଶ୍ନ - ୪ :*** *ସଂପ୍ରତି ଧର୍ମନିରପେକ୍ଷତାର ସଂଜ୍ଞା କ'ଣ ? ନା, ଅର୍ଥ ଜାଣିନି ବୋଲି ଯେ ପଚାରୁଛି ତା' ନୁହେଁ । ଏବେ ଆମେ ଏକ ପ୍ରକାର ନୂଆ ଧର୍ମନିରପେକ୍ଷତା*

*ଦେଖୁଛୁ । ଆପଣଙ୍କର ଏକ ଲେଖା ମନେପଡୁଛି, 'ତଥାପି ଏ ଶିକ୍ଷାଭ୍ରଷ୍ଟ ଶିକ୍ଷାମନ୍ତ୍ରୀମାନଙ୍କୁ ବି କ୍ଷମା କରିବ ଭାରତର ଉଦାର ଆତ୍ମା !' ପଟଭୂମି ଆପଣଙ୍କୁ ମନେପକାଇବା ଆବଶ୍ୟକ ମନେ କରୁନି । ପ୍ରାୟ ଦୁଇ ଦଶନ୍ଧି ତଳେ ଶିକ୍ଷାମନ୍ତ୍ରୀମାନଙ୍କ ଏକ ସମ୍ମିଳନୀରେ ବାଗ୍‌ଦେବୀ ସରସ୍ୱତୀଙ୍କ ବନ୍ଦନା ଆରମ୍ଭ ହୁଅନ୍ତେ ଧର୍ମନିରପେକ୍ଷତାର ଦ୍ୱାହି ଦେଇ ଶିକ୍ଷାମନ୍ତ୍ରୀମାନେ କକ୍ଷତ୍ୟାଗ କରିଥିଲେ । ସେ ଧାରା ଅବ୍ୟାହତ ରହିଛି । ଏବେ ଭଗବାନ୍ ଶ୍ରୀରାମଙ୍କ ନାଆଁ ନେଲେ ଜଣଙ୍କୁ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ସମର୍ଥକ ଭାବେ ବିବେଚନା କରାଯାଉଛି । 'ଭାରତମାତା କୀ ଜୟ' ବା 'ବନ୍ଦେ ମାତରମ୍' ଆଦି ଉଚ୍ଚାରଣ ବି ଧର୍ମନିରପେକ୍ଷ ବା ସାଂପ୍ରଦାୟିକ ମୁକ୍ତ ନୁହେଁ ବୋଲି କୁହାଯାଉଛି । ଜାତି, ସଂପ୍ରଦାୟ ଭେଦଭାବରୁ ମୁକ୍ତ ହେବା ପରିବର୍ତ୍ତେ କ୍ରମଶଃ ଏହାକୁ ଅଧିକ ପ୍ରଶ୍ରୟ ଦିଆଯାଉ ନାହିଁ କି ?*

**ଉତ୍ତର :** ପ୍ରଥମେ ଆମକୁ ଧର୍ମର ଅର୍ଥ ଉପରେ ଦୃଷ୍ଟି ଦେବାକୁ ପଡ଼େ । ଆମର ସମଗ୍ର ସତ୍ତାକୁ, ଏ ବିଶ୍ୱବ୍ରହ୍ମାଣ୍ଡକୁ ଧାରଣ କରେ ଧର୍ମ । ଆଜିର ରାଜନୈତିକ ଓ ସାମାଜିକ ପଟଭୂମିରେ ଧର୍ମ-ନିରପେକ୍ଷତା ଶବ୍ଦିକାଟିର (Phrase ଅର୍ଥରେ ଶବ୍ଦିକା ବ୍ୟବହାର କରୁଛି) ଯେଉଁ ଚାଲୁ ଅର୍ଥ ରହିଛି, କହିବା ବାହୁଲ୍ୟ ତାହା ଏକ ଅପରିଣତ ଅର୍ଥ : ତାହା ଦ୍ୱାରା ସଂସ୍କାର-ଭିତ୍ତିକ ଗୋଟାଏ ଧାରାକୁ ଚିହ୍ନିତ କରାଯାଉଛି । ସାମାନ୍ୟ ଅନୁଧ୍ୟାନରେ ବୁଝିହେବ, ରାଜନୈତିକ ଏବଂ ଅତ୍ୟନ୍ତ ହାଲୁକା ଧରଣର ସୁବିଧା ନିମନ୍ତେ ଧର୍ମ-ନିରପେକ୍ଷତା ରୂପକ ଏକ ଆଦର୍ଶର ଦ୍ୱାହି ଦିଆଯାଉଛି । ଏହା ଯେ ବିଡ଼ମ୍ବନା, ଏଥିରେ ବା ସନ୍ଦେହ କ'ଣ । କିନ୍ତୁ ଛଳ-କପଟତାକୁ ଆମେ ସ୍ୱାଭାବିକ ବୋଲି ଧରି ନେଇଛୁ ବୋଲି ମନେ ହୁଏ ।

***ପ୍ରଶ୍ନ - ୫ :*** *ସାହିତ୍ୟ ପ୍ରସଙ୍ଗରେ କିଛି ପଚାରିବି ନାହିଁ ବୋଲି ପ୍ରଥମରୁ ଭାବିଥିଲି । କାରଣ ପୂର୍ବରୁ ବହୁ ବିଶିଷ୍ଟ ବ୍ୟକ୍ତି ସାହିତ୍ୟର ପ୍ରାୟଶଃ ସମସ୍ତ ଦିଗ ଉପରେ ଏ ନେଇ ଆପଣଙ୍କ ସହ ଆଲୋଚନା କରିଛନ୍ତି । ବିଭିନ୍ନ ଗଣମାଧ୍ୟମରେ ଏହା ଉପଲବ୍ଧ । ମୋର ଉଦ୍‌ବେଗର କାରଣ ଭିନ୍ନ । କ୍ରମଶଃ ପଠନ ରୁଚି ପ୍ରତି ସାଧାରଣରେ ଆଗ୍ରହ କମିଥିବା ଲକ୍ଷ୍ୟ କରାଯାଉଥିଲା । କିଛି ବର୍ଷ ତଳେ ସାଧାରଣ ଲୋକଟିଏ ନିଜର ଅବସର ସମୟକୁ ବିଭିନ୍ନ ପ୍ରକାର ବହି (ଗଳ୍ପ, ଉପନ୍ୟାସ, କାବ୍ୟ) ପଢ଼ାରେ କାଟୁଥିଲା । ଟେଲିଭିଜନର ପ୍ରସାର ବ୍ୟାପକ ହେଲା । ନୂଆ ପିଢ଼ି ପାଠ୍ୟପୁସ୍ତକ ବ୍ୟତିରେକେ ଅନ୍ୟ କିଛି ପଢ଼ାପଢ଼ି ପ୍ରତି ଅନାଗ୍ରହୀ ରହିବା ଦେଖାଗଲା । ପଠନ ସୀମିତ ରହିଲା କେବଳ ଖବରକାଗଜ ବା ନ୍ୟୁଜ୍ ମାଗାଜିନ୍‌ରେ । ଏବେ ଇଣ୍ଟରନେଟ୍‌ର ବହୁଳତା ଛାପା ବହି ଉପରେ ବି ବିପରୀତ ପ୍ରଭାବ ପକାଉଥିବା ଲକ୍ଷ୍ୟ କରାଯାଉଛି । କେବଳ ବହି କାହିଁକି, ଖବରକାଗଜ ଶିଳ୍ପ ବି ଏହା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଦେଖା ଦେଲାଣି । କିଛିଦିନ ତଳ ପର୍ଯ୍ୟନ୍ତ ସକାଳୁ କୌଣସି ଟ୍ରେନ୍ କମ୍ପାର୍ଟମେଣ୍ଟ୍ ଭିତରେ ପଶିଲେ ଅଧିକାଂଶ ଯାତ୍ରୀଙ୍କ ହାତରେ ଖଣ୍ଡେ ଖବରକାଗଜ ସାଧାରଣ ଦୃଶ୍ୟ ଥିଲା । ଏବେ ସେଇଠି ଆମେ ଦେଖୁଛୁଁ କ'ଣ ? ପ୍ରାୟଶଃ ସମସ୍ତ ଯାତ୍ରୀଙ୍କ ହାତରେ ମୋବାଇଲ୍, ସେମାନଙ୍କର ମନୋନିବେଶର କେନ୍ଦ୍ରବିନ୍ଦୁ । ଇଣ୍ଟରନେଟ୍ ଏବଂ ଏସବୁର ବହୁ ବ୍ୟବହାର ଛାପା ପୁସ୍ତକ ବା ଖବରକାଗଜ ପ୍ରତି ବିପଦ ନୁହେଁ କି ?*

**ଉତ୍ତର :** ସମାଜ ଓ ଆମ ଜୀବନ ଶୈଳୀରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଭୂମିକା ଅବିସମ୍ବାଦିତ । ଏହାକୁ ରୋକିବାର ପ୍ରଶ୍ନ ନାହିଁ, କିନ୍ତୁ ଆମେ ଏହା ଦ୍ୱାରା କେତେଦୂର ପ୍ରଭାବିତ ହେବୁ, ତାହା ଆମ ସଂକଳ୍ପ ଉପରେ ନିର୍ଭର କରେ । ପ୍ରାଥମିକ ସତ୍ୟ ହେଲା ମଣିଷର ଚେତନା ଶକ୍ତିକୁ ତା'ର କୌଣସି ଉଦ୍ଭାବନ ବଳିଯାଇ ନପାରେ । ସଙ୍ଗେ ସଙ୍ଗେ ବାସ୍ତବତା ହେଲା ମଣିଷର ଉଦ୍ଭାବିତ ବହୁ ଶକ୍ତି, ଧରନ୍ତୁ ଆଣବିକ ବୋମା, ତାକୁ ଧ୍ୱଂସ କରିଦେଇପାରେ — ଯଦି ମଣିଷ ଯଥେଷ୍ଟ ସଚେତନ ନ ହୁଏ । ପ୍ରାକୃତିକ କ୍ରମବିକାଶରେ କେତେ ପ୍ରାଣୀ ବିଲୁପ୍ତ ହେଲେଣି; ପ୍ରକୃତିର ଦୃଷ୍ଟିକୋଣରୁ ମଣିଷ ସେମିତି ଏକ ପ୍ରାଣୀ ମାତ୍ର ।

କିନ୍ତୁ ସୃଷ୍ଟି ପଛରେ ଏକ ମହତ୍ତର ରହସ୍ୟ ରହିଛି । ସେ ଦୃଷ୍ଟିରୁ ମଣିଷ ଦିନେ ଆପଣାକୁ ଅତିକ୍ରମ କରିବା ଅନିବାର୍ଯ୍ୟ; ଅର୍ଥାତ୍ ସେ ଆଜିର ଅର୍ଦ୍ଧ-ପଶୁବତ୍ ଅବସ୍ଥାରୁ ଉତ୍ତୀର୍ଣ୍ଣ ହେବା ଅବଶ୍ୟମ୍ଭାବୀ । ସେଭଳି ମାନବେତ୍ତର ବା ଅତିମାନସ ଯୁଗରେ ସାହିତ୍ୟର ରୂପରେଖ କ'ଣ ହେବ କହିବା ସମ୍ଭବପର ନୁହେଁ ।

ତେବେ ଚଳିତ ଚରିତ୍ର-ସମ୍ବଳିତ ଆମ ଯୁଗ ସକାଶେ ସାହିତ୍ୟ ଅବ୍ୟାହତ ରହିବ । ଉପନିଷଦ୍ ଯୁଗ ପର୍ଯ୍ୟନ୍ତ ସାହିତ୍ୟ ଋଷି ଏବଂ ଧୀମାନ୍‌ବର୍ଗଙ୍କ ସ୍ମୃତିରେ ହିଁ ରହିଥିଲା; ପରେ ଭୂର୍ଜ ବା ତାଳପତ୍ରରେ ଲେଖନୀ ଯୋଗେ ଲିଖିତ ହେଲା । ପରେ ଆସିଲା କାଗଜ ଓ ପରକଲମ । ତହିଁ ପରେ ମୁଦ୍ରଣାଳୟ ଏବଂ ତା'ର ଏକ ପରେ ଏକ ନିତ୍ୟ ନୂତନ ବୈଦ୍ୟୁତିକ ସ୍ତର । ଆଜି ଉଭୟ ମୁଦ୍ରଣ ଏବଂ ବିଦ୍ୟୁତ୍‌ଲିପି ଯୋଗେ ପରିବେଷଣ ସମାନ୍ତରାଳ ଭାବେ ଚାଲିଛି । ଅଦୂର ଭବିଷ୍ୟତରେ ମୁଦ୍ରଣ ରୀତିରେ ସାହିତ୍ୟର ପରିବେଷଣ – ଅର୍ଥାତ୍ ପୁସ୍ତକ ସଂସ୍କୃତିର ଅବସାନ ହେବାର ସମ୍ଭାବନା ନାହିଁ – ଯଦିଓ ତା'ର ପ୍ରସାରଣ ହ୍ରାସ ହେବା ଅନିବାର୍ଯ୍ୟ ।

ମୁଦ୍ରିତ ସାହିତ୍ୟ ତୁଳନାରେ ମୁଦ୍ରିତ ସମ୍ବାଦପତ୍ର ଉପରେ ଏ ଯାନ୍ତ୍ରିକତାର ପ୍ରଭାବ ବହୁ ଅଧିକ ହେବା ନିଶ୍ଚିତ । ଅଭିବ୍ୟକ୍ତିର ମାଧ୍ୟମ ଯାହା ହେଉନା କାହିଁକି, ସାହିତ୍ୟ ତିଷ୍ଠି ରହିବ – ଯେପର୍ଯ୍ୟନ୍ତ ମଣିଷର ଆଶା ଓ ବହୁବିଧ ଆବେଗ ତିଷ୍ଠି ରହିଥିବ । ରାମାୟଣ, ମହାଭାରତ ଯୁଗରେ ମଣିଷର ଯେଉଁସବୁ ଆବେଗ ଥିଲା, ଆଜି ମଧ୍ୟ ମଣିଷ ସେହିସବୁ ଆବେଗକୁ ନେଇ ଜୀବନଯାତ୍ରା ଅବ୍ୟାହତ ରଖିଛି ।

***ପ୍ରଶ୍ନ - ୬ :*** *ପ୍ରଶ୍ନ ଏକାନ୍ତ ବ୍ୟକ୍ତିଗତ । ଆପଣ କିଭଳି ଗ୍ରହଣ କରିବେ ଜାଣିପାରୁନି । ୧୯୬୩ରେ ଆପଣ ପଣ୍ଡିଚେରୀ ଆସିଲେ । ସେତେବେଳେ ଆପଣ ଓଡ଼ିଶାରେ ଜଣେ ବହୁମୁଖୀ ପ୍ରତିଭା ଭାବେ ପରିଚିତି ଲାଭ କରିସାରିଥିଲେ । କୈଶୋରରେ ଜଣେ ଲେଖକ ପୁଣି ସମ୍ପାଦନାରେ ଅଭିଜ୍ଞତା ଆପଣଙ୍କ ସାହିତ୍ୟିକ ସମ୍ଭାବନାକୁ ପ୍ରମାଣିତ କରିଥିଲା ।୧୯୬୩ ବେଳକୁ ଆପଣ ଓଡ଼ିଆ ସାହିତ୍ୟର ଜଣେ ଆଗଧାଡ଼ିର ଲେଖକ ଭାବେ ବିବେଚିତ ହୋଇସାରିଥିଲେ । ପୁଣି ଆପଣ ସର୍ବଭାରତୀୟ ସ୍ତରରେ ଛାତ୍ରନେତା ଓ ବାମପନ୍ଥୀ ଆଦର୍ଶରେ ଅନୁପ୍ରାଣିତ ଜଣେ ନେତାଭାବେ ପରିଚିତି ଲାଭ କରିଥିଲେ । ଜମିଦାର ବଂଶର ଦାୟାଦ, ରାଜବଂଶୀ ତଥା ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀ ପରିବାରର ଜାମାତା । ଏଣୁ ରାଜନୈତିକ କ୍ଷେତ୍ରରେ ବି ପ୍ରତିଷ୍ଠା ଲାଭ କରିବାର ସମ୍ଭାବନା ଥିଲା । ଏସବୁ ଛାଡ଼ି ଆପଣ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ପଣ୍ଡିଚେରୀରେ ଅଛନ୍ତି । ସାହିତ୍ୟ ସାଧନା ଅବଶ୍ୟ ଅବ୍ୟାହତ ରହିଛି । ଆଧ୍ୟାତ୍ମିକ କ୍ଷେତ୍ରରେ ଆପଣଙ୍କର କ'ଣ ପ୍ରାପ୍ତି ହୋଇଛି ? ଆପଣ ଏବର ଜୀବନକୁ ନେଇ ସନ୍ତୁଷ୍ଟ କି ? ୧୯୬୩ ପୂର୍ବର ଜୀବନ କେବେ ଭାବାନ୍ତର ସୃଷ୍ଟି କରିଛି କି ?*

**ଉତ୍ତର :** ଆଧ୍ୟାତ୍ମିକ କ୍ଷେତ୍ରର ପ୍ରାପ୍ତିକୁ ବର୍ଣ୍ଣନା କରିବା ଆଧ୍ୟାତ୍ମିକ ଆଚରଣର ପ୍ରତିକୂଳ ବ୍ୟାପାର । ଦ୍ୱିତୀୟରେ ତାହା ସମ୍ଭବ ମଧ୍ୟ ନୁହେଁ । ଆପଣ ମୋତେ ଯଦି ଭାଷା ଅଥବା ସାହିତ୍ୟ ମାଧ୍ୟମରେ ପଦ୍ମ ବା ମଲ୍ଲୀ ବା ରଜନୀଗନ୍ଧାର ମହକର ବର୍ଣ୍ଣନା କରିବାକୁ କହିବେ, ତେବେ ସାହିତ୍ୟ ରଚନାରେ ମୋ ପ୍ରତିଭା ବୋଲି ଯେତିକି ଯାହା ଥିବ, ସେସବୁର ଯଥା ସମ୍ଭବ ପ୍ରୟୋଗ କରି ମଧ୍ୟ ମୁଁ ଏକ ହାସ୍ୟକର ଆଲେଖ୍ୟ ପ୍ରସ୍ତୁତ କରିବା ସାର ହେବ ।

୧୯୬୩ ପୂର୍ବର ଜୀବନ ପ୍ରତି ମୋ ମନୋଭାବ କୃତଜ୍ଞତାପୂର୍ଣ୍ଣ; ସେ ଦିନର ସମସ୍ତ ଅଭିଜ୍ଞତା ପରବର୍ତ୍ତୀ ଜୀବନଯାତ୍ରା ନିମନ୍ତେ ମୋ ଅଜାଣତରେ ମୋ ସହାୟକ ହୋଇଛି । ଧନ୍ୟବାଦ ।

('ପ୍ରମେୟ', ୨୪.୦୨.୨୦୧୯)

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୧୫୮-୧୬୫)

ଆନନ୍ଦ ବା ଦୁଃଖରେ ଅଧୀର ନ ହେବା, ଲୋକମାନେ କ'ଣ କହୁଛନ୍ତି ବା କ'ଣ କରୁଛନ୍ତି ତା' ଦ୍ୱାରା ବା ଅନ୍ୟ କୌଣସି ବାହ୍ୟ ଜିନିଷ ଦ୍ୱାରା ବିଚଳିତ ନ ହେବାକୁ ଯୋଗରେ ସମତାର ଅବସ୍ଥା ବୋଲି କୁହାଯାଏ – ସବୁକିଛି ପ୍ରତି ଏକ ସମତାର ଭାବ । ଏହି ଅବସ୍ଥାରେ ପହଞ୍ଚିବା ପାଇଁ ସକ୍ଷମ ହେବା ସାଧନାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

– ଶ୍ରୀଅରବିନ୍ଦ

# ସ୍ତବ୍ଧତାର ବାଣୀ

## ଶ୍ରୀଅରବିନ୍ଦ

ମନ ମୋର ଏ ମୁହୂର୍ତ୍ତେ ଅନାବୃତ ନୈର୍ବ୍ୟକ୍ତିକ ମୌନ,
ଦୃଷ୍ଟିର ଜଗତ୍ ଏକ ସ୍ୱଚ୍ଛ ଏବଂ ବିକଳ୍ପ-ରହିତ,
ସ୍ତବ୍ଧତାର ଗ୍ରନ୍ଥ ଏକ ବହେ ଜଣେ ଦେବତାର ସ୍ୱୀୟ ନାମାଙ୍କନ,
ଏକ ମହାନତା, ଯାହା ନିଶ୍ଚିତ ଶୁଦ୍ଧତା, ସଂକଳ୍ପ ଯା' କଳୁଷ-ରହିତ ।

ଏକଦା ଏ ପୃଷ୍ଠା ପରେ ଅଜ୍ଞାନତା ପାରୁଥିଲା ଲେଖି
ଅନ୍ଧ ପ୍ରତୀତି କାଳର ବୌଦ୍ଧିକତା ନିଦର୍ଶକ ଅପାଠ୍ୟ ଅକ୍ଷରେ
ସମ୍ପ୍ରଚାର କରୁଥିଲା ସ୍ଫୁଲିଙ୍ଗ-ବାରତାମାନ କ୍ଷଣସ୍ଥାୟୀ ଆଲୋକରେ ରେଖି,
ଖୋରାକ ସେ ଆତ୍ମାଙ୍କର ଭ୍ରମୁଥିଲେ ଯେଉଁମାନେ ପ୍ରକୃତିର ସୀମାନ୍ତ କକ୍ଷରେ ।

କିନ୍ତୁ ଏବେ ଏକାଗ୍ର ଶ୍ରବଣେ ଶୁଣେ ମହତ୍ତର ଏକ ପରା-ବାଣୀ
ଜନ୍ମ ଯା'ର ଅବାଣୀ ଅଦୃଷ୍ଟ ସର୍ବ-ଜ୍ଞାନମୟ ରଶ୍ମିର ଅନ୍ତରୁ :
ସ୍ତବ୍ଧତାର ଶ୍ରବଣହିଁ ଏକମାତ୍ର ପାରିଛି ସେ କଣ୍ଠସ୍ୱର ଶୁଣି
ଉଦ୍‌ଗତ ସେ ବ୍ରତଚାରୀ ପରିପୂର୍ଣ୍ଣ ଦିବସର ଚିର-ଗୌରବରୁ ।

ପ୍ରସାରତା ଏବଂ ଏକ ଅଖଣ୍ଡ ଶାନ୍ତିରୁ ବାହାରି ସକଳେ
ମିଶନ୍ତି ସୁବ୍ୟାପ୍ତ ମୁକ୍ତି-ସାଗରର ଆନନ୍ଦ କଲ୍ଲୋଳେ ।

[ଶ୍ରୀଅରବିନ୍ଦଙ୍କ ରଚିତ '**The Word of the Silence**'
କବିତାର ଭାଷାନ୍ତର]
ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ❖



# ଶ୍ରୀଅରବିନ୍ଦ ଓ ଆଧୁନିକ ଯୁଗ-ସମସ୍ୟା

## ଶ୍ରୀ ପ୍ରପତ୍ତି

ବିବର୍ତ୍ତନର କେଉଁ ସ୍ୱର୍ଣ୍ଣାଭ ପ୍ରଭାତରେ ମନୁଷ୍ୟର ପ୍ରକାଶ ହେଲା ! ମନୁଷ୍ୟହିଁ ବିବର୍ତ୍ତନର ଏଇ ବିରାଟ ନିରବଚ୍ଛିନ୍ନ ଧାରାର ଚରମ ସ୍ତରରେ ଉପନୀତ ହୋଇଛି । ପ୍ରକୃତିର ଏକ ଅଂଶରେ ମନୁଷ୍ୟ, ଅନ୍ୟ ଏକ ଅଂଶରେ ଜଡ଼ ପଦାର୍ଥ । ମନୁଷ୍ୟ ଚେତନଶୀଳ, ପ୍ରଜ୍ଞାବନ୍ତ, ବୁଦ୍ଧିଯୁକ୍ତ; ଜଡ଼ବସ୍ତୁ ନିଷ୍ପନ୍ଦ, ନିର୍ଜୀବ, ମୂକ, ସ୍ଥାଣୁ ଓ ଅଚଳ । କିନ୍ତୁ ବାସ୍ତବରେ ପୃଥିବୀର ବିବର୍ତ୍ତନଧାରା ଯଦି ଜଡ଼ରୁ ପ୍ରାଣ, ପ୍ରାଣରୁ ମନ ମଧ୍ୟଦେଇ ଗତି କରିଥାଏ, ତା'ହେଲେ ଏହି ଜଡ଼ବସ୍ତୁ ମଧ୍ୟ ଏକ ନିଶ୍ଚେତନ, ଅଜ୍ଞାନ, ମୂକ ବସ୍ତୁ ରୂପେ ସେହିଠାରୁ ପ୍ରକାଶ ପାଇଥିବା ପ୍ରାଣ ଓ ମନକୁ ଧାରଣ କରିଛି । ଜଡ଼ହିଁ ହେଲା ପୃଥିବୀ ପ୍ରକାଶର ପ୍ରଥମ ସ୍ତର, ଯେଉଁଠାରେ ଜୀବନର ସ୍ପନ୍ଦନ ନାହିଁ, ଆଭାସ ନାହିଁ । ବହୁକାଳ ବ୍ୟାପୀ ଗଲା, ସେଇ ମୂକ, ଅବ୍ୟକ୍ତ ଜଡ଼ରୁ ପ୍ରାଣର ସ୍ପନ୍ଦନ ଉଠିଲା – ସବୁଜ, ଶ୍ୟାମଳ, ବୃକ୍ଷଲତା, ଗୁଳ୍ମ ଓ ଉଦ୍ଭିଦର ଜନ୍ମ ହେଲା । ପୁଣି ମଧ୍ୟ ବହୁକାଳ ବ୍ୟାପୀ ଗଲା, ଏହି ବିବର୍ତ୍ତନଧାରା ଥମି ନଯାଇ ପ୍ରକାଶ ପାଇଲେ ପଶୁପକ୍ଷୀ ଓ ପ୍ରାଣୀବୃନ୍ଦ । ବହୁ ପ୍ରବୃତ୍ତି ଏବଂ ଏକ ଅସ୍ପଷ୍ଟ ମନ ଧାରଣ କରି ଏ ଜୀବ-ଜଗତର ଜନ୍ମ ହେଲା; କିନ୍ତୁ ତେବେ ବି ପ୍ରକୃତିର ବିବର୍ତ୍ତନଧାରା ଏଠାରେ ଲୁପ୍ତ ନହୋଇ ବହି ଚାଲିଲା ଏବଂ ଏହି ଧାରାରେ ଅନ୍ୟତମ ବିକାଶ ହେଲା ପ୍ରଜ୍ଞାସଂଶ୍ଳିଷ୍ଟ ସଚେତନ ମନୁଷ୍ୟ । ମାନବ ସୃଷ୍ଟି ପ୍ରତି ଲକ୍ଷ୍ୟ କଲେ ଏହାହିଁ ବୋଧହୁଏ ଯେ ବିବର୍ତ୍ତନଧାରାରେ ପ୍ରକୃତି ଯେଉଁ ସ୍ତରରେ ସଚେତନ, ବୁଦ୍ଧିଯୁକ୍ତ, ସେହିଠାରେହିଁ ମନୁଷ୍ୟର ସୃଷ୍ଟି । ପ୍ରକୃତିର ବିବର୍ତ୍ତନଧାରାର ମନୁଷ୍ୟ ଏକ ପରିଣାମ ଏବଂ ଯେହେତୁ ଏଇ ମନୁଷ୍ୟ ସଚେତନ, ପ୍ରଜ୍ଞାଯୁକ୍ତ, ସେହି ହେତୁ ସେହି ପ୍ରକୃତି ଓ ବିବର୍ତ୍ତନଧାରା ମଧ୍ୟ ସଚେତନ । ପ୍ରକୃତିର ଚରମ ସୋପାନରେ ମନୁଷ୍ୟ ଉପନୀତ, ତେଣୁ ପ୍ରକୃତିର ଚରମାବସ୍ଥାହିଁ ଆଜି ସଚେତନ । ସୁତରାଂ ବିବର୍ତ୍ତନର ପରବର୍ତ୍ତୀ ଧାରାରେ ଯାହା ପ୍ରକାଶ ପାଇବ – ପ୍ରକୃତିର ସଚେତନ ଚେଷ୍ଟାର ବସ୍ତୁ, ଅତିମାନବ, ଦିବ୍ୟମାନବ । ଯେହେତୁ ବିବର୍ତ୍ତନର ଧାରା ଅପ୍ରତିହତ, ଚିରପ୍ରବହମାନ, ସେଥିପାଇଁ ପ୍ରକୃତି ସେଇ ଧାରାରେ ମାନସ ସତ୍ତାରୁ ଅତିମାନସ ସତ୍ତାକୁ ଉଠିଯିବା ସୁନିଶ୍ଚିତ । ବର୍ତ୍ତମାନ ବିବର୍ତ୍ତନ ଧାରାରେ ମନୁଷ୍ୟ ବା ମନୋମୟ ବା ମାନସ ସତ୍ତା (Mental Being)ର ପ୍ରକାଶ ହୋଇଛି, ପରବର୍ତ୍ତୀ କାଳରେ ଅତିମାନସ ସତ୍ତାର ପ୍ରକାଶ ହେବା ଅବଶ୍ୟମ୍ଭାବୀ । ଏହାହିଁ ଶ୍ରୀଅରବିନ୍ଦଙ୍କ ଦର୍ଶନର ପ୍ରତିପାଦ୍ୟ ଅତିମାନବ ସିଦ୍ଧାନ୍ତର ଗୋଟିଏ ଦିଗ ।

କିନ୍ତୁ ଏଇ ଅତିମାନବ ସୃଷ୍ଟିରେ ବା ଦିବ୍ୟମାନବ ପ୍ରକାଶ ଫଳରେ ଆଧୁନିକ ଯୁଗ-ସମସ୍ୟାର ସମାଧାନ ହେବ କିପରି ? ଆଜି ଦୁଃଖ-ଦୁର୍ଦ୍ଦଶା, ହାହାକାର ଓ ଅନ୍ଧକାର ମଧ୍ୟରେ ପଡ଼ିଥିବା ଏଇ ଅର୍ଦ୍ଧପଶୁ-ମାନବ ବିବର୍ତ୍ତନଧାରାରେ ଏହି ଅତିମାନବର ପ୍ରକାଶକୁ କିପରି ଅପେକ୍ଷା କରି ରହିବ ? ମନୁଷ୍ୟର ସର୍ବଶ୍ରେଷ୍ଠ ଆଶା, ଆକାଙ୍କ୍ଷା ଯଦି ଆଜି ଲୋପ ପାଇବାକୁ ବସିଛି ତେବେ ଏଇ ଅତିମାନବର ଜନ୍ମ ଏକ ଗାଲୁ ଗଳ୍ପ ପରି, କବି କଳ୍ପନା ପରି ମନେ ହେବ ନାହିଁ କି ?

ଏହି କଥାର ସମ୍ୟକ୍ ତାତ୍ପର୍ଯ୍ୟ ଉପଲବ୍ଧି କରିବାକୁ ହେଲେ ମନୁଷ୍ୟକୁ ପ୍ରଥମେ ଦୃଷ୍ଟି ଦେବାକୁ ପଡ଼ିବ ତା' ନିଜ ଉପରେ, ତା'ର ଚାରି ପାଖର ପରିସ୍ଥିତି ଉପରେ । ମନୁଷ୍ୟ ଆଜି ଜଗତର ପ୍ରତ୍ୟେକ ବସ୍ତୁ ଉପରେ ନିଜର ଆଧିପତ୍ୟ ବିସ୍ତାର କରିଛି କାହା ବଳରେ ? ପୁଣି ମନୁଷ୍ୟର ପ୍ରତ୍ୟେକ ଅବସ୍ଥା ଓ ସମସ୍ୟା-ସମାଧାନର ଅସ୍ତ୍ର କ'ଣ ? ମନୀଷା ବା ବୁଦ୍ଧିହିଁ ତାହାର ସର୍ବଶ୍ରେଷ୍ଠ ଅସ୍ତ୍ର । ଏହା ବଳରେହିଁ ସେ ଜୀବ ଜଗତରେ ଯେପରି ପ୍ରଭୁତ୍ୱ ବିସ୍ତାର କରିଛି, ସେହିପରି ଏହାରି ସାହାଯ୍ୟରେ ପ୍ରତ୍ୟେକ ବସ୍ତୁର ସମାଧାନ କରୁଛି । ପୁଣି ଏହି ବୁଦ୍ଧି ବଳରେ ବହୁ ବହୁ ବିରାଟ ଉଦ୍ଭାବନ, ଆବିଷ୍କାର ଓ ବିଜ୍ଞାନର ବହୁବିଧ ଜ୍ଞାନ ସଞ୍ଚୟ କରୁଛି । ତେବେ ମନୁଷ୍ୟ ବୁଦ୍ଧି ବଳରେ ପୃଥିବୀକୁ ଏତେ ସୁଠାମ, ସୁନ୍ଦର, ମନୋରମ କରି ମଧ୍ୟ କରିପାରୁ ନାହିଁ କାହିଁକି ? ଏଇ ବୁଦ୍ଧି, ମନୀଷା ଓ ତର୍କ ବଳରେ ଯେଉଁ ସିଦ୍ଧାନ୍ତରେ ମନୁଷ୍ୟ ଉପନୀତ ହେଉଛି ତାକୁ କାର୍ଯ୍ୟରେ ପରିଣତ କରିପାରୁ ନାହିଁ କାହିଁକି ? ବୁଦ୍ଧିର ଚୂଡ଼ାନ୍ତ ପରିଚାଳନା ଫଳରେ ଯେଉଁ ବିଚାର ଓ ସତ୍ୟରେ ସେ ଉପନୀତ ହେଉଛି ତାକୁ ପରିତ୍ୟାଗ କରି ଅନ୍ୟ ସିଦ୍ଧାନ୍ତ ପ୍ରତି ଆକୃଷ୍ଟ ହେଉଛି କାହିଁକି ? ଏହା ବି ସ୍ୱତଃସିଦ୍ଧ ଯେ ଆମ୍ଭମାନଙ୍କ ମଧ୍ୟରେ ଯେଉଁମାନେ ପ୍ରଖର ବୁଦ୍ଧିଯୁକ୍ତ, ଯେଉଁମାନେ ଖୁବ୍ ବିଚାରଶୀଳ ବ୍ୟକ୍ତି, ଯେଉଁମାନେ ପରିଣତ ପ୍ରଜ୍ଞାଯୁକ୍ତ, ସେମାନେହିଁ ଆମର ହର୍ତ୍ତାକର୍ତ୍ତା ଓ ସମାଜର

ଯଥାର୍ଥରେ ପରିଚାଳକ । ଗଣତନ୍ତ୍ରର ବିକାଶ ଫଳରେ ଯେଉଁଠି ଏହାର ବ୍ୟତିକ୍ରମ ଘଟୁଛି ତାହା ଖୁବ୍ ଅଳ୍ପକାଳ ସ୍ଥାୟୀ । ତେବେ ପ୍ରତ୍ୟେକ କ୍ଷେତ୍ରରେ ଯଦି ଏଇ ମନୀଷା ଓ ବୁଦ୍ଧିର ରାଜତ୍ୱ ତେବେ ମନୁଷ୍ୟ ତାହାର ସ୍ୱୀୟ ଜୀବନ-ସମସ୍ୟାର ତଥା ସମାଜର ବିଭିନ୍ନ ସମସ୍ୟାର ସମାଧାନ କରିପାରୁ ନାହିଁ କାହିଁକି ? ଏକଥା ବି କୁହାଯାଏ ଯେ ଆମ୍ଭମାନଙ୍କର ଯୁଗ ହେଲା ବୁଦ୍ଧିବାଦୀ ଯୁଗ (Intellectual Age) ବା ମନୀଷା ବା ପ୍ରଜ୍ଞାର ଯୁଗ (Age of Reason) । ତେଣୁ ଏଠାରେ ସମ୍ୟକ୍ ଭାବରେ ଆଲୋଚନା କରିବାକୁ ହେବ ଯେ ଏଇ ବୁଦ୍ଧି ବା ମନୀଷାର ସ୍ୱଭାବ କ'ଣ ? ଲକ୍ଷଣ କ'ଣ ? ଦେଖିବାକୁ ହେବ କିପରି ଏହା ମନୁଷ୍ୟକୁ ଯଥାର୍ଥ ସତ୍ୟରେ ଉପନୀତ କରାଏ ନାହିଁ । ମନୁଷ୍ୟର ସଂଜ୍ଞା ହେଲା ଏଇ ଯେ ସେ ଏକ ମନୋମୟ ସତ୍ତା । ମାନସ ସତ୍ତାର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତିହିଁ ବୁଦ୍ଧି । ସୁତରାଂ ମନୁଷ୍ୟ-ମନର ଚରମ ବିକାଶ ହୁଏ ତାହାର ବୁଦ୍ଧିରେ, ତର୍କ, ବିଚାର ଓ ଯୁକ୍ତିରେ । ମନର ଯାହା ଉପଜୀବ୍ୟ ବସ୍ତୁ ତାହାହିଁ ମନୀଷା । ତେବେ ବୁଦ୍ଧିଯୁକ୍ତ ମନର ଲକ୍ଷଣ କ'ଣ ? ମନର ଏଇ ଲକ୍ଷଣ ଓ ପ୍ରକୃତିର ନିର୍ଦ୍ଦେଶ ଉପରେ ନିର୍ଭର କରୁଛି ଆମ୍ଭମାନଙ୍କର ସକଳ ସମସ୍ୟାର ସମାଧାନ ।

ପ୍ରଥମତଃ ବୁଦ୍ଧିର ଶ୍ରେଷ୍ଠ ଲକ୍ଷଣ ଏହି ଯେ ଏହା ବିଷୟବସ୍ତୁକୁ ବିଶ୍ଳେଷଣ କରେ, ଅର୍ଥାତ୍ ବିଶ୍ଳେଷଣାତ୍ମକ (Analytical) । ସମ୍ମୁଖରେ ଏହା ଯେଉଁ ସମସ୍ୟାକୁ ଉପଲବ୍ଧି କରେ, ତାକୁ ଖଣ୍ଡ ଖଣ୍ଡ କରି ବିଭକ୍ତ କରେ (splits up), ଶ୍ରେଣୀ ବିଭାଗ କରେ, ବିଶ୍ଳେଷଣ କରେ, ତନ୍ନ ତନ୍ନ କରି ପରୀକ୍ଷା କରେ, ଖୁଣ୍ଟିନାଣ୍ଟି କରି ନିରୀକ୍ଷଣ କରେ । ବିଶ୍ଳେଷଣର ଅର୍ଥହିଁ ହେଲା ବିଷୟବସ୍ତୁକୁ ଏକତ୍ର ଉପଲବ୍ଧି ନକରି ଭାଙ୍ଗି ଖଣ୍ଡ ଖଣ୍ଡ କରିଦେବା, ଟିକ୍ ଟିକ୍ କରି ପୃଥକ୍ ଭାବରେ ଦେଖିବା । କୌଣସି ବସ୍ତୁ ବୁଦ୍ଧିର ସମ୍ମୁଖକୁ ଆସିବା ମାତ୍ରକେ ଏହା ତାହାକୁ ଖଣ୍ଡ ଖଣ୍ଡ କରି କାଟି ପକାଏ, ବିଭକ୍ତ କରେ ଏବଂ ପୃଥକ୍ ପୃଥକ୍ କମ୍ପାର୍ଟମେଣ୍ଟରେ ପରିଣତ କରେ । ଦ୍ୱିତୀୟତଃ, ଏହାହିଁ ସ୍ପଷ୍ଟ ଯେ ବୁଦ୍ଧି ବିଭାଜ୍ୟମୂଳକ (divisional) । ବୁଦ୍ଧିର ବିକାଶହିଁ ସର୍ବଦା ବିଭକ୍ତିଭୂତ ବା ଦ୍ୱିଧାଯୁକ୍ତ ହୋଇଥାଏ । ଅନ୍ୟ ଅର୍ଥରେ ହେଗ୍‌ଲେଙ୍କ ଭାଷାରେ କହିବାକୁ ଗଲେ ବୁଦ୍ଧି ଦ୍ୱନ୍ଦ୍ୱାତ୍ମକ (dialectical) । ପ୍ରତ୍ୟେକ କ୍ଷେତ୍ରରେହିଁ ବୁଦ୍ଧି ଦ୍ୱନ୍ଦ୍ୱାତ୍ମକ ଧାରାରେ ବିକାଶ ପାଇଥାଏ । ବୁଦ୍ଧି ବା ବିଚାରର ଯାହା ଅବଲମ୍ବନ, ତାହାହିଁ ଚିରନ୍ତନ ଦ୍ୱନ୍ଦ୍ୱାତ୍ମକ ତର୍କ । ତର୍କ ଯଦି ଦ୍ୱନ୍ଦ୍ୱାତ୍ମକ ନହୁଏ ତେବେ ତାହା ତର୍କ ନୁହେଁ, ବରଂ ତର୍କର ଅଗ୍ରଗତି ଦ୍ୱନ୍ଦ୍ୱ ବ୍ୟତିରେକେ ହୋଇପାରେ ନାହିଁ । ଏହି ଦ୍ୱନ୍ଦ୍ୱାତ୍ମକ ବୁଦ୍ଧିବାଦର ଗୋଟିଏ ପାଖରେ ହେଲା ସମ୍ବାଦ (thesis) ଅନ୍ୟ ପାଖରେ ବିସମ୍ବାଦ (antithesis) । ଏବଂ ଦୁଇ ଧାରାର ଚରମ ପରିଣାମ ହେଲା ସମନ୍ୱୟ (synthesis) । କିନ୍ତୁ ଏଇ ସମନ୍ୱୟରେ ବୁଦ୍ଧି ପହଞ୍ଚିବା ପୂର୍ବରୁ ତାହା ପୁଣି ଦୁଇ ଖଣ୍ଡରେ ଭାଙ୍ଗିଯାଏ, ପରସ୍ପର ବିରୋଧାତ୍ମକ ସମ୍ବାଦ ଓ ବିସମ୍ବାଦ ଦେଖାଯାଏ । ଏହା କଦାପି ସମ୍ପୂର୍ଣ୍ଣ ଏକ ସମନ୍ୱୟରେ ପହଞ୍ଚିପାରେ ନାହିଁ । ସେଥିପାଇଁ କୁହାଯାଏ ବୁଦ୍ଧିର ଚୂଡ଼ାନ୍ତ ସମନ୍ୱୟରେ ପହଞ୍ଚିବାକୁ ହେଲେ ବୁଦ୍ଧିର ମୃତ୍ୟୁହିଁ ଆବଶ୍ୟକ । ବୁଦ୍ଧିର ଚରମାବସ୍ଥାରେ ଯେହେତୁ ବୁଦ୍ଧିର ବିଲୋପ ଘଟେ, ଏହା ସତ୍ୟର ସମନ୍ୱୟମୂଳକ (integral) ପରିପୂର୍ଣ୍ଣ ପ୍ରକାଶ ଧରିପାରେ ନାହିଁ । ଏହାହିଁ ସ୍ପଷ୍ଟ ପ୍ରତିଭାତ ହେଉଛି ଯେ ବୁଦ୍ଧିର ସାମର୍ଥ୍ୟରେ ସତ୍ୟର ଅବିକୃତ, ଅବିକଳ ରୂପ ମିଳେ ନାହିଁ । ସମସ୍ୟାର କେବଳ ଖଣ୍ଡିତ, ଦ୍ୱିଧାଯୁକ୍ତ, ସୀମିତ, ନିର୍ଦ୍ଦିଷ୍ଟ ଉପଲବ୍ଧି ମିଳିଥାଏ ।

କିନ୍ତୁ ଏଠାରେ ଲକ୍ଷ୍ୟ କରିବାର କଥା ଯେ, ସମ୍ମୁଖରେ ଆମେ ଯେଉଁ ସମସ୍ୟାକୁ ଦେଖୁ ତାହା ଏକ ଅଭିନ୍ନ ଏବଂ ପରିପୂର୍ଣ୍ଣ ସମସ୍ୟା । ତାକୁ ଭାଙ୍ଗି ଖଣ୍ଡ ଖଣ୍ଡ କରି ଦେଖା ଯାଇଥାଏ; ମାତ୍ର ତାହା ମୂଳତଃ ବା ଶେଷତଃ ସେପରି ଖଣ୍ଡିତ, ଦ୍ୱନ୍ଦ୍ୱାତ୍ମକ ନୁହେଁ, ଦ୍ୱିଧାଯୁକ୍ତ ନୁହେଁ । ସୁତରାଂ ବୁଦ୍ଧି ଦ୍ୱାରା ଆମ୍ଭେମାନେ ବିଷୟବସ୍ତୁକୁ ଭାଙ୍ଗି ଖଣ୍ଡ ଖଣ୍ଡ କରି ଦେଖୁଥିବାରୁ ସମସ୍ୟାର ସମ୍ପୂର୍ଣ୍ଣ ଉପଲବ୍ଧି କରିପାରୁ ନାହିଁ, ବୃହତ୍ତର ବ୍ୟାପକ ଅର୍ଥର ସୂଚନା ପାଉ ନାହିଁ । ଅର୍ଥାତ୍, ଯେଉଁ ସମସ୍ୟାର ସମାଧାନ କରିବାକୁ ଆମ୍ଭେମାନେ ପ୍ରଥମରୁ ଆରମ୍ଭ କରୁ ତାହାର ସମାଧାନ ହୋଇପାରେ ନାହିଁ । ବୁଦ୍ଧି ସମସ୍ୟାର ଉତ୍ଥାପନ କରେ ସତ, ମାତ୍ର ତାହାକୁ ସମାଧାନ କରିପାରେ ନାହିଁ । ଯଦି ଏକ ଅବିଭାଜ୍ୟ, ପରିପୂର୍ଣ୍ଣ, ସୂକ୍ଷ୍ମ ବିଚାରରେ ପହଞ୍ଚି ସମସ୍ୟାର ସର୍ବବିଧ ବିଭାଗ ଦେଖିବାକୁ ହେବ, ତେବେ ତାହା ବୁଦ୍ଧି ଭିନ୍ନ ଅନ୍ୟ କୌଣସି ବସ୍ତୁର ସାହାଯ୍ୟ ନେବାକୁ ହେବ । ସମସ୍ୟାର ସମନ୍ୱୟମୂଳକ ସମାଧାନରେ ବୁଦ୍ଧିର ମୃତ୍ୟୁ ହେବ । "Thought must commit suicide in order to attain truth." ଯେଉଁ ବିରାଟ, ବ୍ୟାପକ, ବୃହତ୍ତର ଅନୁଭୂତି ସାହାଯ୍ୟରେ ସତ୍ୟର ନିର୍ମୋହ ଅବସ୍ଥା ଦେଖିବାକୁ ହେବ, ତାହାହିଁ ହେଲା ଅପରୋକ୍ଷ ଅନୁଭୂତି । ସୁପ୍ରସିଦ୍ଧ ଦାର୍ଶନିକ ବ୍ରାଡ୍‌ଲିଙ୍କର ଏହାହିଁ

ହେଲା "Immediate Experience" । ସ୍ପିନୋଜାଙ୍କର ଭାଷାରେ ଏହାହିଁ "Scientia Intuitiva." ବୋଧଶକ୍ତିର ଅପଲକ ଦୃଷ୍ଟିରେ ସତ୍ୟର ଅଭିନ୍ନ ସନ୍ଧାନ ମିଳେ । ଶ୍ରୀଅରବିନ୍ଦଙ୍କ ଭାଷାରେ ଏହି ଉପଲବ୍ଧିହିଁ ଆସେ "Knowledge by Identity" – ଆତ୍ମା ସଙ୍ଗେ ଆତ୍ମାର ମିଳନରେ, ବସ୍ତୁ ସହିତ ଚେତନାର ସମନ୍ୱୟରେ ଯେଉଁ ସ୍ୱଚ୍ଛ, ନିର୍ମଳ, ରହସ୍ୟମୟ ଅନୁଭୂତି ଆସେ ତାହାହିଁ ସମାଧାନର ଶେଷ ସ୍ତର । ସୁପ୍ରସିଦ୍ଧ ଦ୍ରଷ୍ଟା ଓ ପାଶ୍ଚାତ୍ୟ ମନୀଷୀ ବର୍ଗସଁ ଏହି ଜ୍ଞାନକୁ ଦର୍ଶନ ଶାସ୍ତ୍ରରେ ସର୍ବୋଚ୍ଚ ସ୍ଥାନ ଦେଇଛନ୍ତି । କେବଳ ପରମ ସତ୍ୟର ସନ୍ଧାନରେ ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଏହାହିଁ ପ୍ରଯୁଜ୍ୟ । ତୈତ୍ତିରୀୟ ଉପନିଷଦ୍‌ର ସେହି ମହାବାକ୍ୟ ''ଯତୋ ବାଚୋ ନିବର୍ତ୍ତନ୍ତେ ଅପ୍ରାପ୍ୟ ମନସା ସହ ।'' ଅର୍ଥାତ୍, ମନ ବଳରେ ତାହାର ଉପଲବ୍ଧି ହେବ ନାହିଁ, ସେଠାରୁ ବାକ୍‌ଶକ୍ତି ମଧ୍ୟ ଫେରି ଆସିଥାଏ ।

ଏହାହିଁ ମନେ ରଖିବାର କଥା ଯେ ମନୁଷ୍ୟର ଯାହା ସମସ୍ୟା, ତାହାହିଁ ସମଗ୍ର ଜଗତର ସମସ୍ୟା । ମନୁଷ୍ୟ ନିଜେ ଗୋଟିଏ କ୍ଷୁଦ୍ର ବ୍ରହ୍ମାଣ୍ଡର ପ୍ରତୀକ । ତାହା ମଧ୍ୟରେ ସତ୍ତାର ତ୍ରିବିଧ ରୂପ – ବ୍ୟଷ୍ଟିଗତ, ବିଶ୍ୱଗତ ଓ ବିଶ୍ୱାତୀତ ରୂପ ରହିଛି । ତାହାର ସମସ୍ୟାର ସମାଧାନ ହେଲେ ସମଗ୍ର ବିଶ୍ୱର ସମାଧାନ ହେବ । ସୁତରାଂ, ବୁଦ୍ଧି ବଳରେ ସେ ନିଜ ଜୀବନର ବା ପୃଥିବୀର ଚରମ ସମସ୍ୟାର ସମାଧାନ କରିପାରିବ ନାହିଁ । ଅର୍ଦ୍ଧ-ଜାଗ୍ରତ୍, ଅସମ୍ପୂର୍ଣ୍ଣ, ବିକୃତ, ଦ୍ୱିଧାଯୁକ୍ତ, ବିଶ୍ଳେଷଣାତ୍ମକ ବୁଦ୍ଧିର ପରିସର ମଧ୍ୟରେ ସତ୍ୟର ସନ୍ଧାନ ମିଳିବ ନାହିଁ । କେବଳ ଗୋଟାଏ ବିଶ୍ଳେଷଣାତ୍ମକ ବୁଦ୍ଧିର ଯୁକ୍ତି ଦ୍ୱାରା ଏହି ଅବିଦ୍ୟାଗ୍ରସ୍ତ, ଅନ୍ଧକାରାଚ୍ଛନ୍ନ ପୃଥିବୀର ଅନ୍ଧପୁଟୁଳି ଉଠିଯିବ ନାହିଁ । ଏହାର ଅର୍ଥ ନୁହେଁ ଯେ ବୁଦ୍ଧି ପରିମାର୍ଜିତ, ନିର୍ମଳ, ତର୍କଯୁକ୍ତ ବିଚାରଧାରା ସଚେତନ, ସଜ୍ଞାନମୟ, ବିଶ୍ଳେଷଣକୁ ଛାଡ଼ି ମନୁଷ୍ୟ ପଶୁ ସ୍ତରକୁ ଫେରିଯିବ ଏବଂ ସେଠାରେ ପଶୁତୁଲ୍ୟ ବିଚାରବୁଦ୍ଧିହୀନ ହୋଇ ପ୍ରକୃତିର ପ୍ରତ୍ୟେକ ଉତ୍ପାତରେ ଡରିମରି ବଞ୍ଚି ରହିବ । ପୁଣି ମଧ୍ୟ ସେ ଗୋଟିଏ ଅଜ୍ଞ-କୁସଂସ୍କାରପୂର୍ଣ୍ଣ ସ୍ଥୂଳ ବିଶ୍ୱାସ ଘେନି ସନ୍ତୁଷ୍ଟ ରହିପାରିବ ନାହିଁ । ବୁଦ୍ଧି ବଳରେ ସମସ୍ୟା ସମାଧାନ ନହେଲେ ବି ସେ ବୁଦ୍ଧିର ଊର୍ଦ୍ଧ୍ୱସ୍ଥିତ ଅନ୍ୟ ଏକ ବିଶାଳ ଚେତନାରେ ପ୍ରବେଶ କରିବାକୁ ନିଶ୍ଚୟହିଁ ପ୍ରୟାସୀ ହେବ । ବସ୍ତୁତଃ ତାକୁ ଉଠିଯିବାକୁ ହେବ ଊର୍ଦ୍ଧ୍ୱଲୋକର ପରମ ଜ୍ୟୋତିଃ, ଦିବ୍ୟ ଆଲୋକ ଏବଂ ଦିବ୍ୟ ଦୃଷ୍ଟି ସ୍ତରକୁ । ସେ ମନୀଷୀ ପଦବୀରୁ ଦ୍ରଷ୍ଟାର ପଦବୀକୁ ଉନ୍ନୀତ ହେବ । ଏହିଠାରେ ତାହାର ଚେତନାର ସର୍ବବ୍ୟାପକ, ସର୍ବବସ୍ତୁମୂଳକ ସତ୍ୟକୁ ନିଜଠାରେ ଓ ଅନ୍ୟଠାରେ ଉପଲବ୍ଧି କରିପାରିବ । କାରଣ ସତ୍ୟର ଲୁକ୍‌କାୟିତ, ଅବଗୁଣ୍ଠିତ, ଆଚ୍ଛାଦିତ ରୂପକୁ ସେ ଖୋଲି ଦେଖିପାରିବ ଚେତନାର ସୂକ୍ଷ୍ମ ଆଲୋକ-ରେଖା ବଳରେ, ଶୁଭ୍ର ତେଜୀୟାନ୍ ଜ୍ୟୋତିଃ ବଳରେ । ଏହି ଊର୍ଦ୍ଧ୍ୱାୟମାନ ସର୍ବୋଚ୍ଚ ଚେତନାରେ ପ୍ରତିଷ୍ଠିତ ହେଲେ ମନୁଷ୍ୟ ଅତିମାନସ ଚେତନାରେ ପ୍ରତିଷ୍ଠିତ ହୁଏ । ଏହାହିଁ ହେଲା ଉପନିଷଦ୍‌ର ବର୍ଣ୍ଣିତ ''ବିଜ୍ଞାନମୟ କୋଷ'' – ଏହିଠାରେହିଁ ମନୁଷ୍ୟ ଦେବତ୍ୱ ତଥା ଋଷିତ୍ୱ ଲାଭ କରେ । ଏହି କ୍ଷେତ୍ରରେ ସେ ସୃଷ୍ଟିର ନିଗୂଢ଼ ରହସ୍ୟ ସହିତ ଏକ ହୋଇ ସର୍ବେଶ୍ୱର, ସର୍ବମୟ ଓ ସର୍ବଘଟସ୍ଥ ବୋଲି ନିଜକୁ ମନେ କରେ । ଏହାହିଁ ହେଲା ସେହି ''ସତ୍ୟ-ଚେତନା'' ଯାହା ଋଗ୍‌ବେଦରେ 'ଋତ-ଚିତ୍' ନାମରେ ଖ୍ୟାତ । ଶ୍ରୀଅରବିନ୍ଦ ଏହାକୁହିଁ 'Superconscient ବା 'Supermind', ଅର୍ଥାତ୍ ଅତିମାନସ ଚେତନା ବୋଲି କହୁଛନ୍ତି । ଏହି ଲୋକର ବର୍ଣ୍ଣନା ସ୍ୱରୂପ ଉପନିଷଦ୍‌ରେ କୁହାଯାଇଛି, ''ଯନ୍ତ୍ର ଦେବନାମ୍ ପ୍ରତିରୋକୋଽଧିବାସଃ'' – ସେଠାରେ ଦେବତାମାନେ ଏକମାତ୍ର ଅଧୀଶ୍ୱର, ସକଳଙ୍କ ଉପରେ ବାସ କରନ୍ତି । ଏହି ସ୍ଥାନର ବିଜ୍ଞାନମୟ, ହିରଣ୍ମୟ ପୁରୁଷହିଁ ''ସର୍ବେଶ୍ୱର, ସର୍ବଜ୍ଞ, ଅନ୍ତର୍ଯାମୀ, ସମୁଦାୟ ଉତ୍ପତ୍ତିର ସ୍ଥଳ ଏବଂ ଭୂତ ସମୂହର ଉଦ୍ଭବ ଏବଂ ପ୍ରଳୟର କାରଣ'' । ଏହି ଚେତନାର ରାଜ୍ୟକୁ ଉଠି ପାରିଲେ ମନୁଷ୍ୟ ତାହାର ଅଜ୍ଞାନ ଭେଦବୁଦ୍ଧିରୁ ଚିରଦିନ ପାଇଁ ମୁକ୍ତ ହୁଏ । ଏଠାରେ ମନୁଷ୍ୟ ଏକ ମଧ୍ୟରେ ବହୁ ଏବଂ ବହୁ ମଧ୍ୟରେ ଏକକୁ ଉପଲବ୍ଧି କରେ ଏବଂ ମନୁଷ୍ୟର ଚେତନା ଏହି ରାଜ୍ୟକୁ ଉଠିବାହିଁ ଅବଶ୍ୟମ୍ଭାବୀ ।

ପୁନଶ୍ଚ ଉପନିଷଦ୍‌ରେ ଦେଖିବାକୁ ମିଳେ ବିବର୍ତ୍ତନର ଚାରୋଟି ସ୍ତର ଓ ପର୍ଯ୍ୟାୟର ବର୍ଣ୍ଣନା – ଯଥା : ଅନ୍ନମୟ କୋଷ (Material Sheath), ପ୍ରାଣମୟ କୋଷ (Vital Sheath), ମନୋମୟ କୋଷ (Mental Sheath) ଏବଂ ତତ୍ପରେ ବିଜ୍ଞାନମୟ କୋଷ (Supramental Sheath) ବିବର୍ତ୍ତନର ଧାରାରେ ଅଦ୍ୟାପି କେବଳ ପ୍ରଥମ ତିନୋଟି – ଅନ୍ନମୟ କୋଷ, ପ୍ରାଣମୟ କୋଷ ଓ ମନୋମୟ କୋଷ ପ୍ରକାଶିତ ହୋଇଛି ଏବଂ ପରିଶେଷରେ ଏହି ବିବର୍ତ୍ତନର ଧାରାରେ 'ବିଜ୍ଞାନମୟ କୋଷ' ଯେ ପ୍ରକାଶିତ ହେବ ଏଥିରେ କୌଣସି ସନ୍ଦେହ ନାହିଁ । ଏହି ବିଜ୍ଞାନ ଭୂମିର 'ପରମ ସତ୍ୟ'

ବେଦରେ 'ଋତ-ଚିତ୍' ନାମରେ କଥିତ ଓ ଏହାର ସତ୍ତା ସୂକ୍ଷ୍ମାତିସୂକ୍ଷ୍ମ ଦିବ୍ୟଚେତନା ରୂପେ ମନୁଷ୍ୟ ମଧ୍ୟରେ ନିହିତ ଅଛି । ଏହାର ବିକାଶ ଏପରି ଅବଶ୍ୟମ୍ଭାବୀ ଯେ ଶ୍ରୀଅରବିନ୍ଦ ୧୯୫୦ ସାଲ ନଭେମ୍ବର ୨୪ ତାରିଖ ବାର୍ତ୍ତାରେ କହିଥିଲେ, "The Supramental is a truth and its advent is in the very nature of things inevitable.", ଅର୍ଥାତ୍, ''ଅତିମାନସହିଁ ପରମ ସତ୍ୟ ଏବଂ ଏହି ଅବତରଣ ବସ୍ତୁସକଳର ପ୍ରକୃତି ଅନୁଯାୟୀ ଅବଶ୍ୟମ୍ଭାବୀ ।''

ଏହି ନୂତନ 'ସୂର୍ଯ୍ୟ-ଚେତନା'ର ସ୍ଥୂଳ ଅବତରଣ ଫଳରେ ବା ବାହ୍ୟିକ ପ୍ରକାଶ ଫଳରେ ସମଗ୍ର ଜଗତର, ବିଶେଷତଃ ମନୁଷ୍ୟର ଏକ ବିଶାଳ, ବ୍ୟାପକ, ପରିପୂର୍ଣ୍ଣ ପରିବର୍ତ୍ତନ ସାଧିତ ହେବ । ମନୁଷ୍ୟ ଏଠାରେ ଚେତନାର ଶାଶ୍ୱତ ଶକ୍ତିରେ ରୂପାନ୍ତରିତ ହୋଇ ଏକ ନୂତନ ବସ୍ତୁରେ ପରିଣତ ହେବ, ଏହାହିଁ ଯଥାର୍ଥରେ ପ୍ରତ୍ୟେକ ସମସ୍ୟାର ସମାଧାନ ଆଣିଦେବ । ମନୁଷ୍ୟର ବିଚାର ବୁଦ୍ଧି, ମନୀଷା ଏଠାରେ ଲୋପ ନପାଇ, କ୍ଷୀଣ, ନିର୍ଜୀବ, ପ୍ରାଣହୀନ ନହୋଇ ସବଳ, ଶକ୍ତିଶାଳୀ, ତେଜସ୍ୱୀ ଓ ଭାସ୍ୱର ହୋଇ ଉଠିବ । ଏଠାରେ ମନହିଁ ହେବ ଜ୍ୟୋତିର୍ମୟ ମାନସ (Mind of Light) । ଏହି ଜ୍ୟୋତିର୍ମୟ ମାନସ ହେଲା ସେହି ମାନସ-କ୍ଷେତ୍ର ଯେଉଁଠାରେ ଅତିମାନସ ଶକ୍ତି ଜଡ଼-ମନ ବା ଭୌତିକ-ମନ (Physical Mind) ମଧ୍ୟରେ ଅବତରଣ କରିଛି ଏବଂ ମାନସ କ୍ଷେତ୍ରକୁ ସତ୍ୟର ଶୁଭ୍ର-ରଶ୍ମି ବଳରେ ଆଲୋକିତ କରିଛି । ଏହି ମନ ବଳରେ ପ୍ରତ୍ୟେକ କ୍ଷେତ୍ରରେ ଯଥାର୍ଥ ସତ୍ୟକୁ ଉପଲବ୍ଧି କରାଯିବ ଏବଂ ଶ୍ରୀଅରବିନ୍ଦ ଏହି ଅତିମାନସ ଶକ୍ତିକୁ 'Mind of Light' ବା ଜ୍ୟୋତିର୍ମୟ ମାନସ ମଧ୍ୟରେ ପ୍ରଥମେ ଉତାରି ଆଣିଛନ୍ତି । ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ସଙ୍ଗେ ସଙ୍ଗେ ଏହି ବିଶାଳ, ସାର୍ବଭୌମ, ପରମ ଅତିମାନସ ଚେତନା ଅବତରଣ କରି ଏହି ଅଧଃସ୍ତନ ଦେହ-ପ୍ରାଣ-ମନକୁ ସ୍ପର୍ଶ କରୁଛି, ଏହାର ରୂପାନ୍ତର ପଥ ସୁଗମ କରୁଛି ।

ଏହାହିଁ ସ୍ପଷ୍ଟ ହେବ ଯେ ଆଧୁନିକ ଯୁଗ-ସମସ୍ୟାର ସମାଧାନ କରିବାକୁ ହେଲେ ପ୍ରଥମେହିଁ ମନୁଷ୍ୟକୁ ନିଜ ମଧ୍ୟକୁ ଫେରିବାକୁ ହେବ, ତାହାକୁ ତାହାର ବାହ୍ୟ ଦୃଷ୍ଟିକୁ ଫେରାଇ ଅନ୍ତର୍ମୁଖୀ ହେବାକୁ ହେବ । ଚେତନାର ଉତ୍ଥାନ ନିମିତ୍ତ ଓ ଚେତନାର ଊର୍ଦ୍ଧ୍ୱାୟନ ଗତି ନିମିତ୍ତ, ତାହାର ହୃଦକନ୍ଦରରେ ଅବସ୍ଥିତ ଚୈତ୍ୟ ପୁରୁଷଙ୍କର ଆବିଷ୍କାର ନିମିତ୍ତ ତାକୁ ନିଜ ମଧ୍ୟକୁ ଫେରିଯିବାକୁ ହେବ । ମନୁଷ୍ୟ ମଧ୍ୟରେ ଭଗବାନଙ୍କର, ସେଇ ସଚ୍ଚିଦାନନ୍ଦଙ୍କ ସତ୍ୟାଲୋକର ପ୍ରତିନିଧି ଓ ପ୍ରତିଭୂ ରୂପେ ଚୈତ୍ୟ ପୁରୁଷହିଁ ସାକ୍ଷୀ ରୂପେ ରହିଛନ୍ତି । ମନୁଷ୍ୟ ମଧ୍ୟରେ ଏଇ ସତ୍-ସତ୍ତା, ଅନନ୍ତ ଅଗ୍ନିକଣା, ଦିବ୍ୟ-ପୁରୁଷ ନଥିଲେ, ସେ କେବେହେଲେ ସେହି ବୃହତ୍ତର, ବିଶାଳତର, ମହୀୟାନ୍ ଭୂମାଙ୍କର ସନ୍ଧାନ କରିପାରନ୍ତା ନାହିଁ । ଏହି ଅଜ୍ଞାନାଚ୍ଛନ୍ନ, ଅହଂଗ୍ରସ୍ତ ଦେହ, ପ୍ରାଣ, ମନର ବହୁବିଧ ଆବରଣ ମଧ୍ୟରେ ଯେଉଁ ଦିବ୍ୟ-ଅଗ୍ନିକଣା (Divine Spark) ବା ଗୀତୋକ୍ତ ପୁରୁଷୋତ୍ତମଙ୍କର ସନାତନ ଅଂଶ (Eternal Portion of the Divine) ଅଛି, ତାହାହିଁ ତାହାର ଶାଶ୍ୱତ, ସତ୍ୟ-ଚେତନା, ଚୈତ୍ୟ-ଚେତନା । ଏହି ଚେତନାର ଆବିଷ୍କାର, ଉତ୍ତୋଳନହିଁ ହେଲା ''ଆତ୍ମାନଂ ବିଦ୍ଧି'' ବା "Know Thyself" ର ଆହ୍ୱାନ । ଏହି ଚେତନାର ସାନ୍ନିଧ ଲାଭ କଲେ, ମନୁଷ୍ୟ ଏକ ନୂତନ-ଚେତନାରେ ପ୍ରବିଷ୍ଟ ହୁଏ ଏବଂ ଏହି ଚେତନା ଦ୍ୱାରା ପରିଚାଳିତ ହେଲେ ସେ ଧୀରେ ଧୀରେ ରୂପାନ୍ତରିତ ହୋଇ ଅତିମାନବ ଆଡ଼କୁ ଅଗ୍ରସର ହୁଏ । ଏଠାରେ ଅତିମାନବ ଆଉ କିଛି ନୁହେଁ — ଦିବ୍ୟ-ମାନବ, ଭଗବତ୍ ବିଭୂତିରେ ଭୂଷିତ ଦିବ୍ୟ-ପୁରୁଷ, ଭଗବତ୍-ଜ୍ୟୋତିଃରେ ଉଦ୍ଭାସିତ ହିରଣ୍ମୟ ପୁରୁଷ । ଏହି ପୁରୁଷଙ୍କର ଅଙ୍ଗେ ଅଙ୍ଗେ ଦିବ୍ୟ-ସୁଷମା, ଦିବ୍ୟ-ସୌନ୍ଦର୍ଯ୍ୟ ପ୍ରସ୍ଫୁଟିତ ହୋଇଉଠେ । ସେ ମର୍ତ୍ତ୍ୟରେ ଥାଇ ମଧ୍ୟ ଦେବତାତୁଲ୍ୟ ପ୍ରତିଭାତ ହୁଅନ୍ତି । ଏହି ହିରଣ୍ମୟ-ପୁରୁଷଙ୍କ ବର୍ଣ୍ଣନା ଉପନିଷଦ୍‌ରେ ବାରଂବାର ଦେଖିବାକୁ ମିଳେ ।

ସୁତରାଂ ଏହାହିଁ ସ୍ୱତଃସିଦ୍ଧ ଯେ ଯେହେତୁ ଏଇ ଅତିମାନସ ଶକ୍ତି ଆମ ମଧ୍ୟରେ ରହିଛି, ବିବର୍ତ୍ତନ ପଥ ଅନୁସରଣ କଲେ ଆମେ ଦିନେ ନା ଦିନେ ସେଇ ସ୍ତରରେ ଉପନୀତ ହେବୁ । ଏଥିପାଇଁ ଅବଶ୍ୟ ଆଧ୍ୟାତ୍ମିକ ସାଧନା ଲୋଡ଼ା ଏବଂ ଆଧ୍ୟାତ୍ମିକ ସାଧନା କେବଳ ଯୋଗ ଦ୍ୱାରାହିଁ ସମ୍ଭବପର ହେବ । ଏ ଯେଉଁ ବିଶାଳ ପରିବର୍ତ୍ତନ ମନୁଷ୍ୟର ପ୍ରକୃତିରେ ସମ୍ଭବ ହେବ, ତାହା ଭଗବାନଙ୍କ କୃପା ଏବଂ ଏକ ବିଶାଳ ଏକମୁଖୀ ଅଭୀପ୍ସା ଦ୍ୱାରାହିଁ ସମ୍ଭବ ହେବ । ଏହି ଅତିମାନସ-ସତ୍ତା ମଧ୍ୟ ପ୍ରତ୍ୟେକ ବସ୍ତୁର ଅନ୍ତରରେ ଗୁହ୍ୟତମ ସତ୍ୟ ରୂପେ ନିହିତ ଅଛି । ନିଜ ମଧ୍ୟରେ ଯେ ଏ ଅନନ୍ତ ସାର୍ବଭୌମ, ବିଶାଳ ଚେତନାକୁ ଖୋଜି ପାଏ, ସେ ନିଜର ଓ ସହସ୍ର ସହସ୍ର ବ୍ୟକ୍ତିଙ୍କ ସମସ୍ୟାର ସମାଧାନ କରେ । କୌଣସି ବାହ୍ୟିକ ପରିବର୍ତ୍ତନ ଆଣିଲେ ମଧ୍ୟ ଯଦି ମନୁଷ୍ୟ ପ୍ରକୃତିର କୌଣସି ପରିବର୍ତ୍ତନ ନ

ଘଟେ, ତେବେ ଆଧୁନିକ ଯୁଗ-ସମସ୍ୟାର ସମାଧାନ ହେବ ନାହିଁ । ସେଥିପାଇଁ ଶ୍ରୀଅରବିନ୍ଦ କହୁଛନ୍ତି, "... for to hope for a true change of human life without a change of human nature is an irrational and unspiritual proposition; ...

ଏହାର ମର୍ମାନୁବାଦ ହେଲା, ମନୁଷ୍ୟ ପ୍ରକୃତିର କୌଣସି ପରିବର୍ତ୍ତନ ନକରି ମନୁଷ୍ୟ ଜୀବନକୁ ପରିବର୍ତ୍ତନ କରି ହେବ ନାହିଁ । ଏହି ପ୍ରକୃତିର ପରିବର୍ତ୍ତନ ଅର୍ଥହିଁ ହେଲା ରୂପାନ୍ତର ଯୋଗ (Yoga of Transformation) । ଯେଉଁମାନେ ପୃଥିବୀର ବିଭିନ୍ନ ସମସ୍ୟାକୁ ଆଜି ସମାଧାନ କରିବାକୁ ଚାହୁଁଛନ୍ତି, ସେମାନେ ପ୍ରଥମେହିଁ ନିଜ ପ୍ରକୃତିର ପରିବର୍ତ୍ତନ କରନ୍ତୁ, ନିଜକୁ ଏକ ରୂପାନ୍ତରିତ ଅବସ୍ଥାରେ ଉପନୀତ କରାନ୍ତୁ, ତା' ନହେଲେ ପ୍ରକୃତ ସମସ୍ୟାର କେବଳ ଅବହେଳା କରାଯିବ ।

ଏ କଥା ମଧ୍ୟ ସତ୍ୟ ଯେ ବର୍ତ୍ତମାନ ଯେଉଁ ମନୁଷ୍ୟକୁ ଆମ୍ଭେ ଦେଖୁଛୁ ତାହା ମନୁଷ୍ୟର ଚରମ ଅବସ୍ଥା ନୁହେଁ ବା ପୂର୍ଣ୍ଣତର ଅବସ୍ଥା ନୁହେଁ । ଏହି ଅର୍ଦ୍ଧପଶୁ, ଅସମ୍ପୂର୍ଣ୍ଣ ମନୁଷ୍ୟ ପୁଣି ଏକ ନୂତନ ସ୍ତରରେ ଉପନୀତ ହେବ, ସୁତରାଂ ଏହାହିଁ ତାହାର ମଧ୍ୟବର୍ତ୍ତୀକାଳୀନ ଅବସ୍ଥା । ଏହି ଅବସ୍ଥାରେ ମନୁଷ୍ୟ ପଙ୍ଗୁ ହୋଇ, ମୂକ ହୋଇ, ଦ୍ୱନ୍ଦ୍ୱ ଓ ଅବସାଦ ମଧ୍ୟରେ ଥୟ ହୋଇ ରହିପାରିବ ନାହିଁ । ଯେଉଁ ଦେବତା ତାହା ମଧ୍ୟରେ ପ୍ରୋଥିତ, ଲୁପ୍ତ, ସୁପ୍ତ ଓ ଗୁପ୍ତ ହୋଇ ରହିଛନ୍ତି, ତାଙ୍କୁହିଁ ତାକୁ ଉଠାଇବାକୁ ପଡ଼ିବ ଏବଂ ତାଙ୍କର ଉତ୍ଥାନରେ ପୃଥିବୀର ସକଳ ସମସ୍ୟାର ଯଥାର୍ଥ ସମାଧାନ ହେବ । ଏକ ଅସମ୍ପୂର୍ଣ୍ଣ ଓ ଅହଂବୁଦ୍ଧିସମ୍ପନ୍ନ ମାନବ ପୂର୍ଣ୍ଣ ଆନନ୍ଦମୟ ପୃଥିବୀ ସୃଷ୍ଟି କରି ନପାରେ । ସୁତରାଂ ଶ୍ରୀଅରବିନ୍ଦ କହୁଛନ୍ତି ଯେ ବର୍ତ୍ତମାନ ସମସ୍ୟାହିଁ ଏକ ବିବର୍ତ୍ତନଗତ ସମସ୍ୟା । ମନୁଷ୍ୟର ଚେତନାକୁ ଏହି ବିବର୍ତ୍ତନ ମଧ୍ୟରେ ଉପରକୁ ନେବାକୁ ହେବ, ତାହା ନହେଲେ ମନୁଷ୍ୟଜାତି ଧ୍ୱଂସ ହୋଇଯିବ । ଏହି ପରିଣାମହିଁ ଆମର ପ୍ରାକୃତିକ ଓ ଅବଶ୍ୟମ୍ଭାବୀ ଲକ୍ଷ୍ୟ । ''To be and to be fully is Nature's aim in us; ...'' ଆଉ ମଧ୍ୟ ପୃଥିବୀର ସଙ୍କଟ ଯେତେବେଳେ ବଢ଼ି ଚାଲିବ, ମନୁଷ୍ୟସମାଜ ସେତେବେଳେ ଏଥିପ୍ରତି ବେଶୀ ବେଶୀ ଆକୃଷ୍ଟ ହେବ ଏବଂ ଆଧ୍ୟାତ୍ମିକ ସାଧନା ଦ୍ୱାରା ନିଜର ଓ ସମାଜର ମୁକ୍ତି ଆଣିପାରିବ । ଆଜି ସେଦିନ ଓ ସେ ଯୁଗ ଆସିଛି । ବର୍ତ୍ତମାନ ଆମକୁ ଏହି ସତ୍ୟ ଉପଲବ୍ଧି କରିବାକୁ ହେବ ଏବଂ ଆଧ୍ୟାତ୍ମିକ ସାଧନା ଦ୍ୱାରା ସ୍ୱକୀୟ ପ୍ରକୃତିର ପରିବର୍ତ୍ତନ କରି ଯୁଗ-ସମାଧାନ କରିବାକୁ ହେବ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ଦ୍ୱିତୀୟ ଖଣ୍ଡ, ପୃ. ୩୨୧-୩୨୬)

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ବେଦ ଓ ମାନବ ନିୟତି

## ସତ୍‌ପ୍ରେମ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ବୈଦିକ ଯଜ୍ଞସବୁ କେବଳ ବାହ୍ୟ ଅନୁଷ୍ଠାନ ନଥିଲେ, ସେସବୁ ଥିଲେ ଏକ ମହାନ୍ ଆନ୍ତର କ୍ରିୟାନୁଷ୍ଠାନ, ଯାହା ନିଜକୁ ଭଗବାନରେ ରୂପାନ୍ତରିତ କରିବା ନିମିତ୍ତି ଉଦ୍ଦିଷ୍ଟ ଥିଲା । ଯାହା କିଛି ଆମକୁ ଶୃଙ୍ଖଳାରେ ଧରି ରଖେ ଓ ଆମର ଦେବତ୍ୱକୁ ପ୍ରତିହତ କରେ, ସେସବୁକିଛିକୁ ଏକ ଅଗ୍ନିଶିଖାରେ ଅର୍ପଣ କରାଯାଉଥିଲା । ଏହା ଏକ ଯାତ୍ରା, ''ଅସ୍ତିତ୍ୱର ପର୍ବତରେ ଏକ ଆରୋହଣ ଥିଲା, ଅନେକ ବିପଦ ମଧ୍ୟ ଦେଇ ଏକ ସୁଦୀର୍ଘ ସ୍ଥାନାନ୍ତରକୁ ଯାତ୍ରା ଥିଲା । ଋଷି କେବଳ ଜଣେ ସ୍ୱପ୍ନାଚାରୀ ସନ୍ନ୍ୟାସୀ ନଥିଲେ, ସେ ଜଣେ ଆର୍ଯ୍ୟ ଥିଲେ, (ଯାହା ଆତ୍ମାର ଏକ ଗୁଣକୁ ବୁଝାଏ, ଜାତିର ଗୁଣକୁ ନୁହେଁ; ସଂସ୍କୃତରେ ଆର୍ଯ୍ୟର ଅର୍ଥ ହେଉଛି ଯେ କର୍ଷଣ କରେ, ପରିଶ୍ରମ କରେ, ସଂଗ୍ରାମ କରେ ଏବଂ ଉଚ୍ଚତାରେ ଆରୋହଣ କରେ), ସେ ଆଲୋକର ଯୋଦ୍ଧା ଥିଲେ ଓ ସତ୍ୟାଭିମୁଖୀ ଯାତ୍ରୀ ଥିଲେ ।'' (ବେଦ ରହସ୍ୟ) ଯେଉଁ ଦେବତାମାନଙ୍କ ପ୍ରତି ସେ ତାଙ୍କ ଯଜ୍ଞକୁ ଅର୍ପଣ କରୁଥିଲେ, ସେମାନେ କାଳ୍ପନିକ ନଥିଲେ, ସେମାନେ ଥିଲେ ପ୍ରକୃତ ବିଶ୍ୱଜାଗତିକ ଶକ୍ତିସମୂହ, ଯେଉଁମାନେ ଅମୃତ ଆଡ଼କୁ ଆରୋହଣ ପଥରେ ଆମକୁ ସାହାଯ୍ୟ କରୁଥିଲେ । ''ହେ ଦେବଗଣ, ତୁମ ଆମ ଭିତରେ ସେହି ପ୍ରାଚୀନ ବନ୍ଧୁତ୍ୱ ସ୍ଥାପିତ ହେଉ ।'' (ଋକ୍‌ବେଦ) ଋଷିମାନେ ଏକଥା କହିଥିଲେ ଏବଂ ଦେବତାମାନେ ମଧ୍ୟ ଆମଠାରୁ ଦୂରରେ ନଥିଲେ । ସେମାନେ ମନୁଷ୍ୟକୁ ସାହାଯ୍ୟ କରୁଥିଲେ ଏବଂ ଚାହୁଁଥିଲେ ଯେ ମନୁଷ୍ୟମାନେ ଶକ୍ତି ଓ ଆଲୋକରେ ଅଭିବୃଦ୍ଧ ହୁଅନ୍ତୁ । ପ୍ରକୃତରେ ଋଷିମାନଙ୍କ ପାଇଁ ଏହି ବିଶ୍ୱ ଏକ ମନର ସଂକୀର୍ଣ୍ଣ ଦୃଷ୍ଟି ଭିତରେ ଶେଷ ହୋଇ ଯାଉ ନଥିଲା । ତାହା ଥିଲା ଏକ ଆରୋହୀ ସ୍ତର କ୍ରମ । ଗୋପନ ରହସ୍ୟର ଅନ୍ତରସମୂହର ଏକ ଅଖଣ୍ଡ କ୍ରମ, ଯାହା ଆମର ଅଭ୍ୟନ୍ତରରେ ଓ ବାହାରେ ବସ୍ତୁନିଷ୍ଠ ଭାବରେ ଓ ବ୍ୟକ୍ତିନିଷ୍ଠ ଭାବରେ ଅବସ୍ଥିତ ଥିଲେ । ବସ୍ତୁନିଷ୍ଠ ଭାବରେ ଏହି ଜଗତ୍ କେତେଗୁଡ଼ିଏ ବିଶ୍ୱ ଜାଗତିକ ଚେତନାର ସ୍ତର ଦ୍ୱାରା ସଙ୍ଗଠିତ ଥିଲା ଏବଂ ଏବେ ମଧ୍ୟ ଅଛି । (ତାହା ମଧ୍ୟରୁ 'ମନ' ଗୋଟିଏ, ଯାହା ଏହି ଆରୋହ ପରିମାପକର କିଛିଟା ନିମ୍ନରେ ରହିଛି ।) ପ୍ରତ୍ୟେକ ସ୍ତରର ନିଜସ୍ୱ ଦେବଗଣ ଓ ସତ୍ତାସବୁ ରହିଛନ୍ତି ଏବଂ ସେହି ବିଶ୍ୱ ଜାଗତିକ ସ୍ତରସମୂହ ଆମର ବ୍ୟକ୍ତିଗତ ଓ ଅନ୍ତର୍ମୁଖୀ ସତ୍ତା ସହିତ କେତେକ ନିର୍ଦ୍ଦିଷ୍ଟ ଅନ୍ତର୍ନିହିତ ମିଳନ ବିନ୍ଦୁ ବା ଅନ୍ତର୍ନିହିତ କେନ୍ଦ୍ର (ଭାରତୀୟ ଆଧ୍ୟାତ୍ମିକତାରେ ଯାହାକୁ ଚକ୍ର କୁହାଯାଏ)ର ସମ୍ପର୍କ ରହିଛି । ସେହିସବୁ ଚକ୍ର ସାଧାରଣ ମଣିଷ ଭିତରେ ପ୍ରାୟ ନିଦ୍ରିତ ଥାଆନ୍ତି କିନ୍ତୁ ସେସବୁ ଆସ୍ପୃହା ଅଗ୍ନିର କ୍ରିୟା ଦ୍ୱାରା ଜାଗ୍ରତ୍ ହୁଅନ୍ତି ଏବଂ ଆମର ସଂକୀର୍ଣ୍ଣ ସୀମା ଭାଙ୍ଗି, ଆମକୁ ସକଳ ବିଶ୍ୱର ବିଶାଳତା ସହିତ ଆମ ନିଜର ବିଶାଳତାକୁ ସଂଯୁକ୍ତ କରନ୍ତି । ''କୌଣସି ପ୍ରଚେଷ୍ଟା ବ୍ୟତୀତ ଗୋଟିଏ ବିଶ୍ୱ ଅନ୍ୟଟି ଭିତରେ ଗତିଶୀଳ ହୋଇଥାଏ ।''

(ଋକ୍‌ବେଦ, ୨.୨୪.୫)

ଏହିପରି ଖୋଳ ଭିତରେ ବନ୍ଦ ହୋଇ ରହିବା କିଂବା ଏକ ଅନିର୍ବଚନୀୟ ଚରମ ପୂର୍ଣ୍ଣତା ଭିତରକୁ ପଳାୟନ କରିବା ଋଷିମାନଙ୍କର ଲକ୍ଷ୍ୟ ନଥିଲା, ଲକ୍ଷ୍ୟ ଥିଲା ଚେତନାର ଅଭିବୃଦ୍ଧି କରି ଆମ ରାଜ୍ୟର ସମସ୍ତ ବାସଭୂମିକୁ ଜାଣିବା । ଆମ ଜୀବନର ପୂର୍ଣ୍ଣତା ଲାଭ କରିବା, ଆମ ସତ୍ତାର ସାମଗ୍ରିକତା ଭିତରେ ଜନ୍ମ ନେବା, କାରଣ ପୂର୍ଣ୍ଣ ଆଧ୍ୟାତ୍ମିକ ଅଭିଜ୍ଞତା ଲାଭ କରିବାକୁ ଆମକୁ ସାତ ଜନ୍ମ ଗ୍ରହଣ କରିବାକୁ ହୁଏ । ''ମୋର ମନର ଅଜ୍ଞତାରେ ମୁଁ ଏହି ସମସ୍ତ ଅନ୍ତର୍ନିହିତ ପଦକ୍ଷେପ ପାଇଁ ଦେବତାମାନଙ୍କ ନିକଟରେ ପ୍ରାର୍ଥନା କରେ । ସର୍ବଜ୍ଞ ଦେବତାମାନେ ଏକ ବର୍ଷର ଏହି ଶିଶୁକୁ ଗ୍ରହଣ କରିଛନ୍ତି ଏବଂ ତା'ର ଚାରି ପାଖରେ ସାତଟି ସୂତ୍ର ବୟନ କରିଛନ୍ତି, – ଏହି ବସ୍ତୁଟିକୁ ପ୍ରସ୍ତୁତ କରିବା ନିମିତ୍ତ ।

(ଋକ୍‌ବେଦ, ୧.୧୬୪.୫)

ସୁତରାଂ ଦେବଗଣ କେବଳ ବାହ୍ୟ, ବସ୍ତୁନିଷ୍ଠ ଶକ୍ତି ନୁହନ୍ତି, ସେମାନେ ଆଭ୍ୟନ୍ତରୀଣ ଶକ୍ତି ମଧ୍ୟ । କାରଣ ଯେତେବେଳେ ଆମେମାନେ ଅନ୍ୟ ଏକ ଜଗତରେ **ଜନ୍ମ ଗ୍ରହଣ** କରୁ, ତାହାର ଅର୍ଥ ହେଉଛି ପ୍ରଥମେ ଆମେମାନେ ଆମ ଭିତରେ ସେହି ଜଗତର ଦେବତାମାନଙ୍କୁ ସଂଜାତ କରୁ, ଅଥବା ବର୍ତ୍ତମାନ ଏପରି କହିହେବ ଯେ ଆମେ ଆମର ଚେତନାରେ ଊର୍ଦ୍ଧ୍ୱକୁ ଉଠି ଯାଇଛୁ । ତେଣୁ ଆମେ ମହାନ୍‌ରୁ ମହତ୍ତର

ଦେବତାମାନଙ୍କୁ ଜନ୍ମ ଦେଉ, ଅର୍ଥାତ୍ ଆମେ ଆମର ଚେତନାରେ ଉପରକୁ ଉଠିଯାଉ ଏବଂ ଦିବ୍ୟତ୍ୱ ଓ ବିଶାଳତା ମଧ୍ୟରେ ଅଭିବୃଦ୍ଧି ହେଉ । ବାସ୍ତବିକ ଏପରି କୁହାଯାଏ ଯେ, ଦେବତାମାନେ ଆମ ଭିତରେ 'ଜନ୍ମ ନିଅନ୍ତି', ଏବଂ ମାନବୀୟ ପୂର୍ବପୁରୁଷମାନେ ଦେବତାମାନଙ୍କୁ ଗଢ଼ି ତୋଳନ୍ତି, ଯେପରି କମାର ତା'ର କମାର ଶାଳରେ ଅଶୋଧିତ ଉପାଦାନକୁ ନିଆଁରେ ପୋଡ଼ି ତିଆରି କରିଥାଏ ।'' (ଯୋଗ ସମନ୍ୱୟ) ଏବଂ ଆମ ଭିତରେ ଅଭିବୃଦ୍ଧ ହୋଇ ସେମାନେ ପୃଥିବୀକୁ ଓ ଆକାଶ (ଅର୍ଥାତ୍, ଆମର ଭୌତିକ ଓ ମାନସିକ ଅସ୍ତିତ୍ୱର ଶକ୍ତିଗୁଡ଼ିକୁ)କୁ ପରିବର୍ଦ୍ଧିତ କରନ୍ତି । ବୈଦିକ କବିର ଉଚ୍ଚାରଣ – ''ଆମର **ସକଳ ଭବନରେ** ଦେବତାମାନେ ଅବସ୍ଥିତ ହୁଅନ୍ତୁ ।'' (ଋକ୍‌ବେଦ, ୪.୧.୧୮) ସୁତରାଂ ଦେବତାମାନେ ଆମକୁ ସୃଷ୍ଟି କରିବା ପରେ ବର୍ତ୍ତମାନ ଆମେ ଦେବତାମାନଙ୍କୁ ସୃଷ୍ଟି କରିବାର ବେଳ ଆସିଛି । ''ତୁମର ପିତାଙ୍କୁ ଉଦ୍ଧାର କର, ତୁମର ଜ୍ଞାନ ମଧ୍ୟରେ ତାଙ୍କୁ ସୁରକ୍ଷିତ ରଖ; ତୁମର ପିତା, ତୁମର ପୁତ୍ର ହୋଇ ଉଠନ୍ତୁ ଓ ତୁମକୁ ବହନ କରନ୍ତୁ ।'' (ଋଗ୍‌ବେଦ, ୭.୩.୯) (ସମ୍ଭବତଃ ଆମେ ବର୍ତ୍ତମାନ ବେଦ ମନ୍ତ୍ରକୁ ଆହୁରି ଭଲ ଭାବରେ ବୁଝି ପାରୁଛୁ, ସେହି ଅନୁପ୍ରେରିତ ସୂତ୍ରକୁ ବୁଝି ପାରୁଛୁ, ଯାହା ଘଣ୍ଟଧ୍ୱନି ପରି ନିନାଦିତ ହୋଇ ଅନ୍ତରର ସମସ୍ତ ପ୍ରାଚୀରକୁ ଭାଙ୍ଗି ପକାଏ ।)

ବେଦରେ କେଉଁଠାରେ ମଧ୍ୟ ଅତି-ପ୍ରାକୃତିକ ଓ ଅଲୌକିକତା ସମ୍ବନ୍ଧରେ ଉଲ୍ଲେଖ ନାହିଁ । ଶ୍ରୀଅରବିନ୍ଦ କହିଛନ୍ତି, ''ଅତି-ପ୍ରାକୃତିକ ଘଟଣା ହେଉଛି ତାହା ଯାହାର ପ୍ରକୃତିକୁ ଆମେ ଏଯାଏଁ ଲାଭ କରି ନାହୁଁ କିଂବା ଯାହାର ପ୍ରଣାଳୀ ଉପରେ ଏପର୍ଯ୍ୟନ୍ତ ବିଜୟ ହାସଲ କରିପାରି ନାହୁଁ । (Thoughts and Aphorisms, No. 84) ସବୁକିଛି ଏକ ବିକାଶଶୀଳ ଆତ୍ମ-ଦର୍ପଣର ପରିଣାମ, ଏକ ଦୀର୍ଘ ଯାତ୍ରାପଥ; ଯେଉଁଠାରେ ଅନେକ ଗହ୍ୱର ବିଛାଡ଼ି ହୋଇ ପଡ଼ିଛି, ଅନ୍ଧକାର-ଶକ୍ତି ସକଳର ଏହି ବିଜୟ ସେହିଦିନ ପର୍ଯ୍ୟନ୍ତ, ଯେତେବେଳେ ଆମ ଭିତରେ ଅଗ୍ନିଶିଖା ଖୁବ୍ ପ୍ରଖର ହୋଇ ଉଠିବ ଓ ଆବରଣକୁ ବିଦୀର୍ଣ୍ଣ କରିଦେବ । ସେତେବେଳେ ହିଁ ସମ୍ପୂର୍ଣ୍ଣ ପୁନରୁଦ୍ଧାର ସମ୍ପନ୍ନ ହେବ । ''ଯଜ୍ଞ ଦ୍ୱାରା ପୁତ୍ରର ଜନ୍ମ'' (ବେଦ ରହସ୍ୟ) । ''ତାଙ୍କର ଲୋହିତ ବର୍ଣ୍ଣର ଜ୍ୱଳନ୍ତ ସ୍ୱରୂପ ଦୃଷ୍ଟ ହୋଇଛି, ଅନ୍ଧକାର ଭିତରୁ ମହାନ୍ ଦେବପୁରୁଷ ଜାତ ହୋଇଛନ୍ତି ।'' (ଋଗ୍ ବେଦ, ୫.୧.୭) କିନ୍ତୁ ତଥାପି ମଧ୍ୟ ଆମେ ବୈଦିକ ରହସ୍ୟର ହୃଦୟରେ ପହଞ୍ଚି ପାରି ନାହୁଁ । ଅଗ୍ନିର ଓ ଆତ୍ମାର ଜନ୍ମରେ ଆମର ଯାତ୍ରା ଆରମ୍ଭ ହୋଇଥାଏ । ଏଣୁ ଅନେକ ମନୁଷ୍ୟ ଏବେ ବି ଜନ୍ମ ଲାଭ କରି ନାହାନ୍ତି । ଆନ୍ତର ବହ୍ନିଶିଖା ହିଁ ଅନ୍ୱେଷଣ କରେ, ତାହାହିଁ ଆମ ଭିତରର ଅନ୍ୱେଷୀ, କାରଣ ସେ ହେଉଛନ୍ତି ମହାନ୍ ଆଦିଅଗ୍ନିର ଏକ ସ୍ଫୁଲିଙ୍ଗ ଏବଂ ସେ ସେପର୍ଯ୍ୟନ୍ତ ସନ୍ତୁଷ୍ଟ ହୋଇ ପାରିବେ ନାହିଁ ଯେପର୍ଯ୍ୟନ୍ତ ସେ ସୌର-ସାମଗ୍ରିକତାକୁ ବା ''ହୃତ ସୂର୍ଯ୍ୟ''ଙ୍କୁ ପୁନରୁଦ୍ଧାର କରି ନାହାନ୍ତି । ଏହି ବିଷୟରେ ବେଦରେ ସର୍ବଦା ଉଲ୍ଲିଖିତ ହୋଇଛି । କିନ୍ତୁ ଯେତେବେଳେ ଆମେ ସ୍ତର ପରେ ସ୍ତର ଉନ୍ନୀତ ହେଉ ଏବଂ ଅଗ୍ନି ଶିଖାଟି ଯେତେବେଳେ ଆମର ନିମ୍ନ ଅସ୍ତିତ୍ୱର ଜଡ଼, ପ୍ରାଣ ଓ ମନର ତ୍ରିବିଧ ଜଗତରେ କ୍ରମାଗତ ଭାବରେ ଜନ୍ମଗ୍ରହଣ କରେ ସେତେବେଳେ ମଧ୍ୟ ସେ ଅସନ୍ତୁଷ୍ଟ ଥାଏ । ସେତେବେଳେ ସେ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱତରକୁ ଆରୋହଣ କରିବାକୁ ଚାହେଁ । ତା'ପରେ ଖୁବ୍ ଶୀଘ୍ର ଏକ ମାନସିକ ସୀମାରେ ଉପନୀତ ହୁଏ, ଯେତେବେଳେ ମନେ ହୁଏ ଆଉ କିଛି ବୁଝିବା ପାଇଁ, ଦେଖିବା ପାଇଁ ଅବଶିଷ୍ଟ ନାହିଁ, ଏବଂ ବ୍ୟକ୍ତି ସବୁକିଛିକୁ ମୂଳପୋଛ କରି ମହାନ୍ ଆଲୋକ ଆଡ଼କୁ ଲମ୍ଫ ପ୍ରଦାନ କରିବା ଉଚିତ । ସେତେବେଳେ ସେ ପ୍ରାୟ ଯନ୍ତ୍ରଣାଦାୟକ ଭାବରେ ଅନୁଭବ କରେ ଯେ, ତା'ର ଚାରି ପାଖରେ ରହିଛି ଜଡ଼ ପଦାର୍ଥର କାରାଗାର, ଯାହା ଆମକୁ ରୁଦ୍ଧ କରି ରଖିଛି ଓ ଅଗ୍ନିଶିଖାଟିର ପ୍ରଜ୍ୱଳନରେ ବାଧା ଦେଉଛି, ସେତେବେଳେ ବ୍ୟକ୍ତି ସେମାନଙ୍କୁ ବୁଝିପାରେ, ଯେଉଁମାନେ କହିଥିଲେ, ''ମୋର ରାଜ୍ୟ ଏହି ବିଶ୍ୱଜଗତର ନୁହେଁ'' – ସେହିମାନେ ହେଉଛନ୍ତି ଭାରତର ବେଦାନ୍ତବାଦୀ ଋଷି ଏବଂ ସାରା ଜଗତର ସକଳ ଧର୍ମର ଋଷିମାନଙ୍କୁ ସେ ବୁଝିପାରେ, ଯେଉଁମାନେ ବାରଂବାର କହିଛନ୍ତି, ''ଯେ ଶାଶ୍ୱତକୁ ଆଲିଙ୍ଗନ କରେ, ତାକୁ ଶରୀର ତ୍ୟାଗ କରିବାକୁ ହେବ ।'' ତା'ହେଲେ କ'ଣ ଆମର ଅଗ୍ନିଶିଖାଟି ଏହି ନିମ୍ନ ଭୂମିରେ ସର୍ବଦା ପଙ୍ଗୁ ହୋଇ ରହିବ, ଆମର ଅନୁସନ୍ଧାନ ଚିରକାଳ ନିମିତ୍ତ ବିଫଳ ହେବ ? ଆମେ କ'ଣ ସର୍ବଦା ଗୋଟିକୁ ବା ଅନ୍ୟଟିକୁ ନିର୍ବାଚନ କରିବା ? ସ୍ୱର୍ଗ ନିମିତ୍ତ ଏ ପୃଥିବୀକୁ କ'ଣ ତ୍ୟାଗ କରିବାକୁ ହେବ ?

(କ୍ରମଶଃ)

(ଭାଷାନ୍ତର : ମମତା ଦାଶ)

# ଜ୍ଞାନେଶ୍ୱରୀ

[ତ୍ରୟୋଦଶ ଶତାବ୍ଦୀରେ ସନ୍ଥ ଜ୍ଞାନଦେବଙ୍କ ରଚିତ ''ଜ୍ଞାନେଶ୍ୱରୀ'' ନାନା ଉପମା, ଉପମେୟ, ଚିତ୍ରକଳ୍ପ ଆଦିରେ ସମୃଦ୍ଧ ଗୀତାର ବ୍ୟାଖ୍ୟାରୂପେ ସର୍ବଜନ-ଆଦୃତ । 'ନବଜ୍ୟୋତି'ର ଏହି ସଂଖ୍ୟାରେ ଗୀତାର ନବମ ଅଧ୍ୟାୟ 'ରାଜବିଦ୍ୟା ରାଜଗୁହ୍ୟ ଯୋଗ'ର କେତେକ ନିର୍ବାଚିତ ଅଂଶର ଅନୁବାଦ ପ୍ରଦତ୍ତ ହେଲା ।]

## ଗୀତାର ନବମ ଅଧ୍ୟାୟ
## ରାଜବିଦ୍ୟା ରାଜଗୁହ୍ୟ ଯୋଗ

ଶ୍ରୀକୃଷ୍ଣ କହିଲେ –

...''ଏକ ମନ ହୋଇ ଯିଏ ନିଜ ଚିତ୍ତକୁ ମୋ'ଠାରେ ସମର୍ପଣ କରିଥାଏ, ଗର୍ଭସ୍ଥ ପିଣ୍ଡ ଭଳି କୌଣସି କ୍ରିୟା ସହିତ ଯେ ପରିଚିତ ନୁହେଁ, ଯାହା ନିକଟରେ ମୋ ବ୍ୟତୀତ ଉପାଦେୟ ଅନ୍ୟ କିଛି ନାହିଁ, ଯିଏ ମୋତେହିଁ ଭଲପାଏ, ଯିଏ ନିଜ ଜୀବନକୁ ମୋ ଜୀବନ ବୋଲି ଅନୁଭବ କରେ, ଏକନିଷ୍ଠ ଭାବରେ ମୋତେହିଁ ଭକ୍ତି କରେ, ମୋ ଚିନ୍ତାରେହିଁ ବୁଡ଼ି ରହେ – ମୁଁ ତା'ର ସେବା କରିଥାଏ । ଏକାଗ୍ର ଚିତ୍ତରେ ଭକ୍ତ ମୋର ଭଜନରେ ଯେତେବେଳେ ଲାଗି ରହିଥାଏ ସେତେବେଳେ ମୋ ମନରେ ମଧ୍ୟ ତା' ଚିନ୍ତା ଚାଲିଥାଏ । ତା'ର କର୍ମଗୁଡ଼ିକ ମୋତେହିଁ କରିବାକୁ ପଡ଼ିଥାଏ । ସେତେବେଳେ ମୁଁ ତା'ର ଭୃତ୍ୟ ଭାବରେ ସେବା କରେ । ଶାବକଙ୍କ ପକ୍ଷ ନ ହେବା ପର୍ଯ୍ୟନ୍ତ ପକ୍ଷିଣୀ ସେମାନଙ୍କ ସେବାରେହିଁ ଲାଗିଥାଏ । ନିଜର ଭୋକ, ଶୋଷ ଭୁଲିଯାଏ । ଶାବକର କୁଶଳହିଁ ମାତାର ଏକମାତ୍ର କାର୍ଯ୍ୟ ଓ କାମ୍ୟ । ସେହିଭଳି ଯିଏ ଅନ୍ତର ଦେଇ ମୋତେ ଭଲପାଏ, ସପ୍ରେମ ଭଜନ କରେ, ତା'ର ସମସ୍ତ କାର୍ଯ୍ୟ ମୋ ଦ୍ୱାରାହିଁ ସଂପନ୍ନ ହୋଇଥାଏ । ମୋ ସହିତ ମିଶିଯିବା ଲାଗି ତା'ର ଇଚ୍ଛା ହେବା ମାତ୍ରେହିଁ ମୁଁ ତା'ର ଇଚ୍ଛା ପୂରଣ କରେ । ମୋର ପ୍ରେମକୁ ପ୍ରାପ୍ତ କରିବାର ଇଚ୍ଛା କରିବା ମାତ୍ରେ ମୁଁ ପ୍ରେମର ଅବାରିତ ସ୍ରୋତରେ ତାକୁ ଭସେଇ ରଖେ । ତା' ମନରେ ଯେତେବେଳେ ଯେଉଁ ଭାବ ଆସେ ମୁଁ ତତ୍‌କ୍ଷଣାତ୍ ତାହା ପୂରଣ କରିଦିଏ ଏବଂ ଯାହା ଦିଏ ତା'ର ସୁରକ୍ଷା ମଧ୍ୟ କରିଥାଏ । ବିଭିନ୍ନ ଦିଗରୁ, ବିଭିନ୍ନ ଭାବରେ ତାକୁ ମୁଁ ସମୃଦ୍ଧ କରାଏ । ଯାହାର ଏକମାତ୍ର ଆଶ୍ରୟ ମୁଁ, ତା'ର ଯୋଗକ୍ଷେମହିଁ ବହନ କରିବାକୁ ପଡ଼ିଥାଏ ।

(ଶ୍ଳୋକ - ୨୨)

''ଆଉ ଏକ ସଂପ୍ରଦାୟର ଲୋକ ଅଛନ୍ତି । ମୁଁ ଯେ ସର୍ବଦେବତା, ସର୍ବବସ୍ତୁର ସମଷ୍ଟି ଏହା ସେମାନେ ବୁଝି ନ ଥା'ନ୍ତି । ତେଣୁ ସେମାନେ ଯଜ୍ଞାନୁଷ୍ଠାନମାନଙ୍କରେ ଅଗ୍ନି, ଇନ୍ଦ୍ର, ସୂର୍ଯ୍ୟ ଓ ସୋମଙ୍କ ଯଜନ ଓ ଉପାସନା କରିଥାଆନ୍ତି । ତା' ଦ୍ୱାରା ସେମାନେ ବାସ୍ତବରେ ମୋରହିଁ ଯଜନ କରିଥାଆନ୍ତି । କାରଣ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ହେଉଛି ମୁଁ । କିନ୍ତୁ ଏମାନଙ୍କ ଯଜନ ମୋ ଭଜନ ଲାଗି ସରଳ ପଥ ନୁହେଁ, ବଙ୍କାଟଙ୍କା ପଥ । ବୃକ୍ଷ କଥା ଦେଖ । ତା' ଦେହରେ ଯେଉଁ ଡାଳପତ୍ର ଦେଖୁଛ ତାହା ମଞ୍ଜିରୁହିଁ ଉତ୍ପନ୍ନ । ତେବେ ରସ ଆକର୍ଷଣ କରିବା ହେଉଛି ମୂଳର କାର୍ଯ୍ୟ । ତେଣୁ ମୂଳରେହିଁ ପାଣି ଦିଆଯାଏ, ଡାଳରେ ନୁହେଁ । ଏ ଦେହରେ ଦଶଟି ଇନ୍ଦ୍ରିୟ । କିନ୍ତୁ ଏହି ଇନ୍ଦ୍ରିୟ ଦ୍ୱାରା ଗୃହୀତ ବିଷୟ ଗୋଟିଏ ସ୍ଥଳରେହିଁ ପହଞ୍ଚିଥାଏ । ତାହା ହେଉଛି ଚେତନା । ଯେଉଁ ଇନ୍ଦ୍ରିୟର ଯେଉଁ କାମ ସେ ସେହି କାମହିଁ କରେ । ସୁମିଷ୍ଟ ଖାଦ୍ୟ ନେଇ କାନକୁ ଦେଲେ କାନ କ'ଣ ଖାଇପାରିବ ? ନାନା ସୁବାସିତ କୁସୁମକୁ ଆଖି ଆଗରେ ହଲାଇଲେ ଆଖି ଶୁଙ୍ଘି ପାରିବ କି ? ତୁଣ୍ଡ ବା ଜିଭହିଁ ରସ ଆସ୍ୱାଦନ ଲାଗି ପାରଙ୍ଗମ, ନାସିକା ଆଘ୍ରାଣ ଲାଗି ଦକ୍ଷ । ତେଣୁ ମୋତେ ଖୁସି କରିବା ଲାଗି ନିଜକୁହିଁ ଯଜନ କରିବାକୁ ପଡ଼ିବ । ନିଜକୁ ନ ଚିହ୍ନି ଭଜନ କରିବା ବୃଥା । କର୍ମର ଚକ୍ଷୁ ହେଉଛି ଜ୍ଞାନ ଏବଂ ଏହି ଚକ୍ଷୁ ନିର୍ଦୋଷ, ନିର୍ମଳ ହେବା ଆବଶ୍ୟକ ।

(ଶ୍ଳୋକ - ୨୩)

''ହେ ପାଣ୍ଡୁସୁତ, ସଂପୂର୍ଣ୍ଣ ଯଜ୍ଞର ଉପଚାର ଭୋଗ କରିବା ଲାଗି ମୋ ବ୍ୟତୀତ ଆଉ କିଏ ଅଛି ? ମୁଁ ହେଉଛି ସକଳ ଯଜ୍ଞର ଆଦି ଓ ପରିଣତି । କିନ୍ତୁ ମୂର୍ଖ ମନୁଷ୍ୟ ମୋତେ ଭଜନ କରିବାକୁ ଭୁଲି ନାନା ଦେବତାଙ୍କ ଭଜନ କରିଥାଆନ୍ତି । ଦେବତା ଓ ପିତୃପୁରୁଷଙ୍କ ପ୍ରୀତି ଲାଗି ଗଙ୍ଗାଜଳକୁ ଆଞ୍ଜୁଳାରେ ନେଇ ସେହି ଗଙ୍ଗାଜଳରେହିଁ ସମର୍ପଣ କରାଯାଇଥାଏ । ସେହିଭଳି ଯାହା ମୋର, ମୋତେହିଁ ସମର୍ପଣ କରାଯାଏ ସତ

କିନ୍ତୁ ସେମାନଙ୍କ ଭାବ ଭିନ୍ନ ଭିନ୍ନ ହେତୁ, ହେ ପାର୍ଥ, ସେମାନେ ସର୍ବତୋଭାବେ ମୋତେ ପାଇ ନ ଥା'ନ୍ତି । ସେମାନେ ମନରେ ଯେଉଁ ଭାବ ରଖି ଭଜନ କରିଥାଆନ୍ତି, ସେମାନେ ସେତିକି ଦୂରହିଁ ଯାଇ ଥାଆନ୍ତି ଏବଂ ସେହି ଅବସ୍ଥା ଭୋଗ କରିଥାଆନ୍ତି ।

(ଶ୍ଳୋକ - ୨୪)

''... କର୍ମ, ଭୋଗ, ଉପଭୋଗ, ବିବିଧ ହୋମ, ଯଜ୍ଞ ଦ୍ୱାରା ଯଜନ ବା ପୂଜା ଆରାଧନା, କୌଣସି ସତ୍ ପାତ୍ରରେ ଦାନ, ତୁମ ଅଧୀନରେ କାମ କରୁଥିବା ସେବକକୁ ବେତନ ପ୍ରଦାନ, ତପସ୍ୟା ଓ ବ୍ରତ ଯାହା କରନା କାହିଁକି, ଭକ୍ତି ସହିତ ମୋତେହିଁ ଅର୍ପଣ କର । ଏସବୁ କରୁଛ ମୋର ଆନନ୍ଦ ଲାଗି ବୋଲି ଉପଲବ୍ଧି କର, ଅନୁଭବ କର । 'ମୁଁ କରୁଛି ମୋର ପୁଣ୍ୟ ପାଇଁ, ମୁଁ କରୁଛି ମୋର କର୍ତ୍ତବ୍ୟ ପାଳନ ଲାଗି,' ଏ ଚିନ୍ତା, ଏ ଅହଂକାରକୁ ମନରେ ସ୍ଥାନ ଦିଅ ନାହିଁ । ସଂପୂର୍ଣ୍ଣ ନିର୍ମଳ କର୍ମକୁ ମୋ'ଠାରେ ସମର୍ପଣ କର ।

(ଶ୍ଳୋକ - ୨୭)

''ତା'ହେଲେ ନିଆଁରେ ପୋଡ଼ି ଯାଇଥିବା ମଞ୍ଜିରୁ ଯେପରି ଗଜା ହେବାର ଶକ୍ତି ଚାଲିଯାଏ, ତୁମକୁ କର୍ମର ଭଲମନ୍ଦ ଶୁଭାଶୁଭ ଫଳ ଲାଗି ଆଉ ଦାୟୀ ହେବାକୁ ପଡ଼ିବ ନାହିଁ । କର୍ମ ଜୀବିତ ରହିଲେ ଏହା ନିଶ୍ଚିତ ଭାବରେ ସୁଖଦୁଃଖ-ରୂପକ ଫଳ ପ୍ରସବ କରିବ ଏବଂ ଏହାକୁ ଭୋଗିବା ଲାଗି ତୁମକୁ ଥରକୁ ଥର ଉପଯୁକ୍ତ ଶରୀର ନେଇ ଜନ୍ମଗ୍ରହଣ କରିବାକୁ ପଡ଼ିବ । କର୍ମକୁ ମୋତେ ସମର୍ପଣ କରିଦେବା ମାତ୍ରେ ଜାଣ ଯେ ତୁମର ଜନ୍ମମରଣ ତତ୍‌କ୍ଷଣାତ୍ ଶେଷ ହୋଇଯାଇଛି । ଜନ୍ମ ସହିତ କଷ୍ଟ ଭୋଗିବାର ଦୁଃଖ ଆଉ ନାହିଁ । ହେ ଅର୍ଜୁନ ! ତୁମକୁ ମୁଁ ଅତି ସହଜ ଯୋଗମାର୍ଗ ଦେଖାଇଲି । ଏହାହିଁ ସନ୍ନ୍ୟାସ ମାର୍ଗ । ଆଉ ମୁହୂର୍ତ୍ତେ ବି ସମୟ ନଷ୍ଟ କର ନାହିଁ । ଅତି ଶୀଘ୍ର ଆତ୍ମାନୁଭବ ହୋଇଯାଅ । ତୁମେ ଏହି ମାର୍ଗରେ ଯାଅ । ଦେହ ବନ୍ଧରେ ପଡ଼ି ସୁଖଦୁଃଖ ସମୁଦ୍ରରେ ଆଉ ନିମଜ୍ଜିତ ହୁଅ ନାହିଁ । ମୁଁ ହେଉଛି ସୁଖସ୍ୱରୂପ, ମୋ'ଠାରେ ଲୀନ ହୋଇଯାଅ ।

(ଶ୍ଳୋକ - ୨୮)

''ମୁଁ ସମସ୍ତଙ୍କୁ ସମାନ ଭାବରେ ବିଚାର କରିଥାଏ । ଆପଣା ପରଭାବ ମୋର ନାହିଁ । ଯିଏ ମୋତେ ଏହି ଭାବରେ ଜାଣି, ଅହଂକାରର ଚେରସୁଦ୍ଧା ମନରୁ ଉପାଡ଼ି ଦେଇ ସଂପୂର୍ଣ୍ଣ ବିଶ୍ୱାସର ସହିତ ସମସ୍ତ କର୍ମକୁ ମୋତେ ଅର୍ପଣ କରେ, ମୋତେହିଁ ଭଜନ କରେ, ସେ ଶରୀର ଧରି ସାଧାରଣ ଭାବେ ରହିଥିଲେ ମଧ୍ୟ ବାସ୍ତବରେ ମୋ ଭିତରେହିଁ ରହିଥାଏ ଏବଂ ମୁଁ ମଧ୍ୟ ତା' ହୃଦୟ ଭିତରେ ସଂପୂର୍ଣ୍ଣ ଭାବରେ ଅବସ୍ଥାନ କରିଥାଏ । ବିରାଟକାୟ ବଟବୃକ୍ଷ ଯେପରି ମଞ୍ଜି ଭିତରେ ରହିଥାଏ ଏବଂ ମଞ୍ଜି ମଧ୍ୟ ବଟ ବୃକ୍ଷସାରା ଛାଇ ହୋଇ ରହିଥାଏ, ସେହିଭଳି ମୁଁ ଓ ମୋର ଭକ୍ତ ଅଲଗା ଅଲଗା ଦେଖା ଯାଉଥିଲେ ମଧ୍ୟ ଘନିଷ୍ଠଭାବରେ ସଂପୃକ୍ତ । ନିରିଖେଇ ଦେଖିଲେ ଜାଣିପାରିବ ଆମେ ଦୁହେଁ ଏକ, ଅଭିନ୍ନ । ପରଠାରୁ ଧାର କରି ଅଣାଯାଇଥିବା ଅଳଙ୍କାର କେବଳ ଶରୀରର ସୌନ୍ଦର୍ଯ୍ୟ ବର୍ଦ୍ଧନ କରିଥାଏ, କିନ୍ତୁ ମନ ଭିତରେ ଏହି ଅଳଙ୍କାର ମୋର ବୋଲି ଭାବନା ନ ଥାଏ । ସେହିଭଳି ମୋ ଭକ୍ତ ଉଦାସୀନ ଭାବରେ କେବଳ ଦେହ ଧାରଣ କରିଥାଏ, କିନ୍ତୁ ଦେହ ପ୍ରତି ତା'ର କୌଣସି ମମତା ନ ଥାଏ । ପବନ ଫୁଲର ସୁବାସ ହରଣ କରି ନେବା ପରେ ଫୁଲ କେବଳ ବୃନ୍ତରେ ଲାଗି ରହିଥାଏ । ସେହିଭଳି ମୋ ଭକ୍ତ କେବଳ ଅନ୍ତକାଳକୁ ଅପେକ୍ଷା କରି ରହିଥାଏ । କାରଣ ଆଗରୁ ତା'ର ଦେହାଭିମାନ ଚାଲିଯାଇଥାଏ । ଅବଶେଷରେ ସେ ମୋ ସହିତ ଆସି ମିଶିଯାଏ ।

(ଶ୍ଳୋକ - ୨୯)

''ଏଭଳି ଭକ୍ତ ଯେକୌଣସି ଶ୍ରେଣୀ, ଜାତି ବା ବର୍ଣ୍ଣର ହେଉନା କାହିଁକି, ମୋ ପ୍ରତି ତା'ର ଆନ୍ତରିକ ପ୍ରେମ ବା ଭକ୍ତି ହେତୁ ତାକୁ ଆଉ ଜନ୍ମଗ୍ରହଣ କରିବାକୁ ପଡ଼େ ନାହିଁ । ତା'ର ଅତୀତର କାର୍ଯ୍ୟାବଳୀ ଯେତେ ଖରାପ ହୋଇଥାଉନା କାହିଁକି, ସେ ଜୀବନକୁ ଭକ୍ତି ପଥରେ ସମର୍ପି ଦେଇଥିବାରୁ ତା'ର ସମସ୍ତ ପାପ ଧୋଇ ହୋଇଯାଏ । ମୃତ୍ୟୁ ବେଳକୁ ତା'ର ବୁଦ୍ଧିର ଗତି ଯାହା ହୋଇଥାଏ ତଦନୁଯାୟୀ ତା'ର ପରଜନ୍ମର ଗତି ନିର୍ଦ୍ଦିଷ୍ଟ ହୋଇଥାଏ । ତେଣୁ ପ୍ରଥମ ଜୀବନରେ କିଂବା ଜୀବନର କେତେ କାଳ ପର୍ଯ୍ୟନ୍ତ ଦୁରାଚାରୀ ହୋଇଥିଲେ ମଧ୍ୟ ଯିଏ ମୋ ପ୍ରତି ଭକ୍ତିଭାବ ରଖେ ସେ ପୁରୁଷୋତ୍ତମ ହୋଇଉଠେ । ବନ୍ୟାରେ ବୁଡି ଯାଉଥିଲେ ମଧ୍ୟ କୌଣସି ବ୍ୟକ୍ତି ଯଦି କଷ୍ଟେମଷ୍ଟେ କୂଳକୁ ଚାଲିଆସେ, ତାକୁ ବନ୍ୟାରେ ବୁଡି ମରିଗଲା ବୋଲି କୁହାଯାଇ ନପାରେ । ସେହିଭଳି ଜୀବନାନ୍ତ କାଳରେ ଯିଏ ଭକ୍ତିରୂପକ ପବିତ୍ର ଜଳରେ ନିମଜ୍ଜିତ ହୋଇ ମୋର ସାହାଯ୍ୟ ଲୋଡ଼େ ତା'ର ବଂଶାନୁକ୍ରମିକ ସମସ୍ତ ପାପ ଧୋଇଯାଏ । ସେ ପବିତ୍ର ହୋଇଉଠେ । ଅନୁତାପ ରୂପକ ତୀର୍ଥଜଳ ସ୍ନାନରେ ସେ ନିଷ୍କଳଙ୍କ ହୋଇପଡ଼େ । କେବଳ ସେ ନୁହେଁ ତା'ର ଭକ୍ତି ଫଳରେ ତା'ର କୁଳ ମଧ୍ୟ ପବିତ୍ର

ହୋଇଉଠେ । ଜୀବନରେ ଯାହା ଉତ୍ତମ ପ୍ରାପ୍ୟ ସବୁ ସେ ପାଏ । ମୁଁ ଧରିନିଏ ଯେ ସେ ସମସ୍ତ ଶାସ୍ତ୍ର ଅଧ୍ୟୟନ କରି ସାରିଛି, ତା'ର ସମସ୍ତ ତପସ୍ୟା ଶେଷ ହୋଇ ଯାଇଛି ଏବଂ ଅଷ୍ଟାଙ୍ଗ ଯୋଗ ସାଧନା ମଧ୍ୟ ସରିଛି । ମୋ ପ୍ରତି ଯାହାର ଅଟଳ ବିଶ୍ୱାସ, ସେ ସମସ୍ତ କର୍ମର ଊର୍ଦ୍ଧ୍ୱରେ । ସେ ତା'ର ସମସ୍ତ ମନ, ବୁଦ୍ଧି ଓ କ୍ରିୟାକୁ ଏକନିଷ୍ଠ ରୂପେ ସିନ୍ଦୁକରେ ଭର୍ତ୍ତି କରି, ହେ କିରୀଟି ! ମୋ ପାଖରେ ସାଇତି ରଖି ଦେଇଥାଏ ।

(ଶ୍ଳୋକ - ୩୦)

''ଏପରି ଭକ୍ତ କିପରି ପରିବେଶରେ ମୋ ପାଖରେ ପହଞ୍ଚି ଯାଏ ଶୁଣି ତୁମେ ବିସ୍ମିତ ହୋଇପାର । କିନ୍ତୁ ଏତିକି ଜାଣ ଯେ ଯିଏ ଅମୃତରେ ବାସ କରିଥାଏ, ତା'ର ମୃତ୍ୟୁ ନାହିଁ । ଯେଉଁ ସମୟରେ ସୂର୍ଯ୍ୟଙ୍କର ଉପସ୍ଥିତି ନଥାଏ, ତାକୁ ରାତ୍ରି କୁହାଯାଏ । ସେହିଭଳି ମୋ ପ୍ରତି ଭକ୍ତି ନ ଥାଇ ଯେଉଁ କାର୍ଯ୍ୟ କରାଯାଏ, ତାହାର ନାମ 'ମହାପାପ' । ଯେତେବେଳେ ମନୁଷ୍ୟ ମୋତେ ତା'ର ହୃଦୟ ନିକଟକୁ ନେଇଆସେ, ସେତେବେଳେ ସେ ମୋ ଆକାର ଧାରଣ କରେ ଏବଂ ମୋର ନିତ୍ୟ କାନ୍ତି ଲାଭ କରେ । ମୋ ଜୀବନ ଦ୍ୱାରାହିଁ ସେ ଜୀବନ ଧାରଣ କରେ । ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ ଲଗାଗଲେ କେଉଁ ଦୀପଟି ପ୍ରଥମେ ଜଳିଥିଲା ତାହା କହିବା ଅସମ୍ଭବ । ସେହିଭଳି ଯେ ସର୍ବତୋଭାବେ ମୋର ଭଜନ କରେ ସେ ମୋ ସ୍ୱରୂପ ଲାଭ କରେ । ତେଣୁ ହେ ଅର୍ଜୁନ ! ମୋତେ ପାଇବାକୁ ଇଚ୍ଛା ଥିଲେ ମୁହୂର୍ତ୍ତେ ସୁଦ୍ଧା ମୋତେ ଭୁଲ ନାହିଁ । ମୋତେ ପାଇବା ଲାଗି ବଂଶଗତ ମର୍ଯ୍ୟାଦା, ଆଭିଜାତ୍ୟ, ଅକାରଣ ବିଦ୍ୟାର ଅଭିଳାଷ ହେଉଛି ତୁଚ୍ଛ । ସେସବୁ କେବଳ ଅଭିମାନ ମାତ୍ର । ରୂପ ବା ଯୌବନ ମଦରେ ମତ୍ତ ହୁଅନା । ଧନସଂପତ୍ତିର ଗର୍ବ ମନରେ ପୋଷଣ କରନା । ମୋ ପ୍ରତି ପ୍ରୀତି ଓ ଭକ୍ତି ନଥିଲେ ଏ ସମସ୍ତ ବ୍ୟର୍ଥ । ଭିତରେ ଚାଉଳ ନ ଥାଇ ଚଷୁ ଯେପରି ମୂଲ୍ୟହୀନ, ନଗରୀ ଅତି ସୁନ୍ଦର ହୋଇଥିଲେ ମଧ୍ୟ ମନୁଷ୍ୟ ନ ଥିଲେ ଯେପରି ମରୁଭୂମି ସଦୃଶ, ସେହିଭଳି ଭକ୍ତିହୀନ ଜୀବନ ତୁଚ୍ଛ । ଜଳ ନ ଥାଇ ସରୋବର, ବଣ ଭିତରେ ଦୁଃଖୀ ସହ ଦୁଃଖୀର ମିଳନ, ନିଷ୍ଫଳ ଗଛରେ ଫୁଲର ଶୋଭା ଭଳି ସଂପତ୍ତି, ଆଭିଜାତ୍ୟ ଓ ଜାତିଗତ ବଡ଼ିମା ଠିକ୍ ଏକ ଶବ ସଦୃଶ । ଶବର ସର୍ବାଙ୍ଗ ଥାଏ କିନ୍ତୁ ଜୀବନ ନଥାଏ ଏବଂ କାଳକ୍ରମେ ଏହା ପଚି ଯାଇଥାଏ । ଭକ୍ତିହୀନ ଜୀବନର ଦଶା ଠିକ୍ ଏହିପରି ହୋଇଥାଏ । ମାଟି ଉପରେ ତା'ର ଶରୀର ଠିକ୍ ଏକ ନିର୍ଜୀବ ପଥର ଭଳି । ଯେପରି ବୁଦ୍ଧିମାନ୍ ବ୍ୟକ୍ତି ଚାରିଆଡ଼େ କଣ୍ଟା ଓ କୀଟପୂର୍ଣ୍ଣ ବୃକ୍ଷ ତଳର ଛାଇକୁ ପରିହାର କରିଥାଏ, ସେହିଭଳି ପୁଣ୍ୟାତ୍ମା ମଧ୍ୟ ଅଭକ୍ତକୁ ଏଡ଼େଇ ଦେଇଯାଏ, ତାକୁ ପରିତ୍ୟାଗ କରିଥାଏ । ସେ କ୍ଷେତ୍ରରେ ଫଳ ଭାରାରେ ଗଛ ନଇଁ ଆସିଲେ କେବଳ କୁଆର ଉପକାର ହୁଏ । ଅଭକ୍ତ ପାପପଙ୍କରେ ବୁଡ଼ି ରହେ ।

ଷଡ଼ରସ ପକ୍ୱାନ୍ନ ପରିବେଷଣ କରି ରାସ୍ତା ଉପରେ ରଖିଦେଲେ ତାହା କୁକୁରରହିଁ ଖାଦ୍ୟ ହୋଇଥାଏ । ଭକ୍ତିହୀନର ଜୀବନ ମଧ୍ୟ ଠିକ୍ ଏହିଭଳି । ସେ ସୁକୃତି, ସତ୍‌କର୍ମ କ'ଣ ତାହା ସ୍ୱପ୍ନରେ ସୁଦ୍ଧା ଜାଣି ପାରେନା । ତା'ର ଜୀବନ-ଥାଳରେ ନାନା ପ୍ରକାର ଦୁଃଖ ପରିବେଷଣ କରାଯାଇଥାଏ । ତେଣୁ ଉତ୍ତମ କୁଳର କୌଣସି ଆବଶ୍ୟକତା ନାହିଁ । ଜାତିରେ ଶୂଦ୍ର ହେଉ ବା ପଶୁ ମଧ୍ୟ ହେଉ ସେଥିରେ କିଛି ଯାଏ ଆସେ ନାହିଁ । କେବଳ ଆବଶ୍ୟକ ଭକ୍ତି । ମୋ ଦ୍ୱାରା ଗଜୋଦ୍ଧାରଣ କଥା ତ ତୁମେ ଜାଣ । କୁମ୍ଭୀର ଆକ୍ରମଣରେ ଗଜ ଆକୁଳ ଭାବେ ଡାକିବା ମାତ୍ରେ ମୋର କରୁଣା ବଳରେ ସେ ଉଦ୍ଧାର ପାଇଲା ଏବଂ ତା'ର ପଶୁତ୍ୱ ମଧ୍ୟ ଚାଲିଗଲା ।

(ଶ୍ଳୋକ -୩୧)

''ଯାହାର ନାମ ସୁଦ୍ଧା ଉଚ୍ଚାରଣ କରିବା ଉଚିତ ନୁହେଁ, ଯିଏ ଅଧମ, ପାପ ଯୋନିରୁ ଯାହାର ଜନ୍ମ, ଯିଏ ବେଶ୍ୟାର ପାପଗର୍ଭରୁ ଜାତ, ଯିଏ ମୂଢ଼, ପଥର ଭଳି ଯାହାର ଜଡ଼-ବୁଦ୍ଧି ଅଥଚ ସେ ଯଦି ମନ, ପ୍ରାଣ ଦେଇ ମୋତେ ଭକ୍ତି କରେ, ମୋର ରୂପ ମାଧୁରୀ ପାନ କରେ, ତା' ମନ ଯଦି କେବଳ ମୋତେ ପାଇବା ପାଇଁ କାମନା କରିଥାଏ, ନିଜ ଜ୍ଞାନରୁ କେବଳ ମୋର ଗୁଣଗାନ ଶୁଣିବାକୁ କାନ ଡେରିଥାଏ, ମୋର ସେବାହିଁ ଯାହାର ସର୍ବାଙ୍ଗ ଅଳଙ୍କାର, ମୋତେ ଜାଣିବାହିଁ ଯାହାର ଏକମାତ୍ର ଜ୍ଞାନ ଏବଂ ଯିଏ ଏହି ଲାଭକୁହିଁ ପ୍ରକୃତ ଜୀବନ ବୋଲି ଅନୁଭବ କରି ଅନ୍ୟ ସବୁକିଛିକୁ ମରଣ ବୋଲି ଭାବିଥାଏ, ଯେ ମୋ ଚେତନାହିଁ ସମସ୍ତଙ୍କୁ ସଜୀବ ରଖିପାରେ ବୋଲି ଉପଲବ୍ଧି କରିଥାଏ, ହେ ପାଣ୍ଡବ, ତାକୁ ଯଦି ମୋ ସହିତ ତୁଳନା କରିବ ତେବେ ଜାଣିବ ତା'ର ଯୋଗ୍ୟତା ମୋଠାରୁ ତିଳେ ହେଲେ କମ୍ ନୁହେଁ ।

ସେ ପାପଯୋନି ସମ୍ଭୂତ ହୋଇଥିଲେ ମଧ୍ୟ ତା'ଠାରେ ପାପର କୌଣସି ଚିହ୍ନବର୍ଣ୍ଣ ରହେ ନାହିଁ । ଭକ୍ତି ଫଳରେ ଦେବତା ମଧ୍ୟ ରାକ୍ଷସ ଆଗରେ ହୀନପ୍ରଭ ହୋଇପଡ଼େ । ତୁମେ ପ୍ରହ୍ଲାଦ

କଥା ତ ଜାଣ ! ସେ ଥିଲା ରାକ୍ଷସର ପୁତ୍ର । ତା'ର ଭକ୍ତି ହେତୁ ମୋତେ ନରସିଂହ ରୂପ ଧାରଣ କରିବାକୁ ପଡ଼ିଥିଲା । ଭକ୍ତିବଳରେ ସେ ମୋ ହୃଦୟରେ ଉଚ୍ଚସ୍ଥାନ ଲାଭ କରିଥିଲା । ତାକୁ ମୋ ସହିତ ତୁଳନା କଲେ ସେ ମୋ'ଠାରୁ ମଧ୍ୟ ବଳି ପଡ଼ିବ । ତା'ର ନାମ ସ୍ମରଣ କଲେ ସକଳ ପାପ ଧୋଇଯାଏ । ପ୍ରହ୍ଲାଦ ରାକ୍ଷସ କୁଳରେ ଜନ୍ମ ଗ୍ରହଣ କଲେ କ'ଣ ହେଲା, ମୁଁ ତାକୁ ଯାହା ହେବାକୁ ଚାହିଁଥିଲି ସେ ଜନ୍ମ ଆଗରୁ ତାହା ପାଇ ସାରିଥିଲା । ଇନ୍ଦ୍ର ମଧ୍ୟ ତା' ମହିମା ସହ ତୁଳନୀୟ ନୁହେଁ । ତେଣୁ ହେ ଅର୍ଜୁନ ! ଏକମାତ୍ର ଭକ୍ତିହିଁ ଶୋଭା ବିସ୍ତାର କରେ, ଜାତି-ପତି କୌଣସି କାମ ଦିଏନା । ଖଣ୍ଡେ ଚମଡ଼ା ଦେହରେ ରାଜାର ମୋହର ବସିବା ମାତ୍ରେ ସେ ଚମଡ଼ା ଖଣ୍ଡିକର ଦାମ୍ ବଢ଼ିଯାଏ, ତାକୁ ଦେଇ ସବୁ ଜିନିଷ କିଣା ଯାଇପାରେ । ଏଥିଲାଗି ସୁନା କିଂବା ରୁପାର କୌଣସି ଆବଶ୍ୟକତା ନାହିଁ । ରାଜାଜ୍ଞା ଯଥେଷ୍ଟ । ସେହିଭଳି ମନ ଓ ବୁଦ୍ଧି ଯେତେବେଳେ ମୋ ଭକ୍ତିରେ ପୂର୍ଣ୍ଣ ହୋଇଯାଏ ସେତେବେଳେ ବଡ଼ ଜାତି, ଛୋଟ ଜାତିର ପ୍ରଶ୍ନ ରୁହେନା । ଭକ୍ତ ସେତେବେଳେ ମୋ ପ୍ରତି ଭକ୍ତିରେ କୃତାର୍ଥ ହୋଇଉଠେ । ଯେକୌଣସି ଉପାୟରେ ହେଉନା କାହିଁକି ଭକ୍ତର ମନ ମୋ ପ୍ରତି ଲାଖି ରହିବା ଉଚିତ । ମୋଠାରେ ମନ ଏକାନ୍ତ ଭାବରେ ଲାଖି ରହିଲେ ସମସ୍ତ କୃତକର୍ମ ନିଷ୍କର୍ମ ହୋଇପଡ଼େ । ଛୋଟ ଛୋଟ ନଈନାଳଗୁଡ଼ିକ ଗଙ୍ଗାରେ ପ୍ରବେଶ ନକରିବା ପର୍ଯ୍ୟନ୍ତ ନଈନାଳ ଭାବରେ ପରିଚିତ ହୋଇ ଥାଆନ୍ତି କିନ୍ତୁ ଗଙ୍ଗାରେ ମିଶିଯିବା ପରେ ସେମାନେ ଗଙ୍ଗା ପାଲଟି ଯାଆନ୍ତି । ଅଗ୍ନିକୁଣ୍ଡରେ ପଡ଼ିବା ଯାଏ କାଠଗୁଡ଼ିକ ମଧ୍ୟରୁ ଏଇଟା ଖଇର, ଏଇଟା ଚନ୍ଦନ କାଠ ବୋଲି ଲୋକେ କହିଥା'ନ୍ତି । କିନ୍ତୁ ଅଗ୍ନିକୁଣ୍ଡରେ ପଡ଼ିଯିବା ମାତ୍ରେ ଏମାନଙ୍କର ପ୍ରକାର ଭେଦ ଚାଲିଯାଏ ।

''ସେହିଭଳି ମୋତେ ଲାଭ ନ କରିବା ପର୍ଯ୍ୟନ୍ତ ଇଏ କ୍ଷତ୍ରିୟ, ଇଏ ବୈଶ୍ୟ, ଇଏ ଶୂଦ୍ର, ଇଏ ସ୍ତ୍ରୀ, ପୁରୁଷ ଆଦି ଭେଦଭାବ ରହିଥାଏ । ମୋ ପ୍ରେମ-ସାଗରରେ ବୁଡ଼ି ବୁଡ଼ି ମୋ ସହିତ ମିଶିଗଲେ କୌଣସି ଜାତି, ବର୍ଣ୍ଣ, ସ୍ତ୍ରୀ, ପୁରୁଷ ଭାବର ଚିହ୍ନ ସୁଦ୍ଧା ଅବଶିଷ୍ଟ ରହେ ନାହିଁ । ପଗଡ଼େ ଲୁଣକୁ ସମୁଦ୍ର ଜଳରେ ମିଶାଇ ଦେଲେ ଲୁଣର ଅବସ୍ଥା ଯେପରି ହୁଏ ଠିକ୍ ସେହିଭଳି ଭକ୍ତ ମୋ ସହିତ ମିଶିଯାଏ । ଏ ନଦୀଟି ପୂର୍ବରୁ ଆସିଛି, ସେ ନଦୀଟି ପଶ୍ଚିମରୁ ଆସିଛି, ଏସବୁ ଭୌଗୋଳିକ ବର୍ଣ୍ଣନା ନିରର୍ଥକ ହୋଇପଡ଼େ ସମୁଦ୍ରରେ ମିଶିଯିବା ପରେ । କାରଣ ସମୁଦ୍ରରେ ମିଶିଯିବା ପରେ ସବୁ ନଦୀ ଓ ସମୁଦ୍ର ଏକ । ସେହିଭଳି କୌଣସି ଭାବରେ ଭକ୍ତ ନିଜ ଚିତ୍ତକୁ ମୋ ଚିନ୍ତାରେ ଲଗାଇ ପାରିଲେ, ସେ ମୋ ସ୍ୱରୂପ ଲାଭ କରେ । ସ୍ପର୍ଶମଣିକୁ ଭାଙ୍ଗିବା ଲାଗି ଖଣ୍ଡେ ଲୁହାରେ ବାଡ଼େଇଲେ ଲୁହା ସୁନା ପାଲଟି ଯାଏ । ବ୍ରଜର ଗୋପୀମାନେ ମୋତେ ପତି ଭାବରେ ବରଣ ନ କରିଥିଲେ ମଧ୍ୟ ନିଜର ଭକ୍ତିଭାବ ଯୋଗୁଁ ମୋତେ ପାଇପାରିଥିଲେ । କଂସ ମୋତେ ଭୟ କରି ଏହି ଭୟ ଦ୍ୱାରାହିଁ ମୋତେ ପାଇ ପାରିଥିଲା । ପାଣ୍ଡବମାନେ ପାରିବାରିକ ସଂପର୍କ ରକ୍ଷା କରି ଆତ୍ମୀୟତା ବଳରେ ଓ ବସୁଦେବ ପ୍ରଭୃତି ଯାଦବମାନେ ସ୍ନେହ, ମମତା ବଳରେ ମୋତେ ଲାଭ କରିଥିଲେ । ନାରଦ, ଧ୍ରୁବ, ଅକ୍ରୁର, ଶୁକ ଓ ସନତ୍‌କୁମାର ପ୍ରମୁଖ ମୋତେ ଭକ୍ତିମାର୍ଗରେହିଁ ଲାଭ କରିଛନ୍ତି । ମାର୍ଗ ପୃଥକ୍ ପୃଥକ୍ କିନ୍ତୁ ପ୍ରାପ୍ୟ ଏକ । ମୁଁ ହେଉଛି ନିଦାନର ଆଶ୍ରୟ । କିଏ ଭକ୍ତି ବଳରେ, କିଏ ବୈରାଗ୍ୟ ଭାବ ଦ୍ୱାରା, କିଏ ବା ବୈରଭାବ ପୋଷଣ କରି ଏହିଭଳି ବହୁ ଉପାୟରେ ମୋତେ ପାଇଥାଆନ୍ତି । ତେଣୁ ହେ ପାର୍ଥ ! ମୋତେ ପାଇବା ଲାଗି ଉପାୟର ଅଭାବ ନାହିଁ । ଯିଏ ଯେଉଁ ଜାତିରେ ଜନ୍ମଗ୍ରହଣ କରୁ, ମୋତେ ଭକ୍ତି କରୁ ବା ମୋତେ ସମାଲୋଚନା କରୁ କିଂବା ଶତ୍ରୁତା କରୁ ସେଥିରେ କିଛି ଯାଏ ଆସେ ନାହିଁ । ଭକ୍ତ ଯେପରି ମୋ ନିଜର, ଶତ୍ରୁ ମଧ୍ୟ ମୋ ଆପଣାର ।

(ଶ୍ଳୋକ - ୩୨)

''... ଖାଲି ପାଉଁଶକୁ ଫୁଙ୍କିଲେ କ'ଣ ନିଆଁ ବାହାରିବ ? ବିଷବୃକ୍ଷର ଛେଲିକୁ ଘୋରି ଅମୃତ ଭାବି ପିଇବା ପରେ ମୁଁ ଅମୃତ ହୋଇଗଲି ଭାବି ମନେ ମନେ ସୁଖ ଅନୁଭବ କରିବା ଯାହା, ସଂସାର ସୁଖ ତାହା । ଏହା ସୁଖ ନୁହେଁ, ଦୁଃଖ । ମୂର୍ଖ ତଥା ମୂଢ଼ ଲୋକେ ଏହା କରି ଥାଆନ୍ତି । ନିଜର ମୁଣ୍ଡ ଫଟେଇ ଗୋଡ଼ରେ କଳ୍ପିତ କ୍ଷତର ଉପଶମ ଲାଗି କନା ଭିଡ଼ିବା ଯାହା ମର୍ତ୍ତ୍ୟଲୋକର ସୁଖ ଆସ୍ୱାଦନ କରିବା ତାହା । ଜଳନ୍ତା ଅଙ୍ଗାର ଉପରେ କିଏ କ'ଣ ସୁଖରେ ଶୋଇପାରେ ? ଯେଉଁ ଜଗତରେ ଚନ୍ଦ୍ର ମଧ୍ୟ କ୍ଷୟ-ରୋଗଗ୍ରସ୍ତ, ଯେଉଁଠି ଅସ୍ତ ଯିବା ଲାଗି ସୂର୍ଯ୍ୟର ଉଦୟ ହୁଏ, ଦୁଃଖ ଯେଉଁଠି ସୁଖର ଛଦ୍ମବେଶ ପିନ୍ଧି ଜୀବନକୁ ପ୍ରତାରଣା କରେ, ମଙ୍ଗଳର ଅଙ୍କୁରୋଦ୍‌ଗମ ସହିତ ଅମଙ୍ଗଳ ଦେଖା ଦେଇଥାଏ, ମୃତ୍ୟୁ ଯେଉଁଠି ମାଆ ପେଟରେ ପିଲାକୁ ମଧ୍ୟ ଟାଣି ନେଇଥାଏ, ଯେଉଁଠି ଅବାସ୍ତବ

ଚିନ୍ତାସବୁ ଆସି ମନରେ ଜୁଟିଥାଏ, ଯେଉଁଠି ଅତି ଅଜ୍ଞାତ ଭାବରେ ମୃତ୍ୟୁ ଆସି ଜୀବନକୁ ନେଇଯାଏ ଏବଂ କେଉଁଠିକି ନିଏ ତାହା କେହି କହିପାରନ୍ତି ନାହିଁ, ତାହା ହେଉଛି ଏହି ମର୍ତ୍ତ୍ୟଲୋକ ।

''ଏହି ପୃଥିବୀର ଇତିହାସ ହେଉଛି କେବଳ ମୃତ ବ୍ୟକ୍ତିମାନଙ୍କର । ଯେତେ ଚେଷ୍ଟା କର, ମୃତ ବ୍ୟକ୍ତିକୁ ଜୀବନ୍ତ କରି କେହି ଫେରାଇ ଆଣି ନପାରେ । ଅନିତ୍ୟ ଏ ସଂସାର । ଏଭଳି ଅନିତ୍ୟ ଯେ ସ୍ୱୟଂ ବ୍ରହ୍ମଦେବ ମଧ ଏହାକୁ ବର୍ଣ୍ଣନା କରିବା ଲାଗି ଅକ୍ଷମ । ଏସବୁ ଜାଣି ସୁଦ୍ଧା ମନୁଷ୍ୟ କିପରି ଉଦାସୀନ ହୋଇପାରିଛି ତାହାହିଁ ଆଶ୍ଚର୍ଯ୍ୟର ବିଷୟ । ଇହଲୋକ ଓ ପରଲୋକରେ ନିଜର ମଙ୍ଗଳ ଲାଗି ଯିଏ କପର୍ଦ୍ଦକ ସୁଦ୍ଧା ଖର୍ଚ୍ଚ କରିବା ଲାଗି କୁଣ୍ଠିତ; ସେହି ଲୋକ ଅମଙ୍ଗଳ ଲାଗି କୋଟି କୋଟି ଟଙ୍କା ବ୍ୟୟ କରିବାକୁ କୁଣ୍ଠିତ ନୁହେଁ । ଏ ପ୍ରକାରର ଲୋକେ ଭାବିଥାଆନ୍ତି, ଯେ ବିଷୟ ବିଳାସରେ ବୁଡ଼ି ରହିଛି, ସିଏହିଁ ପରମ ସୁଖୀ, ଲୋଭବାସନା ଯାହାର ଅଛି ସେ କେବଳ ଜ୍ଞାନୀ । ଯାହାର ଆୟୁ ଦିନକୁ ଦିନ କମି କମି ଆସୁଛି, ବଳ ଓ ବୁଦ୍ଧି ଲୋପ ପାଇଆସୁଛି, ସେ ତା'ର ଗୋଡ଼ ତଳେ ପଡ଼ିଥାଏ । ପିଲା ଯେତିକି ବଡ଼ ହୋଇ ଆସେ, ତା'ର ମାଆବାପା ସେତିକି ଖୁସୀ । କିନ୍ତୁ ସେମାନେ ବୁଝି ପାରନ୍ତି ନାହିଁ ଯେ ତା'ର ଆୟୁଷ ବୃଦ୍ଧି ସଙ୍ଗେ ସଙ୍ଗେ ମୃତ୍ୟୁ ମଧ ନିକଟେଇ ଆସୁଛି । ମଣିଷ ଯେତିକି ଯେତିକି ମୃତ୍ୟୁର ନିକଟତର ହୋଇ ଆସୁଥାଏ ସେ ସେତିକି ଜାକଜମକରେ ତା'ର ଜନ୍ମ-ଉତ୍ସବ ପାଳନ କରିବାରେ ଲାଗିଥାଏ । 'ତୁ ମରୁନୁ' କହି କେହି ଗାଳି ଦେଲେ ସେ ସହିପାରେନା । କିନ୍ତୁ ମୃତ୍ୟୁ ପରେ ଲୋକେ କାନ୍ଦିଥା'ନ୍ତି । ସେମାନେ ଭାବି ପାରନ୍ତି ନାହିଁ ଯେ ଜୀବନଟା ବ୍ୟର୍ଥ ହୋଇଗଲା । ସାପ ବେଙ୍ଗକୁ ଧରି ଗିଳିବା ଉପରେ, ତଥାପି ଜିଆଟିଏ ପାଇବା ମାତ୍ରେ ବେଙ୍ଗ ତାକୁ ଗିଳିବାକୁ ତିଆର । ସେହିଭଳି ମନୁଷ୍ୟ ଅତ୍ୟନ୍ତ ଲୋଭର ବଶବର୍ତ୍ତୀ ହୋଇ ବାସନାକୁ ବଢ଼ାଇବାରେ ଲାଗିଛି । ଚାରିଆଡ଼କୁ ଯଦି ଚାହଁ, ଦେଖିବ ମର୍ତ୍ତ୍ୟଲୋକରେ ସବୁକିଛି ଚାଲିଛି ବିପରୀତ ରୀତିରେ, ହେ ଅର୍ଜୁନ ! ଯଦିଓ ତୁମେ ଅକସ୍ମାତ୍ ଏଠାରେ ଜନ୍ମ ନେଇଛ ତଥାପି ଶୀଘ୍ର ଶୀଘ୍ର ଏଠାରୁ ବାହାରି ଆସ । ଯେଉଁଥିରେ ମୋର ଅବିନାଶୀ ଅମୃତଧାମ ଲାଭ କରିପାରିବ ସେହି ଭକ୍ତି ପଥରେ ଚାଲ ।''

(ଶ୍ଳୋକ - ୩୩)

ମନ୍ମନା ଭବ ମଦ୍‌ଭକ୍ତୋ
ମଦ୍‌ୟାଜୀ ମାଂ ନମସ୍କୁରୁ ।
ମାମେବୈଷ୍ୟସି ୟୁକ୍ତ୍ୱୈବମାତ୍ମାନଂ
ମତ୍ ପରାୟଣଃ ॥ (ଶ୍ଳୋକ - ୩୪)

''ତୁମେ ତୁମ ମନକୁ ମୋ ସ୍ୱରୂପ କରିନିଅ । ସପ୍ରେମ ଭଜନ କର । ସର୍ବତ୍ର ମୁଁ ଅଛି ମନେ କରି ମୋତେହିଁ ନମସ୍କାର କର । ଯିଏ ମୋତେ ଧ୍ୟାନକରି ସଂକଳ୍ପକୁ ଜାଳି, ପୋଡ଼ି ଧ୍ୱଂସ କରିଦିଏ, ସେ ହେଉଛି ମୋର ପ୍ରକୃତ ଭଜନକାରୀ । କେବଳ ମୋ ଚିନ୍ତାରେ ମନୋନିବେଶ କଲେ ମୋ ସ୍ୱରୂପ ଲାଭ କରିପାରିବ । ମୁଁ ମୋର ଅନ୍ତରର କଥା ତୁମକୁ କହିଲି । ଯେଉଁ ରହସ୍ୟକୁ ମୁଁ ଅନ୍ୟ ସମସ୍ତଙ୍କୁ ଗୋପନ କରି ଆସିଛି ତାକୁ ଲାଭ କରି ତୁମେ ବି ସୁଖସ୍ୱରୂପ ହୋଇଯାଅ ।''

— ସେହି ଶ୍ୟାମଳ ପରମବ୍ରହ୍ମ ତଥା ଭକ୍ତଗଣଙ୍କ ମନୋରଥର କଳ୍ପବୃକ୍ଷ ଶ୍ରୀକୃଷ୍ଣ ଯେଉଁସବୁ କଥା ଅର୍ଜୁନଙ୍କୁ କହିଲେ; ସଂଜୟ ଧୃତରାଷ୍ଟ୍ରଙ୍କୁ ସେହିସବୁ ବର୍ଣ୍ଣନା କରିଥିଲେ ।

ଅନୁବାଦ : ଶ୍ରୀ ଗୋରାଚାନ୍ଦ ମିଶ୍ର

ଖୁବ୍ ସ୍ଥିର, ନିଶ୍ଚଳ ରୁହ, ତୁମର ମନ ଓ ତୁମର ହୃଦୟକୁ ଶ୍ରୀଅରବିନ୍ଦ ଓ ମୋ ପ୍ରଭାବ ପ୍ରତି ଉନ୍ମୁକ୍ତ ରଖ, ଗଭୀର ଭାବେ ଏକ ଆନ୍ତର ନୀରବତା (ଯାହାକି ସକଳ ପରିସ୍ଥିତିରେ ଲାଭ କରାଯାଇପାରେ) ମଧ୍ୟକୁ ନିଜକୁ ଅପସରାଇ ନିଅ, ସେହି ନୀରବତାର ଗଭୀରତା ମଧ୍ୟରୁ ମୋତେ ଆବାହନ କର ଏବଂ ତୁମେ ତୁମ ସତ୍ତାର କେନ୍ଦ୍ରରେ ମୋତେ ଉଭା ହୋଇଥିବାର ଦେଖି ପାରିବ ।

— ଶ୍ରୀମା

ଅନ୍ତରାଳ ଜଗତ୍ :

# ପ୍ରାକୃତିକ ଶକ୍ତି ଓ ଅଦୃଶ୍ୟ କ୍ଷୁଦ୍ର ସତ୍ତାମାନେ

ସମସ୍ତ ଶକ୍ତି ବ୍ୟକ୍ତିଗତ । ପ୍ରକୃତିର ସମସ୍ତ ଶକ୍ତି ମଧ୍ୟ ବ୍ୟକ୍ତିଗତ । ଆମେ ଯଦି ସେଗୁଡ଼ିକୁ ନୈର୍ବ୍ୟକ୍ତିକ ବିଷୟ ରୂପେ ଦେଖିବା ତେବେ ସେଗୁଡ଼ିକ ସଙ୍ଗେ ଆମର ସମ୍ପର୍କ ମଧ୍ୟ ନୈର୍ବ୍ୟକ୍ତିକ ହୋଇଉଠିବ । ଉଦାହରଣସ୍ୱରୂପ ବର୍ତ୍ତମାନ ଘଟୁଥିବା ବିଷୟଗୁଡ଼ିକ ଦେଖାଯାଉ । ତୁମେ ଯଦି ଜଣେ ବାୟୁ-ବିଜ୍ଞାନୀ ହୋଇଥାଅ ତେବେ ତୁମେ ପବନର ଗତିକୁ ପର୍ଯ୍ୟବେକ୍ଷଣ କରି ବାୟୁମଣ୍ଡଳର ଚାପ ମାପି ଏବଂ ଏଭଳି ଅନେକ କଥା କରି ସାରି ମନ୍ତବ୍ୟ ଦେବ, ''ଏଇ ସବୁଥିରୁ ଜଣାଯାଉଛି କି ଏତେଦିନ ଧରି ଏଇ – ଏଇସବୁ ଜାଗାମାନଙ୍କରେ ଭୀଷଣ ବା ମଧ୍ୟମ ଧରଣର ବର୍ଷା ହେବ ... ଇତ୍ୟାଦି ।'' ତେଣୁ ତୁମ ଲାଗି ଏହା ଏକ ପ୍ରାକୃତିକ ଶକ୍ତି । ତୁମେ ଏହାକୁ ଖୁବ୍ ଧୀର ଭାବେ ପର୍ଯ୍ୟବେକ୍ଷଣ କରି ଥାଅ ଏବଂ କେତେଦିନ ଧରି ବର୍ଷା ହେବ ତାହାକୁ ଅପେକ୍ଷା କରି ରହିଥାଅ ।

କିନ୍ତୁ ଏହା ମଧ୍ୟ ଘଟିପାରେ ଯେ ତୁମେ ଏହି ସବୁ ବାତ୍ୟା, ଝଞ୍ଜା, ଝଡ଼ ଓ ବଜ୍ରପାତାଦି ତଥାକଥିତ ପ୍ରାକୃତିକ ଶକ୍ତି ପଛରେ ଲୁଚି ରହିଥିବା ଛୋଟ ଛୋଟ ସଚେତନ ସତ୍ତାମାନଙ୍କ ସଙ୍ଗେ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିପାର । ଯେହେତୁ ଏଗୁଡ଼ିକ ବ୍ୟକ୍ତିଗତ ଶକ୍ତି ତେଣୁ ସେମାନଙ୍କ ସଙ୍ଗେ ତୁମେ ଏକ ପ୍ରକାର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିପାର । ସେମାନଙ୍କୁ ଏକ ଯାନ୍ତ୍ରିକ ପ୍ରକୃତିର ଶକ୍ତି ଭାବି କିଂବା ଶତ୍ରୁ ବୋଲି ଭାବି ସେମାନଙ୍କର ଖିଆଲ, ଅତ୍ୟାଚାରର ନିରୁପାୟ ଶିକାର ହେବା ଅପେକ୍ଷା ସେମାନଙ୍କ ସଙ୍ଗେ ଏକ ବନ୍ଧୁତ୍ୱପୂର୍ଣ୍ଣ ବୁଝାମଣା କରିନେବା ଭଲ । ସେମାନଙ୍କ ଉପରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପ୍ରଭାବ ବିସ୍ତାର କରି ତୁମେ ସେମାନଙ୍କୁ ଧୀର ଭାବେ କହିପାର, ''ଦେଖ ତୁମେମାନେ ଏଠି ଉନ୍ମତ୍ତ ଭଳି ଖେଳାଖେଳି କରି ନିରୀହ ସାଧାରଣମାନଙ୍କୁ ହଇରାଣ କରିବା ଅପେକ୍ଷା ଅନ୍ୟ ସ୍ଥାନରେ ଖେଳାଖେଳି କରୁ ନାହଁ କାହିଁକି ?''

ମୁଁ ମୋ ନିଜ ଆଖିରେ ଦେଖିଛି – ଆଲ୍‌ଜେରିଆରେ ଥରେ ଗୋଟିଏ ଶୁଖିଲା ବିଲରେ ନିର୍ଦ୍ଦିଷ୍ଟ ଭାବେ ବର୍ଷା ହୋଇଥିଲା – କାରଣ ତାହା ବର୍ଷା ଚାହୁଁଥିଲା । କିନ୍ତୁ ଠିକ୍ ତା'ର ପାଖଆଖ ବିଲରେ ବର୍ଷା ଦରକାର ପଡୁ ନଥିବାରୁ ସେଠାରେ ବର୍ଷା ନହୋଇ ତାହା ଶୁଖିଲା ରହିଥିଲା । ତେଣୁ ତୁମେ ଯଦି ବୈଜ୍ଞାନିକ ଧାରାରେ ଚାଲିବ, ତେବେ ଧାରାହିଁ ସବୁକଥା ବୁଝିବ । କିନ୍ତୁ ମୋ ଲାଗି ମୁଁ ଜାଣେ – ଯେ କେହି ପ୍ରକୃତିର ଏହି ଗତି ବା କ୍ରିୟାରେ ହାତ ଦେବ ସେ ତାକୁ ନିୟନ୍ତ୍ରଣ କରିପାରିବ ।

ଆଲ୍‌ଜେରିଆର ଅଭିଜ୍ଞତା ମୁଁ ତୁମକୁ କହିଛି । ବହୁ ବହୁ ଚମତ୍କାର ଘଟଣା ସେଠି ଘଟିଛି । ସେଠାରେ ଏକ ଉପଯୁକ୍ତ ପରିବେଶ ଥିଲା । କିଞ୍ଚିତ୍ ଅଧିକ ବାସ୍ତବ ଜ୍ଞାନ ଲାଗି ଉପଯୁକ୍ତ ପରିବେଶ । କେତେକ ଛୋଟ ଛୋଟ ସତ୍ତା ଅଛନ୍ତି ଯେଉଁମାନେ ବରଫକୁ ନିୟନ୍ତ୍ରଣ କରନ୍ତି ବା ସୃଷ୍ଟି କରନ୍ତି । ସେମାନେ ଗୋଟିଏ ଘର ଭିତରକୁ ପଶିଆସି କହିଲେ – ଆଜି ଏଠି ତୁଷାରପାତ ହେବ । ତୁଷାର ? ସାହାରା ମରୁଭୂମି ପାଖରେ ପୁଣି ତୁଷାରପାତ ?

''ହଁ, ଆଜି ନିଶ୍ଚୟ ବରଫ ପଡ଼ିବ । ସେମାନେ ପାହାଡ଼ଗୁଡ଼ିକ ଉପରେ ଫାର୍ ଗଛ ଲଗାଇଛନ୍ତି ଏବଂ ଫାର୍ ଗଛ ଆମେ ଯେଉଁଠି ଦେଖିବୁ ସେଠି ବରଫ ଝାଡ଼ିବୁ । ଫାର୍ ଗଛ ଲଗାଇବା ମାନେ ଆମକୁ ଆହ୍ୱାନ କରିବା । ଆମେ ତେଣୁ ଆସିଗଲୁ ।''

ଏହିପରି ଭାବେ ସେହି କ୍ଷୁଦ୍ର ସତ୍ତାମାନଙ୍କ ସଙ୍ଗେ କିଛି କଥାବାର୍ତ୍ତା ହେଲା ଏବଂ ସେମାନେ ତୁଷାରପାତ ଲାଗି ଅନୁମତି ନେଇ ଚାଲିଗଲେ । ତା' ପରେ ପରେ ପାହାଡ଼ଗୁଡ଼ିକ ତୁଷାରାଚ୍ଛାଦିତ ହୋଇଗଲା । ସେଗୁଡ଼ିକ ସବୁ ସାହାରା ମରୁଭୂମିର ଅତି ନିକଟରେ । ତୁମେ କେତେ ମାଇଲ ତଳକୁ ଓହ୍ଲାଇ ଆସିଲେହିଁ ସାହାରାରେ ପହଞ୍ଚିଯିବ ।

କେତେକ ବ୍ୟକ୍ତିଙ୍କର ସଉକ ହେଲା, ସେମାନେ ପାହାଡ଼ ଉପରେ ଫାର୍ ଗଛ ଲଗାଇଲେ । ଫାର୍ ଗଛ ଶୀତ ପ୍ରଧାନ ଦେଶର ଗଛ । ସେଇ ଫାର୍ ଗଛସବୁ ତୁଷାର ପାତ କରୁଥିବା ସତ୍ତାମାନଙ୍କୁ ଡାକିଲେ ଏବଂ ସେଇ ତୁଷାରର କ୍ଷୁଦ୍ର ସତ୍ତାମାନେ ଆସି ଗଲେ । ଏଗୁଡ଼ିକ ସବୁ ସତ୍ୟ ଘଟଣା । କାଳ୍ପନିକ ନୁହେଁ ।

ସବୁକଥା ନିର୍ଭର କରେ ତୁମର ସମ୍ପର୍କ ଉପରେ । ବାୟୁବିଜ୍ଞାନୀମାନେ ସେ ବିଷୟଟିକୁ ହୁଏତ ବ୍ୟାଖ୍ୟା କରିପାରନ୍ତି । ମୁଁ ଜାଣେନା – ସେମାନେ ସବୁ କଥାକୁ ସବୁ ବାଟରେ ବ୍ୟାଖ୍ୟା କରିଦେଇ ପାରନ୍ତି ।

ତୁମେ ବସ୍ତୁମାନଙ୍କୁ କିପରି ଦେଖୁଛ ତଦନୁଯାୟୀ

ବସ୍ତୁଗୁଡ଼ିକର ସ୍ଥିତି ଓ ଗତିବୃତ୍ତି ନିର୍ଣ୍ଣିତ ହୋଇପାରେ । ଏହାହିଁ ସତ୍ୟ । ମୁଁ ଆହୁରି ଅନେକ ଘଟଣା ବି ଦେଖିଛି । ବର୍ତ୍ତମାନ ଯେଉଁ ଘଟଣାଟି କହିଲି, ତା' ତୁଳନାରେ ସେଗୁଡ଼ିକ ଅବଶ୍ୟ ସେପରି ଚମତ୍କାର ନ ହୋଇପାରେ । ମଣିଷ ବହୁ ବିଷୟ ଉଦ୍ଭାବନ କଲାଣି । ଅବଶ୍ୟ ଉଦ୍ଭାବନ କହିବା ଠିକ୍ ହେବ ନାହିଁ – ଆବିଷ୍କାର କହିବା ଉଚିତ । କାରଣ ମଣିଷର ଅଜ୍ଞାନତା ହେତୁ ସେ ଯାହା ଜାଣି ନଥିଲା, ଜ୍ଞାନ ହେଲାରୁ ସେସବୁକୁ ଜାଣିଲା । ସମସ୍ତ ବସ୍ତୁକୁ ଆବିଷ୍କାର କରି ମନୁଷ୍ୟମାନେ ବଡ଼ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି କରିଛନ୍ତି । ଛୋଟ ପିଲାଙ୍କ ଭଳି ବଡ଼ ମଣିଷମାନେ ସେସବୁ ସାଙ୍ଗେ ଖେଳୁଛନ୍ତି । ଏଗୁଡ଼ିକ ସୃଷ୍ଟି କରିବା ଫଳରେ ପ୍ରାକୃତିକ ଶକ୍ତିଗୁଡ଼ିକ ପଛରେ ଥିବା ସେହିସବୁ ଅଦୃଶ୍ୟ ସଚେତନ ସତ୍ତାଗୁଡ଼ିକ ବଡ଼ ବିଚଳିତ ହୋଇପଡ଼ିଛନ୍ତି । ସେହି କ୍ଷୁଦ୍ର କ୍ଷୁଦ୍ର ଅଦୃଶ୍ୟ ସତ୍ତାମାନେ ଏହା ପୂର୍ବରୁ ସ୍ୱଚ୍ଛନ୍ଦଭାବେ ସେମାନଙ୍କ ଜୀବନ ନେଇ ଆତଯାତ ହେଉଥିଲେ ଏବଂ ସେମାନଙ୍କ ପକ୍ଷରେ ଯେଉଁସବୁ ଅନାଗତ ଘଟଣାଗୁଡ଼ିକ ଥିଲା ତା' ପ୍ରତି ସ୍ୱାଭାବିକ ପ୍ରତିକ୍ରିୟା ଦେଖାଉଥିଲେ । ବର୍ତ୍ତମାନ କିନ୍ତୁ ସବୁ ପରିବର୍ତ୍ତିତ ହୋଇଗଲାଣି । ସେମାନଙ୍କ ମୁଣ୍ଡ ଖରାପ ହୋଇଗଲାଣି । ସେମାନେ ଜାଣିପାରୁ ନାହାନ୍ତି ସେମାନଙ୍କୁ କ'ଣ କରିବାକୁ ହେବ ।

ଏକ ସମୟ ଥିଲା – ମହାଯୁଦ୍ଧର ପରେ ପରେ ଯେତେବେଳେ କି ସେସବୁ ସ୍ଥାନମାନଙ୍କରେ ସବୁ ବ୍ୟାପାର ଗଣ୍ଡଗୋଳିଆ ଧରିଗଲା । ଜୀବନ ହୋଇ ଉଠିଲା ନିରର୍ଥକ ଏବଂ ଏହି ଦୁର୍ଭାଗ୍ୟଜନକ ଅବସ୍ଥା ଯେଉଁ ଦିନୁ ଲାଗି ରହିଲା, ସେହି କ୍ଷୁଦ୍ର ସତ୍ତାମାନେ ସେହି ଦିନୁ ସେହି ଗୋଳମାଳିଆ ଅବସ୍ଥାରୁ ଏ ଯାବତ୍ ମୁକ୍ତ ହୋଇ ନାହାନ୍ତି । ହଁ, ସେମାନେ ପାଗଳ ପ୍ରାୟ ହୋଇଯାଇଛନ୍ତି । ମଣିଷମାନେ ସେହିସବୁ ବସ୍ତୁ ସଙ୍ଗେ ଖେଳ ଖେଳୁଛନ୍ତି ଅଥଚ ବସ୍ତୁମାନଙ୍କ ସମ୍ପର୍କରେ ସେମାନଙ୍କର କେବଳ ମାତ୍ର ବାହ୍ୟ ଜ୍ଞାନହିଁ ରହିଅଛି । ତା'ମାନେ ସେମାନେ ସେସବୁ ସମ୍ପର୍କରେ କିଛିହିଁ ଜାଣି ନାହାନ୍ତି । ସେମାନେ ଜାଣି ପାରୁ ନାହାନ୍ତି ଯେ ଏହା ଫଳରେ ଯେକୌଣସି ଦୁର୍ଘଟଣା ଘଟିଯାଇପାରେ – ହାୟ ହାୟ ! ପୂର୍ବପୁରୁଷମାନେ କହିଲା ଭଳି ପ୍ରଳୟ ମଧ୍ୟ ଘଟିଯାଇପାରେ ।

...ଏହା ଘଟିପାରେ – ନ ଘଟିପାରେ ମଧ୍ୟ । ଏହା ତାହାରି ଉପରେ ନିର୍ଭର କରେ – ଯେଉଁ ଶକ୍ତି ଏହା ମଧ୍ୟରୁ ଆସି ହସ୍ତକ୍ଷେପ କରିବ ।

ମୁଁ ଥରେ ତୁମମାନଙ୍କୁ ସେସବୁ କଥା କହୁଥିଲି । ପବନ, ବର୍ଷା ଓ ଝଡ଼ଝଞ୍ଜା କଥା । ମୁଁ ତୁମ୍ଭମାନଙ୍କୁ ପାଗର ପରିବର୍ତ୍ତନ ପାଇଁ ପ୍ରାର୍ଥନା କରିବାକୁ କହିଥିଲି । ମାତ୍ର ତୁମେମାନେ ତାକୁ ଭାବିଲ ମୁଁ ଥଟ୍ଟା କରୁଥିଲି ବୋଲି ।

ଗୋଟାଏ କଥା କିନ୍ତୁ ଧ୍ରୁବ । ତାହା ହେଉଛି ତୁମେ ଯଦି ସବୁ ବିଷୟରେ ତା'ର ଗଭୀରତର ନିୟମଗୁଡ଼ିକ ଜାଣିବ ଏବଂ ଯଦି ତୁମେ ଉଚ୍ଚତର ଚେତନା ସଙ୍ଗେ ସଂଯୁକ୍ତ ହେବ ଏବଂ ଏପରି କିଛି ବୁଝିବ ଯାହାକି ମନୁଷ୍ୟ ଧାରଣାର ବହୁ ଅତୀତ – ତେବେ ତୁମେ କାହିଁକି ସାଧାରଣ ମଣିଷଙ୍କ ମତାମତ ଉପରେ ନିର୍ଭର କରିବ ? ଆଧ୍ୟାତ୍ମିକ ଜୀବନ ବା ଦିବ୍ୟ-ଜୀବନ କ'ଣ – ସେ ସମ୍ପର୍କରେ ସାଧାରଣ ଲୋକଙ୍କର କିଛି ଧାରଣାହିଁ ନାହିଁ । ସ୍ୱଭାବତଃ ସେହି ଅଜ୍ଞାନ ବ୍ୟକ୍ତିମାନେ ଆସି ସବୁ ବିଷୟକୁ ଅବଲୀଳାକ୍ରମେ ବିଚାର କରି ତୁମକୁ କିପରି ବଞ୍ଚିବାକୁ ହେବ, ଗତି କରିବାକୁ ହେବ ଓ କ'ଣ, କିପରି କରିବାକୁ ହେବ ସେ ସମ୍ବନ୍ଧେ ଉପଦେଶ ଦେଇଥା'ନ୍ତି । ସେମାନେ କିଛି ଜାଣନ୍ତି ନାହିଁ । କିଛି ଦେଖନ୍ତି ନାହିଁ । ସେଭଳି ଲୋକଙ୍କ ସହିତ ତୁମେ ସମ୍ପୂର୍ଣ୍ଣ ଭାବେ ସମ୍ପର୍କ ଛିନ୍ନ କରିବ ବା ଉଦାସୀନ ରହିବ; ମାତ୍ର ସେମାନଙ୍କ ଠାରୁ ନିଜକୁ ଉଚ୍ଚତର ବୋଲି ଭାବିବ ନାହିଁ । ଅନ୍ୟ ପକ୍ଷରେ ତୁମେ ଦୟାର୍ଦ୍ର ହେବ ଏବଂ ଇଚ୍ଛା କରିବ ସେମାନେ କିପରି ଆଲୋକ ଭିତରେ ପୁନର୍ଜନ୍ମ ଲାଭ କରନ୍ତୁ । ସେଭଳି ଲୋକଙ୍କ ସଙ୍ଗେ ଆଳାପ କରିବ ନାହିଁ ଏବଂ ସେମାନଙ୍କୁ କେବେ ତୁମ ସଙ୍ଗେ ଏକମତ ହେବାକୁ ବା କିଛି ବୁଝାଇବାକୁ ଚେଷ୍ଟା କରିବ ନାହିଁ । ସେପରି କ୍ଷେତ୍ରରେ ତୁମର ସମସ୍ତ ଚେଷ୍ଟା ବିଫଳ ହେବ । ସମ୍ପୂର୍ଣ୍ଣ ଭାବେ ତୁମକୁ ଉଦାସୀନ ରହିବାକୁ ପଡ଼ିବ । ସେମାନଙ୍କ ସମାଲୋଚନା ବା ନିନ୍ଦା ପ୍ରତି ଦୃଷ୍ଟି ଦେବ ନାହିଁ କିଂବା ପ୍ରଶଂସା ପ୍ରତି କାନ ଦେବ ନାହିଁ । ତୁମେ ତ ଜାଣ – ନିନ୍ଦାକୁ ନ କାନେଇବା ବରଂ ଅପେକ୍ଷାକୃତ ସହଜ – ମାତ୍ର ପ୍ରଶଂସା ପ୍ରତି ନିର୍ଲିପ୍ତ ରହିବା ଭାରି କଷ୍ଟକର । ମୁଁ ତୁମକୁ ଏ ସମ୍ପର୍କରେ ଗଳ୍ପଟିଏ କହୁଛି :

ମୁଁ ତୁମ୍ଭମାନଙ୍କୁ ମାଦାମ୍ ଡି. ଏନ୍ (Mme. Devid Neel)ଙ୍କ ବିଷୟରେ ବହୁବାର କହିଛି । ସେ ଜଣେ ଶକ୍ତିମୟୀ ମହିଳା ଏବଂ ବିଶିଷ୍ଟା ବୌଦ୍ଧ ମତାବଲମ୍ବିନୀ ଥିଲେ । ସେ ଭାରତକୁ ଆସିଥିବା ବେଳେ କେତେକ ବିଶିଷ୍ଟ ଭାରତୀୟ ସନ୍ଥ ଓ ଗୁରୁଙ୍କୁ ଦର୍ଶନ କରିବାକୁ ଇଚ୍ଛା କରିଥିଲେ । ସେ ଜଣେ ବିଶିଷ୍ଟ ସାଧୁଙ୍କୁ ମଧ୍ୟ ଭେଟିଥିଲେ । ମୁଁ ତାଙ୍କ ନାମ କହୁ ନାହିଁ ।

ସେହି ସାଧୁ ତାଙ୍କୁ ଦେଖି କେତେକ ପ୍ରଶ୍ନ କଲେ । ଯୋଗ ଓ ବ୍ୟକ୍ତିଗତ ସାଧନା ଉପରେ ସେମାନଙ୍କର ଆଳାପ ହେଲା । ସେ ମାଦାମ୍ ଡି. ଏନ୍‌ଙ୍କୁ ପଚାରିଲେ – ଆପଣଙ୍କୁ ଯଦି କେହି ନିନ୍ଦା କରେ, ତେବେ ଆପଣ ସେଥିପ୍ରତି ଉଦାସୀନ ରହି ପାରନ୍ତି କି ? ମାଦାମ୍ ଡି. ଏନ୍. ପାରମ୍ପରିକ ରୀତିରେ ଉତ୍ତର ଦେଲେ – ହାତୀ ଚାଲିଲା ବେଳେ କୁକୁର ଭୁକନ୍ତି, ମାତ୍ର ହାତୀ ତାକୁ ଖାତିର କରେ କି ? ସାଧୁଲୋକଙ୍କୁ ସଂସାର ଯାକ ନିନ୍ଦା କଲେ ବି ସେ ଖାତିର କରେନା ।

ଏହି ଘଟଣାଟି ମୋ ଆଗରେ ବର୍ଣ୍ଣନା କରୁ କରୁ ମାଦାମ୍ ଡି. ଏନ୍. ମୋତେ ହସି ହସି କହିଲେ – ମୋର ସୌଭାଗ୍ୟ ଯେ ସେ ମୋତେ ପଚାରି ନାହାନ୍ତି ମୁଁ ପ୍ରଶଂସା ପ୍ରତି ମଧ୍ୟ ସମାନଭାବେ ଉଦାସୀନ କି ନୁହେଁ ! ତା'ହେଲେ ତ ମୁଁ ହଇରାଣରେ ପଡ଼ିଯାଇଥା'ନ୍ତି !!

ତେଣୁ ତୁମେ କାହାଠାରୁ ନିଜକୁ ଉଚ୍ଚତର ବୋଲି ଭାବିବ ନାହିଁ । ମୁଁ ତୁମକୁ କହିବି – ଏହାର କାରଣ କ'ଣ ! ତୁମେ ଜାଣିରଖ – ମଣିଷ ହେଉ ବା ଅନ୍ୟ ଜୀବ ହେଉ, ତା' ଭିତରର ଚେତନାହିଁ ହେଉଛି ବଡ଼କଥା । ଏଥିରୁ ବୁଝାପଡ଼େ ତୁମେ ସଚେତନ କି ଅଚେତନ ? ତୁମେ ଯେତେବେଳେ ଅଚେତନ ଥାଅ, ସେତିକିବେଳେ ହିଁ ତୁମେ ନିଜକୁ ଅନ୍ୟଠାରୁ ବଡ଼ ବୋଲି ଭାବିଥାଅ । ମାତ୍ର ତୁମେ ଯେତେବେଳେ ସଚେତନ ହୋଇଉଠ ସେତେବେଳେ ତୁମେ ଆଉ ନିଜକୁ ଉଚ୍ଚ ବା ନୀଚ ବୋଲି ଭାବି ପାର ନାହିଁ । କେଉଁ କ୍ଷେତ୍ରରେ ବି ତୁମେ ନିଜକୁ ବଡ଼ ବୋଲି ଭାବିବ ନାହିଁ । କାରଣ ଏହାହିଁ ବଡ଼ କ୍ଷୁଦ୍ରତା ଓ ନୀଚତା । କିନ୍ତୁ ତୁମ ଭିତରେ ପ୍ରଚୁର ସଦିଚ୍ଛା ଓ କରୁଣା ରହିବା ଉଚିତ ଏବଂ ତୁମେ କାହାର ନିନ୍ଦା ପ୍ରଶଂସାରେ ବିଚଳିତ ହେବା କଥା ନୁହେଁ । ସେ ଯାହହେଉ – ସବୁବେଳେ ଭଦ୍ର ହୁଅ, ନମ୍ର ହୁଅ । ତା' ଫଳରେ ତୁମେ ଶକ୍ତିମାନଙ୍କ ସଙ୍ଗେ ସୁସମ୍ପର୍କ ରକ୍ଷା କରି ପାରିବ ଏବଂ ଏହା ଅଧିକ ସଂଗତିପୂର୍ଣ୍ଣ ହୋଇଉଠିବ । ଫଳରେ ତୁମେ କୁତ୍ସିତ ଓ ଧ୍ୱଂସକାରୀ ଶକ୍ତିମାନଙ୍କ ସଙ୍ଗେ ଭଲଭାବେ ସଂଗ୍ରାମ କରି ପାରିବ । କିନ୍ତୁ ବାସ୍ତବ କ୍ଷେତ୍ରରେ ତୁମେ ଏସବୁର ଖୁବ୍ ଉର୍ଦ୍ଧ୍ୱକୁ ଉଠିଯିବା ଉଚିତ ଏବଂ ଈଶ୍ୱରଙ୍କ ସଙ୍ଗେ ପୂର୍ଣ୍ଣ ସଂଯୁକ୍ତ ହୋଇ ରହିବା ଉଚିତ । ଭଗବାନ୍ ତୁମଠାରୁ ତାହାହିଁ ଚାହାନ୍ତି । ତୁମେ ମଧ୍ୟ ତାଙ୍କ ପାଇଁ ଏତିକି ମାତ୍ର କର୍ତ୍ତବ୍ୟ କରିପାରିବ । କାରଣ ତାହାହିଁ ତୁମର ଏ କ୍ଷେତ୍ରରେ ଯାହାକିଛି କରଣୀୟ ଓ ଆବଶ୍ୟକୀୟ । ଏ କ୍ଷେତ୍ରରେ ଅନ୍ୟସବୁ ବିଷୟରେ ଆଉ କିଛି ଗୁରୁତ୍ୱ ନାହିଁ ।

(ଶ୍ରୀମାଙ୍କ ଭାଷଣ ଉପରେ ଆଧାରିତ ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କ 'ଶ୍ରୀଅରବିନ୍ଦଙ୍କ ଯୋଗ' ଗ୍ରନ୍ଥରୁ ଆହୃତ ଓ ଅନୂଦିତ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❖

ମନ, ପ୍ରାଣ ଓ ଦେହ ପ୍ରଭୃତି ନମ୍ର ଓ ବିନୟୀ ହେବାର ଅର୍ଥ ହେଉଛି ସେମାନେ ଯେପରି ଭୁଲି ନ ଯାଆନ୍ତି ଯେ ଭଗବାନଙ୍କ ବ୍ୟତୀତ ସେମାନେ କିଛି ବି ଜାଣନ୍ତି ନାହିଁ, କିଛି ବି ନୁହନ୍ତି, କିଛି ବି କରି ପାରନ୍ତି ନାହିଁ; ଭଗବାନଙ୍କ ବ୍ୟତୀତ ସେମାନେ ଅଜ୍ଞାନ, ଅରାଜକତା ଓ କ୍ଲୀବତା ଛଡ଼ା ଆଉ କିଛି ବି ନୁହନ୍ତି । କେବଳ ଭଗବାନହିଁ ସତ୍ୟ, ଜୀବନ, ଶକ୍ତି, ପ୍ରେମ ଓ ଆନନ୍ଦ ।

::ତେଣୁ ମନ, ପ୍ରାଣ ଓ ଦେହକୁ ସବୁ ସମୟ ପାଇଁ ଏହା ଶିଖିବାକୁ ହେବ ଓ ଅନୁଭବ କରିବାକୁ ହେବ ଯେ ଭଗବାନଙ୍କୁ ବୁଝିବା ପାଇଁ ଓ ବିଚାର କରିବା ପାଇଁ ସେମାନେ ଏକାବେଳେକେ ଅସମର୍ଥ, ଭଗବାନଙ୍କର କେବଳ ସାରମର୍ମରେ ନୁହେଁ, ତାଙ୍କର କ୍ରିୟା ଓ ଅଭିବ୍ୟକ୍ତିରେ ମଧ୍ୟ ।

ଏହାହିଁ ହେଉଛି ଯଥାର୍ଥ ନମ୍ରତା ଏବଂ ଏହା ସହିତ ଆସିଥାଏ ନୀରବତା ଓ ପ୍ରଶାନ୍ତି । ଆଉ ମଧ୍ୟ ଏହାହିଁ ହେଉଛି ସମସ୍ତ ବିରୋଧୀ ଆକ୍ରମଣ ବିରୋଧରେ ସବୁଠୁ ନିଶ୍ଚିତ ରକ୍ଷାକବଚ । ପ୍ରକୃତରେ ମଣିଷ ଭିତରେ ଗର୍ବ ଓ ଦମ୍ଭହିଁ ହେଉଛି ସେହି ଦ୍ୱାର ଯାହା ଉପରେ ବିରୋଧିଶକ୍ତି କରାଘାତ କରିଥାଏ ଏବଂ ଏହି ଦ୍ୱାରହିଁ ବିରୋଧିଶକ୍ତିକୁ ତା'ର ପ୍ରବେଶ ପାଇଁ ଦ୍ୱାର ଖୋଲିଦିଏ ।

– ଶ୍ରୀମା

**ଶେଷ ପୃଷ୍ଠା :**

# ସମଗ୍ର ଚେତନାର ସମର୍ପଣ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ମନ, ପ୍ରାଣ ଓ ଦେହ ସମେତ ଆମର ସମଗ୍ର ସତ୍ତା ଓ ଚେତନାର ଦିବ୍ୟ ରୂପାନ୍ତର, ଯାହାକି ପୂର୍ଣ୍ଣ ଯୋଗର ଲକ୍ଷ୍ୟ, ରୂପାନ୍ତରର ଏହି ଲକ୍ଷ୍ୟ ପଥରେ ଆଗେଇବାକୁ ହେଲେ ଆମକୁ ଆମ ନିଜର ସାମର୍ଥ୍ୟ ଓ ସାଧନା ଉପରେ ନୁହେଁ, ଭଗବାନଙ୍କ କୃପା ଓ ତାଙ୍କ ଦିବ୍ୟଶକ୍ତି ଓ ଅଖଣ୍ଡ ସାମର୍ଥ୍ୟ ଉପରେ ନିର୍ଭର କରିବାକୁ ହେବ । ଭଗବାନଙ୍କର ସେହି ଦିବ୍ୟଶକ୍ତି ଆମ ଭିତରେହିଁ ରହିଛି । ଆମ ଭିତରେ ରହିଥିବା ତାଙ୍କ ଦିବ୍ୟଶକ୍ତିରୁ ଏହା ନିତ୍ୟ ଉତ୍ସାରିତ ହେଉଛି ଏବଂ ଆମ ଚେତନାର ଊର୍ଦ୍ଧ୍ୱତର ଓ ଗଭୀରତର କେନ୍ଦ୍ରଗୁଡ଼ିକରେ ଆମେ ତାହା ସହ ନିତ୍ୟଯୁକ୍ତ ହୋଇ ରହିଛୁ । ଆମ ଜୀବନ ଓ କର୍ମରେ କ୍ରିୟାଶୀଳ ଯେଉଁ ଶକ୍ତିକୁ ଆମ ନିଜର ଶକ୍ତି ବୋଲି ଭାବୁ ତାହା ମଧ ସେହି ଭଗବତ୍ ଶକ୍ତିର ନିମ୍ନତର, ସୀମିତ ରୂପ । ଚେତନାର ଯେତିକି ଊର୍ଦ୍ଧ୍ୱକୁ ଆମେ ଉଠିଯାଇ ପାରିବା ବା ଯେତିକି ଗଭୀରକୁ ବୁଡ଼ିଯାଇ ପାରିବା, ସେହି ଶକ୍ତିର ସେତିକି ଅଧିକ ଅସୀମ ଓ ଅନାବୃତ ଦିବ୍ୟରୂପକୁ ଆମେ ପ୍ରତ୍ୟକ୍ଷଭାବେ ଉପଲବ୍ଧି କରିପାରିବା ଓ ନିଜ ଭିତରେ ତାହା ଗ୍ରହଣ କରିବା ପାଇଁ ସେତିକି ଅଧିକ ସମର୍ଥ ହୋଇ ପାରିବା । କାରଣ ସେତେବେଳେ ଚେତନାର ସେହି ଗଭୀରତର ଓ ଊର୍ଦ୍ଧ୍ୱତର ସ୍ତର ଓ କେନ୍ଦ୍ରଗୁଡ଼ିକରେ ଭଗବାନ୍ ଓ ତାଙ୍କ ଶକ୍ତି ସହ ଏକାତ୍ମ ହୋଇଯିବା ଆମ ପକ୍ଷେ ଅଧିକରୁ ଅଧିକ ସହଜ ଓ ସ୍ୱାଭାବିକ ହୋଇ ଉଠିବ ।

ବର୍ତ୍ତମାନ ମଧ ଆମେ ଭଗବାନଙ୍କ ଦିବ୍ୟ ଉପସ୍ଥିତି ଓ ଶକ୍ତିର ଅନନ୍ତ ପ୍ରସାର ଭିତରେହିଁ ରହିଛୁ; ତାଙ୍କ ଭିନ୍ନ ଅନ୍ୟ କିଛି କେଉଁଠି ରହି ନପାରେ । ଆମେ ନିଜର ଅଜ୍ଞାନତା ଯୋଗୁଁହିଁ ଭଗବାନଙ୍କଠାରୁ ଭିନ୍ନ ଏକ 'ମୁଁ'ର କଳ୍ପନା କରି, ଆମ ଚାରିପଟେ ଏକ 'ଅହଂ'ର ପ୍ରାଚୀର ଛିଡ଼ା କରାଇ ତା' ଭିତରେ ଆବଦ୍ଧ ଓ ସୀମିତ ହୋଇ ରହିଥିବା ଶକ୍ତିକୁ 'ମୋର' ଶକ୍ତି ବୋଲି ଭାବି ତାହାର ଦୋଷତ୍ରୁଟି ଓ ଅସାମର୍ଥ୍ୟ ଭିତରେ ଛନ୍ଦି ହୋଇ ଭଗବତ୍ ଶକ୍ତିର ଅନନ୍ତ ଦିବ୍ୟ ସାମର୍ଥ୍ୟ ଭିତରକୁ ଉଠିଯାଇ ପାରୁ ନାହୁଁ ଓ ଆମ ଭିତରେ ତାହାକୁ ଅବାଧରେ କ୍ରିୟାଶୀଳ ହେବା ପାଇଁ ଛାଡ଼ି ଦେଉ ନାହୁଁ ।

ଆମ ଭିତରେ ରହିଥିବା ସେହି 'ମୁଁ' ବା ଅହଂର ଭ୍ରମଟି ଦୂର ହୋଇଗଲେ ଦିବ୍ୟ ରୂପାନ୍ତରର ପଥଟି ଆମ ଆଗରେ ଆପେ ଆପେ ଖୋଲିଯିବ ଓ ନିର୍ବିଘ୍ନରେ, ଅନାୟାସରେ ଆମେ ଆମ ଲକ୍ଷ୍ୟ ପଥରେ ଆଗେଇ ଯାଇ ପାରିବୁ । କିନ୍ତୁ ଅହଂର ସେହି ଭ୍ରମଟି ଦୂର କରିବାର ଶକ୍ତି କ'ଣ ଆମର ରହିଛି ? କାରଣ ଆମେ ତ ଜାଣିଶୁଣି ଇଚ୍ଛା କରି ଆମ ଚେତନାରେ ସେହି ଭ୍ରମଟି ରୋପଣ କରି ନାହୁଁ ଯେ ଇଚ୍ଛା ମାତ୍ରକେ ତାହାକୁ ଉତ୍ପାଟିତ କରି ନିର୍ମୂଳ କରିଦେବୁ । ବିଶ୍ୱ ସଙ୍ଗଠନରେ ଚେତନାର କ୍ରମବିକାଶ ବା ବିବର୍ତ୍ତନ ପାଇଁ କ୍ରିୟାଶୀଳ ଭଗବାନଙ୍କର ଅପରା ମାୟାଶକ୍ତିହିଁ ଆମ ଭିତରେ ଏହି ଅହଂବୋଧଟି ଆଣି ଦେଇଛି — ଯା ଦେବୀ ସର୍ବଭୂତେଷୁ ଭ୍ରାନ୍ତିରୂପେଣ ସଂସ୍ଥିତା — ନିଜର ଏକ ଉଦ୍ଦେଶ୍ୟ ସାଧନ ପାଇଁ । ଏବଂ ସେହି ଉଦ୍ଦେଶ୍ୟଟି ହେଲା ପ୍ରଥମେ ଆମ ଭିତରେ ଅନ୍ୟ ସବୁଥିରୁ ସ୍ୱତନ୍ତ୍ର ଏକ ବ୍ୟକ୍ତିବୋଧ ବା ବ୍ୟକ୍ତିରୂପକୁ ସଙ୍ଗଠିତ କରିବା, ଯାହା ଫଳରେ ଚାରିଆଡ଼େ ଅନାବନା ଓ ବିଚ୍ଛୁରିତ ଭାବେ ଖେଳାଇ ହୋଇ ରହିଥିବା ଶକ୍ତି ଓ ଉପାଦାନ ଭିତରୁ ଏକ ସଙ୍ଗଠିତ 'ମୁଁ' ରୂପ ନେବ ଓ ଚେତନାର ଆବଶ୍ୟକ ବିକାଶ ପର୍ଯ୍ୟନ୍ତ ତାହା ହେବ ଭଗବାନଙ୍କ ବିଶ୍ୱଯୋଜନାରେ ଜୀବନ ଓ କର୍ମର ଏକ ଅର୍ଦ୍ଧଚେତନ ଆଧାରସ୍ୱରୂପ । ପରେ ଚେତନାର ପରବର୍ତ୍ତୀ ବିକଶିତ ଅବସ୍ଥାରେ ଦିବ୍ୟଜନନୀଙ୍କ ପରାଶକ୍ତିର କୃପା ଓ ହସ୍ତକ୍ଷେପ ଫଳରେ ତାହା ଅହଂର ସଂକୀର୍ଣ୍ଣ ଗଣ୍ଡି ଭିତରୁ ମୁକ୍ତ ହୋଇ ଦିବ୍ୟ ଚେତନାର ଏକ କେନ୍ଦ୍ର ରୂପେ, ଦିବ୍ୟ ସାମର୍ଥ୍ୟ ସମ୍ପନ୍ନ ଏକ ଦିବ୍ୟ ବ୍ୟକ୍ତିତ୍ୱ ରୂପେ ଗଢ଼ି ଉଠିବ । ଏହି ଦିବ୍ୟ ବ୍ୟକ୍ତିତ୍ୱର ଆଧାର ହେବ ଚୈତ୍ୟ-ଚେତନା ଏବଂ ମନ, ପ୍ରାଣ ଓ ଦେହ ଉପରେ ରହିବ ସେହି ଚୈତ୍ୟ ଚେତନାର ପୂର୍ଣ୍ଣ କର୍ତ୍ତୃତ୍ୱ । ଯେହେତୁ ଚୈତ୍ୟ ଚେତନା ହେଉଛି ଭଗବତ୍ ଚେତନାର ଏକ ସଚେତ ଓ ସକ୍ରିୟ ଅଙ୍ଗ, ଏକ ଦିବ୍ୟ ଚେତନା, ତେଣୁ ସେହି ଚେତନାର ମାଧମ ଓ ସହାୟତାରେ ଆମେ ଭଗବାନଙ୍କ ସହ, ତାଙ୍କ ଶକ୍ତି ସହ ଆମର ଅଭିନ୍ନ ଏକାତ୍ମତା ଉପଲବ୍ଧି କରିବୁ । ଏହିଠାରୁ ଦିବ୍ୟ ରୂପାନ୍ତରର ସଚେତ ପ୍ରକ୍ରିୟା ଆରମ୍ଭ ହୋଇଥାଏ ଯଥାର୍ଥ ଭାବରେ ।

ଏହି ରୂପାନ୍ତର ପ୍ରକ୍ରିୟା ଓ ପୂର୍ଣ୍ଣଯୋଗର ସମସ୍ତ ସାର୍ଥକତା ପାଇଁ ଆମକୁ ପୂରାପୂରି ନିର୍ଭର କରିବାକୁ ପଡ଼ିବ ପରମା ଭାଗବତୀ ଶକ୍ତି ଦିବ୍ୟ ଜନନୀଙ୍କ ଉପରେ । କାରଣ ଏହାର ଆଦ୍ୟ ପର୍ବଠାରୁ ଆରମ୍ଭ କରି ଅନ୍ତିମ ପର୍ବ ପର୍ଯ୍ୟନ୍ତ ସମସ୍ତ କିଛି ଆୟୋଜନ, ଚାଳନା, ଦିଗ୍‌ନିର୍ଦ୍ଦେଶ, ନିୟନ୍ତ୍ରଣ ଓ ଲକ୍ଷ୍ୟ ସିଦ୍ଧି ଆଦିର ସମସ୍ତ ଭାର ଓ କର୍ତ୍ତୃତ୍ୱ ରହିଛି ତାଙ୍କରି ହାତରେ । ଆମର କାମଟି ହେଲା ମନ, ପ୍ରାଣ ଓ ଦେହ ସମେତ ଆମ ସମଗ୍ର ସତ୍ତା ଓ ଚେତନାକୁ ତାଙ୍କରି ପାଖରେ ପୂର୍ଣ୍ଣ ରୂପେ ସମର୍ପଣ କରିଦେବା । ତା'ହେଲେ କାମଟି ଆଉ ଆମର ହୋଇ ରହିବ ନାହିଁ, କାମଟି ହେବ ତାଙ୍କର । ଶ୍ରୀମା'ଙ୍କ କଥାରେ, "If you surrender completely, it is no more your concern: it's the concern of the Supreme who takes it up and knows better than anybody else what is to be done."

(CWM, Vol. 15, p. 400)

ଅର୍ଥାତ୍, ''ଯଦି ପୂର୍ଣ୍ଣଭାବରେ ତୁମେ ନିଜକୁ ସମର୍ପଣ କରିଦିଅ, ତା'ହେଲେ ଏହା ଆଉ ତୁମର ଦାୟିତ୍ୱ ବା ଚିନ୍ତା-ଭାବନାର ବସ୍ତୁ ହୋଇ ରହିବ ନାହିଁ, ଏହା ହେବ ପରମ ଭଗବାନଙ୍କର କାମ ଓ ତାଙ୍କର ଦାୟିତ୍ୱ । ସେ ଏହି କାମଟିର ଭାର ଗ୍ରହଣ କରିବେ ଓ ଅନ୍ୟ ସମସ୍ତଙ୍କ ଅପେକ୍ଷା ସେ ଭଲଭାବେ ଜାଣନ୍ତି ଯେ ଏଥିପାଇଁ କ'ଣ କରିବାକୁ ହେବ ।''

ସମଗ୍ର ଚେତନା କହିଲେ ଆମକୁ ବୁଝିବାକୁ ହେବ ଆମ ଭିତରେ ଭୁଲ୍ ଠିକ୍, ଭଲ ମନ୍ଦ, ସତ୍ୟ ମିଥ୍ୟା, ସଦିଚ୍ଛା ଓ ନିଷ୍ଠା ସଙ୍ଗରେ ଅସଦିଚ୍ଛା ଓ ଛଳନା ଆଦି ଯାହା କିଛି ରହିଛି ସେସବୁର ସମର୍ପଣ । ଏକେ ତ ଆମ ସମଗ୍ର ଚେତନାର ଅତି ଅଳ୍ପ ଅଂଶ ସମ୍ପର୍କରେ ଆମେ କିଛି ଜାଣିଥାଉ; ଆମ ଅବଚେତନା ଓ ନିଶ୍ଚେତନାରେ ଆମ ସତ୍ତାର କେଜାଣି କେତେଗୁଣ ଅଧିକ ଅଂଶମାନ ରହିଛି ଯାହା ସମ୍ପର୍କରେ ଆମେ ସମ୍ପୂର୍ଣ୍ଣ ଅଜ୍ଞ । ତା' ଛଡ଼ା ଆମେ ନିଜ ଚେତନାର ଯେତିକିଟି ଅଂଶ ବିଷୟରେ ସଚେତ, ସେଗୁଡ଼ିକୁ ମଧ୍ୟ ସମର୍ପଣ କରି ଦେବାକୁ ଆମ ଭିତରେ ନାନା ଦ୍ୱିଧା ଓ କୁଣ୍ଠା ଦେଖାଦିଏ । ଏପରିକି ପୂରାପୂରି ଭୁଲ୍ ବୋଲି ଜାଣିଲେ ମଧ୍ୟ ଆମେ ଅସହାୟଭାବେ ଅନେକ ଗତିବୃତ୍ତିକୁ ପୋଷଣ କରିଚାଲୁ, ସେଗୁଡ଼ିକ ପ୍ରତି ଆମର ଆସକ୍ତିବଶତଃ ହେଉ ବା କାମନା ପୂରଣରୁ ମିଳୁଥିବା କ୍ଷଣିକ ସନ୍ତୋଷ ଯୋଗୁଁ ହେଉ । ଆଉ ମଧ୍ୟ ଆମ ଭିତରେ ଏକ ବଦ୍ଧମୂଳ ସଂସ୍କାର ରହି ଆସିଛି ଯେ ମନ୍ଦିରର ଦେବତାଙ୍କ ପାଖକୁ ବା ଗୁରୁଙ୍କ ପାଖକୁ ଗଲାବେଳେ ଆମ ଭିତରେ କେବଳ ପବିତ୍ର ଓ ଶୁଦ୍ଧଭାବଗୁଡ଼ିକୁ ରଖିବାକୁ ହେବ, ସେତେବେଳେ କୌଣସି ଭୁଲ୍ ବା ଅଶୁଦ୍ଧ ଭାବକୁ ସ୍ଥାନ ନଦେବା ପାଇଁ ବା ସେଗୁଡ଼ିକୁ ଚାପି ଦମନ କରି ରଖିବା ପାଇଁ ସଚେଷ୍ଟ ହୋଇଥାଉ । କିନ୍ତୁ ସେପରି କଲେ ସେଗୁଡ଼ିକୁ ଦୂର କରିବା ପାଇଁ ତାହା ଉପରେ ଦେବତାଙ୍କର, ଗୁରୁଙ୍କର ବା ଅନ୍ତରସ୍ଥ ଦିବ୍ୟ ଉପସ୍ଥିତିର ଶକ୍ତି ଓ ଆଲୋକ ପଡ଼ିବ କିପରି ?

ଯେଉଁମାନେ ସମଗ୍ର ଚେତନାର ଦିବ୍ୟ ରୂପାନ୍ତର ଚାହାନ୍ତି ସେମାନଙ୍କର ଏ ସମ୍ପର୍କରେ କିପରି ମନୋଭାବ ରହିବା ଉଚିତ ତାହା ବୁଝାଇବାକୁ ଯାଇ ଶ୍ରୀମା କହିଛନ୍ତି,

"To give the best one has is very fine and is much appreciated; but to give the worst one has is much more useful; and perhaps this offering is even more appreciated – on condition that it is given in order to get rid of it, not to take it back afterwards!"

(CWM, Vol. 8, p. 309)

ଅର୍ଥାତ୍, ''ତୁମ ଭିତରେ ସବୁଠାରୁ ଯେଉଁ ଭଲ ଜିନିଷଗୁଡ଼ିକ ଅଛି ତାହାକୁ ଅର୍ପଣ କରିଦେବା ଖୁବ୍ ଉତ୍ତମ ଓ ତାହା ଖୁବ୍ ପ୍ରଶଂସନୀୟ; କିନ୍ତୁ ତୁମ ଭିତରେ ସବୁଠାରୁ ଯେଉଁ ମନ୍ଦ ଜିନିଷଗୁଡ଼ିକ ଅଛି ତାହାକୁ ଅର୍ପଣ କରିବା ଅନେକ ଅଧିକ ଉପଯୋଗୀ ଓ ବୋଧହୁଏ ଏହି ନିବେଦନଟି ଅଧିକ ପ୍ରଶଂସନୀୟ – କିନ୍ତୁ ଏହି ସର୍ତ୍ତରେ ଯେ ଏହାକୁ ଦୂର କରିଦେବା ପାଇଁ ଏହା ଅର୍ପଣ କରାଯାଇଛି, ନିଜ ଭିତରକୁ ଏହାକୁ ପୁଣି ଥରେ ଫେରାଇ ନେବା ପାଇଁ ନୁହେଁ ।''

ମା' ଏହି ବିଷୟଟିକୁ ଆହୁରି ପରିଷ୍କାର କରି ବୁଝାଇ କହିଛନ୍ତି ଯେ ଅନେକ ସମୟରେ ସାଧାରଣତଃ ଆମେ ନିଜେ ଯେଉଁ ଅବସ୍ଥାରେ ରହିଥାଉ, ନାନା ଅଶୁଦ୍ଧି ଓ ମଳିନତାରେ ଭରପୂର ଆମ ନିଜର ସେହି ପ୍ରକୃତ ରୂପଟିକୁ ସିଧାସଳଖ ଦେଖିବା ପାଇଁ କୁଣ୍ଠିତ ହେଉ । ତାହା ଉପରେ ନାନା ସୁନ୍ଦର ଓ କୃତ୍ରିମ ରଙ୍ଗର ପୁଟ ଚଢ଼ାଇ ନିଜ ଆଗରେ ନିଜର ଏକ କଳ୍ପିତ ଉତ୍ତମ ଭାବମୂର୍ତ୍ତି ତିଆରି କରିଥାଉ; ନିଜ ଦୋଷ, ଦୁର୍ବଳତା ଓ ଭୁଲ୍‌ତ୍ରୁଟି ସମ୍ପର୍କରେ ନିଜ ଆଗରେ ମନଗଢ଼ା ନାନା ସଫେଇ ଦେଇଥାଉ । ଏପରିକି ବେଳେ ବେଳେ ନିଜର

ଦୋଷତ୍ରୁଟିଗୁଡ଼ିକ ମଧ୍ୟ ଯୁକ୍ତିସମ୍ମତ ଓ ବାଞ୍ଛନୀୟ ବୋଲି ଭାବିବାକୁ ପଶ୍ଚାତ୍‌ପଦ ହେଉନା । କିନ୍ତୁ ମା'ଙ୍କ କହିବାନୁସାରେ ଆମେ ଯେତେବେଳେ ମା'ଙ୍କ ଉପସ୍ଥିତି ବା ଅନ୍ତରସ୍ଥ ଦିବ୍ୟ ଉପସ୍ଥିତି ନିକଟକୁ ଆସୁ ସେତେବେଳେ ସେହି ଦିବ୍ୟ ଚେତନାର ପରିବେଶରେ ଆମେ ସେଗୁଡ଼ିକୁ ସେମାନଙ୍କର ପ୍ରକୃତ ସ୍ୱରୂପରେ ଦେଖୁ । ଆତ୍ମ ପ୍ରବଞ୍ଚନାର, ଅର୍ଥାତ୍ ଭୁଲ୍‌କୁ ଠିକ୍ ଭାବିବାର ଓ ଦୋଷକୁ ଗୁଣ ଭାବିବାର କୌଣସି ଅବକାଶ ନଥାଏ । କାରଣ ସତ୍ୟର ଆଲୋକରେ ସେଗୁଡ଼ିକର ମୁଖା ବା କୃତ୍ରିମ ଆବରଣ ଖସିପଡ଼େ । ମା' କହିଛନ୍ତି ତାହାହିଁ ହେଉଛି ସେଗୁଡ଼ିକୁ ଦୂର କରିଦେବା ପାଇଁ ସଂକଳ୍ପ ନେବାର ସମୟ । କାରଣ ଦିବ୍ୟ ଉପସ୍ଥିତିର ଶକ୍ତି ଓ ଆଲୋକ ଆଗରେ ନିଜ ଭିତରର ସମସ୍ତ ଅଦିବ୍ୟତାକୁ ଦୂର କରିଦେବାର ସବୁଠୁ ବଡ଼ ସୁଯୋଗ ସେତେବେଳେ ମିଳିଥାଏ ।

ସେଇଥିପାଇଁ ମା' ତାଙ୍କ ନିକଟକୁ ଆସୁଥିବା ସାଧକମାନଙ୍କୁ କହୁଥିଲେ, "If you come allowing all the bad movements to rise to the surface, to show themselves; if you offer them, if you say, 'Well, this is how I am', and if at the same time you have the aspiration to be different, then this second of presence is extremely useful; you can, yes, in a few seconds receive the help you need to get rid of them; while if you come like a little saint and go away content, without having received anything, it is not very useful."

(CWM, Vol. 8, p. 308)

ଅର୍ଥାତ୍, ''ମୋ ନିକଟକୁ ଆସିବା ବେଳେ ତୁମେ ଯଦି ତୁମ ଭିତରେ ରହିଥିବା ସମସ୍ତ ମନ୍ଦ ଗତିବୃତ୍ତିଗୁଡ଼ିକୁ ବାହ୍ୟ ସମ୍ମୁଖ ଭାଗକୁ ଉଠି ଆସିବା ପାଇଁ ସମ୍ମତି ଦିଅ ଓ ସେଗୁଡ଼ିକୁ ନିଜକୁ ପ୍ରଦର୍ଶିତ କରିବା ପାଇଁ ଛାଡ଼ି ଦିଅ; ଯଦି ସେଗୁଡ଼ିକୁ ଅର୍ପଣ କର ଏବଂ କୁହ ଯେ 'ମୁଁ ପ୍ରକୃତରେ ଏହିପରି' ଏବଂ ତହିଁ ସଙ୍ଗେ ସଙ୍ଗେ ଅନ୍ୟ ଉତ୍ତମ କିଛି ହେବା ପାଇଁ ତୁମର ଅଭୀପ୍ସା ଥାଏ, ତା'ହେଲେ ସେହି ଗୋଟିଏ ମୁହୂର୍ତ୍ତର ଉପସ୍ଥିତି ଅତ୍ୟନ୍ତ ଉପଯୋଗୀ ହୋଇଥାଏ । ହଁ, ମାତ୍ର କେଇଟି ସେକେଣ୍ଡରେ ତୁମେ ସେଗୁଡ଼ିକ ଦୂର କରିଦେବା ପାଇଁ ଆବଶ୍ୟକ ସାହାଯ୍ୟ ପାଇଥାଅ; ଅଥଚ ତୁମେ ଯଦି ଛୋଟ ସାଧୁଟିଏ ସାଜି ଆସିବ ଓ କିଛି ଗ୍ରହଣ ନକରି ସନ୍ତୁଷ୍ଟ ହୋଇ ଚାଲିଯିବ ତେବେ ତାହାର ବିଶେଷ କିଛି ଉପଯୋଗିତା ନାହିଁ ।''

ମା' ସ୍ଥୂଳ ଶରୀର ନେଇ ଆଜି ଆମ ଭିତରେ ନାହାନ୍ତି, ଶାରୀରିକ ଭାବରେ ତାଙ୍କ ନିକଟକୁ ଆସିବା ସମ୍ଭବ ନୁହେଁ; କିନ୍ତୁ ଆମ ଭିତରେ ସୂକ୍ଷ୍ମ ଶରୀର ନେଇ ସେ ନିତ୍ୟ ବିରାଜମାନ ହୋଇ ରହିଛନ୍ତି । ବର୍ତ୍ତମାନ ମଧ୍ୟ ଆମେ ଚେତନାଗତ ଭାବେ ତାଙ୍କର ଦିବ୍ୟ ସୂକ୍ଷ୍ମ ଉପସ୍ଥିତି ଆଗରେ ଆମର ସମସ୍ୟା ଓ ବାଧାବିଘ୍ନ ବିଷୟ, ଆମର ଦୋଷ-ଦୁର୍ବଳତା ବିଷୟ ଜଣାଇ ପାରିବା । ଆମର ଦୃଢ଼ ବିଶ୍ୱାସ ରହିବା ଆବଶ୍ୟକ ଯେ ସେ ଆମର ସମସ୍ତ ପ୍ରାର୍ଥନା ଶୁଣୁଛନ୍ତି ଓ ତାହାର ଉତ୍ତର ଦେଉଛନ୍ତି – ନିଜର ଅବାରିତ କୃପା, ଶକ୍ତି ଓ ଆଲୋକର ବାରି ବର୍ଷଣ କରି । ତେଣୁ ଆମେ ନିଜ ଭିତରର କୌଣସି ଭୁଲ୍, କୌଣସି ଅଶୁଦ୍ଧି ଓ ଦୋଷ-ଦୁର୍ବଳତା ମା'ଙ୍କୁ ଅର୍ପଣ କରିପାରୁ, ତାହା ଦୂର କରିବା ପାଇଁ, କୌଣସି ଦ୍ୱିଧା ଓ କୁଣ୍ଠା ନରଖି ମା'ଙ୍କୁ ତାହା ଜଣାଇ ପାରୁ । ତାଙ୍କ ଦିବ୍ୟ ଓ ସୂକ୍ଷ୍ମ ଉପସ୍ଥିତିକୁ ପ୍ରତ୍ୟକ୍ଷ ନକରି ପାରିଲେ ମଧ୍ୟ ମନରେ ମା'ଙ୍କୁ ସ୍ମରଣ କରି ତାହା କରିପାରୁ । ତା'ହେଲେ ସେଗୁଡ଼ିକ ଉପରେ ମା'ଙ୍କର ଆଲୋକ ନିଶ୍ଚୟ ପଡ଼ିବ ଓ ସେଗୁଡ଼ିକ ଦୂର ହୋଇଯିବ । ମା'ଙ୍କ କହିବାନୁସାରେ :

"Automatically the Consciousness acts like that, it is like the ray that brings light where there wasn't any. Only, what is needed is to be in a state where one *wants* to give up the thing, to get rid of it – not to cling to it and keep it. If one sincerely wants to pull it out of oneself, make it disappear, then it is very useful."

(CWM, Vol. 8, p. 308)

ଅର୍ଥାତ୍, ''ଦିବ୍ୟ ଚେତନା ଆପେ ଆପେ ସେହିପରି ଭାବରେ କ୍ରିୟା କରେ, ଏହା ଏକ ରଶ୍ମି ଭଳି ଆଲୋକ ଆଣିଦିଏ ଯେଉଁଠି ତାହା ନଥିଲା । କେବଳ ଯାହା ଆବଶ୍ୟକ ତାହା ହେଉଛି ଏପରି ଏକ ଅବସ୍ଥାରେ ରହିବା ଯେତେବେଳେ ତୁମେ ସେହି ଭୁଲ୍ ଜିନିଷଟିକୁ ଦୂର କରି ଦେବାକୁ ଚାହଁ – ତାହାକୁ ଜାବୁଡ଼ି ଧରି ରଖିବାକୁ ଚାହଁ ନାହିଁ । ଯଦି ଜଣେ ଆନ୍ତରିକ

ଭାବରେ ନିଜ ଭିତରୁ ତାହାକୁ କାଢ଼ି ଫୋପାଡ଼ି ଦେବାକୁ ଚାହେଁ, ତାହା ପୂରା ଅନ୍ତର୍ଦ୍ଧାନ ହୋଇ ଯିବାକୁ ଚାହେଁ, ତା'ହେଲେ ଏହା ଖୁବ୍ ଉପଯୋଗୀ ।''

ପଣ୍ଡିଚେରୀ ଆଶ୍ରମର ବିଶିଷ୍ଟ ଲେଖକ, ଶତାୟୁ ସାଧକ ଶ୍ରୀଯୁକ୍ତ ସେଠ୍‌ନା ସମସ୍ତଙ୍କୁ କୁହନ୍ତି, "Remember and offer." ''ସ୍ମରଣ କର ଓ ଅର୍ପଣ କର ।'' ତାଙ୍କର ବିଚାର ଓ ଅନୁଭବରେ ସାଧନାର ଏହି ସୂତ୍ରଟି ସମସ୍ତ ସମସ୍ୟା ଓ ବାଧାବିଘ୍ନ ଦୂର କରିବା ପାଇଁ ସବୁଠୁ ବଡ଼ ପ୍ରତିଷେଧକ ଓ ମହୌଷଧି । ମା'ଙ୍କ ବାଣୀର ଯେଉଁ ବାକ୍ୟଗୁଡ଼ିକରୁ ଶ୍ରୀଯୁକ୍ତ ସେଠ୍‌ନା ଏହା ସଂଗ୍ରହ କରିଛନ୍ତି ତାହା ହେଲା, "In all pursuits, intellectual or active, your one motto should be, 'Remember and Offer.' Let whatever you do be done as an offering to the Divine. And this too will be an excellent discipline for you; it will prevent you from doing many foolish and useless things."

(CWM, Vol. 3, p. 26)

ଅର୍ଥାତ୍, ''ସମସ୍ତ ଲକ୍ଷ୍ୟାନୁସରଣରେ ତାହା ବୁଦ୍ଧି-ପ୍ରଧାନ ହେଉ ବା ସକ୍ରିୟ କର୍ମ-ପ୍ରଧାନ ହେଉ, ତୁମର ନୀତି ହେବା ଉଚିତ, 'ସ୍ମରଣ କର ଓ ଅର୍ପଣ କର ।' ତୁମେ ଯାହା ବି କରନା କାହିଁକି ତାହା ଭଗବାନଙ୍କୁ ଏକ ଅର୍ପଣ ବା ନିବେଦନ ରୂପେ କର । ଏବଂ ଏହା ମଧ୍ୟ ତୁମ ପାଇଁ ହେବ ଏକ ଚମତ୍କାର ସାଧନା-ଶୃଙ୍ଖଳା; ଏହା ତୁମକୁ ଅନେକ ନିର୍ବୋଧ ଓ ଅର୍ଥହୀନ କାମରୁ ନିବୃତ୍ତ କରାଇବ ।''

ମା'ଙ୍କର ଏହି କଥାଗୁଡ଼ିକ ପଢ଼ିଲା ବେଳକୁ ଆମକୁ ଯେତେ ସହଜ ଲାଗୁଛି, ପ୍ରକୃତରେ ଯେତେବେଳେ ବାସ୍ତବ କର୍ମକ୍ଷେତ୍ରରେ ଆମେ ଏହାର ପ୍ରୟୋଗ କରୁ, ଏହାକୁ ଆମର ଏକ ଅଭ୍ୟାସରେ ପକାଇବା ପାଇଁ ଚେଷ୍ଟା କରୁ ସେତେବେଳେ ଆମେ ବୁଝି ପାରିବୁ ଏହା ପ୍ରକୃତରେ କେତେ କଷ୍ଟସାଧ୍ୟ । କାରଣ କୌଣସି କଥାରେ ବା କାହା ଉପରେ ହଠାତ୍ ରାଗିଯିବା, କାହାର ଆଚରଣରେ ହଠାତ୍ ଏକ ବିରକ୍ତିକର ଭାବ ଆସିବା, କାହା ପ୍ରତି ଅଭିମାନ ଆସିବା, ଦ୍ୱେଷ ବା ଈର୍ଷା ଭାବ ଆସିବା ବା କୌଣସି ବିଷୟରେ ଆମ ଭିତରେ ଦମ୍ଭ, ଗର୍ବ, ଅହମିକା ବା ପ୍ରଲୋଭନ ବା ଉଚ୍ଚାଭିଳାଷ ଆଦିର ଭାବ ହଠାତ୍ ସ୍ଫୀତ ହୋଇ ଉଠିବା – ଏହି ଧରଣର ଅନୁଭୂତି ଊଣା ଅଧିକେ ସମସ୍ତଙ୍କର ଥିବ । ସେହିପରି ଉଲ୍ଲାସ, ଭୟ, ବିସ୍ମୟ, ଆସକ୍ତି, ଅବସାଦ ଓ ହତାଶା ଆଦି ଭାବ ମଧ୍ୟ ଆମ ଭିତରେ ହଠାତ୍ ଆସି ଦେଖା ଦିଅନ୍ତି । କେବଳ ପ୍ରାଣିକ କ୍ଷେତ୍ରରେ ନୁହେଁ, ମାନସିକ କ୍ଷେତ୍ରରେ ନାନା ଭାବନା, ବିଚାର ଓ ଚିନ୍ତାସବୁ ଓ ଦୈହିକ କ୍ଷେତ୍ରରେ ମଧ୍ୟ ଅଶ୍ୱସ୍ତି, ପୀଡ଼ା ଓ ବେଦନା ଆଦି ମଧ୍ୟ ହଠାତ୍ ଦେଖାଦିଏ । ଏହି ସମସ୍ତ ତରଙ୍ଗ ଓ ସ୍ପନ୍ଦନ ସବୁ ଏପରି ଅଚାନକ ଓ ଅତର୍କିତ ଭାବରେ ଆମକୁ ଆକ୍ରମଣ ଓ କବଳିତ କରେ ଯେ ଆମେ ସେଗୁଡ଼ିକ ସମ୍ପର୍କରେ ସଚେତ ହୋଇ, ସେଗୁଡ଼ିକର ପ୍ରବେଶ କାଳରେ ମା'ଙ୍କୁ ସ୍ମରଣ କରି ସେଗୁଡ଼ିକୁ ମା'ଙ୍କୁ ଅର୍ପଣ କରିବାକୁ ଆମେ ଭୁଲିଯାଉ । ବରଂ ଦେହ ବା ମନର କ୍ଷେତ୍ରରେ ମା'ଙ୍କୁ ସ୍ମରଣ କରିବା ପାଇଁ କିଛିଟା ଅବକାଶ ମିଳେ କିନ୍ତୁ ପ୍ରାଣର କ୍ଷେତ୍ରରେ ତାହା କଷ୍ଟସାଧ୍ୟ ହୋଇଥାଏ । କୌଣସି ପ୍ରାଣିକ ଆବେଗ, କାମନା, ବାସନା, ମୋହ ବା ଆସକ୍ତିର କୌଣସି ସ୍ପନ୍ଦନ ବା ତରଙ୍ଗ ବେଳେ ବେଳେ ଏତେ ହଠାତ୍ ଓ ଅପ୍ରତ୍ୟାଶିତ ଭାବରେ ଆସି ଆମ ଚେତନାକୁ ସମ୍ମୋହିତ କରେ ଯେ ସଙ୍ଗେ ସଙ୍ଗେ ମା'ଙ୍କୁ ସ୍ମରଣ କରି ସେଗୁଡ଼ିକୁ ଅର୍ପଣ କରିବାକୁ ଆମର ତର ସହେ ନାହିଁ । ଆହୁରି ହାସ୍ୟାସ୍ପଦ ବିଷୟ ହେଉଛି ଆମେ ଏଗୁଡ଼ିକ ସହ ଏକାତ୍ମ ହୋଇ ଏସବୁରେ ଏତେ ମଜ୍ଜିଯାଉ ଯେ ମା'ଙ୍କୁ ସ୍ମରଣ ଓ ଅର୍ପଣ କରିବା ପାଇଁ ଆମ ଭିତରେ କିଛିଟା କୁଣ୍ଠାଭାବ ମଧ୍ୟ ଆସେ, କାଳେ ଏଗୁଡ଼ିକରୁ ମିଳୁଥିବା ବିଭୋର ଭାବ ହ୍ରାସ ପାଇଯିବ ବୋଲି । ଯଦି ଆମେ ମା'ଙ୍କୁ ସ୍ମରଣ ଓ ଅର୍ପଣ କରି ଥାଆନ୍ତୁ ତା'ହେଲେ ମା' ଆମକୁ ଦେଖାଇ ଦେଇ ଥାଆନ୍ତେ ହୁଏତ ଏଗୁଡ଼ିକ ଆମ ଭିତରର ଭାବ ନୁହେଁ – ବାହାରୁ, ପରିବେଶ ଭିତରୁ ଆସିଛି ବା ଏଗୁଡ଼ିକ କେତେ କ୍ଷଣିକ ଓ ଅନ୍ତଃସାରଶୂନ୍ୟ ।

ତେଣୁ ଆମ ଭିତରେ ଭଲ ହେଉ ବା ମନ୍ଦ ହେଉ କୌଣସି କିଛି ପାଇଁ ଆଗ୍ରହ ବା କର୍ମ ତତ୍ପରତା ଭାବର ଉନ୍ମେଷ ହେଲେ, କୌଣସି କ୍ରିୟା ପ୍ରତିକ୍ରିୟା ଭାବର ଉଦୟ ହେଲେ, ମା'ଙ୍କୁ ସ୍ମରଣ କରି ସେଗୁଡ଼ିକୁ ମା'ଙ୍କୁ ଅର୍ପଣ କରି ଦେବାର ଅର୍ଥ ହେଉଛି ସେସବୁର ସମୁଚିତ ବିଧାନ ପାଇଁ ମା'ଙ୍କ କୃପା ଓ ଶକ୍ତିକୁ ଆବାହନ କରିବା । ପ୍ରତିଟି କର୍ମରେ ମା'ଙ୍କୁ ସ୍ମରଣ ଓ ଅର୍ପଣ କରିବା ଆମର କାମ, ତେଣିକି ଫଳାଫଳ କଥା ମା' ବୁଝିବେ । ଏହି ଭାବଟିକୁ ନିତିଦିନ ଅଭ୍ୟାସ କରି ଆମକୁ ଚେତନାର ସେହି ଅବସ୍ଥା ଦିଗରେ ଆଗେଇ

ଯିବାକୁ ହେବ, ଯାହାକୁ ଆମେ କହୁଛୁ 'ସମଗ୍ର ଚେତନାର ସମର୍ପଣ'।

କିନ୍ତୁ ସମଗ୍ର ଚେତନାର ସମର୍ପଣର ଅର୍ଥ ହେଉଛି ସାଧନାର ଶେଷ ଅବସ୍ଥାରେ ପହଞ୍ଚିବା, ଯେତେବେଳେ ଯାହାଙ୍କୁ ସମର୍ପଣ କରାଯାଉଛି ଓ ଯେ ସମର୍ପଣ କରୁଛନ୍ତି – ଏହି ଉଭୟଙ୍କ ଭିତରେ ବ୍ୟବଧାନ ରେଖାଟି କ୍ରମଶଃ କ୍ଷୀଣ ହୋଇ ଶେଷରେ ପୂରା ନିଶ୍ଚିହ୍ନ ହୋଇଯିବ। କାରଣ ଏକହିଁ ପରମ ଅଦ୍ୱୈତ ସତ୍ୟ ଭକ୍ତ ରୂପେ ନିଜକୁ ସମର୍ପଣ କରୁଛନ୍ତି ଓ ଭଗବାନ୍ ରୂପେ ସେହି ସମର୍ପଣକୁ ଗ୍ରହଣ କରୁଛନ୍ତି। ସମଗ୍ର ବିଶ୍ୱଜଗତ ସେହି ଏକହିଁ ପରମ ସତ୍ୟ ଛଡ଼ା ଅନ୍ୟ କିଛି ନୁହେଁ। ତାଙ୍କର ପରମା ଶକ୍ତି ବିଶ୍ୱ ଜନନୀହିଁ ସମର୍ପିତ ସମଗ୍ର ଚେତନାକୁ ନିଜ ବାହୁପାଶରେ ଆଲିଙ୍ଗନ କରି ନିଜର ଦିବ୍ୟ ପରମ ଚେତନା ସହ ମିଳାଇ ଏକ କରି ଦିଅନ୍ତି।

ଏହି ଅବସ୍ଥାରେ ପହଞ୍ଚିବାର ବାଟ ହେଉଛି ମା'ଙ୍କ କଥାରେ,

"The whole life turned towards the Divine, offered to the Divine, at the service of the Divine, to become little by little an expression of the Divine."

(CWM, Vol. 14, p. 106)

ଅର୍ଥାତ୍, ''ସମଗ୍ର ଜୀବନ ଭଗବାନଙ୍କ ଅଭିମୁଖୀ ହେବା, ଭଗବାନଙ୍କୁ ସମର୍ପିତ ହେବା, ଭଗବାନଙ୍କ ସେବାରେ ନିୟୋଜିତ ହେବା, ଧୀରେ ଧୀରେ ଭଗବାନଙ୍କର ଅଭିବ୍ୟକ୍ତି ଓ ପ୍ରକାଶ ହୋଇ ଉଠିବା।''

ଭଗବାନଙ୍କୁ ସମଗ୍ର ଜୀବନର ଏହି ସର୍ବତୋମୁଖୀ ସମର୍ପଣ ଗୋଟିଏ ଦିନରେ ହୋଇଯିବ ନାହିଁ। ଏଥିପାଇଁ 'Remember and offer' ସୂତ୍ରଟିକୁ ଆମ ବାସ୍ତବ ଜୀବନ ଓ କର୍ମରେ ନିରନ୍ତର ଅଭ୍ୟାସ କରି ଚାଲିବାକୁ ହେବ, ଯେତେବେଳେ ଶେଷରେ ଆମେ ଦେଖିବୁ ଯେ ମା'ଙ୍କୁ ସ୍ମରଣ ଓ ଅର୍ପଣ କରିବାର କ୍ରିୟାଟି ଆମ ଭିତରେ ନିତ୍ୟ ନିରନ୍ତର ଓ ଅବିଚ୍ଛିନ୍ନ ଭାବରେ ଆପେ ଆପେ ଚାଲିଛି ଓ ଆମର ସମଗ୍ର ଜୀବନ ଓ ଚେତନା ହୋଇ ଉଠିଛି ମା'ଙ୍କ ହାତରେ ଏକ ସଚେତ ଓ ସାର୍ଥକ ଯନ୍ତ୍ର। ❖

**ଭ୍ରମ ସଂଶୋଧନ**

ନଭେମ୍ବର, ୨୦୨୪ ନବଜ୍ୟୋତି ସଂଖ୍ୟାର 'ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର' ଶୀର୍ଷକରେ ପୃଷ୍ଠା ୭୧ ର ପ୍ରଥମ ସ୍ତମ୍ଭ, ତୃତୀୟ ଧାଡ଼ିରେ 'ଶ୍ରୀଅରବିନ୍ଦଙ୍କ ବିରୋଧରେ' ପରିବର୍ତ୍ତେ 'ଶ୍ରୀଅରବିନ୍ଦଙ୍କ ସପକ୍ଷରେ' ହେବ। ପୁନର୍ବାର ଫେବ୍ରୁଆରୀ, ୨୦୨୫ ନବଜ୍ୟୋତି ସଂଖ୍ୟାର ପୃଷ୍ଠା ୬୯ରେ ଦ୍ୱିତୀୟ ସ୍ତମ୍ଭର ଫଟୋଚିତ୍ରରେ "An Open Letter to My Countrymen" ସ୍ଥାନରେ "To My Countrymen" ହୋଇଯାଇଛି। ମୁଦ୍ରଣ ଜନିତ ତ୍ରୁଟି ମାର୍ଜନୀୟ।



କାରାମୁକ୍ତି ପରେ ଶ୍ରୀଅରବିନ୍ଦ, ମେ-ଜୁନ୍, ୧୯୦୯

ଶ୍ରୀଅରବିନ୍ଦଙ୍କ କଲିକତା ଜୀବନର ସଂକ୍ଷିପ୍ତ ବିବରଣୀ ସହ ସେହି ସମୟସୀମା ଭିତରେ ତାଙ୍କର ଶ୍ରୀପାଦ ସ୍ପର୍ଶ କରିଥିବା ବିଭିନ୍ନ ସ୍ଥାନ ଓ ନିକଟ ସାନ୍ନିଧ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କର ଫଟୋଚିତ୍ରର ଏକ ସମାହାର ।

(ଅଷ୍ଟମ ପର୍ବ)




**ପଶ୍ଚିମବଙ୍ଗ**

ଉତ୍ତରପଡ଼ା
ବିଡ଼ନ୍ ସ୍କୋୟାର୍
ହାଓଡ଼ା
କୁମାରତୁଲି ପାର୍କ
କଲେଜ୍ ସ୍କୋୟାର୍
ଗ୍ରୀଅର୍ ପାର୍କ
ଚୁଁଚୁଡ଼ା, ହୁଗୁଳି
ବିଶୁଦ୍ଧାନନ୍ଦ ସରସ୍ୱତୀ ବିଦ୍ୟାଳୟ
(ହ୍ୟାରିସନ୍ ରୋଡ଼)
ହରିଶ୍ ପାର୍କ
ମିଳନ ମନ୍ଦିର ଭୂମି



ଶ୍ରୀଅରବିନ୍ଦ

**ପୂର୍ବବଙ୍ଗ ଓ ଆସାମ**

ଫରିଦ୍‌ପୁର
ଝଲକାଟି
ବାସନ୍ଦା
ବରିଶାଲ
ଖୁଲ୍‌ନା
ଜଲସୁକିୟା, ସୁର୍ମା
ନାରାୟଣଗଞ୍ଜ

ଶ୍ରୀଅରବିନ୍ଦ ଜେଲରୁ ମୁକ୍ତି ପାଇବା ପରେ ଏବଂ ଚନ୍ଦନନଗର ଯିବା ସକାଶେ ଦିବ୍ୟ ଆଦେଶ ପାଇବା ପୂର୍ବରୁ ଯେଉଁସବୁ ସ୍ଥାନରେ ସେ ଉପସ୍ଥିତ ଥିଲେ ସେସବୁର କିଞ୍ଚିତ୍ ଆଭାସ ମାତ୍ର ।

ଏଠାରେ ଉଲ୍ଲେଖନୀୟ ଭାବରେ ଲକ୍ଷ୍ୟ କରିବାର କଥା ଯେ ଏହିସବୁ ସ୍ଥାନର ଗ୍ରାମବାସୀଗଣ ଶ୍ରୀଅରବିନ୍ଦଙ୍କର ଇଂରାଜୀ ଭାଷଣ ଆଦୌ ନବୁଝି ପାରିବା ସତ୍ତ୍ୱେ ତାଙ୍କୁ ଦର୍ଶନ କରିବାର ପ୍ରବଳ ଉତ୍କଣ୍ଠାରେ ଏବଂ ସେ କେମିତି କଥା କହନ୍ତି ତା' ହୃଦୟଭରି ଶ୍ରବଣ କରିବା ନିମନ୍ତେ ସଭାସ୍ଥଳରେ ନୀରବରେ ପ୍ରବଳ ଭିଡ଼ ଜମାଉ ଥିଲେ ।

**୧୯ ଜୁନ୍, ୧୯୦୯ର ସକାଳେ ଶ୍ରୀଅରବିନ୍ଦ ଝଲକାଟି ଜାତୀୟ ବିଦ୍ୟାଳୟର ହଲ୍**ରେ ଅନୁଷ୍ଠିତ ଏକ ଉତ୍କୃଷ୍ଟମାନର ଚାରୁଶିଳ୍ପକଳାପୂର୍ଣ୍ଣ ଶିଳ୍ପ-ପ୍ରଦର୍ଶନୀ ଉଦ୍‌ଘାଟନ କଲେ । ... ଜାତୀୟ ତେଜସ୍ୱିତା ପୋଷଣ କରିବାରେ ଏବଂ ଜାତୀୟ ଚରିତ୍ର ଗଠନ କରିବାରେ ଜାତୀୟ ଶିକ୍ଷାର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱ ଦେଇ ଶ୍ରୀଅରବିନ୍ଦ ଏକ ମର୍ମସ୍ପର୍ଶୀ ଭାଷଣ ଦେଇଥିଲେ । ...



ତଦାନୀନ୍ତନ ଝଲକାଟି ଜାତୀୟ ବିଦ୍ୟାଳୟର କିୟଦଂଶ

**ବରିଶାଲର ଜିଲ୍ଲା ସ୍ତରୀୟ ସମ୍ମିଳନୀ ସେହିଦିନ ଅପରାହ୍ଣ ୩ଟାରେ ଜାତୀୟ ବିଦ୍ୟାଳୟର ପ୍ରାଙ୍ଗଣ**ରେ ଆରମ୍ଭ ହେବାର ନିର୍ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ଠିକ୍ ନିର୍ଦ୍ଦିଷ୍ଟ ସମୟରେ ପ୍ରଚଣ୍ଡ ଝଡ଼ବତାସ ଆରମ୍ଭ ହେଲା । ... ଘଣ୍ଟାକ ପରେ ସଭାକାର୍ଯ୍ୟ ଆରମ୍ଭ ହେଲା । ପାଗ ତୀବ୍ର ଭାବରେ ପ୍ରତିକୂଳ ଥିଲେ ମଧ୍ୟ ତିନି ହଜାର ପାଖାପାଖି ଶ୍ରୋତା ଘଣ୍ଟାଏ କାଳ ଧରି ମନ୍ତ୍ରମୁଗ୍ଧ ହୋଇ ଶ୍ରୀଅରବିନ୍ଦଙ୍କର ମର୍ମସ୍ପର୍ଶୀ ଭାଷଣ ଶ୍ରବଣ କରିଥିଲେ ।

ତାଙ୍କ ଭାଷଣରୁ ଉଦ୍ଧୃତି : ''... ଆମ ଜାତିକୁ ଉଦ୍ଧାର କରିବାକୁ ହେଲେ ... ଆମକୁ ଅତୁଟ ସାହସ, ଦୃଢ଼ ମନୋବଳ ଓ ଅସୀମ ସହ୍ୟଶକ୍ତି ନେଇ (ଝଡ଼ଝଞ୍ଜାଦିର) ସମ୍ମୁଖୀନ ହେବାକୁ ହେବ । ଦିବ୍ୟଜନନୀ ଆମଠାରୁ ଏହାହିଁ ଚାହାନ୍ତି ଏବଂ ଭଗବାନଙ୍କର ଆମ ଉପରେ ଏହାହିଁ ଦାବୀ । ...'' (ସମଗ୍ର ଭାଷଣଟି 'The Hammer of God' ଶିରୋନାମାରେ ପ୍ରକାଶିତ ।)

**୨୧ ଜୁନ୍, ୧୯୦୯ର ସନ୍ଧ୍ୟା ସମୟରେ** ବାବୁ ରାଜେନ୍ଦ୍ର ପାଲଙ୍କ ସହିତ ଶ୍ରୀଅରବିନ୍ଦ ଝଲକାଟିରୁ ବାହାରି **ପୂର୍ବବଙ୍ଗର ବାସନ୍ଦା** ଅଭିମୁଖେ ଯାତ୍ରା କଲେ । ... ସେଠାରୁ **୨୨ ତାରିଖ ସକାଳେ ବରିଶାଲ ସହର** ଅଭିମୁଖେ ଯାତ୍ରା କଲେ । ବରିଶାଲର ଖ୍ୟାତନାମା ଜମିଦାର ବାବୁ ଉପେନ୍ଦ୍ରନାଥ ସେନ୍ ରାୟଚୌଧୁରୀ ତାଙ୍କୁ ତାଙ୍କର ବାସଭବନକୁ ସାଦର ଅଭ୍ୟର୍ଥନା-ପୂର୍ବକ ପାଛୋଟି ନେଲେ ।

**୨୩ ଜୁନ୍, ସକାଳ ୭ଟାରେ ବରିଶାଲର 'ଧର୍ମରକ୍ଷିଣୀ ସଭାସ୍ଥଳ'**ରେ ଶ୍ରୀଅରବିନ୍ଦ ଘଣ୍ଟାକରୁ ଅଧିକ ସମୟ ଧରି ହିନ୍ଦୁ ଧର୍ମ ଉପରେ ଭାଷଣ ଦେଇଥିଲେ । ସଭାସ୍ଥଳଟି ଶ୍ରୋତାମଣ୍ଡଳୀଙ୍କ ଦ୍ୱାରା ଭର୍ତ୍ତି ହୋଇ ଯାଇଥିବା ଫଳରେ ଶ୍ୱାସରୁଦ୍ଧ ଅବସ୍ଥା ଉପୁଜି ଥିଲା । ...

ସେହିଦିନ ସନ୍ଧ୍ୟାରେ **ବରିଶାଲର 'ରାଜା ବାହାଦୁର ହାବେଳି'** ମଇଦାନରେ ଅନୁଷ୍ଠିତ ଏକ ବିରାଟ ସାଧାରଣ ସଭାରେ ଶ୍ରୀଅରବିନ୍ଦ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଭାଷଣ ଦେଇଥିଲେ । ... (ସମଗ୍ର ଭାଷଣଟି 'Repression and Reform' ଶିରୋନାମାରେ ପ୍ରକାଶିତ ।)



ତଦାନୀନ୍ତନ ବରିଶାଲ ଅଞ୍ଚଳର ଦୃଶ୍ୟ

**୨୫ ଜୁନ୍, ୧୯୦୯, ଶୁକ୍ରବାର – ପୂର୍ବବଙ୍ଗର ଖୁଲ୍‌ନାର 'ଧର୍ମସଭାସ୍ଥଳ'**ରେ ଶ୍ରୀଅରବିନ୍ଦ ଗୀତା ଉପରେ ଭାଷଣ ଦେଇଥିଲେ । ଭାଷଣର ନାମ : 'On the Gita' । ଏହି ଭାଷଣରୁ କିଛି ଉଦ୍ଧୃତି :

''... ଗୀତାର ଶିକ୍ଷା ହେଉଛି ଜୀବନ ସମ୍ପର୍କୀୟ ଶିକ୍ଷା । ଏହା ମନୁଷ୍ୟକୁ ମହାନ୍ କରିଦିଏ, ତାକୁ ଚରମ ସାମର୍ଥ୍ୟ ଓ ପରମ ଆନନ୍ଦ ଲାଭ କରାଏ, ଯାହା ଉପଲବ୍ଧି କରିବା ମନୁଷ୍ୟ-ଜୀବନର ଲକ୍ଷ୍ୟ ।''


ତଦାନୀନ୍ତନ ଖୁଲ୍‌ନାର ଏକ ସାଧାରଣ ଦୃଶ୍ୟ

**୨୭ ଜୁନ୍, ୧୯୦୯, ରବିବାର, ଅପରାହ୍ଣ ୫ଟା – ହାଓଡ଼ା ଟାଉନ୍ ହଲ୍**ରେ ''କଲିକତାରେ ହାଓଡ଼ା ପିଉପିଲ୍‌ସ୍ ଆସୋସିଏସନ୍‌ସ''ର ବାର୍ଷିକ ସମ୍ମିଳନୀରେ ଶ୍ରୀଅରବିନ୍ଦ ଭାଷଣ ଦେଇଥିଲେ । ଏହି ଭାଷଣଟି ତାଙ୍କର ବ୍ୟାପକ ଓ ସୁଦୀର୍ଘ ରାଜନୈତିକ ଭାଷଣ ମଧ୍ୟରେ ଅନ୍ୟତମ । ଭାଷଣଟିର ନାମ : ''The Right of Association'' । ଏଥିରୁ କିଛି ଉଦ୍ଧୃତି :

''... ଗୋଟିଏ ସ୍ଥାନ ରହିଛି ଯେଉଁଠି ଆମେ ସମସ୍ତେ ପରସ୍ପରକୁ ଭେଟୁ ଏବଂ ସେଇଟି ହେଉଛି ଆମ ସମସ୍ତଙ୍କର ଜନନୀ ମାତୃଭୂମି; ... ଏ ହେଉଛନ୍ତି ଜୀବନ୍ତ ସତ୍ତା ... ଯାହାଙ୍କ ମଧ୍ୟରେ ଆମେ ବିଚରଣ କରିଥାଉ ଓ ଯାହାଙ୍କ ମଧ୍ୟରେ ଆମର ସତ୍ତା ବିଦ୍ୟମାନ । ... ଏହି ଆଦର୍ଶହିଁ କଳିଯୁଗର ଧର୍ମ ... ।''


ହାଓଡ଼ା ଟାଉନ୍ ହଲ୍

**୧୧ ଜୁଲାଇ, ୧୯୦୯, ରବିବାର, ଅପରାହ୍ଣ ସାଢ଼େ ୪ଟା – କଲିକତାର କୁମାରଟୁଲି ପାର୍କ**ରେ ଶ୍ରୀଅରବିନ୍ଦଙ୍କ ଭାଷଣ । ଏହି ଭାଷଣଟିର ନାମ : ''The Blood of Raktabij'' । ଏହି ଭାଷଣର ଶେଷ ଆଡ଼କୁ ସେ ଉଲ୍ଲେଖ କରିଥିଲେ :

''ଅଗଷ୍ଟ ୭ ହେଉଛି ଅସହଯୋଗ ଆନ୍ଦୋଳନ(boycott)ର ଜନ୍ମଦିବସ ଏବଂ ଭାରତର ନୂତନ ଆତ୍ମ-ଜାଗରଣର ଜନ୍ମଦିବସ । ଯଦି ଘୋଷଣା କରୁଥିବା (ଉପରୋକ୍ତ) ଏହି କଣ୍ଠସ୍ୱରକୁ ନୀରବ କରି ଦିଆଯାଏ, ଯଦି ଏହାର ସଂଗଠକମାନଙ୍କୁ କାରାଗାରକୁ ନିଆଯାଏ, ... ତଥାପି ଏପରି କେତେକେ ନିଶ୍ଚୟ ରହିବେ ଯେଉଁମାନେ ତାଙ୍କ ଜନନୀଙ୍କ ନାମ ନେବାକୁ ଭୟ କରନ୍ତି ନାହିଁ, ... ଏମାନଙ୍କର ରକ୍ତ ହେଉଛି 'ରକ୍ତବୀଜ'ର ରକ୍ତ ।'' (ସଭାସ୍ଥଳଟି ହର୍ଷଧ୍ୱନିରେ ମୁଖରିତ ହୋଇଉଠିଥିଲା ।)


ତଦାନୀନ୍ତନ କୁମାରଟୁଲି ପାର୍କ



ତଦାନୀନ୍ତନ କଲେଜ ସ୍କୋୟାର୍ ମଧ୍ୟରେ ଥିବା ମଇଦାନ
(ଅଧୁନା ବିଦ୍ୟାସାଗର ଉଦ୍ୟାନ)

**୧୮ ଜୁଲାଇ, ୧୯୦୯, ରବିବାର, ଅପରାହ୍ଣ ସାଢ଼େ ୫ଟା – କଲିକତାର କଲେଜ ସ୍କୋୟାର୍ ମଇଦାନ**ରେ ଶ୍ରୀଅରବିନ୍ଦଙ୍କ ଭାଷଣ । ଭାଷଣଟିର ନାମ : ''Co-operation and Passive Resistance'' । ଏହି ଭାଷଣରୁ କିଛି ଉଦ୍ଧୃତି :


''... ଆମ ହୃଦୟର ଯାହା ପ୍ରିୟ ସେହି ଆଦର୍ଶକୁ ତ୍ୟାଗ କରିପାରିବୁ ନାହିଁ । ... ତୁମେ (ସରକାରଙ୍କୁ ଉଦ୍ଦେଶ୍ୟ କରି) ଯଦି ଆମର ମୌଳିକ ଅଧିକାରଗୁଡ଼ିକୁ ଛଡ଼ାଇ ନିଅ ତା'ହେଲେ ଆମ ପାଇଁ ଯାହା ବାକି ରହିବ ତାହା ହେଉଛି ନିଷ୍କ୍ରିୟ ପ୍ରତିରୋଧ, ଶାନ୍ତିପୂର୍ଣ୍ଣ ଭାବରେ ଦୁଃଖବରଣ ଓ ଆମଠାରୁ ଦାବି କରାଯାଉଥିବା (ସରକାରଙ୍କର) ହାସ୍ୟୋଦ୍ଦୀପକ ସହଯୋଗର ପ୍ରତ୍ୟାଖ୍ୟାନ ।''

**୭ ଅଗଷ୍ଟ, ୧୯୦୯, ଶନିବାର, ଅପରାହ୍ଣ ୩ଟାରୁ ୬ଟା ।** କଲିକତାରେ 'ବୟକଟ୍'ର ଚତୁର୍ଥ ବାର୍ଷିକୋତ୍ସବରେ ଶ୍ରୀଅରବିନ୍ଦଙ୍କର ଯୋଗଦାନ । ଏହି ସମ୍ମିଳନରେ ସ୍କୁଲ କଲେଜରେ ଛାତ୍ରମାନଙ୍କୁ ଯୋଗ ନ ଦେବାକୁ ଇତିପୂର୍ବରୁ ସରକାରଙ୍କର କଡ଼ା ହୁକୁମ ଥିବା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଯୁବ-ଛାତ୍ର ଓ ଦେଶବାସୀ ବର୍ଷାପାଗ ଯୋଗୁଁ ସାଢ଼େ ୩ଟାରେ **କଲେଜ ସ୍କୋୟାର୍**ରୁ ଶୋଭାଯାତ୍ରା ଆରମ୍ଭ କରି ପ୍ରାୟ ସାଢ଼େ ୪ଟା ବେଳକୁ **ଗ୍ରୀଅର୍ ପାର୍କ**ରେ ଏକତ୍ର ହୋଇଉଠିଥିଲେ । ... ସଭାପତି ମହୋଦୟ (ନରମପନ୍ଥୀ ନେତା) ବାବୁ ଭୂପେନ୍ଦ୍ର ନାଥ ସନ୍ଧ୍ୟା ୫ଟାରୁ ଭାଷଣ ଦେବା ଆରମ୍ଭ କରି ୬ଟା ପର୍ଯ୍ୟନ୍ତ କହି ଚାଲିଲେ; ତା'ପରେ 'ସ୍ୱଦେଶୀ ଶପଥ' ପାଠ କରିସାରିବା ପରେ ପରେ ଶ୍ରୋତାମଣ୍ଡଳୀଙ୍କର ବିଭିନ୍ନ ପ୍ରାନ୍ତରୁ ଚିତ୍କାର ଶୁଭିଲା – 'ଅରବିନ୍ଦ ବାବୁଙ୍କୁ ଏଥର କହିବାକୁ ଦିଅନ୍ତୁ ।' ସଭାସ୍ଥଳ ଭୀଷଣ ବିଶୃଙ୍ଖଳା ଓ ଉତ୍ତେଜନାରେ ଭରିଗଲା । ଇତ୍ୟବସରେ ଶ୍ରୀଅରବିନ୍ଦ ନିଜ ଆସନରୁ ଉଠି ମଞ୍ଚ ଉପରକୁ ଆସିବାକୁ ଉଦ୍ୟତ ହେବା ମାତ୍ରେ ବାବୁ ଭୂପେନ୍ଦ୍ର ନାଥ ଉଚ୍ଚସ୍ୱରରେ ଘୋଷଣା କଲେ ଯେ (ସରକାରଙ୍କର 'ସନ୍‌ସେଟ୍ ରେଗୁଲେସନ୍' ନିୟମ ଅନୁଯାୟୀ) ସଭାକାର୍ଯ୍ୟ ବନ୍ଦ ହେବାର ସମୟ ଟପି ଗଲାଣି । ଏଥିରେ ଶ୍ରୋତାମଣ୍ଡଳୀ ହତାଶ ହୋଇ ଉଚ୍ଚକଣ୍ଠରେ ଶ୍ରୀଅରବିନ୍ଦଙ୍କୁ ଅନୁରୋଧ କରି କହିଲେ ଯେ ସେ ଥରେ ମାତ୍ର ମଞ୍ଚ ଉପରକୁ ଉଠିଆସି ଛିଡ଼ା ହୁଅନ୍ତୁ, ବିଦାୟ ନେବା ପୂର୍ବରୁ ତାଙ୍କୁ ମୁହୂର୍ତ୍ତେ ମାତ୍ର ଯେମିତି ଦର୍ଶନ କରି ପାରନ୍ତି । ...



ତଦାନୀନ୍ତନ ଗ୍ରୀଅର୍ ପାର୍କ

''ମି. ଅରବିନ୍ଦ ଘୋଷଙ୍କୁ ମଞ୍ଚ ଉପରେ ଛିଡ଼ା ହେବାର ଦେଖିବା ମାତ୍ରେ ଜନତା ବର୍ଣ୍ଣନାତୀତ ଭାବରେ ଆନନ୍ଦୋଲ୍ଲାସରେ ମାତି ଉଠିଥିଲେ । ଏହି ସଭାରେ ନିଃସନ୍ଦେହ ଭାବରେ ସେ ହୋଇଉଠିଥିଲେ ପ୍ରଧାନ ଅଧିନାୟକ । ('The hero of the meeting.')'' – (ଲଣ୍ଡନର '*The Times*' ପତ୍ରିକା)



ତଦାନୀନ୍ତନ ହାଓଡ଼ା ସେତୁ

**୫ ଓ ୬ ସେପ୍ଟେମ୍ବର, ୧୯୦୯, ରବିବାର ଓ ସୋମବାର, ହୁଗୁଳିର ଚୁଁଚୁଡ଼ାରେ, ଗୌରାଙ୍ଗ ନାଟ୍ୟ ମନ୍ଦିରରେ** ବଙ୍ଗଳାର ପ୍ରାଦେଶିକ ସମ୍ମିଳନୀରେ ଶ୍ରୀଅରବିନ୍ଦ ଯୋଗଦେଇ ଏକ ସଂକ୍ଷିପ୍ତ ଭାଷଣ ଦେଇଥିଲେ ।



ଡଚ୍ ଭିଲ୍ଲାର ମୁଖ୍ୟ ପ୍ରବେଶ ଦ୍ୱାର । ଜାତୀୟଦଳର ଆମନ୍ତ୍ରିତ ନେତାଗଣଙ୍କୁ ଏହି ଭିଲ୍ଲାରେ ରହିବାର ସୁବନ୍ଦୋବସ୍ତ କରା ଯାଇଥିଲା ।

ଏହି ସମ୍ମିଳନୀରେ ନରମପନ୍ଥୀ ନେତାଗଣ ଅସାଧୁ ଉପାୟ ଅବଲମ୍ବନ କରି ଜାତୀୟଦଳର ବିଶିଷ୍ଟ ନେତାଗଣଙ୍କୁ, ବିଶେଷ କରି ଶ୍ରୀଅରବିନ୍ଦଙ୍କୁ ଆମନ୍ତ୍ରିତ ପ୍ରତିନିଧିଗଣଙ୍କ ତାଲିକାରୁ ବାଦ୍ ଦେବାକୁ ଚେଷ୍ଟା କରିଥିଲେ । ଶ୍ରୀଅରବିନ୍ଦ କିନ୍ତୁ ବିଭିନ୍ନ ପ୍ରତିଷ୍ଠାନରୁ ନିର୍ବାଚିତ ହୋଇ ବେଙ୍ଗଲର ଅନ୍ୟାନ୍ୟ ନେତାଙ୍କ ସହ ଚୁଁଚୁଡ଼ା ଷ୍ଟେସନରେ ୪ ତାରିଖ ସନ୍ଧ୍ୟାରେ ପଦାର୍ପଣ କଲେ । ଉପସ୍ଥିତ ବିପୁଳ ଜନତାଙ୍କର ହାର୍ଦ୍ଦିକ ଅଭ୍ୟର୍ଥନା ସହ ସେମାନଙ୍କୁ ଚୁଁଚୁଡ଼ାର ଡଚ୍ ଭିଲ୍ଲା ଅଭିମୁଖେ ପାଛୋଟି ନିଆଯାଇଥିଲା । ଏହି ଭିଲ୍ଲାର ତଳ ମହଲାରେ ଥିବା ଏକ ହଲ୍‌ରେ ଉପରୋକ୍ତ ସମ୍ମିଳନୀରେ ଆମନ୍ତ୍ରିତ ଜାତୀୟଦଳର ସମସ୍ତ ନେତାଙ୍କ ସହ ସ୍ୱେଚ୍ଛାସେବକବୃନ୍ଦଙ୍କୁ ଶ୍ରୀଅରବିନ୍ଦ ଭେଟିଥିଲେ ।



ତଦାନୀନ୍ତନ ଗୌରାଙ୍ଗ ନାଟ୍ୟ ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାର । ଅତୀତରେ ଏହା ଡଚ୍‌ମାନଙ୍କର ନୃତ୍ୟ ପ୍ରେକ୍ଷାଳୟ ଥିଲା ।



ଡଚ୍ ଭିଲ୍ଲାର ଏହି ହଲ୍‌ଟି ଜାତୀୟଦଳର ସମସ୍ତ ଆମନ୍ତ୍ରିତ ନେତାଙ୍କର ମିଳନ-ସ୍ଥଳ ଥିଲା ।

**୫ ତାରିଖ ଦିନ** ପୁନଶ୍ଚ ଉପରୋକ୍ତ ହଲ୍‌ରେ ଜାତୀୟ ଦଳର ସମସ୍ତ ପ୍ରତିନିଧି ଏକତ୍ର ହୋଇ ଏକ ଘରୋଇ ଆଲୋଚନା କରିଥିଲେ ।



ଡଚ୍ ଭିଲ୍ଲାର ଭିତର ଅଗଣା ଓ ପ୍ରଥମ ମହଲାର କିୟଦଂଶ । ଶ୍ରୀଅରବିନ୍ଦ ଏହି ଉପର ମହଲାର ଏକ ନିର୍ଦ୍ଦିଷ୍ଟ କକ୍ଷରେ ୪ ଓ ୫ ତାରିଖ ରାତ୍ରିରେ ବିଶ୍ରାମ ନେଇଥିଲେ ।

***୬ ତାରିଖ, ସୋମବାର ।*** ଚୁଁଚୁଡ଼ାର ଗୌରାଙ୍ଗ ନାଟ୍ୟ ମନ୍ଦିରରେ ଉପରୋକ୍ତ ସମ୍ମିଳନୀର ଉଦ୍‌ଘାଟନ ହେଲା । ସଭାସ୍ଥଳଟି ୧୫୦୦ରୁ ଊର୍ଦ୍ଧ୍ୱ ଶ୍ରୋତୃବୃନ୍ଦଙ୍କ ଦ୍ୱାରା ରୀତିମତ ଭରପୂର ଥିଲା । ଏଥିରେ ପ୍ରଭୂତ ମାତ୍ରାରେ ଯୁବଗୋଷ୍ଠୀ ଥିଲେ ଏବଂ ଜାତୀୟଦଳ ସଂଖ୍ୟା ଗରିଷ୍ଠ ଥିଲେ । ... ଯେତେବେଳେ ଜାତୀୟଦଳ ହୃଦୟଙ୍ଗମ କଲେ ଯେ ସଭାରେ 'ବୟକଟ୍' (ବିଦେଶୀ ବର୍ଜନ) ସମ୍ବନ୍ଧେ ନରମପନ୍ଥୀମାନଙ୍କ ସିଦ୍ଧାନ୍ତ ରହିବାକୁ ଯାଉଛି ସେତେବେଳେ ସେମାନେ, କହିବାକୁ ଗଲେ ପ୍ରାୟ ସମଗ୍ର ସଭାସ୍ଥଳ ଉଚ୍ଚ ସ୍ୱରରେ ଅଭିଯୋଗ କରି ହଟ୍ଟଗୋଳ ଆରମ୍ଭ କରିଦେଲେ; ଏକେବାରେ ଅବାଧ ହୋଇଉଠିଲେ । ...




ରାୟବାହାଦୁର୍ ବୈକୁଣ୍ଠ ନାଥ ସେନ୍
(୧୮୪୩-୧୯୨୧)

ବୟୋଜ୍ୟେଷ୍ଠ ଏବଂ ସର୍ବୋଚ୍ଚ କ୍ଷମତାସମ୍ପନ୍ନ ସଭାପତି ମହୋଦୟ ନରମପନ୍ଥୀ ନେତା ଶ୍ରୀଯୁକ୍ତ ବୈକୁଣ୍ଠ ନାଥ ସେନ୍ ମଧ୍ୟ ସଭାସ୍ଥଳକୁ କରାୟତ୍ତ କରିପାରିଲେ ନାହିଁ। ଏପରିକି ବୟୋଜ୍ୟେଷ୍ଠ ଓ ବରିଷ୍ଠ ନରମପନ୍ଥୀ ନେତା ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ମଧ୍ୟ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ବିଫଳ ମନୋରଥ ହୋଇ କ୍ରୋଧରେ ଫାଟି ପଡ଼ିଲେ । ...

ଏଥର କିନ୍ତୁ ଶ୍ରୀଅରବିନ୍ଦ (ସୁରାଟ କଂଗ୍ରେସରେ ଯାହା କରିଥିଲେ ତା'ର ଠିକ୍ ବିପରୀତ) ସେହି ଉଚ୍ଛୃଙ୍ଖଳ, ଦୁର୍ଦାନ୍ତ ଜନତା ସାମନାରେ ସଭାମଞ୍ଚରେ ଛିଡ଼ା ହୋଇ ନିଜର ଦକ୍ଷିଣ ବାହୁ ଉର୍ଦ୍ଧ୍ୱକୁ ଟୋଳି ଧରିଲେ । ... ସମସ୍ତ ପ୍ରକାର ଦୁର୍ଦାନ୍ତ ଉଚ୍ଛୃଙ୍ଖଳତା ଆଖି-ପିଛୁଳାକେ ଥମ୍ ହୋଇଗଲା । ...

ସଭାସ୍ଥଳ ଏକେବାରେ ଶାନ୍ତ ହୋଇଯିବା ପରେ ଏବଂ 'ବୟକଟ୍' ପ୍ରସ୍ତାବ ଉପରେ ଭୋଟ ଗ୍ରହଣ ହେବା ପୂର୍ବରୁ ଶ୍ରୀଅରବିନ୍ଦ ତାଙ୍କ ଦଳର ବ୍ୟକ୍ତିମାନଙ୍କୁ ସଭାସ୍ଥଳରୁ ବାହାରିଯିବା ପାଇଁ କହିଲେ । ଅତି ଆଶ୍ଚର୍ଯ୍ୟଜନକ ଭାବରେ ଶ୍ରୀଅରବିନ୍ଦଙ୍କୁ ଗଭୀର ସମ୍ମାନ ପ୍ରଦର୍ଶନପୂର୍ବକ ତାଙ୍କ ଦଳର ସମସ୍ତ ବ୍ୟକ୍ତି ଶୃଙ୍ଖଳାବଦ୍ଧ ହୋଇ ନୀରବରେ  ବାହାରକୁ ବାହାରି ଆସିଲେ । ...



ସାର୍ ସୁରେନ୍ଦ୍ର ନାଥ ବାନାର୍ଜୀ
(୧୮୪୮-୧୯୨୫)


ତା'ପରେ ଶ୍ରୀଅରବିନ୍ଦ ତାଙ୍କ ପ୍ରଦତ୍ତ ସଂକ୍ଷିପ୍ତ ଭାଷଣ ଆରମ୍ଭ କଲେ : "I pray you to hear me in perfect silence. ..."

ଶ୍ରୀଅରବିନ୍ଦଙ୍କ ଭାଷଣ ପରେ ସଭାପତି ମହୋଦୟ ତାଙ୍କର ଅନ୍ତିମ ଭାଷଣରେ ଶ୍ରୀଅରବିନ୍ଦଙ୍କର ଏକ ଉକ୍ତି ସମ୍ପର୍କରେ ମନ୍ତବ୍ୟ ଦେବାକୁ ଯାଇ ଜାତୀୟଦଳଙ୍କୁ 'ଆସନ୍ତାକାଲିର ଅଧୀର ଆଦର୍ଶବାଦୀ' ('Impatient Idealists') ବୋଲି ସମ୍ବୋଧନ କରି ଅପେକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ପ୍ରତ୍ୟୁତ୍ତରରେ ଶ୍ରୀଅରବିନ୍ଦ 'କର୍ମଯୋଗିନ୍'ରେ ସେପ୍ଟେମ୍ବର ୧୧ରେ 'Impatient Idealists' ଶିରୋନାମାରେ ଏହାର ଯଥାଯୋଗ୍ୟ ଉତ୍ତର ଦେବାକୁ ଯାଇ ପରିଶେଷରେ ଉଲ୍ଲେଖ କରିଥିଲେ : ''... ବର୍ତ୍ତମାନ ଅବସ୍ଥାରେ କେଉଁଟା ଅଧିକ ଅବାସ୍ତବ ଓ ଆଦର୍ଶସ୍ଥାନୀୟ – ଜାତୀୟଦଳର ଅଧୀରତା ନା ହୁଗୁଳି ସମ୍ମିଳନୀର ସଭାପତି ମହୋଦୟଙ୍କର ଅଳସୁଆମୀ ଓ ଆଶ୍ୱାସନାପୂର୍ଣ୍ଣ ଧୈର୍ଯ୍ୟ ?'' ପୁନଶ୍ଚ 'ଧର୍ମ' ପତ୍ରିକାର ସମ୍ପାଦକୀୟ ସ୍ତମ୍ଭରେ 'ହୁଗୁଳିର ପରିଣାମ' ଶିରୋନାମାରେ ଶ୍ରୀଅରବିନ୍ଦ ଲେଖିଥିଲେ, ''... ହୁଗୁଳି ସମ୍ମିଳନୀରେ ଆମ୍ଭେମାନେ ପ୍ରବଳ ହୋଇ ମଧ୍ୟ ଦୁର୍ବଳ ନରମପନ୍ଥୀଙ୍କର ଜିଦ୍ ରକ୍ଷା କରିବା ଦ୍ୱାରା ଏକତାର ସେହି କ୍ଷୀଣ ଆଶା ଯେପରି ଆମମାନଙ୍କ ଦୋଷରେ ବିନଷ୍ଟ ନହୁଏ, ଏହି ଲକ୍ଷ୍ୟ ରଖି ପ୍ରାଦେଶିକ ସମିତିକୁ ଅକାଳମୃତ୍ୟୁର ହାତରୁ ରକ୍ଷା କଲୁ । ...''

୨୦ ସେପ୍ଟେମ୍ବର, ୧୯୦୯ରେ ବେଙ୍ଗଲ ଗଭର୍ଣ୍ଣମେଣ୍ଟର ରିପୋର୍ଟ ଥିଲା : ''... ଯଦି 'ବୟକଟ୍' ଓ 'ଅସହଯୋଗ ଆନ୍ଦୋଳନ' କୌଣସି ପ୍ରକାରେ ତିଷ୍ଠି ରହେ ତେବେ ଏହା ଅରବିନ୍ଦ ଘୋଷଙ୍କ ପ୍ରଦର୍ଶିତ ମାର୍ଗ ରୂପରେହିଁ ତିଷ୍ଠି ରହିବ । ... ବେଙ୍ଗଲ ସମ୍ପର୍କରେ ଏତିକି କୁହାଯାଇପାରେ ଯେ ଏବେ ଚରମପନ୍ଥୀ ବା ନରମପନ୍ଥୀ ବୋଲି ଆଉ କେହି ନାହାନ୍ତି; ବୋଧହୁଏ ସର୍ବସାଧାରଣଙ୍କ ଶାନ୍ତିଭଙ୍ଗ ନିମନ୍ତେ ଆଉ ଏକ ନୂତନ ଶକ୍ତିର ଆବିର୍ଭାବ ହେଉଛି ।''



ତଦାନୀନ୍ତନ ହୁଗୁଳିର ଚୁଁଚୁଡ଼ା ଅଞ୍ଚଳର ଏକ ସାଧାରଣ ଦୃଶ୍ୟ



‘ସୁର୍ମା ଭେଲ୍ଲୀ ସମ୍ମିଳନୀ’ରେ ଗ୍ରାମବାସୀଙ୍କ ସହିତ ଶ୍ରୀଅରବିନ୍ଦ

**୧୧ ସେପ୍ଟେମ୍ବର, ୧୯୦୯, ଶନିବାର, ଅପରାହ୍ଣ ୨ଟା ୫୦ ମି. – ପୂର୍ବବଙ୍ଗର ଶ୍ରୀହଟ୍ଟ ଜିଲ୍ଲା ସମିତିରେ** (ଜଲସୁକାରେ) ଶ୍ରୀଅରବିନ୍ଦଙ୍କର ଯୋଗଦାନ । ଏହାକୁ ମଧ୍ୟ ‘ସୁର୍ମା ଭେଲ୍ଲୀ ସମ୍ମିଳନୀ’ କୁହାଯାଏ ।

ଏହି ଗସ୍ତକର୍ମ ଶ୍ରୀଅରବିନ୍ଦଙ୍କୁ, ଅନ୍ତତଃ କିଛି ଦିନ ସକାଶେ ସଦାଚଞ୍ଚଳ ଓ ବ୍ୟସ୍ତତାଭରା ବେଙ୍ଗଲର ବାହାରକୁ ଯାଇ ଅତି ସାଧାରଣ ଗ୍ରାମବାସୀଙ୍କ ଗହଣରେ ଆସିବାକୁ ଏବଂ ଏହା ‘ସୁଜଲାମ୍ ସୁଫଲାମ୍’ ମାତୃଭୂମିର ପ୍ରାକୃତିକ ଶୋଭାସମ୍ଭାର ଉପଭୋଗ କରିବାକୁ ଏକ ଅପୂର୍ବ ସୁଯୋଗ ଦେଇଥିଲା ।


ଏହି ଗସ୍ତକର୍ମରେ ଶ୍ରୀଅରବିନ୍ଦ ସ୍ୱତଃପ୍ରବୃତ୍ତ ହୋଇ ଦେଶ ଭ୍ରମଣରେ ତୀବ୍ର ଆଗ୍ରହୀ ନଳିନୀ କାନ୍ତ ଗୁପ୍ତ ଓ ବିଜୟ ନାଗଙ୍କୁ ସାଥିରେ ନେଇ ଯାଇଥିଲେ ।



ନଳିନୀକାନ୍ତ ଗୁପ୍ତ
(ବୟସ ୨୧)

ଏବେ ଏହି ଗସ୍ତକର୍ମ ସମ୍ବନ୍ଧେ ନଳିନୀଙ୍କର ବର୍ଣ୍ଣନାରୁ ଉଦ୍ଧୃତି : ‘‘... ନଦୀମାତୃକ ବଙ୍ଗଳାର ମୂର୍ତ୍ତି ନୂତନ କରି, ନୂତନ ଦୃଷ୍ଟିରେ ପୁଣି ଦେଖିବାକୁ ପାଇଲୁ – ଜଳ, ଜଳ, ଏତେ ଜଳ ଆଉ କୌଣସିଠାରେ ପ୍ରାୟତଃ ଦେଖିବାକୁ ମିଳେ ନାହିଁ – ଉପରେ ଆକାଶ ଯେମିତି ବିସ୍ତୃତ, ନିମ୍ନରେ ସେମିତି ଜଳ ।

‘‘ଗୋୟାଲନ୍ଦ, ନାରାୟଣଗଞ୍ଜ, – ପଦ୍ମା, ଶୀତଲାକ୍ଷ । ତା’ପରେ ମେଘନା – ଜାଗ୍ରତ୍ ଜଳେଶ୍ୱରୀ – ତା’ ନିକଟରେ ପ୍ରବାହିତା ବିପୁଳା ଧଳେଶ୍ୱରୀ । ତା’ପରେ ସୁର୍ମା ନଦୀ । ... ଷ୍ଟିମରରେ ଯାତ୍ରା କରୁଥିଲୁ ବରାବର, ଦିନ ପରେ ଦିନ । ତା’ପରେ ନୌକାରେ ଫେରିଲୁ । ... ଦିଗନ୍ତ ବିସ୍ତାରି ସ୍ଥିର ନିର୍ମଳ ଜଳ ପ୍ରସାର । ମଝିରେ ମଝିରେ ଟିକିଏ ଉଚ୍ଚା ସ୍ଥାନ ଥିବାର ଦେଖା ଯାଉଥାଏ; ଏଠାରେ, ସେଠାରେ କ୍ଷୁଦ୍ର କ୍ଷୁଦ୍ର ଗ୍ରାମ ବା ବସତିସବୁ । ଦିନେ ଏକ ଆଗତପ୍ରାୟ ସନ୍ଧ୍ୟାର ଅସ୍ତଗାମୀ ସୂର୍ଯ୍ୟଙ୍କର ସିନ୍ଦୂରୀ-ଆଭାରେ ଜଳସ୍ଥଳ ଗୋଲାପି ହୋଇ ଉଠିଥିଲା, ତା’ରି ମଧ୍ୟଦେଇ ଆମେ ଗତି କରୁଥିଲୁ ମନ୍ଥରଗାମୀ ନୌକାରେ । ଆମ ସହିତ ଥିଲେ ଶ୍ରୀଅରବିନ୍ଦ ଓ ଜଣେ ଦୁଇଜଣ ନେତା । ...’’



ବିଜୟ ନାଗ
(ବୟସ ୧୯)

‘ଧର୍ମ’ ପତ୍ରିକାର ସମ୍ପାଦକୀୟ ସ୍ତମ୍ଭରେ ‘ଶ୍ରୀହଟ୍ଟ ଜିଲ୍ଲା ସମିତି’ ଶିରୋନାମାରେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଥିଲେ : ‘‘... ପ୍ରଥମତଃ, ‘ସମିତି’ ରାଜନୀତିର ସଂକୀର୍ଣ୍ଣ ଗଣ୍ଡିର ବାହାରକୁ ଯାଇ ବିଲାତ ଗମନର ପ୍ରଶଂସନୀୟତା ପ୍ରଚାର କରିଛନ୍ତି ଏବଂ ଜାତୀୟଭାବାପନ୍ନ ବିଲାତ ପ୍ରତ୍ୟାଗତ ବ୍ୟକ୍ତିଙ୍କୁ ସମାଜରେ ଗ୍ରହଣ କରିବାକୁ ଆହ୍ୱାନ ଜଣାଇଛନ୍ତି । ... ଏ ସମ୍ବନ୍ଧରେ ବିଷୟ-ନିର୍ବାଚନ ସମିତିରେ ବିଲାତ-ଯାତ୍ରା ବିରୋଧୀର ସଂଖ୍ୟା ଏଗାର ଜଣରୁ ଅଧିକ ନଥିଲା । ... ପାଞ୍ଚଶହ ପ୍ରତିନିଧିମାନଙ୍କ ମଧ୍ୟରେ ପ୍ରାୟ ଚାଳିଶ ଜଣ ପ୍ରସ୍ତାବ ବିରୋଧରେ ମତ ଦେଇଥିଲେ । ଶତ ଶତ କଣ୍ଠର ଗଗନଭେଦୀ ‘ବନ୍ଦେ ମାତରମ୍’ ଧ୍ୱନି ସହ ପ୍ରସ୍ତାବ ଗୃହୀତ ହେଲା ।



ସୁର୍ମା ନଦୀବକ୍ଷରୁ ସୁର୍ମା ଭେଲ୍ଲୀର ଦୃଶ୍ୟ

''ଦ୍ୱିତୀୟତଃ, ଅଧିବେଶନ ସମୟରେ ଏହି ପ୍ରସ୍ତାବ ଭିନ୍ନ ଅନ୍ୟ କୌଣସି ପ୍ରସ୍ତାବ ଗ୍ରହଣ ସକାଶେ ବକ୍ତୃତା ଦିଆଯାଇ ନଥିଲା । ...

''ତୃତୀୟତଃ, ଅଧିବେଶନଟି ସହରରେ ନହୋଇ ଜଳପ୍ଲାବିତ ଜଲସୁକା ଗ୍ରାମର ସୁର୍ମା ଭେଲ୍ଲୀରେ ୪୦୦ ଗଜ ଲମ୍ବା ଜେଟି ଉପରେ ହୋଇଥିଲା ।

''ଚତୁର୍ଥତଃ, ସଭାପତିର ଆସନରେ କୌଣସି ଲବ୍ଧ ପ୍ରତିଷ୍ଠ ଓକିଲ ବା ବିଖ୍ୟାତ ରାଜନୈତିକ ବକ୍ତାଙ୍କୁ ନ ବସାଇ ଜଣେ ସୁପଣ୍ଡିତ ଧାର୍ମିକ ସନ୍ନ୍ୟାସୀ ତୁଲ୍ୟ ନିଷ୍ଠାବାନ୍ ଏବଂ ଧୋତି-ଚାଦର-ପରିହିତ ଓ ରୁଦ୍ରାକ୍ଷମାଳା-ଶୋଭିତ ବ୍ରାହ୍ମଣଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଭାବରେ ନିର୍ବାଚନ କରାଯାଇଥିଲା । – ଏ ସମସ୍ତ ସୁଲକ୍ଷଣ ଦେଖି କାହା ମନରେ ଆଶା ଓ ଆନନ୍ଦର ସଞ୍ଚାର ନହେବ ?...''


ପଦ୍ମା ନଦୀ

**୨୦ ସେପ୍ଟେମ୍ବର, ସୋମବାର – ପୂର୍ବବଙ୍ଗର ନାରାୟଣଗଞ୍ଜଠାରେ** ଶ୍ରୀଯୁକ୍ତ କେ. କେ. ମଲ୍ଲିକଙ୍କର ଆୟୋଜିତ ସମ୍ମିଳନୀରେ ଶ୍ରୀଅରବିନ୍ଦ ସଭାପତିତ୍ୱ କରି ଏକ କ୍ଷୁଦ୍ର ଭାଷଣ ପ୍ରଦାନ କରିଥିଲେ । ...

ପୁନଶ୍ଚ ନଳିନୀଙ୍କ ବର୍ଣ୍ଣନାରୁ ଉଦ୍ଧୃତି : ''ଶ୍ରୀଅରବିନ୍ଦ ସଭା-ସମିତିରେ ଇଂରାଜୀରେ ବକ୍ତୃତା ଦେଉଥିଲେ । ଅନ୍ୟ ସମୟରେ ଲୋକମାନଙ୍କ ସହିତ ଦେଖା-ସାକ୍ଷାତ୍ କରୁଥିଲେ, ପରାମର୍ଶ ଦେଉଥିଲେ । କିନ୍ତୁ ସଭା ସମିତିରେ ଲୋକମାନେ ବେଶୀଭାଗ ଥିଲେ ଇଂରାଜୀ ଅନଭିଜ୍ଞ – ସାଧାରଣ ଗାଁ ଗହଳିର ଅଧିବାସୀ । କିନ୍ତୁ ତାଙ୍କର କଣ୍ଠସ୍ୱର ଶୁଣିବାକୁ ଏବଂ ତାଙ୍କୁ ଦର୍ଶନ କରିବାକୁ ଦଳ ଦଳ ଲୋକ ଆସୁଥିଲେ – ଆବାଳବୃଦ୍ଧବନିତା । ସେ ଯେତେବେଳେ ସଭାରେ ବକ୍ତୃତା ଦେବାକୁ ଛିଡ଼ା ହେଉଥିଲେ, ଚତୁର୍ଦ୍ଦିଗ ନିର୍ବାତ ନିଷ୍କମ୍ପ । ଶ୍ରୋତାଗଣ ନିଶ୍ଚୟ କିଛି ମାତ୍ରାରେ ବାକ୍ୟାତୀତ ସ୍ପନ୍ଦନ ଅନୁଭବ କରୁଥିଲେ । ସେତେବେଳେ ସେ ଯେ କେବଳ ରାଜନୀତିକ କଥା କହୁଥିଲେ, ତା'ନୁହେଁ – ସେ ଯେ ଯୋଗୀ, ସାଧନାର ଦିଶାରୀ – ଏକଥା ବି ଅନେକେ ହୃଦୟଙ୍ଗମ କରିଥିଲେ – ଏ ବିଷୟରେ ବି ତାଙ୍କର ସାହାଯ୍ୟ ଲୋଡୁଥିଲେ । ମୁଁ ଦେଖିଛି – ଯେତେବେଳେ ଜଲସୁକାରେ ତାଙ୍କ ସହିତ ଗୋଟିଏ ଘରେ ରାତ୍ରିବାସ କରିଛି – ପ୍ରାୟ ସମସ୍ତ ରାତ୍ରିଟା ସେ ବସି ବସି ଧ୍ୟାନରତ ଅବସ୍ଥାରେ କଟାଇଥିଲେ; ଶେଷ ପ୍ରହରକୁ କିଛି କ୍ଷଣ ପାଇଁ ଶଯ୍ୟା ଗ୍ରହଣ କରିଥିଲେ । ...


ମେଘନା ନଦୀ


ନଦୀ ବକ୍ଷରୁ ନାରାୟଣଗଞ୍ଜର ଏକ ସାଧାରଣ ଦୃଶ୍ୟ

''ଆମେ ଦଶ-ବାର ଦିନ ପୂର୍ବବଙ୍ଗର ଏଇସବୁ ଅଞ୍ଚଳରେ ଘୂରାଘୂରି କରି ପରେ କଲିକତାକୁ ଫେରିଲୁ ।''

ଖୁବ୍ ସମ୍ଭବତଃ **ଜୁଲାଇ ବା ଅଗଷ୍ଟ, ୧୯୦୯ରେ** ପଣ୍ଡିଚେରୀରୁ ତାମିଲ ଭାଷାରେ ପ୍ରକାଶିତ ସାପ୍ତାହିକ ପତ୍ରିକା ‘ଇଣ୍ଡିଆ’ର ଜନୈକ ସମ୍ବାଦଦାତା କଲିକତାରେ ଶ୍ରୀଅରବିନ୍ଦଙ୍କୁ ତାଙ୍କ ବାସଭବନରେ ସାକ୍ଷାତ୍କାର କରିଥିଲେ । ଏହି ଦୀର୍ଘ ସାକ୍ଷାତ୍କାରର ସମ୍ପୂର୍ଣ୍ଣ ବିବରଣୀ ୧୮ ସେପ୍ଟେମ୍ବର, ୧୯୦୯ରେ ‘ଇଣ୍ଡିଆ’ରେ ତାମିଲରେ ପ୍ରକାଶ ପାଇଥିଲା । ଏହି ସାକ୍ଷାତ୍କାରର ଅନ୍ତିମ ପର୍ଯ୍ୟାୟରେ କଥାପ୍ରସଙ୍ଗରେ ଶ୍ରୀଅରବିନ୍ଦ ଏକ ଅଭୂତପୂର୍ବ ଭବିଷ୍ୟବାଣୀ କରିଥିଲେ । ତନ୍ମଧ୍ୟରୁ କିଛି :

‘‘... ୧୯୦୭ରୁ ଆମେ ଏକ ନୂତନ ଯୁଗରେ ବାସ କରିବାକୁ ଆରମ୍ଭ କରିଛୁ, ଯାହାକି ଭାରତ ସକାଶେ ବହୁ ଆଶା ଓ ଅଭିଳାଷରେ ପରିପୂର୍ଣ୍ଣ । କେବଳ ଭାରତ ନୁହେଁ, ସମଗ୍ର ପୃଥିବୀରେ ଅଚାନକ ଅଭ୍ୟୁତ୍ଥାନ ଓ ବୈପ୍ଲବିକ ପରିବର୍ତ୍ତନ ସବୁ ଦେଖାଦେବ । ... ଜାତିସମୂହ ଓ ସମଗ୍ର ମାନବସମାଜ ନୂତନ ଚେତନା ଓ ନୂତନ ଚିନ୍ତାଧାରାରେ ଉଦ୍ଦୀପିତ ହେବେ ଏବଂ ନୂତନ ନୂତନ ଲକ୍ଷ୍ୟରେ ପହଞ୍ଚିବା ପାଇଁ ନୂତନ ଉଦ୍ୟମସବୁ ହେବ । ଏହି ବୈପ୍ଲବିକ ପରିବର୍ତ୍ତନଗୁଡ଼ିକ ଭିତରେ ଭାରତ ସ୍ୱାଧୀନ ହେବ ।’’



‘ଇଣ୍ଡିଆ’ ପତ୍ରିକାରେ ୧୮ ସେପ୍ଟେମ୍ବର, ୧୯୦୯ରେ ପ୍ରକାଶିତ ଉପରୋକ୍ତ ସାକ୍ଷାତ୍କାରର ସମ୍ପୂର୍ଣ୍ଣ ବିବରଣୀର ଅବିକଳ ନକଲର ପ୍ରଥମ ପୃଷ୍ଠା ।



ତଦାନୀନ୍ତନ କଲେଜ ସ୍କୋୟାର୍ ମଧ୍ୟରେ ଥିବା ମଇଦାନ (ଅଧୁନା ବିଦ୍ୟାସାଗର ଉଦ୍ୟାନ)

**୧୦ ଅକ୍ଟୋବର, ରବିବାର, ଅପରାହ୍ଣ ୪ଟା – କଲିକତାର କଲେଜ ସ୍କୋୟାର୍**ରେ ଶ୍ରୀଅରବିନ୍ଦଙ୍କ ଭାଷଣ । ଭାଷଣର ନାମ ‘On Partition Day – 1’ । ଏହା ପ୍ରଥମେ *‘The Times of India’* (Bombay) ରେ ୧୧ ଅକ୍ଟୋବରରେ ପ୍ରକାଶ ପାଇଥିଲା । ଏଥିରୁ କିଛି ଉଦ୍ଧୃତି :

‘‘ବିପୁଳ ହର୍ଷଧ୍ୱନି ଓ ‘ବନ୍ଦେ ମାତରମ୍’ ସ୍ଲୋଗାନ୍ ଭିତରେ ଶ୍ରୀଅରବିନ୍ଦ ଭାଷଣ ଦେବାକୁ ଦଣ୍ଡାୟମାନ ହେଲେ । ସେ ତାଙ୍କ ଭାଷଣରେ କହିଲେ ଯେ ... କେବଳ ଭାରତ ନୁହେଁ ସାରା ପୃଥିବୀ-ଇତିହାସରେ ୧୬ ଅକ୍ଟୋବର ଏକ ସ୍ମରଣୀୟ ଦିବସରେ ପରିଣତ ହୋଇଛି । ...’’

(୧୬ ଅକ୍ଟୋବର, ୧୯୦୫, ‘ବଙ୍ଗଭଙ୍ଗ ଦିବସ’ ରୂପେ ଘୋଷିତ ହୋଇଥିଲା ।)



The Times of India

BIRTH OF INDIAN REPUBLIC TO BE PROCLAIMED TODAY

Impressive Ceremony To Be Held In New Delhi

FULFIL BAPU'S DREAM

Dr. Prasad's Plea To Countrymen

Dr. Soekarno Wants India's Support

Pension For 'C.R.' Likely

*The Times of India* (Bombay)ର ମୁଖପତ୍ର

**୧୧ ଅକ୍ଟୋବର, ସୋମବାର – କଲିକତାର ୧୫୩, ହ୍ୟାରିସନ୍ ରୋଡ୍‌ରେ ଥିବା ବିଶୁଦ୍ଧାନନ୍ଦ ସରସ୍ୱତୀ ବିଦ୍ୟାଳୟ**ରେ ଅନୁଷ୍ଠିତ ବୈଶ୍ୟ ସଭାରେ ଶ୍ରୀଅରବିନ୍ଦଙ୍କ ଯୋଗଦାନ । ଶ୍ରୀଅରବିନ୍ଦ ଜେଲରେ ଥିବାବେଳେ ତାଙ୍କର ଜନୈକ ସଲିସିଟର୍ ଥିଲେ ମି. ଅଗରୱାଲ । ତାଙ୍କର ନିମନ୍ତ୍ରଣରେ ଶ୍ରୀଅରବିନ୍ଦ ଏହି ସଭାରେ ଯୋଗଦାନ କରିଥିଲେ । ...




ତଦାନୀନ୍ତନ ହ୍ୟାରିସନ୍ ରୋଡ୍, କଲିକତା



୧୫୩ ନଂ. ହ୍ୟାରିସନ୍ ରୋଡ୍‌ରେ ଥିବା ବିଶୁଦ୍ଧାନନ୍ଦ ସରସ୍ୱତୀ ବିଦ୍ୟାଳୟ

**୧୩ ଅକ୍ଟୋବର, ବୁଧବାର, ସନ୍ଧ୍ୟା – କଲିକତାର ଭବାନୀପୁରସ୍ଥ ହରିଶ୍ ପାର୍କ**ରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଶ୍ରୀଅରବିନ୍ଦଙ୍କର ଯୋଗଦାନ ଏବଂ ଭାଷଣ । ଭାଷଣର ନାମ 'On Partition Day – 2' । ଏଥିରୁ କିଛି ଉଦ୍ଧୃତି :

"... ଏହି ବର୍ଷର ୧୬ ଅକ୍ଟୋବର ହେଉଛି ଆମ ଆନ୍ଦୋଳନର ଏକ ଅଗ୍ରଗତି ସୂଚକ ମାଇଲ ଖୁଣ୍ଟ; ସ୍ୱଦେଶୀ ଓ ବୟକଟ୍‌ର ଏହି ଆନ୍ଦୋଳନ ଆମେ ଆରମ୍ଭ କରିଥିଲୁ ଯେତେବେଳେ ବିଭାଜନର କଥା ଉଠୁଥିଲା ।

"... ଯାହା ବି ଘଟୁ ନା କାହିଁକି, ଆମର ସାହସ ଓ ବିଶ୍ୱାସ ଅତୁଟ ରହିବା ଉଚିତ; ସେହି ବିଶ୍ୱାସ ଯାହା ସାମୟିକ ବାଧାବିଘ୍ନ ଓ ପ୍ରତିକୂଳ ଘଟଣାକୁ ଅତିକ୍ରମ କରି ଆମ ଆଗରେ ଭଗବାନଙ୍କ ଦ୍ୱାରା ସ୍ଥାପିତ ଲକ୍ଷ୍ୟଟିକୁ ଦେଖେ, ଏବଂ ସେହି ସାହସ ଯାହା ମୁହୂର୍ତ୍ତକ ପାଇଁ ମଧ୍ୟ ପଛକୁ ହଟିଆସେ ନାହିଁ; ଧୀରସ୍ଥିର ଭାବରେ, ବିଜ୍ଞତାର ସହ କିନ୍ତୁ ଦୃଢ଼ ଓ ଅପ୍ରତିହତ ଭାବରେ ସେହି ଲକ୍ଷ୍ୟ ଦିଗରେ ନିରନ୍ତର ଆଗେଇ ଚାଲେ ।"



କଲିକତାର ଭବାନୀପୁରସ୍ଥ ହରିଶ୍ ପାର୍କ

**୧୬ ଅକ୍ଟୋବର, ଶନିବାର, କଲିକତାର ବିଡ଼ନ୍ ସ୍କୋୟାର୍‌**ରେ ‘ବଙ୍ଗଭଙ୍ଗ ଦିବସ’ର ୫ମ ବାର୍ଷିକୋତ୍ସବରେ ଶ୍ରୀଅରବିନ୍ଦଙ୍କର ଯୋଗଦାନ ଓ ଭାଷଣ । ଏହି ବଙ୍ଗଭଙ୍ଗ ଉତ୍ସବ ପାଳନ ଦିନ ଦୁଇଟି ମୁଖ୍ୟ କାର୍ଯ୍ୟକ୍ରମ ଥିଲା – ରାକ୍ଷୀ ବନ୍ଧନ ଏବଂ ଜାତୀୟ ଘୋଷଣାପତ୍ରର ଶପଥ ପାଠ । ଏହି ଦିନର ବିସ୍ତୃତ ବିବରଣୀ ୧୭ ଅକ୍ଟୋବରରେ ‘ଦି ବେଙ୍ଗଲୀ’ ପତ୍ରିକାରେ ପ୍ରକାଶ ପାଇଥିଲା । ତହିଁରୁ କିଛି ଉଦ୍ଧୃତି :



୧୬ ଅକ୍ଟୋବରର ପ୍ରତ୍ୟୁଷରୁ ପବିତ୍ର ଗଙ୍ଗାସ୍ନାନର ଦୃଶ୍ୟ

‘‘ଆମ ଦେଶର ଇତିହାସରେ ଆଜି ଦିନଟି(୧୬ ତାରିଖ)ର ତାତ୍ପର୍ଯ୍ୟ ଅଦ୍ୱିତୀୟ । ନିର୍ମଳ ସକାଳର ସମସ୍ତ ଦୀପ୍ତି ବହନ କରି ଆଜି ପ୍ରତ୍ୟୁଷରୁ ସହରର ପ୍ରତିଟି ପ୍ରାନ୍ତରୁ ଜାତିଧର୍ମ-ନିର୍ବିଶେଷରେ ଆବାଳବୃଦ୍ଧବନିତା ରାସ୍ତାଘାଟରେ ଦଳ ବାନ୍ଧି ... ପବିତ୍ର ଗଙ୍ଗାନଦୀ ଅଭିମୁଖେ ଯାତ୍ରା କଲେ ।

‘‘ଗଙ୍ଗାସ୍ନାନ ପରେ ପରସ୍ପରଙ୍କ ଭିତରେ ରାକ୍ଷୀ ବଣ୍ଟନ ଓ ବନ୍ଧନ ଚାଲିଲା । ... ତା’ପରେ ସମସ୍ତେ ବିଡ଼ନ୍ ସ୍କୋୟାର୍ ଆଡ଼କୁ ମୁହାଁଇଲେ । ...

‘‘ତା’ପରେ ସଦ୍ୟ ହର୍ଷଧ୍ୱନି ଓ ଦୀର୍ଘ ସମୟ ଧରି ସମବେତ କଣ୍ଠରେ ‘ବନ୍ଦେ ମାତରମ୍’ର ଉଲ୍ଲସିତ ଧ୍ୱନି ପରେ ବାବୁ ଅରବିନ୍ଦ ଘୋଷ ପ୍ରବେଶ କଲେ । ...

‘‘ସ୍ୱଳ୍ପ ସମୟ ପାଇଁ ରାକ୍ଷୀ ବନ୍ଧନର ଏକ ବିପୁଳ ଭିଡ଼ ଅନିବାର୍ଯ୍ୟ ହୋଇଉଠିଲା । ବାବୁ ଅରବିନ୍ଦ ଏହି ପବିତ୍ର ଅନୁଷ୍ଠାନରେ ବଙ୍ଗଳାରେ କେଇପଦ କଥା କହିଲେ : ‘... ଆଜିର ଏହି ରାକ୍ଷୀ ବନ୍ଧନ କେବଳ ଏକ ସୂତ୍ରର ବନ୍ଧନ ନୁହେଁ; ... ଏହା ହେଉଛି ଅବିଭାଜିତ ବଙ୍ଗଳାର ଲକ୍ଷ ଲକ୍ଷ ଦେଶବାସୀଙ୍କ ହୃଦୟର ଏକତାକୁ ସୂଚିତ କରୁଥିବା ଏକ ବନ୍ଧନ । ଦିନେ, ଦୁଇଦିନରେ ରାକ୍ଷୀସୂତ୍ରଟି ହୁଏତ ଖସିପଡ଼ିବ, କିନ୍ତୁ ହୃଦୟର ସେହି ପବିତ୍ର ବନ୍ଧନ ଯୁଗ ଯୁଗ ଧରି ଦୃଢ଼ ହୋଇ ରହିଥିବ । ପୃଥିବୀରେ ଏପରି କୌଣସି ଶକ୍ତି ନାହିଁ ଯାହା ଏହି ପବିତ୍ର ବନ୍ଧନର ଗ୍ରନ୍ଥିକୁ ଖୋଲି ଫିଙ୍ଗି ଦେଇପାରେ । ଏହା ହେଉଛି ଜାତୀୟତାର ସୂତ୍ରରେ ଆବଦ୍ଧ ହୋଇ ରହିବାର ଏକ ଗ୍ରନ୍ଥି । ସେଥିପାଇଁ ଦେଶବାସୀମାନେ ଏକ ଶପଥ ଗ୍ରହଣ କରିଛନ୍ତି ଓ ଈଶ୍ୱରଙ୍କର ସହାୟତାରେ ତହିଁରେ ନିଶ୍ଚୟ ଦୃଢ଼ ରହିବେ ।’ ...’’



୧୬ ଅକ୍ଟୋବର ଦିନ ବିଡ଼ନ୍ ସ୍କୋୟାର୍‌ରେ ଉପସ୍ଥିତ ଶ୍ରୋତାମଣ୍ଡଳୀଙ୍କୁ ଶ୍ରୀଅରବିନ୍ଦଙ୍କର ଏକମାତ୍ର ସଂକ୍ଷିପ୍ତ ବଙ୍ଗଳା ଭାଷଣ ଦେଉଥିବାର ଦୃଶ୍ୟ

(ପ୍ରକାଶଥାଉକି ୧୬ ଅକ୍ଟୋବର ପୂର୍ବରୁ ଏବଂ ସେହି ଦିନ କଲିକତାର ଜନସମାଜରେ ଅତ୍ୟନ୍ତ ସ୍ଫୂର୍ତ୍ତିଯୁକ୍ତ ଭାବରେ ବିତରିତ ହୋଇଥିବା ରାକ୍ଷୀଟି ଥିଲା ମୃଣାଳିନୀଙ୍କ ସହ ଶ୍ରୀଅରବିନ୍ଦଙ୍କ ଛବି ଥିବା ରାକ୍ଷୀ ଏବଂ ନ’ ଜଣ ନିର୍ବାସିତଙ୍କ ଛବି ଥିବା ରାକ୍ଷୀ ।)